# ଶିଳ୍ପ ପ୍ରସଙ୍ଗ

ନଭେମ୍ବର - ୧୯୭୭





ଗତ ଅକ୍ଟୋବର ଦୁଇ ତାରିଖରେ ଓଡ଼ିଶାର ରାଜ୍ୟପାଳ ଶ୍ରୀ ଭଗବତ ଦୟାଲ ଶର୍ମା, ବିଧାନସଭା ପ୍ରାଙ୍ଗଣରେ ଗାନ୍ଧିଜୀଙ୍କ ପ୍ରତିକୃତିରେ ମାଲ୍ୟାର୍ପଣ କରୁଛନ୍ତି ।



୧୯୬୭ ଅକ୍ଟୋବର ୧୩ ତାରିଖ ଦିନ ମାନ୍ୟବର ବିଚାରପତି ଶ୍ରୀ ସୁକାନ୍ତ କିଶୋର ରାୟ ଓଡ଼ିଶା ହାଇକୋର୍ଟର ପ୍ରଧାନ ବିଚାରପତି ରୂପେ ଶପଥ ପାଠ କରୁଛନ୍ତି । ଓଡ଼ିଶାର ରାଜ୍ୟପାଳ ଶ୍ରୀ ଭଗବତ ଦୟାଲ ଶର୍ମା ପ୍ରଧାନ ବିଚାରପତିଙ୍କୁ ଶପଥ ପାଠ କରାଉଛନ୍ତି ।

# ଉତ୍କଳ ପ୍ରସଙ୍ଗ

୧୯୭୭ ନଭେମ୍ବର : କାର୍ତ୍ତିକ
୧୮୯୯ ଶକାବ୍ଦ
୩୪ ଭାଗ : ଚତୁର୍ଥ ସଂଖ୍ୟା

ଶ୍ରୀ ବିବେକାନନ୍ଦ ପଟ୍ଟନାୟକ
ମୁଖ୍ୟ ସମ୍ପାଦକ

ମହାପାତ୍ର ନୀଳମଣି ସାହୁ
ସମ୍ପାଦକ

ପ୍ରହରାଜ ଶ୍ରୀ ସତ୍ୟନାରାୟଣ ନନ୍ଦ
ସହକାରୀ ସମ୍ପାଦକ

ଶ୍ରୀ ବ୍ରଜମୋହନ ପଟ୍ଟନାୟକ
ଶ୍ରୀ କିଶୋର ଚନ୍ଦ୍ର ବେହେରା
ସହଯୋଗୀ ସଂପାଦକ

ଶ୍ରୀ ଅଦ୍ଭୁତ କାନୁନ୍‌ଗୋ
ପ୍ରଚ୍ଛଦପଟ

ଓଡ଼ିଶା ସରକାରୀ ମୁଦ୍ରଣାଳୟ,
କଟକ

ବାର୍ଷିକ ଦେୟ—ଟ ୧୦·୦୦
ପ୍ରତିଖଣ୍ଡ—ଟ ୧·୦୦

*　　*　　*

ଓଡ଼ିଶା ସରକାରଙ୍କ ବିଭିନ୍ନ କାର୍ଯ୍ୟ, ସରକାରୀ ଘୋଷଣା ଓ ଅନ୍ୟାନ୍ୟ ଦରକାରୀ ତଥ୍ୟର ସଂକ୍ଷିପ୍ତ ବିବରଣ "ଉତ୍କଳ ପ୍ରସଙ୍ଗ"ରେ ପ୍ରକାଶିତ ହୋଇଥାଏ । ଏହା ବ୍ୟତୀତ ଅନେକ ବିଷୟ ସଂକ୍ଷିପ୍ତ ଆକାରରେ ମଧ୍ୟ ଏହି ପତ୍ରିକାରେ ପ୍ରକାଶ କରାଯାଇଥାଏ । ସେଗୁଡ଼ିକ ବିଷୟରୁ ସମ୍ପୂର୍ଣ୍ଣ ଓ ଅନୁମୋଦିତ ମୂଳ ପାଠ ବୋଲି ଭାବିବା ଉଚିତ୍ ନୁହେଁ ।

'ଉତ୍କଳ ପ୍ରସଙ୍ଗ' ଓଡ଼ିଶା ସରକାରଙ୍କ ସ୍ୱରାଷ୍ଟ୍ର (ଲୋକ ସଂପର୍କ) ବିଭାଗ ତରଫରୁ ପ୍ରକାଶ ପାଉଥିଲେ ମଧ୍ୟ ଏହି ପତ୍ରିକାରେ ପ୍ରକାଶିତ ମତାମତ ଓ ଚିନ୍ତାଧାରା ସବୁକ୍ଷେତ୍ରରେ ଓଡ଼ିଶା ସରକାରଙ୍କର ବୋଲି ବୁଝିବାକୁ ହେବନାହିଁ ।

## ସୂଚୀପତ୍ର

**ପ୍ରସଙ୍ଗ କ୍ରମେ**

ଶିଶୁ ଦିବସ ..... ୧

**ସମାଜ ପାଇଁ, ଜୀବନ ପାଇଁ**

ଗ୍ରାମାଞ୍ଚଳ ଉନ୍ନୟନରେ ଋଣ ଯୋଗାଣକାରୀ ସଂସ୍ଥାର ଭୂମିକା । ୪

କ୍ଷୁଦ୍ର କୃଷକଙ୍କ ପାଇଁ ବୈଜ୍ଞାନିକ କୌଶଳ ..... ୯

ନୃତାତ୍ତ୍ୱିକ ଦୃଷ୍ଟିକୋଣରୁ ଆମ ଆଦିବାସୀ ..... ୧୩

ଜୟପ୍ରକାଶଙ୍କ ସଂପୂର୍ଣ୍ଣ ବିପ୍ଳବ—ଏକ ଦୃଷ୍ଟିପାତ ..... ୧୬

ରେଳଯାତ୍ରୀଙ୍କୁ ବିଷ ପ୍ରୟୋଗ—ଏକ ସମସ୍ୟା ..... ୨୧

ଭାରତରେ ଲୋକପାଳ ..... ୨୩

**ସାହିତ୍ୟ ଓ ସଂସ୍କୃତି**

କୃଷ୍ଣା ଓ କୃଷ୍ଣ (ଗଳ୍ପ) ..... ୨୬

ଗୋପପୁରର କାବ୍ୟ (କବିତା) ..... ୩୪

ଲକ୍ଷ୍ମୀ ପୁରାଣ ବା ମାଣବସା : ଏକ ସାମାଜିକ ଅଧ୍ୟୟନ ୩୯

ଫରାସୀ ପର୍ଯ୍ୟଟକଙ୍କ ସନ୍ଦର୍ଭରେ ପଦେ .... ..... ୪୧

**ଶିଷ୍ଟ ଓ ବିଶିଷ୍ଟ**

ବାରିଷ୍ଟର ୰ ବିଶ୍ୱନାଥ ମିଶ୍ର ..... ୪୪

**ଆଜିର ଓଡ଼ିଶା**

ହରିଜନ ସମସ୍ୟା ସମାଧାନ ଦିଗରେ ମୁଖ୍ୟମନ୍ତ୍ରୀ ଶ୍ରୀ ରାଉତରାୟଙ୍କ ଖଣ୍ଡିଏ ଅନୁନୟ ପତ୍ର । ୪୯

ଓଡ଼ିଶା ଗ୍ରାମାଞ୍ଚଳର ଏକ ବିଶ୍ଳେଷଣ ୬୧

ପ୍ରଗତି ପଥେ ସମନ୍ୱିତ ଶିଶୁ କଲ୍ୟାଣ ଯୋଜନା — [illegible] ୬୪

ଅଷ୍ଟାଦଶ ଅନ୍ତଃ ରାଷ୍ଟ୍ରୀୟ ଦିବସ ଉପଲକ୍ଷେ .... ... ..... ୬୭

ମଧୁରେଣ ..... ୭୦



## ଚଉଦ ନଭେମ୍ବର ଶିଶୁ ଦିବସ ଉପଲକ୍ଷେ ରାଜ୍ୟପାଳଙ୍କ ବାର୍ତ୍ତା

ଓଡ଼ିଶାର ରାଜ୍ୟପାଳ ଓ ଓଡ଼ିଶା ରାଜ୍ୟ ଶିଶୁ କଲ୍ୟାଣ ପରିଷଦର ସଭାପତି ଶ୍ରୀ ଭଗବତ ଦୟାଲ ଶର୍ମା ଚଉଦ ନଭେମ୍ବର ଶିଶୁ ଦିବସ ଉପଲକ୍ଷେ ଏକ ବାର୍ତ୍ତା ପ୍ରଦାନ କରିଛନ୍ତି । ତାଙ୍କ ବାର୍ତ୍ତାର ପୂର୍ଣ୍ଣ ବିବରଣୀ ଜନସାଧାରଣଙ୍କ ଅବଗତି ନିମନ୍ତେ ନିମ୍ନରେ ପ୍ରଦତ୍ତ ହେଲା :—

"ପୂର୍ବଭଳି ଚଳିତ ବର୍ଷ ନଭେମ୍ବର ୧୪ ତାରିଖ ଦିନ ଜାତୀୟ ଶିଶୁ ଦିବସ ପାଳିତ ହେବାକୁ ଯାଉଛି । ଶିଶୁମାନଙ୍କର ସ୍ନେହ ଶ୍ରଦ୍ଧାର ପ୍ରତୀକ ପଣ୍ଡିତ ଜବାହରଲାଲ ନେହେରୁଙ୍କ ଜନ୍ମ ଦିବସରେ ଏହା ପାଳିତ ହେଉଛି ।

"ଚଳିତ ବର୍ଷରେ ଶିଶୁ ଦିବସ ପାଇଁ ଯେଉଁ ବିଷୟଟି ମନୋନୀତ ହୋଇଅଛି ତାହା ହେଲା, "ବିଶ୍ୱର ଶିଶୁମାନଙ୍କ ପାଇଁ ଜଳ ।" ଏହି ବିଷୟଟି ତାତ୍ପର୍ଯ୍ୟପୂର୍ଣ୍ଣ, କାରଣ ଶିଶୁମାନଙ୍କର ସ୍ୱାସ୍ଥ୍ୟ ଉପରେ ପ୍ରଭାବ ପକାଉଥିବା ସେହି ଏକାନ୍ତ ଗୁରୁତ୍ୱପୂର୍ଣ୍ଣ ଦିଗଟି ଉପରେ ଏହା ଆଲୋକପାତ କରୁଛି । ଶିଶୁମାନଙ୍କର ସ୍ୱାସ୍ଥ୍ୟ ପାଇଁ ଶୁଦ୍ଧ ପାନୀୟ ଜଳ ଏକାନ୍ତ ଆବଶ୍ୟକ । ଏହି ବିଷୟଟିରେ ବିଶେଷକରି ଶିଶୁମାନଙ୍କର କଲ୍ୟାଣ ନିମନ୍ତେ ଏହି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଦିଗଟି ଉପରେ ଗୁରୁତ୍ୱ ଆରୋପ କରାଯାଇଛି । ସେ ଯାହା ହେଉନା କାହିଁକି, ଏହି ସମସ୍ୟା କଦାପି ନୂଆ ନୁହେଁ । ପ୍ରଥମ ଜନ୍ମ ବାର୍ଷିକୀରେ ପଦାର୍ପଣ କରିବା ପୂର୍ବରୁ ପ୍ରତିବର୍ଷ ୫ ନିୟୁତ ଶିଶୁ ପେଟ ରୋଗରେ ମୃତ୍ୟୁ ବରଣ କରିଥାଆନ୍ତି ଏବଂ ମୁଖ୍ୟତଃ ଏହି ରୋଗଗୁଡ଼ିକ ଜଳରୁ ସୃଷ୍ଟି ହୋଇଥାଏ । ଏହି ପରିପ୍ରେକ୍ଷୀରେ, ଚଳିତ ବର୍ଷ ଏହି ବିଷୟବସ୍ତୁ ଉପରେ ଯଥାଯଥ ଗୁରୁତ୍ୱ ଦିଆଯାଉଛି । ଖାଲି କେବଳ ଜଳ ନୁହେଁ, ପରନ୍ତୁ ସ୍ୱଚ୍ଛ ଏବଂ ସ୍ୱାସ୍ଥ୍ୟୋପଯୋଗୀ ଜଳ ପାଇଁ ଗୁରୁତ୍ୱ ଦିଆଯାଉଛି ଏବଂ ଏଥି ନିମନ୍ତେ ଉତ୍ତମ ସ୍ୱାସ୍ଥ୍ୟାଭ୍ୟାସ ଓ ଅଧିକ ଜଳ ଯୋଗାଣ ନିମନ୍ତେ କାର୍ଯ୍ୟକ୍ରମର ସୁବିଧା କରିବା ଦିଗରେ ଉଦ୍ୟମ କରାଯିବା ଉଚିତ ।

"ଓଡ଼ିଶା ରାଜ୍ୟ ଶିଶୁ କଲ୍ୟାଣ ପରିଷଦ ଅନ୍ୟାନ୍ୟ ଜନହିତୈଷୀଙ୍କ ବଦାନ୍ୟତାରେ ତାଙ୍କର ସୀମିତ ସମ୍ବଳ ମଧ୍ୟରେ ଶିଶୁମାନଙ୍କ ବିକାଶ ସାଧନ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରିବା ଲାଗି ଉଦ୍ୟମ କରାଇଛନ୍ତି । ଭୁବନେଶ୍ୱରଠାରେ ଦୃଷ୍ଟିହୀନମାନଙ୍କ ପାଇଁ ଏକ ଉଚ୍ଚ ଇଂରାଜୀ ବିଦ୍ୟାଳୟ ଏବଂ ମୂକ ଓ ବଧିରଙ୍କ ପାଇଁ ଗୋଟିଏ ମଧ୍ୟ ଇଂରାଜୀ ବିଦ୍ୟାଳୟ—ଏଭଳି ଦୁଇଟି ଆବାସୀ ବିଦ୍ୟାଳୟ ଏହି ସଂସ୍ଥା ଦ୍ୱାରା ପରିଚାଳିତ ହେଉଛି । ସମ୍ବଲପୁର ଜିଲ୍ଲାର ବୁର୍ଲାଠାରେ ଏଭଳି ବିଦ୍ୟାଳୟର ଦୁଇଟି ଶାଖା ଖୋଲାଯାଇଛି । ଶିଶୁ କଲ୍ୟାଣ ହେତୁ କର୍ମଚାରୀମାନଙ୍କ

ତାଲିମ ଦେବା ସକାଶେ ସ୍ୱେଚ୍ଛାସେବୀ ବାଳସେବିକା । ତାଲିମ ପାଠ୍ୟକ୍ରମ ଶେଷ କରଯାଇଛି ଓ ଆଗାମୀ ପାଠ
ନିକଟରେ ପଢିତେ ଆରମ୍ଭ କରିବେ । ସମ୍ପ୍ରତି ରାଜ୍ୟ ଶିଶୁ କଲ୍ୟାଣ ପରିଷଦ ତରଫରୁ କଟକ ଓ ଭୁବନେଶ୍ୱ
ଶିଳ୍ପାଞ୍ଚଳରେ ମହିଳା କର୍ମଚାରୀମାନଙ୍କ ସନ୍ତାନସନ୍ତତିଙ୍କ ପାଇଁ ଦୁଇଟି ଶିଶୁ ବିନୋଦନ କେନ୍ଦ୍ର ଖୋଲାଯା
ପରିଷଦ ମଧ୍ୟ ପୁରୀଠାରେ ଗୋଟି । ଶିଶୁ ସ୍ୱାସ୍ଥ୍ୟ କେନ୍ଦ୍ର ଖୋଲିଛନ୍ତି ଏବଂ ଏହି କେନ୍ଦ୍ରର ମୁଖ୍ୟ ଅଭିମୁଖ୍ୟ
ଶିଶୁମାନଙ୍କ ସ୍ୱାସ୍ଥ୍ୟ ପ୍ରତି ଯତ୍ନ ନେବା ଏବଂ ଶିଶୁମାନଙ୍କର କିଭଳି ଯତ୍ନ ନିଆଯାଇ ପାରିବ, ସେଥି ନିମନ୍ତେ ମା'ମ
ପରାମର୍ଶ ଦେବା ।

“ଜନସାଧାରଣଙ୍କଠାରୁ ଅକୁଣ୍ଠିତ ସାହାଯ୍ୟ ପାଇଲେ ଏହି ଯୋଜନା ଓ ଅନ୍ୟାନ୍ୟ ପରିକଳ୍ପନାଗୁଡ଼ିକ
ଭାବେ କାର୍ଯ୍ୟକାରୀ କରିବା ସମ୍ଭବ ହୋଇ ପାରିବ । ରାଜ୍ୟ ପରିଷଦର ଆର୍ଥିକ ପରିସ୍ଥିତି ସୀମିତ ଥିବା ଦୃଷ୍ଟିରୁ
ଉଠାଇ ସଭ୍ୟ ସଂଖ୍ୟା ବୃଦ୍ଧି କରି ନିରବଚ୍ଛିନ୍ନ ଭାବେ ପରିଷଦର କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରଯାଇ ପାରିବ । ଏ
ଶିଶୁ ଦିବସ ଅବସରରେ ମୋ ରାଜ୍ୟର ଭାଇ-ଭଉଣୀମାନଙ୍କୁ ଅଗ୍ରସର ହୋଇ ଆମ ଶିଶୁଙ୍କ ଉନ୍ନତ ଜୀବନ ନି
ଯେଉଁ ଉଲ୍ଲେଖନୀୟ ପଦକ୍ଷେପ ନିଆଯାଉଛି, ସେଥି ନିମନ୍ତେ ସେମାନେ ସେମାନଙ୍କର କ୍ଷମତା ଅନୁଯାୟୀ
କରିବା ପାଇଁ ମୁଁ ନିବେଦନ କରୁଛି । ଏହା ଫଳରେ ଆମ ଶିଶୁମାନଙ୍କ ମୁହଁରେ ହସ ଫୁଟି ଉଠିବ ।

—ଜୟହିନ୍ଦ

# ପ୍ରସଙ୍ଗ କ୍ରମେ

# ଶିଶୁ ଦିବସ

ନଭେମ୍ବର ଚଉଦ ତାରିଖ ଦିବସଟି ପ୍ରତିବର୍ଷ ଶିଶୁମାନଙ୍କ ନାମରେ ଉତ୍ସର୍ଗିତ ହୋଇଛି । ଏହି ଦିନଟି ପୁଣି ଭାରତବର୍ଷର ପ୍ରଥମ ପ୍ରଧାନମନ୍ତ୍ରୀ, ଗଣତନ୍ତ୍ର ଓ ସମାଜବାଦର ଜଣେ ବିଶିଷ୍ଟ ପୃଷ୍ଠପୋଷକ, ମହାନ୍ ମାନବତାବାଦୀ ଦେଶପ୍ରେମିକ ଜବାହରଲାଲ ନେହେରୁଙ୍କର ଶୁଭ ଜନ୍ମତିଥି । ତାଙ୍କରି ଇଚ୍ଛାନୁସାରେ ଏହି ଦିବସଟିକୁ ଭାରତବର୍ଷର ଶିଶୁମାନଙ୍କ ପ୍ରତି ଉତ୍ସର୍ଗ କରି ଯାଇଥିଲେ । ଜବାହରଲାଲ ଥିଲେ ସ୍ୱୟଂ ଖୁବ୍ ଶିଶୁବତ୍ସଳ ଓ ଶିଶୁଗତ ପ୍ରାଣ । ଜୀବନ ସଂଗ୍ରାମ ଓ ରାଷ୍ଟ୍ରଦାୟିତ୍ୱର ଗୁରୁ ଜଞ୍ଜାଳ ଭିତରେ ଥାଇ ମଧ୍ୟ ଶିଶୁଟିଏ ଦେଖିଲେ ତାଙ୍କର ହୃଦୟ ଶିଶୁସୁଲଭ କୋମଳତା, ସରଳତା ଓ ପବିତ୍ରତାରେ ପୂର୍ଣ୍ଣ ହୋଇ ଯାଉଥିଲା ।

ମନୁଷ୍ୟ-ପ୍ରକୃତି-ତତ୍ତ୍ୱବିଦ୍‌ମାନେ କହନ୍ତି—ଯେଉଁମାନେ ଶିଶୁ, ନାରୀ ଓ ପ୍ରକୃତି ପ୍ରତି ବିମୁଖ ବା କଠୋର-ହୃଦୟ, ସେମାନେ ଯେ କୌଣସି ପୈଶାଚିକ କର୍ମ କରି ପାରନ୍ତି । ଶାସ୍ତ୍ରରେ ମଧ୍ୟ ଶିଶୁ ଓ ନାରୀ ବଧକୁ ଅତି ଗର୍ହିତ ପାପ ବୋଲି କୁହାଯାଇଛି । ଏବଂ ଶିଶୁଙ୍କ ପ୍ରତି ନିର୍ଯାତନାକୁ ଅତ୍ୟନ୍ତ ପ୍ରମାଦ ବୋଲି ଗଣ୍ୟ କରାଯାଇଛି । ଅବଶ୍ୟ ଆଧୁନିକ କାଳରେ ଶିଶୁବଧ ବା ଶିଶୁ ନିର୍ଯାତନା ଖୁବ୍ ବେଶୀ ପ୍ରତ୍ୟକ୍ଷ ବ୍ୟାପାର ନୁହେଁ । କିନ୍ତୁ ପରୋକ୍ଷରେ ଆମେ ଶିଶୁମାନଙ୍କ ପ୍ରତି କିଭଳି ବ୍ୟବହାର କରୁଅଛୁ ଏବଂ ଶିଶୁମାନେ ଆମ ପାଖରେ କି ଭାବେ ନିର୍ଯାତିତ ହେଉଛନ୍ତି ଯଦି ସେସବୁ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଏ, ତେବେ ଅନୁଭବୀ ଲୋକଙ୍କ ହୃଦୟ ଥରି ଉଠିବ ।

ଶିଶୁମାନଙ୍କ ସମ୍ବନ୍ଧେ ଦେଶ ବା ସମାଜର କର୍ତ୍ତବ୍ୟ ନିର୍ଦ୍ଧାରଣ ବିଷୟ ଭାବିବା ପୂର୍ବରୁ ପ୍ରତି ପରିବାରର ସର୍ବାଦୌ କର୍ତ୍ତବ୍ୟଟି ଆଗ ସ୍ଥିର ହେବାକୁ ପଡ଼ିବ । ତା'ହେଲେ-ପ୍ରତ୍ୟେକ ପିତାମାତା କେତୋଟି ଶିଶୁ ଏ ଧରାପୃଷ୍ଠକୁ ଆଣିଲେ ସେମାନଙ୍କ ପ୍ରତି ଯଥା କର୍ତ୍ତବ୍ୟ ସଂପାଦନ କରିପାରିବେ ସେ ସମ୍ବନ୍ଧେ ସଚେତନ ରହିବା । ଅନ୍ୟ କଥାରେ କହିଲେ—ଜନ୍ମହାର ନିୟନ୍ତ୍ରଣ କରିବା । ତା' ନହେଲେ କୋଟିଏ ସତ୍ୟ ବା ଦେଶ ଯେତିକି ଶିଶୁଙ୍କର ସାମାଜିକ

ଦାୟିତ୍ୱ ନେଇ ପାରିବ ତା'ଠାରୁ ବହୁଗୁଣ ଦାୟିତ୍ୱ ତା' ଉପରେ ଲଦି ଦେଲେ ସମ୍ଭବ ବା ଦେଶ ତାକୁ ତୁଲାଇ ପାରିବ ନାହିଁ । ପିଲାମାନଙ୍କପାଇଁ ସ୍କୁଲ, ଚିକିତ୍ସାଳୟ, ପାର୍କ, ଖେଳ ପଡ଼ିଆ, ପ୍ରମୋଦାଗାର ଆଦି ସରକାରଙ୍କ ତରଫରୁ କରାଯାଉଛି—ଏବେ ମଧ୍ୟ କରାଯାଉଛି ଓ ଭବିଷ୍ୟତରେ ଆହୁରି ଅଧିକ ହେବ । ମାତ୍ର ଗୋଟିଏ ଶିଶୁ ସଂଖ୍ୟା ବିଦ୍ୟାଳୟ ବା ଚିକିତ୍ସାଳୟରେ ଯଦି ଆଶାତୀତ ଭାବେ ବଢ଼ିଥିଲେ, ତେବେ କୌଣସି ସରକାର ସେମାନଙ୍କ ଠାରି ଚିହ୍ନିତ ବ୍ୟବସ୍ଥା କରି ପାରିବ ନାହିଁ— ଏପରିକି ପୂର୍ଣ୍ଣ ଦୃଷ୍ଟି ମଧ୍ୟ ଦେଇ ପାରିବ ନାହିଁ । ପିଲାମାନଙ୍କୁ ସୁସ୍ଥ ସବଳ, ସତେଜ, ସହର୍ଷ ରଖିବା ସଙ୍ଗେ ସଙ୍ଗେ ସେମାନଙ୍କୁ ଯେପରି ଭାବେ ପ୍ରାଥମିକ ଶିକ୍ଷା ଦିଆଯିବା ଉଚିତ, ତାହା ପ୍ରଥମେ ପରିବାର କ୍ଷେତ୍ରରେ ହିଁ ହେଉଥିବା ଉଚିତ୍ । ପିତାମାତା କେବଳ ଶିଶୁର ଜନ୍ମ ଦେଇ ନିର୍ଭିନ୍ତ ହୋଇ ନ ପାରନ୍ତି । ଶିଶୁମାନଙ୍କର ଦୈହିକ ସ୍ୱାସ୍ଥ୍ୟ ଉପରେ ଦୃଷ୍ଟି ଦେବା ସଙ୍ଗେ ସଙ୍ଗେ, ସେମାନଙ୍କର ମାନସିକ ଓ ନୈତିକ ସ୍ୱାସ୍ଥ୍ୟ ଯେପରି ବୃଦ୍ଧି ପ୍ରାପ୍ତ ହେବ, ସେ ସମ୍ବନ୍ଧରେ କେତେ ତୀକ୍ଷ୍ଣ ଦୃଷ୍ଟି ଆବଶ୍ୟକ, ତାହା ଆମର ବହୁ ଶିକ୍ଷିତ ପିତାମାତା ମଧ୍ୟ ଜାଣନ୍ତି ନାହିଁ ।

ଆଜିକାଲି ଶିଶୁମାନଙ୍କୁ ମାନସିକତା ଦିଗରୁ ଠିକ୍ ଭାବେ ପାଳନ କରିବା ଦିଗରେ ମନସ୍ତତ୍ତ୍ୱବିଦ୍‌ମାନେ ବହୁ ଗବେଷଣା କରିଛନ୍ତି । ସେ ସବୁ ପୁସ୍ତିକା ଆକାରରେ ପ୍ରକାଶିତ ହୋଇଛି ଏବଂ ଶିଶୁ ମନସ୍ତତ୍ତ୍ୱ ଉପରେ ପତ୍ରପତ୍ରିକାରେ ମଧ୍ୟ ବହୁ ଆଲୋଚନା ହେଉଅଛି । ଆମର ଅଭିଭାବକମାନେ ସେ ସବୁ ପ୍ରତି ଅବହିତ ହୋଇ ସେମାନଙ୍କର ପିଲାମାନଙ୍କୁ ପାଳନ କରିବା ଉଚିତ ନୁହେଁ କି ? ଯାହା ଦେଖାଯାଏ— ଆମର ଅତି ଉଚ୍ଚଶିକ୍ଷିତ ପିତାମାତା ମଧ୍ୟ ଶିଶୁ ମନସ୍ତତ୍ତ୍ୱ ସମ୍ବନ୍ଧରେ ନିତାନ୍ତ ଅଜ୍ଞ ରୁହନ୍ତି ଓ ସେମାନଙ୍କ ସନ୍ତାନସନ୍ତତିଙ୍କୁ ଏପରିଭାବେ ଲାଳନପାଳନ କରନ୍ତି—ଯାହା ଫଳରେ କି ଦେଖାଯାଏ ଯେ ହିଁ ଶିଶୁମାନେ ବଡ଼ହୋଇ ସ୍କୁଲ କଲେଜରେ ପଢ଼ିବାବେଳକୁ ସେମାନଙ୍କର ମାନସିକ ଭଙ୍ଗଭାଙ୍ଗ ଅତି ଅଡୁଆ ହୋଇଯାଇଥାଏ । ଏବଂ ସେତେବେଳକୁ ସେମାନେ ସମାଜରେ ଅତି ଅସୁବିଧାଜନକ ବ୍ୟବହାର କରି ଅନ୍ୟମାନଙ୍କୁ ହଇରାଣରେ ପକାଉଥାନ୍ତି । ଅତି ବଡ଼ ଧନୀ ସଂଭ୍ରାନ୍ତ ଓ ଶିକ୍ଷିତ ପରିବାରର ପିଲାମାନେ ଯଦି ମୂଳରୁ ଅବାଗିଆ ହୋଇ ବଢ଼ିବେ, ତେବେ ବଡ଼ଦିନକୁ ସେମାନେ ପରିବାର ଓ ସମାଜ ପ୍ରତି କି ଅପକାରକ ହେବେ, ତାହା ଆମେ ବର୍ତ୍ତମାନ ମଧ୍ୟ ଆଙ୍କି ଲିଖିଉ ପାରୁଁ ।

ପିଲାମାନଙ୍କୁ ମୂଳରୁ ସୁସମାନସିକତା ଶିଖେଇବାର ପ୍ରଥମ ପର୍ଯ୍ୟାୟ ହେଲା—ପିତାମାତା ସେମାନେ କାର୍ଯ୍ୟବ୍ୟସ୍ତ ବ୍ୟକ୍ତି ହୋଇଥିଲେ ମଧ୍ୟ ପ୍ରତିଦିନ କିଛିସମୟ ପିଲାଙ୍କ ପାଇଁ ଦେବେ । ସେମାନଙ୍କ ସହ କଥାବାର୍ତ୍ତା, ଯୁକ୍ତିତର୍କ, ରଙ୍ଗରସ ଓ ଖେଳାଖେଳି କରିବାକୁ ପିତାମାତା ପ୍ରତିଦିନ ନିର୍ଦ୍ଦିଷ୍ଟ ସମୟ ନିଶ୍ଚିତ ଭାବେ ବ୍ୟୟ କରିବା ଉଚିତ । ତା'ନହେଲେ ପିଲାମାନଙ୍କୁ ଆପଣ ଯେତେ ସାରବାନ୍ ଖାଦ୍ୟ ଦିଅନ୍ତୁ ବା ସେମାନଙ୍କୁ ଯେତେ ମୂଲ୍ୟବାନ ପୋଷାକ ପରିଚ୍ଛଦ ପିନ୍ଧାନ୍ତୁ, ଦିଅନ୍ତୁ— ବା ସେମାନଙ୍କ ପିଢ଼ା ଯେତେ ଭଲ ଶିକ୍ଷାଦାନ ମାଷ୍ଟର ରଖିଦିଅନ୍ତୁ—ସେମାନେ କେବେ ମାନସିକ ଦୃଷ୍ଟିରୁ ସୁସ୍ଥ ଓ ସଙ୍ଗତ ହୋଇ ବଢ଼ିପାରିବେ ନାହିଁ । ସେମାନେ ମୂଳରୁ ନିଜକୁ ଅବହେଳିତ, ଏପରିକି, ଅନାବଶ୍ୟକ ବୋଲି ଭାବିବେଇ ଭାବିବେ ଏବଂ ଏହା ଭବିଷ୍ୟତରେ ସେମାନଙ୍କ ମୁଣ୍ଡକୁ ବିଗାଡ଼ିଦେବ । ଏହା ବ୍ୟତୀତ, ପିଲାମାନେ ଆଉ ଗୋଟିଏ କଥା ମୂଳରୁ ଖୁବ୍ ଅନୁଭବ କରନ୍ତି— ତାହା ହେଉଛି, ପିତାମାତାଙ୍କ ଭିତରେ ରହିଥିବା ମଧୁର ନିବିଡ଼ ପ୍ରେମ । ଯଦି କୌଣସି କାରଣରୁ ତାହା ବ୍ୟାହତ ହୋଇଥାଏ, ତେବେ ସେ ପରିବାରର ପିଲାଙ୍କ ମାନସିକ ସ୍ୱାସ୍ଥ୍ୟ ରକ୍ଷା କରିବା ଖୁବ୍ କଠିନ ହୋଇପଡ଼େ । ଆଉ ଗୋଟିଏ କଥା ହେଲା—ପିତାମାତାଙ୍କ ଦୈନନ୍ଦିନ ଜୀବନରେ ନୈତିକତା ଓ ନ୍ୟାୟ ନିଷ୍ଠାର ପରାୟଣତା । ଯଦି ପିତା କି ମାତା ଅଥବା ଉଭୟ ନ୍ୟାୟସମ୍ମତ ଓ ଯୁକ୍ତିସଙ୍ଗତ ଆଚରଣ ଦୈନନ୍ଦିନ ଜୀବନରେ ନ କରୁଥାନ୍ତି — ତେବେ ପିଲାମାନେ ସେମାନଙ୍କ ପଦ୍ଧତି ଅନୁକରଣ କରନ୍ତି । ମାତ୍ର ସେମାନେ ସାମାନ୍ୟ ବଡ଼ହେବା ମାତ୍ରେ ଓ ବାହାର ଜଗତରେ ଅନ୍ୟ ଲୋକଆଦର୍ଶର ସଂସ୍ପର୍ଶରେ ଆସିବା ମାତ୍ରେ ସେମାନଙ୍କ ମନରେ ତାଙ୍କ ଅଜାଣତରେ ଭୟଙ୍କର ନୈତିକ ଦ୍ୱନ୍ଦ୍ୱ ଓ ସଂଘର୍ଷ ସୃଷ୍ଟିହୁଏ ଏବଂ ଅଜାଣତରେ ସେମାନେ ଏକ ଅକାରଣ ହୀନମନ୍ୟତା ଅନୁଭବ କରନ୍ତି ଓ ଏହି ଅଜ୍ଞାତ ଓ ଲୁକ୍କାୟିତ ହୀନମନ୍ୟତାହିଁ ତାର ମାନସିକ ବୃଦ୍ଧିକୁ ନଷ୍ଟକରି ତାକୁ ଏକ ଅସାମାଜିକ ଅବାଗିଆ ଯୁବକରେ ପରିଣତ କରେ ।

ଆଉ ଗୋଟିଏ କଥା । ବହୁ ପିତାମାତା ସେମାନଙ୍କ ସନ୍ତାନସନ୍ତତିଙ୍କ ଠାରୁ ବହୁ ଦୁଃସାଧ୍ୟ କୋଉଠି ପ୍ରତ୍ୟାଶା କରନ୍ତି ଓ ସେମାନଙ୍କର ଏହି ଆକାଂକ୍ଷା ପୂରଣ ଲାଗି ପିଲାମାନଙ୍କ ଉପରେ ଖୁବ୍ ବେଶୀ ଚାପ ପକାନ୍ତି ଦଣ୍ଡ ମଧ୍ୟ ଦେଇଥାନ୍ତି । କ୍ଲାସରେ ପ୍ରଥମ ନହେଲେ, ବୃତ୍ତି ନପାଇଲେ, କୌଣସି ପ୍ରତିଯୋଗିତାରେ ସ୍ଥାନ ଗ୍ରହଣ ନକଲେ ବା ଉତ୍ତୀର୍ଣ୍ଣ ନହେଲେ ପିଲାମାନେ ଦୁଃଖୀ

ନିଷ୍ଠୁର ପିତାମାତାଙ୍କ ଠାରୁ ନିର୍ଯାତନା ଭୋଗନ୍ତି । ମନନ-ଶକ୍ତିବାକୁ ହେବ—ଏ ପ୍ରକାର ଦୁଃସାଧ୍ୟ ଉଚ୍ଚାକାଂକ୍ଷା ପିଲାମାନଙ୍କୁ କେତେ ଜଟିଳ ମାନସିକ ପରିବେଶ ଭିତରେ ପକାଇ ଛଟପଟ କରେ । ଆମେ ଜାଣିବା ଉଚିତ—ପିଲାମାନେ ଯେପରି ସହଜ, ସରଳ, ସ୍ନେହମୟ ଓ ନୈତିକ ପରିବେଶ ଭିତରେ ବଢ଼ିବେ ସେଇ ଚେଷ୍ଟା ହିଁ ଆମ ଅଭିଭାବକମାନଙ୍କ ପକ୍ଷରେ ସବୁଠାରୁ ବଡ଼କଥା । ଆମ ପିଲାମାନେ ଭବିଷ୍ୟତରେ ଗାନ୍ଧୀ ହେବେ, କି ରବୀନ୍ଦ୍ରନାଥ ହେବେ—କିମ୍ବା ଆଇନ୍‌ଷ୍ଟାଇନ୍ ହେବେ—କିମ୍ବା ଉଚ୍ଚପଦସ୍ଥ ହାକିମ, ଅଧ୍ୟାପକ କି ମନ୍ତ୍ରୀ ହେବେ, ଅଥବା କୃଷକ କି ଶ୍ରମିକ ହେବେ—ସେକଥା ହୁଏତ ଆମ ହାତରେ ନାହିଁ । ମାତ୍ର ପିଲାଟିକୁ ସୁସ୍ଥଦେହ ଓ ସୁସ୍ଥମନରେ ବଢ଼ିବା ପାଇଁ ମୂଳରୁ ଉପଯୁକ୍ତ ପରିବେଶ ସୃଷ୍ଟି କରିବା ଦିଗରେ ଆମର ଦାୟିତ୍ୱ କେତେ ବେଶୀ, ତାହା ପିତାମାତା ଓ ସ୍ୱଜନପରିଜନ ଯେପରି ବୁଝିବା ଉଚିତ, ସେହିପରି ରାଷ୍ଟ୍ର ବା ସମାଜ ମଧ୍ୟ ସେହିଭଳି ସେ ଦିଗରେ ତାର ଦାୟିତ୍ୱ ବୁଝିବା ଉଚିତ ।

ଗୋଟିଏ ଶିଶୁର ଜୀବନର ସଙ୍ଗତ ବିକାଶ ଲାଗି ପରିବାର ଓ ରାଷ୍ଟ୍ର ଉଭୟଙ୍କର ଗୁରୁଦାୟିତ୍ୱ ରହିଛି । ଉପଯୁକ୍ତ ବିଦ୍ୟାଳୟ, ଉପଯୁକ୍ତ ଶିକ୍ଷକ ନିଯୁକ୍ତି, ଉପଯୁକ୍ତ ଚିକିତ୍ସାଳୟ ଓ ଚିକିତ୍ସକର ବ୍ୟବସ୍ଥା କରିବା ସଙ୍ଗେ ସଙ୍ଗେ ଶିଶୁମାନଙ୍କ ଖେଳିବା ଲାଗି ନିରାପଦ ଖେଳ-ପଡ଼ିଆ, ପାର୍କ, ସନ୍ତରଣ କୁଣ୍ଡ ଓ ଆମୋଦ ଉଦ୍ୟାନମାନ ସମାଜ ବା ରାଷ୍ଟ୍ର ତରଫରୁ ହେବାକଥା । ମାତ୍ର ସେତିକି କରିଦେଲେ ମଧ୍ୟ ଆମେ ଶିଶୁପାଳନର ଦାୟିତ୍ୱରୁ ମୁକ୍ତ ହୋଇଗଲୁ ବୋଲି ଭାବିବା ଅନୁଚିତ । ଏ କଥା ନିଶ୍ଚିତ ଯେ ଶିଶୁକୁ ସମାଜ ଉପଯୋଗୀ କରିବାର ଦାୟିତ୍ୱ ମୂଳତଃ ପିତାମାତା ଓ ପରିବାରର ସ୍ୱଜନ ପରିଜନମାନଙ୍କର ।

## ଗତବର୍ଷ ଓଡ଼ିଶାରୁ ପ୍ରାୟ ୭୦ କୋଟି ଟଙ୍କା ମୂଲ୍ୟର ଦ୍ରବ୍ୟ ରପ୍ତାନୀ ହୋଇଛି

ଗତ ଆର୍ଥିକ ବର୍ଷରେ ଓଡ଼ିଶାରୁ ୬୯ କୋଟି ୯୫ ଲକ୍ଷ ୪୭ ହଜାର ଟଙ୍କା ମୂଲ୍ୟର ଖଣିଜ, ଇଞ୍ଜିନିୟରିଂ, ରସାୟନିକ, ସାମୁଦ୍ରିକ ଏବଂ ହସ୍ତତନ୍ତ ପଦାର୍ଥ ସମେତ ବିଭିନ୍ନ ପ୍ରକାର ପଣ୍ୟଦ୍ରବ୍ୟ ବିଦେଶକୁ ରପ୍ତାନୀ କରଯାଇ-ଥିଲା । ଏଗୁଡ଼ିକ ମଧ୍ୟରେ ସର୍ବାଧିକ ୪୭ କୋଟି ୩୩ ଲକ୍ଷ ୮୫ ହଜାର ଟଙ୍କାମୂଲ୍ୟର କ୍ରୋମ ପଥର, ଲୁହାପଥର, ମାଙ୍ଗାନିଜ, କ୍ରୋମାଇଟ୍ ଓ କୋଇଲା ଇତ୍ୟାଦି ଖଣିଜ ପଦାର୍ଥ ଅନ୍ତର୍ଭୁକ୍ତ । ସେହିପରି ୯ କୋଟି ୭୩ ଲକ୍ଷ ୪୭ ହଜାର ଟଙ୍କାର ଟିଣ ଚଦର, ଜି. ସି. ସିଟ୍, ପାଇପ୍, ସିମେଣ୍ଟ, କାଗଜ, ଅଗ୍ନିସହ୍ୟକାରୀ ଇଟା, ମୁଦା, ଲୁଗାପଟା, ଚିନି, ତାର ଏବଂ ବିଦ୍ୟୁତ୍ ଯନ୍ତ୍ରପାତି ପ୍ରଭୃତି ଇଞ୍ଜିନିୟରିଂ ଓ ରସାୟନିକ ପଦାର୍ଥ ଏବଂ ୭ କୋଟି ୯୬ ଲକ୍ଷ ୩୪ ହଜାର ଟଙ୍କାର ପିଗ୍ ଆଇରନ୍, ଫେରୋସିଲିକନ୍, ଫେରୋମାଙ୍ଗାନିଜ ଓ ଫେରୋକ୍ରୋମ ଇତ୍ୟାଦି ପଦାର୍ଥ ରପ୍ତାନୀ କରଯାଇଥିଲା । ଅନ୍ୟାନ୍ୟ ରପ୍ତାନୀ ଦ୍ରବ୍ୟଗୁଡ଼ିକ ମଧ୍ୟରେ ୩ କୋଟି ୪୭ ଲକ୍ଷ ୬୨ ହଜାର ଟଙ୍କାର ସମୁଦ୍ର ଚିଙ୍ଗୁଡ଼ି, ୮୦ ଲକ୍ଷ ୬୧ ହଜାର ଟଙ୍କାର ଟସର, ସିଲକ୍ ଆଦି ହସ୍ତତନ୍ତ ବସ୍ତ୍ର ଏବଂ ୫୮ ଲକ୍ଷ ୬୪ ହଜାର ଟଙ୍କାର କୃଷି ଓ ଜଙ୍ଗଲଜାତ ପଦାର୍ଥ ଅନ୍ତର୍ଭୁକ୍ତ

ରପ୍ତାନୀକାରୀ ସଂସ୍ଥାଗୁଡ଼ିକ ମଧ୍ୟରେ ଯାଜପୁରରେ ସ୍ଥାପିତ ଫେରୋକ୍ରୋମ କାରଖାନା, ଇଣ୍ଡିଆନ୍ ମେଟାଲସ ଏଣ୍ଡ ଆଲଏଜ୍ ଲିଃ, ବଡ଼ବିଲ୍ଲିର କଳିଙ୍ଗ ଆଇରନ ୱାର୍କସ୍, ଓଡ଼ିଶା ଇଞ୍ଜିନିୟରସ୍ ଆଣ୍ଡ ଇରେକ୍ଟରସ୍, ରାଉରକେଲା ଇସ୍ପାତ କାରଖାନା, ବରଗଡ଼ ସିମେଣ୍ଟ କାରଖାନା, ବେଲପାହାଡ଼ ରିଫ୍ରାକ୍ଟୋରି ଲିଃ, ଅସ୍କାର ସମବାୟ ଚିନି କାରଖାନା, ଚୌଦ୍ୱାର କଳିଙ୍ଗ ଟ୍ୟୁବସ୍ ଲିଃ, ରାଜଗାଙ୍ଗପୁର ସିମେଣ୍ଟ କାରଖାନା ଏବଂ ଚୌଦ୍ୱାର ଲୁଗାକଳ ପ୍ରଭୃତି ଅନ୍ତର୍ଭୁକ୍ତ ।

୧୯୭୫-୭୬ରେ ରପ୍ତାନୀ ହୋଇଥିବା ୩୭ କୋଟି ୧୨ ଲକ୍ଷ ୮୮ ହଜାର ଟଙ୍କାର ଏହିସବୁ ପଦାର୍ଥ ତୁଳନାରେ ଗତବର୍ଷ ହୋଇଥିବା ରପ୍ତାନୀ ଦ୍ରବ୍ୟର ମୂଲ୍ୟ ଶତକଡ଼ା ୮୮ ଭାଗ ଅଧିକ ବୋଲି ହିସାବରୁ ଜଣାପଡ଼ିଛି ।

# କଳିଙ୍ଗ ଟିଉବ୍‌ସ ଲିମିଟେଡ୍

## ଚଉଦ୍ୱାର; ଜି: କଟକ (ଓଡ଼ିଶା)

### ସ୍ୱାଧୀନତା ପ୍ରାପ୍ତି ପରଠାରୁ ଦେଶର ପ୍ରଗତିରେ ଆମର ଭୂମିକା

"ଦେଶ ଓ ଦଶର ତିନୋଟି ମୁଖ୍ୟ ଆବଶ୍ୟକତା (ଖାଦ୍ୟ, ବାସ ଓ ପାନୀୟ)ର ପୂରଣ ଦିଗରେ ଆମର ନିରବଚ୍ଛିନ୍ନ ଉଦ୍ୟମ"।

❋ ଏକ ହଜାର ଲୋକଙ୍କୁ କର୍ମନିଯୁକ୍ତି ଦେଇ ତାଙ୍କ ଉପରେ ନିର୍ଭର କରୁଥିବା ଅନ୍ୟୁନ ପାଞ୍ଚ ହଜାର ଲୋକଙ୍କ ପାଇଁ ଅନ୍ନସଂସ୍ଥାନ ।

❋ ସୁନ୍ଦର ଏବଂ ଶକ୍ତିଶାଳୀ ବାସଗୃହ ନିର୍ମାଣପାଇଁ ଆବଶ୍ୟକ ମତେ "ଟିଉବଲାର ଟ୍ରସେସ" ତିଆର କରି ଯୋଗାଇବା ସଙ୍ଗେ ସଙ୍ଗେ ନିର୍ମାଣକାର୍ଯ୍ୟ ସଂପାଦନ ।

❋ ଜନସାଧାରଣଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇବା ନିମିତ୍ତ ପ୍ରସ୍ତୁତ ପାଇପ୍‌ର ଅହରହ ପ୍ରୟୋଜନ ।

❋ ଜଳୀୟବାଷ୍ପ ଓ ଗ୍ୟାସ ଯୋଗାଣପାଇଁ ଅଧଇଞ୍ଚରୁ ୧୨ ଇଞ୍ଚ ବ୍ୟାସ ବିଶିଷ୍ଟ ପାଇପ୍ ନିର୍ମାଣ ।

❋ ପଲ୍ଲୀ ବିକାଶ ଓ ସହରାଞ୍ଚଳ ଉନ୍ନୟନ ଯୋଜନା ଭିତ୍ତିକ ଗ୍ରାମ୍ୟ ବିଦ୍ୟୁତ୍‌କରଣ ଏବଂ ସହର ରାସ୍ତାର ଆଲୋକ ସ୍ତମ୍ଭ ପାଇଁ ୪୦ ଫୁଟ ଉଚ୍ଚତା ପର୍ଯ୍ୟନ୍ତ "ଷ୍ଟେପ୍ ଡ୍ରନ୍ ପୋଲ୍" ଓ "ଟିଉବଲାର ଟ୍ରାନ୍ସମିସନ୍-ଟାୱାର" ତିଆର କରି ଦେଶରେ ଏକମାତ୍ର ଶିଳ୍ପସଂସ୍ଥାର ଗୌରବ ଅର୍ଜନ ।

❋ ବିଭିନ୍ନ ପ୍ରକାରର ନକସା କାମ, ସିଞ୍ଚନ ଯୋଜନା ଯନ୍ତ୍ର ନିର୍ମାଣ ଯନ୍ତ୍ରପାତି ଓ ତାହାର ଅଂଶ ବିଶେଷ ତିଆରି ତଥା ମରାମତି ଏବଂ ପରିକଳ୍ପନା ପରାମର୍ଶଦାତା ଭାବେ ସୁନାମ ବହନ ।

❋ ନୂତନ ବୈଷୟିକ ପଦ୍ଧତିରେ ପାଇପ୍ ତିଆର କରି ବିଦେଶକୁ ରପ୍ତାନୀ କରିବା ସଙ୍ଗେ ସଙ୍ଗେ କ୍ରେନ୍ ଏବଂ ଲୁହା ଖଣିରେ ବ୍ୟବହୃତ କେତେକ ଯନ୍ତ୍ରପାତି ନିର୍ମାଣ ।

**କଲିକତା ଅଫିସ:**
୪୪, ଜବାହାରଲାଲ ନେହେରୁ ରୋଡ୍
କଲିକତା-୭୦୦୦୭୧
ଫୋନ୍—୪୪-୭୬୪୨ (Fivelines)
୪୪-୮୬୭୦ (G.M.)
ଟେଲେକ୍ସ—୦୨୧-୭୯୪୦
Cable—KALTUBES

**ବମ୍ବେ ଅଫିସ:**
୩୧୯/୩୨୦ ଲୋହା ଭବନ
ସହିଦ ଭଗତସିଂହ ରୋଡ
(ପି. ଡି. ମେଲୋରୋଡ)
ବମ୍ବେ—୪୦୦୦୦୧
ଫୋନ—୩୨-୧୮୪୪
୨୦୬-୩୨୬
Cable—KALINGABY

**ମାଡ୍ରାଜ ଅଫିସ**
୧୦, ସେଣ୍ଟ ଡନ ଷ୍ଟ୍ରିଟ
ମାଡ୍ରାଜ—୬୦୦୦୦୧
ଫୋନ୍—୨୫-୮୨୫
Cable—KALINGAMS

**କାରଖାନା**
ଚଉଦ୍ୱାର-୭୫୪୦୨୫
କଟକ, ଓଡ଼ିଶା
ଫୋନ୍, ୨୪୨ ଓ ୨୪୩
ଟେଲେକ୍ସ—୦୨୫-୨୧୧
Cable—KALTUBES

**ଦିଲ୍ଲୀ ଅଫିସ**
୬-ଏ-ଆମ୍ବାସଡ ହାଉସ୍
୧, ଟଲ୍‌ଷ୍ଟୟ ମାର୍ଗ, ନୂଆଦିଲ୍ଲୀ-
୧୧୦୦୦୧
ଫୋନ୍—୩୮-୩୫୮୩,୩୮-
୫୦୭୧ ଓ ୩୮-୯୪୮୮
ଟେଲେକ୍ସ—୦୩୧-୨୨୬୪
Cable—KALINGTUBE

**ଅହମଦାବାଦ ଅଫିସ**
ସେପ୍‌କଟ୍ରମ କମସିଆଲ ସେଣ୍ଟର ନଂ ୧
ରୁମ୍ ନଂ ୮, 1st Floor
ସାଲେପ୍ସ ରୋଡ, ଅହମଦାବାଦ
୩୮୦୦୨
ଫୋନ୍—୨୩-୩୨୬ ଟେଲେକ୍ସ-
୦୧୨-୪୮୨
Cable—KALTUBES

**ବେଜୱାଡା ଅଫିସ**
୧୨-୪-୪୪ ଜନ୍‌ରେଣ୍ଟ ଷ୍ଟ୍ରିଟ
1st Floor, ବେଜୱାଡା-୨

### ଦେଶର ସର୍ବାଧିକ ସେବା ପାଇଁ

ଆମେ ପାଟନା (ବିହାର), ଗୌହାଟୀ (ଆସାମ) ଓ ସିକନ୍ଦରାବାଦ (ଆନ୍ଧ୍ର)କୁ କାର୍ଯ୍ୟ ପରିସର ବୃଦ୍ଧି କରୁଛୁ ।




# ଗ୍ରାମାଞ୍ଚଳ ଉନ୍ନୟନରେ

## ଋଣ ଯୋଗାଣକାରୀ ସଂସ୍ଥାର ଭୂମିକା

ଶ୍ରୀ ଆଇ. କେ. ନାଇଡୁ

ଭାରତର ମୋଟ ଚାଷୀମାନଙ୍କ ମଧ୍ୟରୁ ଶତକଡ଼ା ୭୦ ଭାଗ ହେଉଛନ୍ତି କ୍ଷୁଦ୍ର ଓ ନାମମାତ୍ର ଚାଷୀ ଓ ସେମାନେ ସମସ୍ତେ ଗାଁ ଗହଳର ବାସିନ୍ଦା । ଏହାଛଡ଼ା ଗାଁ ଗହଳରେ ଦୁଃସ୍ଥ ଅବସ୍ଥାରେ ଥାଇ ଜୀବିକା ନିର୍ବାହ କରୁଥିବା ଅନ୍ୟ କେତେକ ଶ୍ରେଣୀର ଲୋକେ ହେଲେ ରୟତ ଭୂମିହୀନ ଚାଷୀ ଏବଂ ବଢ଼େଇ, କମାର, ତନ୍ତୀ ଭଳି କାରିଗରମାନେ । ତେଣୁ ଗାଁ ଗହଳର ଏହି ଦରିଦ୍ର ଶ୍ରେଣୀର ଲୋକମାନଙ୍କର ସାମାଜିକ ଏବଂ ଅର୍ଥନୈତିକ ଉନ୍ନତି ବିଧାନ କରିବା ଗ୍ରାମାଞ୍ଚଳ ଉନ୍ନୟନର ଏକାନ୍ତ ଲକ୍ଷ୍ୟ ହେବା ଆବଶ୍ୟକ ।

### ଅଭିମୁଖ୍ୟ

ଗ୍ରାମ୍ୟ ଜୀବନରେ ବିଶେଷ ସ୍ଥାନ ଅଧିକାର କରିଥିବା ବିଷୟମାନ ଯଥା—କୃଷି, ପଶୁପାଳନ, ଦୁଗ୍ଧ ଉତ୍ପାଦନ, ମାଛ ଓ ରେଶମ ଚାଷ, ଜଙ୍ଗଲ ଓ ଗ୍ରାମ୍ୟ ଶିଳ୍ପାଦି ଉତ୍ପାଦନବୃଦ୍ଧି ସାଙ୍ଗକୁ ବଜାର, ପରିବହନ ଆଦି ସୁବିଧା ସୁଯୋଗର ସୃଷ୍ଟି ଗ୍ରାମାଞ୍ଚଳ ଉନ୍ନୟନର ଅଭିମୁଖ୍ୟ ହେବା ଆବଶ୍ୟକ । କେବଳ ଏତିକି ନୁହେଁ, ଗାଁ ଗହଳରୁ ଦାରିଦ୍ର୍ୟ ଘୁଞ୍ଚାଇବାକୁ ହେଲେ ବିପୁଳ ପରିମାଣର କର୍ମସଂସ୍ଥାନ ବ୍ୟବସ୍ଥା କରିବାକୁ ପଡ଼ିବ । ଏହି କର୍ମସଂସ୍ଥାନ ସାମୟିକ (ଅର୍ଥାତ୍ ଋତୁକୁ ଋତୁ) ଏବଂ ଅର୍ଦ୍ଧ ବେକାରୀ ଦୂରୀକରଣ ପାଇଁ ଉଦ୍ଦିଷ୍ଟ ହେବା ଉଚିତ । କିନ୍ତୁ ଏସବୁ କାମ କରିବାକୁ ହେଲେ ଋଣ ଆକାରରେ ମୂଳଧନ ଯୋଗାଣର ବ୍ୟବସ୍ଥା ସର୍ବପ୍ରଥମେ କରିବାକୁ ପଡ଼ିବ ।

ତେଣୁ ଗ୍ରାମାଞ୍ଚଳ ଉନ୍ନୟନରେ ଋଣ ଯୋଗାଣକାରୀ ସଂସ୍ଥାଗୁଡ଼ିକର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ନୂତନ କାରିଗରୀ କୌଶଳ ଏବଂ କୃଷି ଉନ୍ନୟନ ଦିଗରେ ଏହା ବିଶେଷ ସାହାଯ୍ୟ କରେ । ଏଥିପାଇଁ ସମବାୟ ଋଣ ପ୍ରତିଷ୍ଠାନଗୁଡ଼ିକର ଅବଦାନ ବିଶେଷ ଉଲ୍ଲେଖଯୋଗ୍ୟ । ଏହିସବୁ ସଂସ୍ଥାଗୁଡ଼ିକ ଜରିଆରେ ଗ୍ରାମାଞ୍ଚଳ ପରିବାର-ମାନଙ୍କପାଇଁ ଯେଉଁ ଋଣ ଯୋଗାଇ ଦିଆଯାଇଛି ତାହା ୧୯୫୦-୫୧ ମସିହାରେ ଶତକଡ଼ା ମାତ୍ର ୩ ଭାଗ ଥିବା ସ୍ଥଳେ ବର୍ତ୍ତମାନ ଶତକଡ଼ା ୩୫ ଭାଗକୁ ବୃଦ୍ଧିପାଇଛି । ଏହି ସଂସ୍ଥାଗୁଡ଼ିକର କାର୍ଯ୍ୟକାରୀ ମୂଳଧନ ଋଣ ଏବଂ ଉପଯୋଗ

ଋଣ ଯଥାକ୍ରମେ ୧,୦୦୦ କୋଟି ଟଙ୍କା ଏବଂ ୪୦୦ କୋଟି ଟଙ୍କାରେ ଆସି ପହଞ୍ଚିଲାଣି । ବ୍ୟବସାୟିକ ବ୍ୟାଙ୍କମାନେ ଏ ଦିଗରେ ଦ୍ୱିତୀୟସ୍ଥାନ ଅଧିକାର କରିଛନ୍ତି । ଏହି ବ୍ୟାଙ୍କଗୁଡ଼ିକ ପକ୍ଷରୁ କୃଷକମାନଙ୍କୁ ଦିଆଯାଇଥିବା ଉଭୟ କାର୍ଯ୍ୟକାରୀ ମୂଳଧନ ଋଣ ଏବଂ ଉପଯୋଗ ଋଣ ୧୯୭୬ ମସିହା ଡିସେମ୍ବର ସୁଦ୍ଧା ୧,୦୦୨ କୋଟି ଟଙ୍କାରେ ପହଞ୍ଚିଥିଲା । କୃଷିପୁଞ୍ଜି ବିନିଯୋଗ ଏବଂ ଉନ୍ନୟନ କର୍ପୋରେସନ, ଭୂଉନ୍ନୟନ ବ୍ୟାଙ୍କ ଏବଂ ବ୍ୟବସାୟିକ ବ୍ୟାଙ୍କଗୁଡ଼ିକୁ କ୍ଷୁଦ୍ର ଜଳସେଚନ, ଭୂଉନ୍ନୟନ, କୃଷିର ଯାନ୍ତ୍ରିକୀକରଣ, ବଗିଚା ଓ ଫଳ ଉଦ୍ୟାନ, କୁକୁଡ଼ା ଓ ମେଷ ପାଳନ ଏବଂ ଦୁଗ୍ଧ ଉତ୍ପାଦନପାଇଁ ସାମୟିକ କିସ୍ତିରେ ପୁଞ୍ଜି ଯୋଗାଇ ଦେଉଛନ୍ତି । ୧୯୭୪-୭୫ ମସିହାରେ ଉପରୋକ୍ତ ପ୍ରତିଷ୍ଠାନ ପକ୍ଷରୁ ଏହିସବୁ କାର୍ଯ୍ୟକ୍ରମପାଇଁ ୧୦୬ କୋଟି ଟଙ୍କା, ୧୯୭୫-୭୬ ମସିହାରେ ୧୭୧ କୋଟି ଟଙ୍କା ଏବଂ ୧୯୭୬-୭୭ ମସିହାରେ ୨୨୧ କୋଟି ଟଙ୍କା ଦିଆଯାଇଛି ।

## ଋଣ ଯୋଗାଣ

ଋଣ ଯୋଗାଣକାରୀ ସଂସ୍ଥାଗୁଡ଼ିକର ଭୂମିକା କେବଳ କୃଷି ଉନ୍ନୟନପାଇଁ ଋଣ ଯୋଗାଇଦେଲେ ଯେ ଶେଷ ହୋଇଗଲା ତାହା ନୁହେଁ, ସେମାନେ ଯେପରି ସମାଜରେ ବାସ କରୁଥିବା ଦରିଦ୍ରଶ୍ରେଣୀ କ୍ଷୁଦ୍ରଚାଷୀ, ଗ୍ରାମ୍ୟ କାରିଗର ଏବଂ କୃଷି ଶ୍ରମିକମାନଙ୍କର ଚାହିଦାକୁ ଠିକ୍ ସମୟରେ ପୂରଣକରି ପାରିବେ ତାହା ମଧ୍ୟ ଦେଖିବା ଦରକାର । ସମାଜରେ ବାସକରୁଥିବା ମଧ୍ୟମ ଏବଂ ବଡ଼ଚାଷୀ, ଯେଉଁମାନଙ୍କର ଆବଶ୍ୟକୀୟ ସମ୍ବଳ ରହିଛି, ସେମାନେ ସର୍ବାଗ୍ରେ ନୂତନ ବୈଷୟିକ କୌଶଳ ଉପଯୋଗ କରିବାରେ ସମର୍ଥ ହେଉଛନ୍ତି । ସମୟ ଆସିଛି ଯେତେବେଳେ ସେମାନଙ୍କୁ ଦୁର୍ବଳଶ୍ରେଣୀ ଲୋକଙ୍କ ସହାୟତାରେ ଆସିବାକୁ ପଡ଼ିବ ।

ବେଳେ ବେଳେ ଦେଖାଯାଉଛି ଯେ ସମାଜର ଦୁର୍ବଳ ଶ୍ରେଣୀର ଲୋକମାନେ ଋଣ ଯୋଗାଣ ସଂସ୍ଥାମାନଙ୍କଠାରୁ ଋଣନେଇ ନୂତନ ବୈଷୟିକ କୌଶଳ ପ୍ରୟୋଗକରିବାରେ ସକ୍ଷମ ହୋଇପାରୁ ନାହାନ୍ତି । ଏହାର କାରଣ ହେଲା—ସେମାନେ ଅତିଶୟ ଋଣଗ୍ରସ୍ତ । ଅଣ ଅନୁଷ୍ଠାନିକ ଋଣଯୋଗାଣ ସଂସ୍ଥାମାନଙ୍କଠାରୁ ସେମାନେ ପୂର୍ବେ ଯେଉଁ ଋଣ ଆଣିଥିଲେ ସେଥିରୁ ସେମାନେ ଏପର୍ଯ୍ୟନ୍ତ ମୁକୁଳିପାରି ନାହାନ୍ତି । ୧୯୭୧-୭୨ ନିଖିଳ ଭାରତ ଋଣ ଓ ପୁଞ୍ଜି ଲଗାଣ ସର୍ଭେରୁ ଜଣାଯାଏ ଯେ ଅଣ ଅନୁଷ୍ଠାନିକ ସଂସ୍ଥାମାନଙ୍କରୁ ୩୦-୬-୧୯୭୧ ସୁଦ୍ଧା ୫,୦୦୦ ଟଙ୍କା ପର୍ଯ୍ୟନ୍ତ ଋଣ ନେଇଥିବା ଲୋକ... ମାନଙ୍କ ସଂଖ୍ୟା ହେଉଛି ଶତକଡ଼ା ୮୫ ଭାଗ ... ୧,୦୦୦ ଟଙ୍କା ପର୍ଯ୍ୟନ୍ତ ଋଣ ନେଇଥିବା ଲୋକମାନ... ସଂଖ୍ୟା ହେଉଛି ୯୦ ଭାଗ । ଏଥିରୁ ଅନୁମିତ ହୁଏ ... ଯେ ନେଇଥିବା ଋଣ ବିଶେଷ ଭାବରେ ଅଣ ଉତ୍ପାଦ... କ୍ଷେତ୍ରରେ ବିନିଯୋଗ କରାଯାଇଛି ଏବଂ ସୁଧ ... ହାର ମଧ୍ୟ ଅତ୍ୟଧିକ । ତେଣୁ ଋଣ ଯୋଗାଣ ... ଯଦି କ୍ଷୁଦ୍ର ଚାଷୀମାନଙ୍କୁ ସାମାଜିକ ... ଶୁଦ୍ଧିକ୍ରିୟା ଏବଂ ଅନ୍ୟାନ୍ୟ ପର୍ବପର୍ବାଣୀ ପାଇଁ ... ହେଉଥିବା ଆର୍ଥିକ ସାହାଯ୍ୟ ଦିଆନଯାଏ, ... ସେମାନେ ବାଧ୍ୟହୋଇ ସେମାନଙ୍କର ... କରିବା ଲାଗି ମହାଜନମାନଙ୍କ ଦ୍ୱାରସ୍ଥ ହେବେ । ... ସୌଭାଗ୍ୟର କଥା ଯେ ବର୍ତ୍ତମାନ ଅନେକ ... ଋଣମୁକ୍ତିପାଇଁ ଆଇନ ପ୍ରଣୟନ କରଲେଣି । ... ଗାଁ ଗହଳର ଗରିବ ଲୋକମାନଙ୍କୁ ମହାଜନମାନଙ୍କ ... ଦ୍ୱାରସ୍ଥ ହେବାକୁ ପଡ଼ୁନାହିଁ ।

ଗାଁ ଗହଳର ଗରିବ ଲୋକମାନଙ୍କ ସମ୍ପର୍କରେ ଋଣ ସଂକ୍ରାନ୍ତୀୟ ଆଇନ ପ୍ରଣୟନକାରୀମାନଙ୍କର ଦୃଷ୍ଟି-ଭଙ୍ଗୀରେ ପରିବର୍ତ୍ତନ ଆବଶ୍ୟକ । ଏହି ଗରିବ ଲୋକ-ମାନଙ୍କୁ ଦୟାର ପାତ୍ର ବୋଲି ନ ଧରି ଦେଶର କୃଷକ ଉତ୍ପାଦନ ଗୋଷ୍ଠୀ ବୋଲି ବିବେଚନା କରିବାକୁ ପଡ଼ିବ । ସେତିକି ନୁହେଁ ଏହି ଗୋଷ୍ଠୀରେ ରହିଛି ... ଏକ ବିରାଟ ବେକାର ଶ୍ରମିକ ସଂପ୍ରଦାୟ । ... ପ୍ରଣୟନକାରୀଙ୍କୁ ମନେ ରଖିବାକୁ ହେବ ଯେ ... ଯୋଗାଣର ଉଦ୍ଦେଶ୍ୟ ହେଲା ଅତୀତର ଭୁଲ ତ୍ରୁଟି ସୁଧାରି ଏହି ବିରାଟ ସମ୍ପ୍ରଦାୟକୁ ଉତ୍ପାଦନକ୍ଷମ କରିବା । ଅଭିଜ୍ଞତାରୁ ଦେଖାଯାଇଛି ଯେ ଯେଉଁ ... କମ୍ ଏବଂ ଶ୍ରମିକଙ୍କ ସଂଖ୍ୟା ଅଧିକ ସେଠାରେ ସାହାଯ୍ୟ ପାଇଲେ ଶ୍ରମିକମାନେ ଅଧିକ ଉତ୍ପାଦନକ୍ଷମ ହୁଅନ୍ତି ।

ଆର୍ଥିକ ଦୃଷ୍ଟିରୁ ଉତ୍ପାଦନକ୍ଷମ ସଂସ୍ଥାମାନଙ୍କୁ ... ଋଣ ଯୋଗାଇ ଦେଲେ ଯେ ଲକ୍ଷ୍ୟ ପୂରଣ ହେବ, ... ଭାବିବା ଠିକ୍ ନୁହେଁ । ଯେଉଁ କୃଷକମାନଙ୍କର ... କିମ୍ବା ବୈଷୟିକ ସାହାଯ୍ୟ ଜରିଆରେ ... ହେବାର ସମ୍ଭାବନା ଅଛି, ସେମାନଙ୍କୁ ... ଉପାୟ ନିର୍ଦ୍ଧାରଣ କରାଯିବା ଆବଶ୍ୟକ । କୃଷକ ... ତାର ଉତ୍ପାଦନ ପ୍ରଣାଳୀରେ ପରିବର୍ତ୍ତନ ... ଖାଦ୍ୟଦ୍ରବ୍ୟ ଅଧିକ ପରିମାଣରେ ଉତ୍ପାଦନ ... ହେଇପାଇଁ ଧ୍ୟାନଦିଆଯିବା ଉଚିତ । ଏଥିପାଇଁ ... ବଜାର ସୁବିଧା, ଆବଶ୍ୟକୀୟ କୃଷି ଉପକରଣ ...

ମେ ଯୋଗାଣ ସେବା ପ୍ରଭୃତି ଯେପରି ସୁବିଧାରେ ଏବଂ ଯଥାସମୟରେ ମିଳିପାରିବ, ତାହାର ବ୍ୟବସ୍ଥା ହେବା ଆବଶ୍ୟକ ।

## ଗଠନ ପ୍ରଣାଳୀ

ଅନୁଷ୍ଠାନର ଢାଞ୍ଚା ଉପରେ ଏଥିପାଇଁ ବିଶେଷ ଗୁରୁତ୍ୱ ଦିଆଯିବା ଦରକାର । ସ୍ଥାନର ସୁବିଧା ଅନୁଯାୟୀ ସମନ୍ୱିତ ଋଣ ତଥା ସେବା ପଦ୍ଧତି ପ୍ରତିଷ୍ଠା କରାଯିବା ଉଚିତ । ଏଦିଗରେ ଜାତୀୟ କୃଷି କମିଶନ ଦେଇଥିବା ସୁପାରିଶକୁ ବିଚାରକୁ ନିଆଯାଇ ପାରେ । ଏହି ସୁପାରିଶରେ ଉଲ୍ଲେଖ ଅଛି ଯେ କୃଷକମାନଙ୍କୁ ଋଣ ଯୋଗାଇବାକୁ ହେଲେ କୃଷିସମବାୟ ସେବା ସମିତିଗୁଡ଼ିକର ପରିଚାଳନା ଉପରେ ଅଧିକ ଗୁରୁତ୍ୱ ଦିଆଯିବା ଆବଶ୍ୟକ । କୃଷି ତଥା ଗ୍ରାମାଞ୍ଚଳ ଉନ୍ନୟନ କ୍ଷେତ୍ରରେ ଏବଂ କ୍ଷୁଦ୍ର ଏବଂ ନାମମାତ୍ର ଚାଷୀ ତଥା ଗାଁ ଗହଳର କାରିଗରମାନଙ୍କର ଆବଶ୍ୟକତା ପୂରଣ କରିବାରେ କୃଷି ସେବା ସମବାୟ ସମିତି ଏକମାତ୍ର ଅନୁଷ୍ଠାନ ଯାହା ଉପରେ ହିଁ ସମ୍ପୂର୍ଣ୍ଣରୂପେ ନିର୍ଭର କରାଯାଇପାରେ । ଏହାର ପରିଚାଳନାରେ ଏହି ଦୁର୍ବଳ ଶ୍ରେଣୀର ଲୋକମାନଙ୍କର ବିଶିଷ୍ଟ ଭୂମିକା ରହିଛି ।

କେତେକ ନିର୍ଦ୍ଦିଷ୍ଟ ଅଞ୍ଚଳରେ କୃଷି ସେବା ସମିତି ପରିଚାଳନା ବ୍ୟତୀତ ବିଭିନ୍ନ ରାଜ୍ୟରେ ଜାତୀୟ କାର୍ଯ୍ୟକ୍ରମ ଅନୁଯାୟୀ ବ୍ୟବସାୟିକ ଭିତ୍ତିରେ ପରିଚାଳିତ ପ୍ରାଥମିକ କୃଷି ସେବା ସମିତିଗୁଡ଼ିକର ପୁନର୍ଗଠନ କରାଯିବାପାଇଁ ବ୍ୟବସ୍ଥା କରାଯାଉଛି । ଫଳରେ ଏହି ସମିତିଗୁଡ଼ିକର ସଂଖ୍ୟା ୧,୫୦,୦୦୦ ରୁ ୮୦,୦୦୦ କୁ କମାଇ ଦିଆଯାଉଛି । ପ୍ରତ୍ୟେକ ସମିତିରେ ପୂରା ସମୟପାଇଁ ଜଣେ ଲେଖାଏଁ ବେତନପ୍ରାପ୍ତ ସେକ୍ରେଟାରୀ ନିଯୁକ୍ତି ପାଇବେ ଏବଂ ସମିତିଗୁଡ଼ିକର ଋଣଦେବା କ୍ଷମତା ଦୁଇଲକ୍ଷ ଟଙ୍କା ପର୍ଯ୍ୟନ୍ତ ରହିବ । ଏହି ସମିତିଗୁଡ଼ିକର ପୁନର୍ଗଠନ ଦ୍ୱାରା ଗ୍ରାମାଞ୍ଚଳରେ ସମନ୍ୱିତ ସେବା ଯୋଗାଇ ଦିଆଯାଇ ପାରିବ ବୋଲି ଆଶା କରାଯାଉଛି ।

## ଋଣ ଯୋଗାଣର ପୁନର୍ଗଠନ

ପ୍ରାଥମିକ ସ୍ତରରେ ପୁନର୍ଗଠନ ସାଙ୍ଗକୁ ମଧ୍ୟମ ସ୍ତରରେ ଥିବା ଋଣ ଯୋଗାଣକାରୀ ସଂସ୍ଥାମାନଙ୍କୁ ମଧ୍ୟ ସୁଦୃଢ଼ କରାଯିବ । ଦୁର୍ବଳ କେନ୍ଦ୍ର ସମବାୟ ବ୍ୟାଙ୍କଗୁଡ଼ିକର ଉତ୍ଥାନ ଦିଗରେ ଯେଉଁ ଜାତୀୟ ନୀତି ଅନୁସୃତ ହେଉଛି ସେଥିରୁ ଗ୍ରାମାଞ୍ଚଳରେ ଯଥେଷ୍ଟ ପରିମାଣର ଋଣ ଯୋଗାଣ ସମ୍ପର୍କରେ କେନ୍ଦ୍ର ସରକାର ଯେ ବିଶେଷ ଆଗ୍ରହୀ ତାହା ସହଜରେ ଅନୁମାନ କରିହେବ ।

ସମାଜର ଦୁର୍ବଳଶ୍ରେଣୀ ଲୋକଙ୍କର ଅର୍ଥନୈତିକ ମାନଦଣ୍ଡର ଉନ୍ନତି ଯେ କେବଳ ସଂଗଠନଗୁଡ଼ିକର ପୁନର୍ବିନ୍ୟାସ ଫଳରେ ସମ୍ଭବ ହେବ, ତାହା ଭାବିବା ଠିକ୍ ନୁହେଁ । ୧୯୭୪-୭୫ ମସିହାରେ ସମବାୟ ପ୍ରତିଷ୍ଠାନ ପକ୍ଷରୁ ଯୋଗାଇ ଦିଆଯାଇଥିବା କାର୍ଯ୍ୟକାରୀ ମୂଳଧନ ଋଣ ଓ ବିନିଯୋଗ ଋଣର ଶତକଡ଼ା ୩୦ ଭାଗ କେବଳ ଦୁର୍ବଳ ଶ୍ରେଣୀର ଲୋକମାନଙ୍କୁ ଯୋଗାଇ ଦିଆଯାଇଥିଲା । ବ୍ୟବସାୟିକ ବ୍ୟାଙ୍କ ତରଫରୁ ଦୁର୍ବଳଶ୍ରେଣୀ ଲୋକମାନଙ୍କ ମଧ୍ୟରେ ଯେଉଁମାନେ ଅତ୍ୟନ୍ତ ଦୁର୍ବଳ, ସେମାନଙ୍କୁ ଶତକଡ଼ା ୪ ଭାଗ ହାର ସୁଧରେ ଋଣ ଯୋଗାଇ ଦିଆଯାଇଥିଲା । ବର୍ତ୍ତମାନ ଏମାନଙ୍କ କଲ୍ୟାଣପାଇଁ କ୍ଷୁଦ୍ର ଚାଷୀ ଉନ୍ନୟନ ସଂସ୍ଥା, ମରୁଡ଼ି ପ୍ରପୀଡ଼ିତ ଅଞ୍ଚଳ କାର୍ଯ୍ୟକ୍ରମ, କମାଣ୍ଡ ଏରିଆ କାର୍ଯ୍ୟକ୍ରମ ଏବଂ ଆଦିବାସୀ ତଥା ପାର୍ବତ୍ୟ ଅଞ୍ଚଳ ଉନ୍ନୟନ କାର୍ଯ୍ୟକ୍ରମ ମାଧ୍ୟମରେ ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଉଛି ।

## ଦୁଗ୍ଧ ଉତ୍ପାଦନ

ଦୁଗ୍ଧ ଉତ୍ପାଦନ କ୍ଷେତ୍ରରେ କ୍ଷୁଦ୍ର ଚାଷୀମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଆମ ଦେଶର ଅଧିକାଂଶ ଅଞ୍ଚଳରେ ପଶୁପାଳନ କାର୍ଯ୍ୟକ୍ରମରେ ଉନ୍ନତି ଘଟିଛି । କିନ୍ତୁ କ୍ଷୁଦ୍ର ଚାଷୀମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମ ପାଇଁ ଋଣ ଆକାରରେ ଗୋ-ଖାଦ୍ୟ ଯୋଗାଇ ଦେବା ଏବଂ ବଜାର ବ୍ୟବସ୍ଥାର ଉନ୍ନତି ଘଟାଇବା ଏକ ପ୍ରଧାନ ସମସ୍ୟା । ଏହି ସମସ୍ୟାର ସମାଧାନ କରିବାକୁ ହେଲେ, ଗୋ-ଖାଦ୍ୟ ଚାଷ ତଥା ଏହାର ମହତ୍ତ୍ୱ, ଚାରଣ ଭୂମିର ଉନ୍ନୟନ, କ୍ଷୁଦ୍ର ଚାଷୀମାନଙ୍କର ପଶୁପାଳନ କ୍ଷମତା ବୃଦ୍ଧି ଏବଂ ପଶୁପାଳନରୁ ମିଳୁଥିବା କ୍ଷୀର, ମାଂସ ଏବଂ ଚମଡ଼ା ଆଦିର ବିକ୍ରୟ ନିମନ୍ତେ ବଜାର ସୁବିଧା ଯୋଗାଇ ଦେବା ଦରକାର । ମତ୍ସ୍ୟ ଉତ୍ପାଦନ ଆଉ ଏକ ବିଶେଷ ଉପାୟ ଯଦ୍ୱାରା କି ଦୁର୍ବଳ ଶ୍ରେଣୀର କଲ୍ୟାଣ ସାଧନ ହୋଇପାରିବ । ଉପକୂଳବର୍ତ୍ତୀ ଅଞ୍ଚଳରେ ବାସକରୁଥିବା ଦରିଦ୍ର ଲୋକମାନଙ୍କୁ ମାଛ ଚାଷପାଇଁ ସୁବିଧା ଯୋଗାଇ ଦିଆଯିବା ସଙ୍ଗେ ସଙ୍ଗେ ଋଣ ମଧ୍ୟ ଦିଆଯାଉଛି । ଏହି ଋଣ ନେଇ ମତ୍ସ୍ୟ ଉତ୍ପାଦନକାରୀମାନେ ମାଛ ଚାଷକୁ ଏକ ବ୍ୟବସାୟରେ ପରିଣତ କରିପାରୁଛନ୍ତି ।

ଋଣ ଯୋଗାଣକାରୀ ସଂସ୍ଥାଗୁଡ଼ିକର ସାଫଲ୍ୟ ଋଣ ଗ୍ରହୀତାର ଏକ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ନିଜକୁ ଆତ୍ମନିର୍ଭରଶୀଳ କରିବା ଉପରେ ନିର୍ଭର କରେ । ଅଧିକ ଋଣ ଯୋଗାଣ, ଋଣ ଯୋଗାଇଦେବା କୌଶଳର ଆଧୁନିକୀ କରଣ, ଚାଷବାସର କାର୍ଯ୍ୟକ୍ରମ ପ୍ରଭୃତି, ଅଧିକ ସଂପ୍ରସାରଣ ସେବା ଏବଂ ଯୋଜନା କାର୍ଯ୍ୟକାରୀ ହେବା

ସମୟରେ ଏହାର ଅନୁଧ୍ୟାନ ପ୍ରତି ଋଣ ଯୋଗାଣକାରୀ ସଂସ୍ଥାମାନେ ଦୃଷ୍ଟି ଦେବା ଦରକାର । ଏହା ସଙ୍ଗେ ସଙ୍ଗେ ଦେଖିବା ଆବଶ୍ୟକ ଯେ ଏହିସବୁ କାର୍ଯ୍ୟକ୍ରମ ଜରିଆରେ କ୍ଷୁଦ୍ରଚାଷୀ ଏବଂ ଦୁର୍ବଳ ଶ୍ରେଣୀର ଲୋକମାନେ ଠିକ୍‌ଭାବେ ଏବଂ ଏକ ନିର୍ଦ୍ଦିଷ୍ଟ ସମୟରେ ଋଣ ନେଇ ନିଜକୁ ନିଜ ଗୋଡ଼ରେ ଠିଆ କରାଇ ପାରିଛନ୍ତି କି ନାହିଁ । ଖାଲି ଏତିକି ନୁହେଁ, ଏହାପରେ ସେମାନେ ଯେପରି ବ୍ୟାଙ୍କ ଉପରେ ଆଉ ନିର୍ଭରଶୀଳ ନ ହୁଅନ୍ତି, ସେଥିପ୍ରତି ଦୃଷ୍ଟି ଦେବା ଆବଶ୍ୟକ ।

## ଗ୍ରାମ୍ୟ ଶିଳ୍ପ

କୃଷି କ୍ଷେତ୍ରରେ ଅଧିକ ଉନ୍ନତି କରିବା ସଙ୍ଗେ ସଙ୍ଗେ ଗ୍ରାମାଞ୍ଚଳରେ ଶିଳ୍ପ ପ୍ରତିଷ୍ଠା ପ୍ରତି ମଧ୍ୟ ଦୃଷ୍ଟି ଦିଆଯିବା ଉଚିତ । ଏହା ଗ୍ରାମାଞ୍ଚଳର ଉନ୍ନତି, ବେକାରୀ ଦୂରୀକରଣ ତଥା ଅର୍ଦ୍ଧ ବେକାରୀ ସମସ୍ୟାର ସମାଧାନରେ ସାହାଯ୍ୟ କରେ । କୃଷି ଆଧୁନିକୀ କରଣ ଲାଗି ଉନ୍ନତ କୃଷି ସରଞ୍ଜାମ, ଛୋଟ ପମ୍ପ ଏବଂ ମଟର, ନଳକୂପ ଏବଂ ଏହାର ଆନୁଷଙ୍ଗିକ ଯନ୍ତ୍ରପାତିଗୁଡ଼ିକର ଚାହିଦା ବୃଦ୍ଧିପାଏ । ଏହାଛଡ଼ା ଆବଶ୍ୟକ ଗୃହୋପକରଣ, ଆସବାବପତ୍ର ତଥା ରନ୍ଧନ ସାମଗ୍ରୀ ଏବଂ ବାସନକୁସନ ପ୍ରଭୃତି ଗ୍ରାମବାସୀଙ୍କର ଏକାନ୍ତ ଆବଶ୍ୟକ । ତେଣୁ ଏହିସବୁ ସାମଗ୍ରୀର ଉତ୍ପାଦନ ପାଇଁ ଗ୍ରାମରେ ... କ୍ଷୁଦ୍ରଶିଳ୍ପ ପ୍ରତିଷ୍ଠା କରାଯିବା ଉଚିତ । ଏହା ବ୍ୟତୀତ ... କମାର, ବଢ଼େଇ, ମୋଚି, ତନ୍ତୀ ଏବଂ କୁମ୍ଭାରମାନଙ୍କ ... ଦକ୍ଷତା ବୃଦ୍ଧି କରିବା ନିମନ୍ତେ ଚେଷ୍ଟା କରାଯିବା ... କାର । କୃଷିର ଉନ୍ନତି ସଙ୍ଗେ ସଙ୍ଗେ କୃଷିଭିତ୍ତିକ ... ଭିତ୍ତିକ ଶିଳ୍ପର ବିକେନ୍ଦ୍ରୀକରଣ ଘଟେ ଏବଂ ... ଠାରେ ଗ୍ରାମାଞ୍ଚଳ ଉନ୍ନତି ପଥରେ ଅଗ୍ରସର ... ସେଠାରେ ଏହା ପ୍ରତିଷ୍ଠିତ ହୁଏ । ଏହି ଶିଳ୍ପର ... ସମ୍ପ୍ରସାରଣ ପାଇଁ ଏମାନେ ଦରକାର କରୁଥିବା ଅ... କାଳୀନ ଋଣ, କଞ୍ଚାମାଲ, ଯନ୍ତ୍ରପାତି, ବିଦ୍ୟୁତ୍, ବୈ... ଶିକ୍ଷା ସୁବିଧା ତଥା ବଜାର ଚାହିଦା ପ୍ରତି ଗୁରୁତ୍ୱ ଦିଆ... ଆବଶ୍ୟକ ।

ଗ୍ରାମାଞ୍ଚଳ ଦରିଦ୍ର ଲୋକମାନଙ୍କ ଅର୍ଥନୈ... ମାନଦଣ୍ଡ ବୃଦ୍ଧି ପାଇଲେ. ସେମାନଙ୍କର ସ୍ୱାସ୍ଥ୍ୟ, ... ତଥା ବାସଗୃହଗୁଡ଼ିକର ମଧ୍ୟ ଉନ୍ନତି ଘଟିବ । ... ପାଇଁ ଅଧିକ ଧ୍ୟାନର ସହ ଯୋଜନା ଏବଂ ... ପ୍ରସ୍ତୁତ କରାଯିବା ସଙ୍ଗେ ସଙ୍ଗେ ସ୍ଥାନ ଭିତ୍ତିରେ ... ବିନିଯୋଗ କରାଯିବା ଦରକାର । ଖାଲି ସେତିକି ... ଏଥିପାଇଁ ସମସ୍ତଙ୍କର ଉତ୍ସାହ ଓ ଅବଦାନ ମଧ୍ୟ ... ଆବଶ୍ୟକ । ବର୍ତ୍ତମାନ ଉଚ୍ଚ ସ୍ତରରେ ଏଥିପାଇଁ ବିଶେ... ଧ୍ୟାନ ଦିଆଯାଉଛି ।

(ପି. ଆଇ. ବି, ଯୋଜନାଗୁ...

---

## ରାଉରକେଲାଠାରେ ଆନୁଷଙ୍ଗିକ ଶିଳ୍ପ ପ୍ରତିଷ୍ଠା ପାଇଁ ଯୁବ ଇଂଜିନିୟରମାନଙ୍କୁ ତାଲିମ

ରାଉରକେଲା ନିକଟରେ ବିଭିନ୍ନ ପ୍ରକାର ଆନୁଷଙ୍ଗିକ ଶିଳ୍ପ ପ୍ରତିଷ୍ଠା କରିବା ଉଦ୍ଦେଶ୍ୟରେ ୩୫ଜଣ ଡିଗ୍ରୀ ... ଡିପ୍ଲୋମାଧାରୀ ଇଂଜିନିୟରଙ୍କୁ ବଛାହୋଇ ତାଲିମ ଦିଆଯାଉଛି । କଟକସ୍ଥ କ୍ଷୁଦ୍ରଶିଳ୍ପ ସେବା ସଂସ୍ଥା ଏବଂ ଶି... ନିର୍ଦ୍ଦେଶାଳୟଙ୍କ ମିଳିତ ଉଦ୍ୟମରେ ଏହି ଶିଳ୍ପୋଦ୍ୟୋଗୀ ତାଲିମ କାର୍ଯ୍ୟକ୍ରମ ରାଉରକେଲାଠାରେ ଆୟୋଜ... କରାଯାଉଛି ।

କେନ୍ଦ୍ର ଇସ୍ପାତ୍ ଓ ଖଣି ମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ ଏହି ତାଲିମ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ ଏବଂ ... ନୂଆ ଦିଲ୍ଲୀସ୍ଥ କ୍ଷୁଦ୍ରଶିଳ୍ପ ପ୍ରତିଷ୍ଠାନର ଉନ୍ନୟନ କମିଶନ୍‌ର ଉଦ୍‌ଘାଟନ ଉତ୍ସବରେ ଯୋଗ ଦେଇଥିଲେ ।

# କ୍ଷୁଦ୍ର ଚାଷୀଙ୍କପାଇଁ ବୈଷୟିକ କୌଶଳ

ଶ୍ରୀ ଆଇ. କେ. ନାଇଡୁ

ଭାରତର ଅଧିକାଂଶ ଲୋକ ଗାଁଗହଳରେ ବାସ କରୁଥିବା ଯୋଗୁଁ ପଞ୍ଚବାର୍ଷିକ ଯୋଜନାର ଆରମ୍ଭରୁ କୃଷିର ବିକାଶ ଉପରେ ବିଶେଷ ଗୁରୁତ୍ୱ ଦିଆଯାଉଛି । ଗ୍ରାମାଞ୍ଚଳର ଉନ୍ନତି ପାଇଁ କୃଷିଭିତ୍ତିକ ଅନ୍ୟାନ୍ୟ କାର୍ଯ୍ୟକ୍ରମ ମଧ୍ୟ କାର୍ଯ୍ୟକାରୀ କରାଯାଉଛି । କୃଷି ଉତ୍ପାଦନ ବୃଦ୍ଧି ଲାଗି ଇତି ମଧ୍ୟରେ ଅନେକଗୁଡ଼ିଏ ପଦକ୍ଷେପ ନିଆଗଲାଣି । ଏ ଦିଗରେ ପ୍ରଥମ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହେଲା କୃଷି ଜିଲ୍ଲା କାର୍ଯ୍ୟକ୍ରମ । ୧୯୬୦—୬୨ ମସିହାରେ ଦେଶର ୧୫ ଟି ରାଜ୍ୟର ୧୬ଟି ବଛା ବଛା ଜିଲ୍ଲାରେ ବ୍ୟାପକ କୃଷି ଜିଲ୍ଲା କାର୍ଯ୍ୟକ୍ରମ ଆରମ୍ଭ କରାଗଲା । ଏହା ସହିତ ୧୯୬୪-୬୫ ମସିହାରେ ଦେଶର ୧୧୬ଟି ଜିଲ୍ଲାରେ ବ୍ୟାପକ କୃଷି ଅଞ୍ଚଳ କାର୍ଯ୍ୟକ୍ରମ ନାମକ ଆଉ ଏକ କାର୍ଯ୍ୟକ୍ରମ ମଧ୍ୟ ଚାଲୁ କରାଗଲା । ୧୯୬୬ ମସିହାରେ ଜଳସେଚନ ସୁବିଧା ଥିବା ପ୍ରାୟ ୭୩୦ ହଜାର ହେକ୍ଟର ଜମିରେ ଅଧିକ ଅମଳକ୍ଷମ ବିହନ ଚାଷ କରାଯାଇ କୃଷି ଉତ୍ପାଦନ କ୍ଷେତ୍ରରେ ରେକର୍ଡ ସୃଷ୍ଟି କରାଗଲା । ଫଳରେ ୧୯୫୦-୫୧ ମସିହା ତୁଳନାରେ ଖାଦ୍ୟ ଉତ୍ପାଦନ ଦୁଇଗୁଣରୁ ଅଧିକ ବୃଦ୍ଧି ପାଇଲା । ଏହା ଯେ ବୈଜ୍ଞାନିକ, ସଂପ୍ରସାରଣ କର୍ମୀ, କୃଷକ ଏବଂ ଯୋଜନା ପ୍ରଣୟନକାରୀଙ୍କ ମିଳିତ ଉଦ୍ୟମର ଫଳ ଏଥିରେ କୌଣସି ସନ୍ଦେହ ନାହିଁ । ଖାଦ୍ୟ ଉତ୍ପାଦନ ବୃଦ୍ଧି ପାଇବା ସଙ୍ଗେ ସଙ୍ଗେ ଦେଖାଗଲା ଯେ ବଡ଼ ବଡ଼ ଧନୀ ଚାଷୀମାନେ ବୈଷୟିକ କୌଶଳରୁ ଅଧିକ ଲାଭ ଉଠାଉଛନ୍ତି । ଦେଶରେ ଯେଉଁ ସବୁଜ ବିପ୍ଳବ ହେଲା ସେଥିରେ ବଡ଼ ବଡ଼ ଚାଷୀମାନେ ଅଧିକ ଲାଭବାନ ହେବାର ଦେଖାଗଲା । କିନ୍ତୁ କ୍ଷୁଦ୍ରଚାଷୀମାନେ ଆଶାନୁରୂପ ସୁଫଳ ପାଇଲେ ନାହିଁ । ତେଣୁ ଗାଁ ଗହଳରେ ଲୋକମାନଙ୍କର ଆୟରେ ତାରତମ୍ୟ ଅଧିକ ବୃଦ୍ଧି ପାଇଲା ।

ରିଜର୍ଭ ବ୍ୟାଙ୍କ ପକ୍ଷରୁ ଗଠିତ ନିଖିଳଭାରତ ଗ୍ରାମ୍ୟ ଋଣ ସମୀକ୍ଷା କମିଟି ୧୯୬୯ ମସିହାରେ ତାଙ୍କ ରିପୋର୍ଟରେ ଏହି ଅସମତା କଥା ବିଶେଷଭାବେ ଉଲ୍ଲେଖ କଲେ । ଏହାର ପ୍ରତିକାରପାଇଁ କମିଟି କେତୋଟି ପ୍ରସ୍ତାବ ଦେଲେ । କମିଟିର ମତରେ ସାରା ଦେଶରେ କ୍ଷୁଦ୍ର ଚାଷୀମାନଙ୍କର ସ୍ୱତନ୍ତ୍ର ସମସ୍ୟାକୁ ଚିହ୍ନଟ କରିବା

ଅଧିକ ଉତ୍ପାଦନ ପାଇଁ ଦେଖା ଦେଇଥିବା ଅସୁବିଧା ଦୂରୀକରଣ ନିମନ୍ତେ ସେମାନଙ୍କୁ ସାହାଯ୍ୟ କରିବା ଏବଂ କିଭଳି ବ୍ୟବସ୍ଥା ଦ୍ୱାରା କ୍ଷୁଦ୍ରଚାଷୀମାନଙ୍କୁ ଏ ସମସ୍ତ ସୁବିଧା ଯୋଗାଇ ଦିଆଯିବ ତାର ଅନୁଧ୍ୟାନ ଲାଗି ଗୋଟିଏ ସ୍ୱତନ୍ତ୍ର ସଂସ୍ଥା ଗଠନ କରିବା ଆବଶ୍ୟକ ।

କମିଟିର ସୁପାରିଶ ଅନୁଯାୟୀ କ୍ଷୁଦ୍ର ଚାଷୀଙ୍କ ଆୟ ବୃଦ୍ଧି ଲାଗି ଚତୁର୍ଥ ଯୋଜନା କାଳରେ କ୍ଷୁଦ୍ର ଚାଷୀ ଏବଂ ନାମମାତ୍ର ଚାଷୀ ଓ କୃଷି ଶ୍ରମିକ ଉନ୍ନୟନ ସଂସ୍ଥା ଗଠନ କରାଗଲା । କୃଷି ଉତ୍ପାଦନ ବୃଦ୍ଧିରେ ସାହାଯ୍ୟ କରିବା ସଙ୍ଗେ ସଙ୍ଗେ କ୍ଷୁଦ୍ରଚାଷୀମାନଙ୍କୁ ଆନୁଷଙ୍ଗିକ ଧନ୍ଦା ଯୋଗାଇ ଦେବା ହେଲା ଏହିସବୁ ସଂସ୍ଥାର ମୌଳିକ ଲକ୍ଷ୍ୟ । ଚତୁର୍ଥ ଯୋଜନା କାଳରେ ଦେଶରେ ୪୬ଟି କ୍ଷୁଦ୍ରଚାଷୀ ଉନ୍ନୟନ ସଂସ୍ଥା ଏବଂ ୪୧ଟି ନାମମାତ୍ର ଚାଷୀ ଓ କୃଷିଶ୍ରମିକ ଉନ୍ନୟନ ସଂସ୍ଥା ଗଠନ କରାଗଲା । ପ୍ରତ୍ୟେକ କ୍ଷୁଦ୍ରଚାଷୀ ଉନ୍ନୟନ ସଂସ୍ଥା ପାଇଁ ଚିହ୍ନଟ କରାଯାଇଥିବା ପ୍ରାୟ ୫୦ ହଜାର କ୍ଷୁଦ୍ର ଚାଷୀଙ୍କୁ ସାହାଯ୍ୟ କରିବା ଲାଗି ଦେଢ଼ କୋଟି ଟଙ୍କାର ବ୍ୟୟ ବରାଦ କରାଗଲା । ସେହିପରି ୨୦ ହଜାର ନାମମାତ୍ର ଚାଷୀ ଏବଂ କୃଷି ଶ୍ରମିକଙ୍କୁ ସାହାଯ୍ୟ କରିବା ଲାଗି ପ୍ରତ୍ୟେକ ନାମମାତ୍ର ଚାଷୀ ଏବଂ କୃଷି ଶ୍ରମିକ ସଂସ୍ଥା ପାଇଁ ଏକ କୋଟି ଟଙ୍କାର ବ୍ୟୟ ବରାଦ କରାଗଲା । ୧୯୭୧-୭୨ ମସିହାରୁ ଆରମ୍ଭ କରି ପାଞ୍ଚବର୍ଷ ପାଇଁ ଏହି କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରାଯିବ ବୋଲି ସ୍ଥିର ହେଲା ।

ଜାତୀୟ କୃଷି କମିଶନଙ୍କ ସୁପାରିଶ ଅନୁଯାୟୀ ପଞ୍ଚମ ପଞ୍ଚବାର୍ଷିକ ଯୋଜନାରେ କ୍ଷୁଦ୍ର ଏବଂ ନାମମାତ୍ର ଚାଷୀମାନଙ୍କ ସମସ୍ୟାର ସମାଧାନ ଲାଗି ଗ୍ରହଣ କରାଯାଉଥିବା କାର୍ଯ୍ୟକ୍ରମରେ କେତେକ ପରିବର୍ତ୍ତନ କରାଗଲା । ଦାରିଦ୍ର୍ୟ ଦୂରୀକରଣକୁ ଆଖି ଆଗରେ ରଖି କୃଷି ଉତ୍ପାଦନ ବୃଦ୍ଧି ସହିତ ଦୁର୍ବଳ ଶ୍ରେଣୀର ଲୋକମାନଙ୍କୁ ସମାନ ସୁବିଧା ଯୋଗାଇ ଦେବା ଏବଂ ସାମାଜିକ ନ୍ୟାୟ ପ୍ରତିଷ୍ଠା କରିବା ଦିଗରେ କମିଶନ କେତେକ ସୁପାରିଶ କରିଥିଲେ । ଏହି ସୁପାରିଶ ଅନୁଯାୟୀ ପଞ୍ଚମ ପଞ୍ଚବାର୍ଷିକ ଯୋଜନାରେ କ୍ଷୁଦ୍ର ଏବଂ ନାମମାତ୍ର ଚାଷୀ ଉନ୍ନୟନ ସଂସ୍ଥାଗୁଡ଼ିକର କାର୍ଯ୍ୟକ୍ରମରେ କେତେକ ପରିବର୍ତ୍ତନ କରାଗଲା । ସେଗୁଡ଼ିକ ହେଲା:—(୧) କେତେକ ଅଞ୍ଚଳରେ ଉଭୟ ଉନ୍ନୟନ ସଂସ୍ଥାକୁ ମିଶାଇ ଗୋଟିଏ ସଂସ୍ଥା ଗଠନ କରିବା (୨) ଏକ ସ୍ୱତନ୍ତ୍ର କେନ୍ଦ୍ରୀୟ କାର୍ଯ୍ୟକ୍ରମ ଅନୁଯାୟୀ କେତେକ ବଡ଼ ବଡ଼ ଜିଲ୍ଲାରେ କ୍ଷୁଦ୍ର ଚାଷୀମାନଙ୍କୁ ଆ... ଷଙ୍ଗିକ ଧନ୍ଦା ଯୋଗାଇ ଦିଆଯିବା ସଙ୍ଗେ ସଙ୍ଗେ ... ଉତ୍ପାଦନ ବୃଦ୍ଧି ଉପରେ ଅଧିକ ଗୁରୁତ୍ୱ ଦିଆଯିବ... (୩) କେତେକ ନିର୍ଦ୍ଦିଷ୍ଟ ଅଞ୍ଚଳରେ ଭୂମିଉନ୍ନୟନ, ମୃତ୍ତି... ସଂରକ୍ଷଣ ଓ ଜଳସେଚନ ଆଦି କାର୍ଯ୍ୟକ୍ରମକୁ କା... କାରୀ କରିବା ଏବଂ ଏଥିଲାଗି କ୍ଷୁଦ୍ର ତଥା ନାମମା... ଚାଷୀଙ୍କୁ ରିହାତି ଦେବା ଏବଂ (୪) ରାଜ୍ୟ ସରକାର... ସହଯୋଗରେ ଶସ୍ୟ ସଂରକ୍ଷଣ କରିବା ବଜାର ... ସମ୍ପ୍ରସାରଣ ସୁବିଧା ଯୋଗାଇ ଦେବା ଲାଗି ଆବଶ୍ୟକ... କ୍ଷେତ୍ର ପ୍ରସ୍ତୁତ କରିବା ।

ସମାଜର ଦୁର୍ବଳ ଶ୍ରେଣୀର ଲୋକମାନଙ୍କୁ ସେମାନଙ୍କ... ଆୟ ବୃଦ୍ଧି ଲାଗି ସାହାଯ୍ୟ କରିବା ପାଇଁ ଯେଉଁ ... ନିଆଯାଇଥିଲା, କ୍ଷୁଦ୍ରଚାଷୀ ଉନ୍ନୟନ ସଂସ୍ଥା କାର୍ଯ୍ୟ... ହେଉଛି ତାର ଏକ ଅଂଶ ବିଶେଷମାତ୍ର । ମୋଟ ଲୋ... ସଂଖ୍ୟା ଦୃଷ୍ଟିରୁ ଦୁଇ ହେକ୍ଟରରୁ କମ୍ ଥିବା କ୍ଷୁ... ତଥା ନାମମାତ୍ର ଚାଷୀମାନଙ୍କର ସମସ୍ୟା ଯେ ବହୁ... ବେଶୀ, ଏଥିରେ ତିଳେମାତ୍ର ସନ୍ଦେହ ନାହିଁ ।

ଆମ ଦେଶର ଶତକଡ଼ା ୭୦ ଭାଗ ଚାଷ ଜମି... କ୍ଷୁଦ୍ର ତଥା ନାମମାତ୍ର ଚାଷୀମାନେ ଚାଷ କରନ୍ତି । ଏହା ସମୁଦାୟ ଚାଷ ଜମିର ଶତକଡ଼ା ୨୦ ଭାଗ । ବର୍ତ୍ତମାନ ଆମ ଦେଶରେ ଯେଉଁ ୧୬୦ଟି କ୍ଷୁଦ୍ରଚାଷୀ ଉନ୍ନୟନ ସଂସ୍ଥା କାର୍ଯ୍ୟ କରୁଛନ୍ତି, ତା'ର ଲକ୍ଷ୍ୟ ହେଉଛି ୧୦ ନିୟୁତ ଅର୍ଥାତ୍ ଆମ ଦେଶର ମୋଟ କ୍ଷୁଦ୍ର ତଥା ନାମମାତ୍ର ଚାଷୀଙ୍କ ମଧ୍ୟରୁ ଶତକଡ଼ା ୨୦ ଭାଗ ଚାଷୀଙ୍କୁ ସାହାଯ୍ୟ କରିବା । ଏହାଛଡ଼ା ଯେଉଁ କ୍ଷୁ... ଚାଷୀମାନେ ଅଣଜଳସେଚିତ ଅଞ୍ଚଳରେ ବାସ କରନ୍ତି, ସେମାନେ ଦାରିଦ୍ର୍ୟ ସୀମାରେଖା ତଳେ ପଡ଼ନ୍ତି ଏବଂ ଏହା ସମସ୍ୟାକୁ ଆହୁରି ଜଟିଳ କରୁଛି । ୧୯୬୦-୬୧ ଓ ୧୯୭୧—୭୩ ମସିହାର ଦରଦାମ ଅନୁଯାୟୀ ଅଧି- କାଂଶ କ୍ଷୁଦ୍ର ତଥା ନାମମାତ୍ର ଚାଷୀଙ୍କର ମୁଣ୍ଡପିଛା ଖର୍ଚ୍ଚ ଯଥାକ୍ରମେ ମାସିକ ୨୦ ଟଙ୍କା ଏବଂ ୩୨ ଟଙ୍କାରୁ କମ୍ ଥିଲା । ଗ୍ରାମାଞ୍ଚଳର ବିଭିନ୍ନ ଶ୍ରେଣୀର ଲୋକଙ୍କର ଆୟ ସ୍ତରରେ ଅସମତା ବୃଦ୍ଧି ପାଇଲେ, ତାହା ସାମାଜିକ ଉତ୍ତେଜନା ନିଶ୍ଚିତଭାବେ ସୃଷ୍ଟି କରିବ । ଫଳରେ ସାମାଜିକ ନ୍ୟାୟ ପ୍ରତିଷ୍ଠା କରି ଦେଶର ଅଭିବୃଦ୍ଧି ଘଟାଇବା ପାଇଁ ଆମେ ଯେଉଁ ଲକ୍ଷ୍ୟ ରଖିଛୁ ତାହା ନିଶ୍ଚୟ ବ୍ୟାହତ ହେବ ।

କ୍ଷୁଦ୍ର ଚାଷୀ ଉନ୍ନୟନ ସଂସ୍ଥା ଯେଉଁସବୁ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି, ମରୁଡ଼ି ଅଞ୍ଚଳ କାର୍ଯ୍ୟକ୍ରମ, କମାଣ୍ଡ ଏରିଆ ଉନ୍ନୟନ କାର୍ଯ୍ୟକ୍ରମ ଏବଂ ଆଦିବାସୀ ଉନ୍ନୟନ...

କାର୍ଯ୍ୟକ୍ରମ ପ୍ରଭୃତି କେନ୍ଦ୍ରୀୟ କାର୍ଯ୍ୟକ୍ରମର ଲକ୍ଷ୍ୟ ମଧ୍ୟ ଅନୁରୂପ । ଅଧିକ ଆୟପାଇଁ ଉତ୍ପାଦନ ଶକ୍ତି ବୃଦ୍ଧି କରିବା ଏବଂ ଅଧିକ କର୍ମନିଯୁକ୍ତି ସୁବିଧା ଯୋଗାଇବା ସାଧାରଣତଃ କେତୋଟି ବିଷୟ ଉପରେ ନିର୍ଭର କରେ । ସେଗୁଡ଼ିକ ହେଲା—

(୧) ନିର୍ଦ୍ଦିଷ୍ଟ ବୈଷୟିକ କୌଶଳ ଏବଂ ସେଗୁଡ଼ିକରେ କୃଷକମାନଙ୍କୁ ଉପଯୁକ୍ତ ତାଲିମ ପ୍ରଦାନ ।

(୨) ଋଣ ସମେତ ଆବଶ୍ୟକୀୟ ସରଞ୍ଜାମ ଯୋଗାଣ ।

(୩) ଗୋଦାମ୍ ତଥା ବଜାର ସୁବିଧା

(୪) ଉନ୍ନତ ସମ୍ପ୍ରସାରଣ ସେବା

ଉପରୋକ୍ତ ଉପାୟଗୁଡ଼ିକ ଅବଲମ୍ବନ କଲେ ଉତ୍ପାଦନ ଯେ ବଢ଼ିବ ସେଥିରେ କୌଣସି ସନ୍ଦେହ ନାହିଁ, କିନ୍ତୁ କ୍ଷୁଦ୍ର ଓ ନାମମାତ୍ର ଚାଷୀ ଏହି ଉପାୟଗୁଡ଼ିକ ବିଷୟରେ ସମ୍ପୂର୍ଣ୍ଣରୂପେ ଅବହିତ ନ ହେବା ପର୍ଯ୍ୟନ୍ତ ସୁଫଳ ଆଶା କରିବା ବୃଥା । ମୂଳକଥା ହେଲା ଉନ୍ନୟନ ଏବଂ ବୈଷୟିକ କୌଶଳ ସମ୍ପର୍କରେ କୃଷକମାନଙ୍କୁ ତାଲିମ ଦେବା । ଇତି ମଧ୍ୟରେ କୃଷି ସମ୍ପର୍କୀୟ ବୈଜ୍ଞାନିକ ଜ୍ଞାନର ବିଶେଷ ଅଗ୍ରଗତି ହେଲାଣି । ସବୁଜ ବିପ୍ଳବର ବଡ଼ ବଡ଼ ଚାଷୀମାନେ ଅଧିକ ଅମଳକ୍ଷମ ବିହନ ପ୍ରୟୋଗ କରି ଲାଭବାନ ହୋଇଥିଲେ ମଧ୍ୟ କ୍ଷୁଦ୍ର ଚାଷୀମାନେ ସେମାନଙ୍କ ତୁଳନାରେ ବିଶେଷ କିଛି ଲାଭବାନ ହୋଇପାରିନାହାନ୍ତି । ଏଥିପାଇଁ ନୂତନ ବୈଷୟିକ କୌଶଳ ସମ୍ପର୍କରେ କ୍ଷୁଦ୍ରଚାଷୀମାନଙ୍କୁ ତାଲିମ ଦିଆଯିବା ସଙ୍ଗେ ସଙ୍ଗେ ସେମାନଙ୍କୁ ଆବଶ୍ୟକୀୟ କୃଷି ସରଞ୍ଜାମ ଯୋଗାଇ ଦିଆଯିବା ଦରକାର । ତାହା ସହିତ ବଜାର ସୁବିଧା ଏବଂ ସମ୍ପ୍ରସାରଣ ସହଯୋଗ ମଧ୍ୟ ଯୋଗାଇ ଦିଆଯିବା ଆବଶ୍ୟକ ।

ନୂତନ ବୈଜ୍ଞାନିକ କୌଶଳ ସ୍ଥାଣୁ ଅବସ୍ଥାରେ ନାହିଁ ଦେଶର ବିଭିନ୍ନ ଅଞ୍ଚଳର ଜଳବାୟୁ ଅନୁଯାୟୀ କୃଷିର ଉନ୍ନତି ବିଧାନ କରିବା ଦିଗରେ ବୈଜ୍ଞାନିକ ଏବଂ ବିଶେଷଜ୍ଞମାନେ ସର୍ବଦା ଲାଗି ପଡ଼ିଛନ୍ତି । ଏ କ୍ଷେତ୍ରରେ କୃଷି ଇଞ୍ଜିନିୟରମାନଙ୍କ ଭୂମିକା ମଧ୍ୟ ଗୁରୁତ୍ୱପୂର୍ଣ୍ଣ । ସେଥିପାଇଁ ନୂତନ ବୈଜ୍ଞାନିକ କୌଶଳ ଅବଲମ୍ବନ ପ୍ରତି ବୈଜ୍ଞାନିକ ତଥା କୃଷି ଇଞ୍ଜିନିୟରମାନେ ମିଳିତଭାବେ ଉଦ୍ୟମ କରିବା ଉଚିତ ।

କୃଷିର ଆଧୁନିକ ଉପାୟ, ଅଧିକ ଅମଳକ୍ଷମ ବିହନ ପ୍ରୟୋଗ, ଖଣ୍ଡିଏ ଜମିରୁ ଏକାଧିକ ଫସଲ ଉତ୍ପାଦନ ଏବଂ ନିଯାତିଆ ଚାଷ ପଦ୍ଧତି ଅବଲମ୍ବନ କରାଯିବା ଫଳରେ ବଡ଼ ତଥା ଛୋଟଚାଷୀ ଉଭୟେ କୃଷି କାର୍ଯ୍ୟରେ ପୂରା ସମୟ ନିଯୁକ୍ତ ରହୁଛନ୍ତି । ବିଭିନ୍ନ କୃଷି କାର୍ଯ୍ୟ ଯଥା— ଜମି ସମତୁଲ, ଜଳର ପୂର୍ଣ୍ଣ ବିନିଯୋଗ, ଜଳସେଚନ ନିମନ୍ତେ ଜମି ପ୍ରସ୍ତୁତି, ବିହନ ତଥା ସାର ପ୍ରୟୋଗ ଏବଂ କୀଟାଣୁ ନାଶକ ଔଷଧ ପକାଇବା ପାଇଁ କୃଷକକୁ ପ୍ରକୃତରେ ଅଧିକ ସମୟ ଲାଗେନାହିଁ । କିନ୍ତୁ ଠିକ୍ ସମୟରେ ଏସବୁ କାମପାଇଁ ଆବଶ୍ୟକୀୟ ଶ୍ରମିକଙ୍କର ଅଭାବ ପଡ଼େ । ତେଣୁ ଗ୍ରାମାଞ୍ଚଳରେ କୃଷି ଶ୍ରମିକମାନଙ୍କୁ କର୍ମଚ୍ୟୁତ ନକରି ଏସବୁ କୃଷିକାର୍ଯ୍ୟ କିଛି ପରିମାଣରେ ଯନ୍ତ୍ରଦ୍ୱାରା କରାଯିବା ଦରକାର । ଏ କ୍ଷେତ୍ରରେ କୃଷି ଇଞ୍ଜିନିୟରମାନଙ୍କର ବିଶେଷ ଭୂମିକା ରହିଛି । କେତେକ କ୍ଷୁଦ୍ର ଚାଷୀଙ୍କର ଚାଷପାଇଁ ବଳଦ ଅଛି, କେତେକଙ୍କର ତାହାମଧ୍ୟ ନାହିଁ । ତେଣୁ ଯେଉଁମାନଙ୍କର ନିଜ ବଳଦ ନାହିଁ ସେମାନେ ବଳଦ ଥିବାବାଲା ପଡ଼ୋଶୀମାନଙ୍କ ଉପରେ ନିର୍ଭର କରନ୍ତି । ଯଦି କମ୍ ମୂଲ୍ୟର କୃଷି ଯନ୍ତ୍ରପାତି ଋଣ ସୂତ୍ରରେ ଛୋଟଚାଷୀମାନଙ୍କୁ ଯୋଗାଇ ଦିଆଯାଏ ତାହାହେଲେ ସେମାନେ ଉପକୃତ ହେବା ସଙ୍ଗେ ସଙ୍ଗେ ଆଧୁନିକ ପଦ୍ଧତିରେ ଚାଷବାସ କରିବା ପ୍ରତି ଉତ୍ସାହିତ ହେବେ ।

କୃଷକମାନଙ୍କୁ କୃଷି ଯନ୍ତ୍ରପାତିର ବ୍ୟବହାର ସମ୍ପର୍କରେ ତାଲିମ ଦିଆଯିବା ସଙ୍ଗେ ସଙ୍ଗେ ଛୋଟ ଛୋଟ ଚାଷ ଜମିକୁ ଚାଷ କରିବାଲାଗି ଆବଶ୍ୟକୀୟ ଯନ୍ତ୍ରପାତିର ଉନ୍ନତି କରାଯିବା ଆବଶ୍ୟକ । କୃଷି ଇଞ୍ଜିନିୟରମାନେ ଏ କ୍ଷେତ୍ରରେ ସମ୍ପ୍ରସାରଣ ସଙ୍ଗଠନକୁ ସାହାଯ୍ୟ କରିଥାନ୍ତି ।

ଅଉଗୋଟିଏ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ବିଦ୍ୟୁତ ତଥା ପଶୁଚାଳିତ କୃଷି ଯନ୍ତ୍ରପାତିର ରକ୍ଷଣାବେକ୍ଷଣ, ମରାମତି ଏବଂ ସେଥିଲାଗି ଆବଶ୍ୟକ ହେଉଥିବା ଯନ୍ତ୍ରାଂଶର ଯୋଗାଣ ସଂକ୍ରାନ୍ତରେ କୃଷକମାନଙ୍କୁ ଆବଶ୍ୟକୀୟ ସୁବିଧା ସୁଯୋଗ ଯୋଗାଇଦେବା । ଯଦିଓ କୃଷି ଯନ୍ତ୍ରପାତିର ଉତ୍ପାଦନ ଉପରେ ବିଶେଷ ଗୁରୁତ୍ୱ ଦିଆଯାଉଛି, ତାର ମରାମତି ତଥା ରକ୍ଷଣାବେକ୍ଷଣ ଦିଗରେ ସେତେ ଗୁରୁତ୍ୱ ଦିଆଯାଉନାହିଁ ।

ସମ୍ବଳ ତଥା ସମୟର ଅଭାବ ହେତୁ କ୍ଷୁଦ୍ରଚାଷୀ ପକ୍ଷରେ ବାରମ୍ବାର ସହରକୁ ଯାଇ ସେସବୁ ଯନ୍ତ୍ରପାତି ମରାମତ କରେଇବା ସବୁବେଳେ ସମ୍ଭବ ନୁହେଁ । ତେଣୁ

ଗ୍ରାମାଞ୍ଚଳରେ କୃଷି ଯନ୍ତ୍ରପାତି ମରାମତିର ସୁବିଧା ସୁଯୋଗ ବଢ଼ିବା ଆବଶ୍ୟକ ।

ଜମିକୁ ଟ୍ରାକ୍ଟର ସାହାଯ୍ୟରେ ହଳକରିବା, ଜମି ସମତୁଲ କରିବା, ଫସଲ କାଟିବା ଏବଂ ଅମଳ କରିବା ଆଦି କାର୍ଯ୍ୟ ଜଣେ କ୍ଷୁଦ୍ର କୃଷୀ ପକ୍ଷରେ ଏକା କରିବା କଷ୍ଟକର ହୋଇପାରେ । ଏଦିଗରେ କୌଣସି ସଙ୍ଗଠନ ପାରିଶ୍ରମିକ ନେଇ ତାକୁ ସାହାଯ୍ୟ କଲେ ସେ ଉପକୃତ ହେବ । ରାଜ୍ୟ କୃଷି ଶିଳ୍ପ କର୍ପୋରେସନ ଏ ଧରଣର ସୁବିଧା ଦେଉଥିଲେ ମଧ୍ୟ ସେମାନେ ଏ ପର୍ଯ୍ୟନ୍ତ ସୁଦୂର ଗ୍ରାମାଞ୍ଚଳ ମଧ୍ୟରେ ପ୍ରବେଶ କରି ପାରିନାହାନ୍ତି । କ୍ଷୁଦ୍ର ଶିଳ୍ପୋଦ୍ୟୋଗୀମାନଙ୍କ ଦ୍ୱାରା ପ୍ରତିଷ୍ଠିତ କୃଷି ସେବା-କେନ୍ଦ୍ର ଗୁଡ଼ିକ କୃଷକମାନଙ୍କୁ ଏ ଦିଗରେ ସାହାଯ୍ୟ କରୁଛନ୍ତି । କିନ୍ତୁ ବର୍ତ୍ତମାନ ସେମାନେ ଅଧିକ କ୍ଷୁଦ୍ର କୃଷୀଙ୍କୁ ଏ ପ୍ରକାର ସୁବିଧା ଯୋଗାଇ ଦେବାପାଇଁ ସମର୍ଥ ହୋଇପାରି ନାହାନ୍ତି । ଏ ଦିଗରେ କରିବାକୁ ବହୁତ କାମ ଯେ ବାକି ରହିଛି ତାହା କହିବା ନିଷ୍ପ୍ରୟୋଜନ ।

( ପି. ଆଇ. ବି. ସୌଜନ୍ୟରୁ )

## ଏଖସ୍ରାଜାତ ମାହାଲ୍ ସମସ୍ୟା ଖୁବ ଶୀଘ୍ର ସମାଧାନ ହେବ

ଏଖସ୍ରାଜାତ ମାହାଲର ଲୋକମାନଙ୍କ ମଧ୍ୟରେ ଯେଉଁ ଅସନ୍ତୋଷ ରହିଛି ଓ ସେ ସମ୍ବନ୍ଧରେ ଯେଉଁ ସମସ୍ୟାମାନ ଉପୁଜିଛି ତାହାର ସମାଧାନ ପାଇଁ ଆଶୁ ପଦକ୍ଷେପ ନିଆଯାଉଛି ବୋଲି ଘୋଷଣା କରି ସ୍ୱତନ୍ତ୍ର ଗୋଷ୍ଠୀ ଉନ୍ନୟନ ଓ ବିଦ୍ୟୁତ୍ ବିଭାଗ ମନ୍ତ୍ରୀ ଶ୍ରୀ ପ୍ରତାପ ଚନ୍ଦ୍ର ମହାନ୍ତି କହିଲେ ଯେ, ବର୍ତ୍ତମାନ ସବୁ ସମର ଜମି ଉପରୁ ରାଜ୍ୟ ସରକାର ଖଜଣା ଛାଡ଼ କରିଥିବାବେଳେ ଏଖସ୍ରାଜାତ ମାହାଲ ଜମିର ଖଜଣା ଆଦାୟ କରିବାର କୌଣସି ଯଥାର୍ଥତା ନାହିଁ । ଖୋରଧା ସବ୍‌ଡିଭିଜନ ଅନ୍ତର୍ଗତ ତାଳତୋଳାଠାରେ ଏକ ଜନସମାବେଶରେ ଉଦ୍‌ବୋଧନ ଦେଇ ରାଜସ୍ୱ ମନ୍ତ୍ରୀ କହିଲେ ଯେ ଏଖସ୍ରାଜାତ ମାହାଲ ଯଦିଓ ଜଗନ୍ନାଥଙ୍କର ନିଜସ୍ୱ ସଂପତ୍ତି, ତଥାପି ଭୂ-ରାଜସ୍ୱ ଆଦାୟ କରିବା ବା ଛାଡ଼ କରିବା ପାଇଁ ବିଭିନ୍ନ ସମୟରେ ଯେଉଁ ନିଷ୍ପତ୍ତି ନିଆଯାଇଛି ତାହା ଏ ଅଞ୍ଚଳ ପାଇଁ ଯେପରି ଲାଗୁ ହେବ, ସେ କଥା ସରକାର ନିଶ୍ଚୟ ଦେଖିବେ । ମାତ୍ର ଏ ଦିଗରେ ଜନ ସହଯୋଗ ନ ମିଳିଲେ କୌଣସି ନିଷ୍ପତ୍ତି ନେବା ସହଜସାଧ୍ୟ ହେବ ନାହିଁ ।

ସ୍ଥାନୀୟ ସମସ୍ୟାମାନ ଦର୍ଶାଇ ଦିଆଯାଇଥିବା ମାନପତ୍ରର ଉତ୍ତରରେ ମନ୍ତ୍ରୀ ମହୋଦୟ କହିଲେ ଯେ ପ୍ରତ୍ୟେକ ଗାଁକୁ ପାନୀୟ ଜଳ ଓ ବିଦ୍ୟୁତ ଯୋଗାଣ ପାଇଁ ଜନତା ସରକାର କାର୍ଯ୍ୟପନ୍ଥା ଗ୍ରହଣ କରୁଛନ୍ତି । ଫସଲ ଉତ୍ପାଦନ ପାଇଁ ଏବେ ଯେଉଁ ପାଣିର ଅଭାବ ଦେଖା ଦେଉଛି, ସେଥିରେ ଲୋକେ ହତୋତ୍ସାହ ନ ହୋଇ ଯେଉଁଠି ଯେମିତି ପାଣି ମିଳୁଛି, ତାର ସଦ୍‌ବ୍ୟବହାର କରନ୍ତୁ ଓ ଆଡ଼ି ବନ୍ଧମାନ ପକାଇ ଫସଲକୁ ରକ୍ଷା କରନ୍ତୁ । ଏ ଦିଗରେ ଆବଶ୍ୟକୀୟ ସାହାଯ୍ୟ ସରକାର ଯୋଗାଇ ଦେବାପାଇଁ ସେ ଦୃଢ଼ ପ୍ରତିଶ୍ରୁତି ଦେଇଥିଲେ । କାମ ପାଇଁ ଖାଦ୍ୟ ଯୋଜନା ଅନୁସାରେ କେନ୍ଦ୍ର ସରକାର ଆମକୁ ଯେଉଁ ଦଶ ହଜାର ଟନ୍ ଗହମ ଯୋଗାଇ ଦେଇଛନ୍ତି ତାହାର ସଦ୍‌ବ୍ୟବହାର କରି ଲୋକେ ବିଭିନ୍ନ କାର୍ଯ୍ୟ ହାସଲ କରନ୍ତୁ ବୋଲି ଶ୍ରୀ ମହାନ୍ତି ମତ ପ୍ରକାଶ କରିଥିଲେ । ବର୍ତ୍ତମାନର ରାଜନୈତିକ ପରିସ୍ଥିତି ସଂପର୍କରେ ସୂଚନା ଦେଇ ସେ କହିଲେ ଯେ ଗଣତନ୍ତ୍ରର ପୁନଃପ୍ରତିଷ୍ଠା କରି ଲୋକମାନଙ୍କୁ ନାଗରିକ ସ୍ୱାଧୀନତା ଫେରାଇ ଦେବାରେ ଜନତା ସରକାର ସକ୍ଷମ ହୋଇ ପାରିଛି । କେବଳ ସେତିକିରେ ସନ୍ତୁଷ୍ଟ ନ ହୋଇ ଜନସାଧାରଣ ସେମାନଙ୍କର ଶକ୍ତି ଦ୍ୱାରା ସରକାରଙ୍କୁ ଶକ୍ତିଶାଳୀ କରିପାରିଲେ ଦେଶର ବିକାଶ ସହଜ-ସାଧ୍ୟ ହେବ । ନିଜ ନିଜର ସମସ୍ୟାର ସମାଧାନ ଦିଗରେ ଲୋକେ କିପରି ପ୍ରତ୍ୟକ୍ଷ ଅଂଶ ଗ୍ରହଣ କରିପାରିବେ ସେଥିପାଇଁ ରାଜ୍ୟ ସରକାର ପଞ୍ଚାୟତରାଜର ପୁନଃପ୍ରବର୍ତ୍ତନ କରିବାକୁ ଯାଉଛନ୍ତି ଓ ଏହାର ସଫଳ ରୂପାୟନ ପାଇଁ ଜନ ଚେତନା ଏକାନ୍ତ ଆବଶ୍ୟକ ବୋଲି ସେ ଗୁରୁତ୍ୱ ଆରୋପ କରିଥିଲେ ।

# ନୃତାତ୍ତ୍ୱିକ ଦୃଷ୍ଟିକୋଣରୁ ଆମ ଆଦିବାସୀ

ଡକ୍ଟର ଶ୍ରୀଶ ପଟେଲ

ଆଦିବାସୀ ଶବ୍ଦଟି ଆଦିମ ଅଧିବାସୀରୁ ଉତ୍ପତ୍ତି ହୋଇଥିଲେହେଁ, ଜଙ୍ଗଲ ପାହାଡ଼ ଭିତରେ ଯେଉଁମାନେ ରହୁଛନ୍ତି, ସେମାନଙ୍କୁ ଆମେ ସାଧାରଣତଃ ଆଦିବାସୀ ବୋଲି ଆଖ୍ୟା ଦେଇଥାଉ । ଆର୍ଯ୍ୟମାନେ ଏହିମାନଙ୍କୁ ଅସୁର ଦାନବ, ନିଷାଦ, ଶବର ପ୍ରଭୃତି ନାମରେ ନାମିତ କରିଥିଲେ । ଆର୍ଯ୍ୟ ହେଉଛି ମଧ୍ୟ ଏକକ ଜାତିଏ ଗୋଷ୍ଠୀର ସଭ୍ୟତା ଏବଂ ତଦ୍‌ଭିନ୍ନ ଅନ୍ୟ ସମସ୍ତ ଅନାର୍ଯ୍ୟ ମାତ୍ର । ଏପରିକି, ମହେଞ୍ଜୋଦାରୋ ସମୟର ଅଧିବାସୀଗଣ ଅନାର୍ଯ୍ୟ ଗୋଷ୍ଠୀଭୁକ୍ତ । ସୁତରାଂ ଆର୍ଯ୍ୟ ଏବଂ ଅନାର୍ଯ୍ୟ ଯେପରି ଗୋଷ୍ଠୀ ବିଶେଷର ସଂଜ୍ଞା, ଆଦିବାସୀ ମଧ୍ୟ ସେହିପରି ଏକ ଶବ୍ଦ । ପୁନଶ୍ଚ କେଉଁମାନେ ପ୍ରକୃତରେ ଆଦିବାସୀ ଏବଂ କେଉଁମାନେ ଅଣଆଦିବାସୀ, ତାହାର କୌଣସି ନିର୍ଦ୍ଦିଷ୍ଟ ବୈଜ୍ଞାନିକ ବ୍ୟାଖ୍ୟାଦେବା ସହଜରେ ସମ୍ଭବ ନୁହେଁ ।

ଡକ୍ଟର ସୁନୀତି କୁମାର ଚଟ୍ଟୋପାଧ୍ୟାୟଙ୍କ ମତରେ, "ମଧ୍ୟ ବା ପୂର୍ବ ୟୁରୋପ ଅଥବା ରୁଷ୍ ଦେଶର ୟୁରାଲ ପର୍ବତମାଳାର ପାଦଦେଶ ଅନ୍ୟୁନ ଖ୍ରୀଷ୍ଟପୂର୍ବ ପାଞ୍ଚ ହଜାରରୁ ତିନି ହଜାର ବର୍ଷ ପୂର୍ବେ ଇଣ୍ଡୋ-ୟୁରୋପୀୟ ବା ଆଦି-ଆର୍ଯ୍ୟ ଜାତିର ଉତ୍ପତ୍ତି ସ୍ଥଳ ଥିଲା । *** *** ସମ୍ଭବତଃ ପ୍ରବଳ ଶୀତରୁ ରକ୍ଷା ପାଇବାପାଇଁ ଏମାନେ ଉତ୍ତର ଅଞ୍ଚଳରୁ ସମଶୀତୋଷ୍ଣ ଅଞ୍ଚଳକୁ ଚାଲିଆସିବାପାଇଁ ବାଧ୍ୟ ହୋଇଥିଲେ ।" ଏହି ଆର୍ଯ୍ୟଗଣ ବିଭିନ୍ନ ଗୋତ୍ରରେ ବିଭକ୍ତ ହୋଇଥିଲେ । ଯେଉଁମାନେ ମେସୋପଟାମିଆର ଟାଇଗ୍ରିସ ନଦୀ ପୂର୍ବ ଦିଗକୁ ଅଗ୍ରସର କରିଥିଲେ, ସେହିମାନେ ହେଉଛନ୍ତି ଇରାନ୍ ତଥା ଭାରତୀୟ ଆର୍ଯ୍ୟମାନଙ୍କର ଆଦି ବଂଶଧର । 'ପାର୍ଶ୍ୱ', 'ମଦ', 'ପାର୍ଥିବ' ଆଦି ଆର୍ଯ୍ୟ ଗୋଷ୍ଠିସବୁ ପାରସ୍ୟ ବା ଆଧୁନିକ ଇରାନରେ ରହିଗଲେ । 'କୁରୁ', 'ମଦ୍ର', 'ଶିବି' ଓ 'ପୁରୁ' ପ୍ରଭୃତି ଗୋତ୍ରର ଆର୍ଯ୍ୟଗଣ ସିନ୍ଧୁନଦୀ ପାରହୋଇ ଭାରତବର୍ଷରେ ପ୍ରବେଶ କରିଥିଲେ ।

ଅଥଚ ସେମାନଙ୍କ ଆଗମନ ପୂର୍ବରୁ ଭାରତବର୍ଷରେ ଅଷ୍ଟ୍ରିକ୍ ବା କୋଲ୍ଲ ଏବଂ ଦ୍ରାବିଡ ବଂଶୀୟ ଅଧିବାସୀମାନେ ବିସ୍ତାର ଲାଭ କରିଥିଲେ । ଆର୍ଯ୍ୟମାନଙ୍କ ସହିତ ଏମାନଙ୍କର ସଂଘର୍ଷ ଘଟିଥିବାର କେତେକ ପ୍ରମାଣ ଋକ୍-ବେଦର ସୂକ୍ତମାନଙ୍କରେ ବର୍ଣ୍ଣିତ ହୋଇଅଛି । ଆର୍ଯ୍ୟ ସଂସ୍କୃତି ଉପରେ ଅନାର୍ଯ୍ୟ ବା ଦ୍ରାବିଡ଼ ସଂସ୍କୃତିର ବହୁ ପ୍ରଭାବ ପଡ଼ିଛି । ମନ୍ଦିର ସ୍ଥାପନ ତଥା ଦେବତାମାନଙ୍କ ପୂଜାବିଧାନ ଆଦି ଦ୍ରାବିଡ଼ମାନଙ୍କ ମଧ୍ୟରେ ପ୍ରଚଳିତ ଥିବା ସ୍ଥଳେ ଆର୍ଯ୍ୟମାନଙ୍କ ମଧ୍ୟରେ ପ୍ରାକୃତିକ ଶକ୍ତି ସମୂହର ସ୍ତୁତି ଏବଂ ସେମାନଙ୍କ ସନ୍ତୋଷ ବିଧାନ ନିମନ୍ତେ ହୋମ, ଯଜ୍ଞ କରିବାର ବିଧି ପ୍ରଚଳିତ ଥିଲା । ଅଥଚ, କ୍ରମଶଃ ଆର୍ଯ୍ୟ ଓ ଅନାର୍ଯ୍ୟ ସଂସ୍କୃତିର ମିଶ୍ରଣରେ ଭାରତରେ ଏକ ନୂତନ ସଭ୍ୟତାର ସୂତ୍ରପାତ ଘଟିଥିଲା ।

'ହର ଗିରିଜା' ଏବଂ 'ପଞ୍ଚକନ୍ୟା' ପରିକଳ୍ପନାଦି, ଧାର୍ମିକ ତଥା ସାଂସ୍କୃତିକ କ୍ଷେତ୍ରରେ ସଂହତି ସ୍ଥାପନ ଉଦ୍ୟମର ଜ୍ୱଳନ୍ତ ନିଦର୍ଶନ । ସୁତରାଂ ପଞ୍ଚନଦୀର ଦ୍ରୌପଦୀ, ଗାଙ୍ଗେୟ ଉପତ୍ୟକାର ସୀତା, ମଧ୍ୟ ଦେଶର ଅହଲ୍ୟାଙ୍କ ସହିତ ଦାକ୍ଷିଣାତ୍ୟର ମନ୍ଦୋଦରୀ ଏବଂ ତାରା ମଧ୍ୟ ଅମର ପ୍ରାତଃ ସ୍ମରଣୀୟା । ସେହିପରି ଉତ୍କଳରେ ଅନାର୍ଯ୍ୟମାନଙ୍କ ଦେବତା 'ଜଗନ୍ନାଥ', ଆର୍ଯ୍ୟମାନଙ୍କର ଦେବତା 'ବିଷ୍ଣୁ'ଙ୍କ ପ୍ରତିରୂପ ଭାବେ ଯେଉଁଭଳି ଗୃହୀତ, ସେହିଭଳି ଅନାର୍ଯ୍ୟମାନେ ମଧ୍ୟ ଆର୍ଯ୍ୟମାନଙ୍କର ବେଦ, ଉପନିଷଦ ଆଦିକୁ ଗ୍ରହଣ କରିନେଇଥିଲେ ।

ନୃତତ୍ତ୍ୱବିତ୍ ଭନ୍ ଆଇକ୍‌ଷ୍ଟେଟ୍ (Von Eickstedt) ଭାରତର ଆଦିବାସୀମାନଙ୍କୁ ୩ଟି ପ୍ରଜାତି ବର୍ଗରେ ବିଭକ୍ତ କରିଛନ୍ତି । ତାଙ୍କ ମତରେ (୧) ଭେଡ୍‌ଡଏଡ୍ ବର୍ଗ (୨)ମେଲାନିଡ ବର୍ଗ (୩) ଇଣ୍ଡିଡ୍ ବର୍ଗ । ପ୍ରଥମୋକ୍ତ ବର୍ଗ ହେଉଛନ୍ତି, ପ୍ରାଚୀନ ଭାରତବାସୀ; ଦ୍ୱିତୀୟ ବର୍ଗ କୃଷ୍ଣ ଭାରତବାସୀ ଓ ତୃତୀୟ ବର୍ଗ ଆଧୁନିକ ଭାରତବାସୀ । ଭାରତ ସରକାରଙ୍କ ନୃତତ୍ତ୍ୱ ଅନୁସନ୍ଧାନ ବିଭାଗ ତରଫରୁ ଡକ୍ଟର ବିରଜା ଶଙ୍କର ଗୁହ ଅକ୍ଳାନ୍ତ ପରିଶ୍ରମ କରି ଭାରତର ଆଦିବାସୀଙ୍କୁ କେତେଗୁଡ଼ିଏ ବିଜ୍ଞାନସମ୍ମତ ଶ୍ରେଣୀରେ ବିଭକ୍ତ କରିଛନ୍ତି । ତନ୍ମଧ୍ୟରୁ ପ୍ରଧାନ କେତୋଟି ଆଲୋଚନା କରାଯାଉ । (୧) ପ୍ରୋଟୋ-ଅଷ୍ଟ୍ରେଲଏଡ୍ (Proto-Australaid)—ସିଂହଳର ଭେଡ୍‌ଡା (Vedda), ମଧ୍ୟ ଭାରତ ଓ ଦକ୍ଷିଣ ଭାରତର ଆଦିବାସୀ ଗୋଷ୍ଠୀ ଏବଂ ଅଷ୍ଟ୍ରେଲିଆର ଆଦିମ ଅଧିବାସୀମାନଙ୍କ ମଧ୍ୟରେ ଆକୃତିଗତ ସାମଞ୍ଜସ୍ୟ ରହିଛି । ସୁତରାଂ ବୈଜ୍ଞାନିକ-ମାନେ ଏମାନଙ୍କୁ ଏକ ପ୍ରଜାତିଭୁକ୍ତ ଭାବେ ଗ୍ରହଣ କରି-ଅଛନ୍ତି । ଏମାନଙ୍କ ମଧ୍ୟରେ ଭାରତରେ ଆଦିବାସୀମାନେ

ଉତ୍କଳରେ ଶବରକାୟ । ଭିଲ୍, କୋଲ୍ଲ, ବଡ଼ାଗା, ... ମୁଣ୍ଡା, ଭୂମିଜ ଆଦି ମଧ୍ୟ ଭାରତୀୟ ଅଧିବାସୀ; ... ପୁରୁଆ, ଏରୁଲା ଇତ୍ୟାଦି ଦକ୍ଷିଣ ଭାରତୀୟ ଅ... ଏବଂ ଗାଙ୍ଗେୟ ଉପତ୍ୟକାର କେତେକ ନିମ୍ନ ... ହିନ୍ଦୁଙ୍କୁ ପ୍ରୋଟୋ-ଅଷ୍ଟ୍ରାଲଏଡ୍ ବଂଶଭୁକ୍ତ କୋ... ଯାଏ ।

ଭାରତର ଆଦିବାସୀମାନଙ୍କର ନୃତାତ୍ତ୍ୱିକ ... ବିଭାଗ ନିମନ୍ତେ ଯେଉଁ କେତୋଟି ମୂଳ ... (ପ୍ରଜାତି)ର ପରିଚୟ ଆବଶ୍ୟକ, ତାହାର ... ଆଲୋଚନା କରାଯାଉ ।

ନେଗ୍ରିଟୋ, ପ୍ରାକ୍-ଅଷ୍ଟ୍ରେଲିୟ ଓ ମଙ୍ଗୋଲୀୟ ... ୩ଟି ପ୍ରଜାତିର ଶୋଣିତ ଭାରତର ବିଭିନ୍ନ ଆ... ଗୋଷ୍ଠୀର ଶରୀରରେ ପ୍ରବାହିତ । ନୃତତ୍ତ୍ୱ ବିଶ୍ଳେ... ମାନଙ୍କ ମତରେ ନିଗ୍ରୋ ନରବଂଶ ହିଁ ଭାରତର ପ୍ରା... ତମ ଅଧିବାସୀ । ଦକ୍ଷିଣ ଭାରତରେ ଏଭଳି କେ... ଆଦିବାସୀ ଗୋଷ୍ଠୀ ଅଛନ୍ତି, ଯେଉଁମାନଙ୍କୁ ପୃ... ପ୍ରାଚୀନତମ ମନୁଷ୍ୟଭାବେ ମଧ୍ୟ ଗ୍ରହଣ କରଯାଇପା... ନୀଳଗିରି ପାହାଡ଼, ଅନ୍ନାମଲାଇ ପାହାଡ ଓ ଦୁର୍ଗମ... ଅରଣ୍ୟ ଅଞ୍ଚଳରେ ରହୁଥିବା କୁରୁମ୍ବାର, କାଦି... ୟୁରୁଲାର ଓ ଏନାଡ଼ି ପ୍ରଭୃତି ଗୋଷ୍ଠୀ ପ୍ରାଚୀନତମ... ଜାତିର ଶାରୀରିକ ଗୁଣାବଳୀ ଅଦ୍ୟାପି ବଜାୟ ରଖି...

ଯା ହେଉ, ଅତି ବାସ୍ତବିକ୍ ଦୃଷ୍ଟିକୋଣରୁ ଦେଖି... ଗଲେ, ପୃଥିବୀର ବିଭିନ୍ନ ଭୌଗୋଳିକ ଅବସ୍ଥିତି ... ପାରିପାର୍ଶ୍ୱିକ ଅବସ୍ଥାର ତାରତମ୍ୟ ଯୋଗୁଁ ସେ... ବସବାସ କରୁଥିବା ଅଧିବାସୀମାନଙ୍କର ଶାରୀ... ଗଠନରେ ତାରତମ୍ୟ ପରିଲକ୍ଷିତ ହୋଇଥାଏ । ମା... ଶରୀରରେ ଏହି ରୂପତତ୍ତ୍ୱ ଓ ପରିମାପର ଅସାମ... କେବଳ ଗୁଣସୂତ୍ର (gene) ଗୁଡ଼ିକର ତାରତମ୍ୟ ଯୋ... ହିଁ ସମ୍ଭବପର ହୋଇଥାଏ । ସୁତରାଂ 'ପ୍ରଜାତି' ଶ... ବ୍ୟବହାର ଉପରେ ଅଧିକ ଗୁରୁତ୍ୱ ଆରୋପ କରି... ଆବଶ୍ୟକ । କୌଣସି ସ୍ୱାର୍ଥ ଦୃଷ୍ଟିରୁ 'ପ୍ରଜାତି'କୁ ଭ... ସାଂସ୍କୃତିକ ତଥା ନାଗରିକତ୍ୱ ସହିତ ଜଡ଼ିତ କରି... ବାଞ୍ଛନୀୟ ନୁହେଁ । ଯେହେତୁ ଦୈହିକ ବଂଶ... କ୍ରମିକ ନୁହେଁ, ପରନ୍ତୁ ଅନୁକୂଳନ (adaptation... ଯୋଗୁଁ ସମ୍ଭବପର ହୋଇଥାଏ । ଉଦାହରଣ ସ୍ୱ... କୌଣସି ଚୀନା ବଂଶଜ ବ୍ୟକ୍ତି ହୁଏତ ଇଂରେ... ନାଗରିକତ୍ୱ ଗ୍ରହଣ କରିନେଇ କେବଳ ଚାପଟା ... ବ୍ୟବହାର କରିପାରେ ।

ଏହି ପରିପ୍ରେକ୍ଷୀରେ ବିଚାର କଲେ 'ପ୍ରଜାତି' ଯେ ଗୋଟିଏ ଜୈବିକ ସଂକଳ୍ପନା ଏଥିରେ ସନ୍ଦେହ ନାହିଁ । ବୈଜ୍ଞାନିକ ଦୃଷ୍ଟିଭଙ୍ଗୀରେ, ଅର୍ଥାତ୍ ରକ୍ତଗତ ବିଶେଷତା, ମାନସିକ କାର୍ଯ୍ୟଦକ୍ଷତା, ଶାରୀରିକ କୁଶଳତା ଆଦି ତୁଳନାରେ କୌଣସି ପ୍ରଜାତି ଅନ୍ୟ ପ୍ରଜାତିଠାରୁ ଉତ୍କୃଷ୍ଟ ବା ନିକୃଷ୍ଟ ନୁହେଁ । କେବଳ ମାତ୍ର ପାରିପାର୍ଶ୍ୱିକ ପରିବେଷ୍ଟନୀ ତଥା ସୁବିଧା ସୁଯୋଗକୁ ବାଦ ଦିଆଯାଇପାରିଲେ, ବିଭିନ୍ନ ମାନବ ଗୋଷ୍ଠୀ ମଧ୍ୟରେ ଉନ୍ନତିର ସମ୍ଭାବନାରେ କୌଣସି ବୈଜିକ ବା ଦୈହିକ ବିଭେଦତା ଏବଂ ତାରତମ୍ୟ ଦୃଷ୍ଟିଗୋଚର ହୁଏ ନାହିଁ ।

ଅଧ୍ୟାପକ, ରମାଦେବୀ ଗୋପବନ୍ଧୁ ମହାବିଦ୍ୟାଳୟ, ଭୁବନେଶ୍ୱର

## ବିଶ୍ୱବିଦ୍ୟାଳୟ ଓ କଲେଜ ଶିକ୍ଷକମାନଙ୍କ ପାଇଁ ପଞ୍ଚମ ଯୋଜନା କାଳରେ ବିଶ୍ୱବିଦ୍ୟାଳୟ ମଞ୍ଜୁରୀ କମିଶନ ସୁପାରିଶ କରିଥିବା ଦରମା ହାର କାର୍ଯ୍ୟକାରୀ କରାଯିବ

୧୯୭୪ ଜାନୁଆରୀ ୧ ତାରିଖଠାରୁ ବିଶ୍ୱବିଦ୍ୟାଳୟ ଓ ଏହି ସହିତ ସଂଲଗ୍ନ ସରକାରୀ ତଥା ବେସରକାରୀ କଲେଜର ଶିକ୍ଷକମାନଙ୍କ କ୍ଷେତ୍ରରେ ପଞ୍ଚମ ଯୋଜନା କାଳରେ ବିଶ୍ୱବିଦ୍ୟାଳୟ ମଞ୍ଜୁରୀ କମିଶନଙ୍କ ସୁପାରିଶ ଅନୁଯାୟୀ ଦରମା ହାର କାର୍ଯ୍ୟକାରୀ କରିବା ନିମନ୍ତେ ରାଜ୍ୟ ସରକାର ନିଷ୍ପତ୍ତି ଗ୍ରହଣ କରିଛନ୍ତି ।

ରାଜ୍ୟରେ ଥିବା ସ୍ନାତକ ଓ ସ୍ନାତକୋତ୍ତର କଲେଜଗୁଡ଼ିକର ବିଭିନ୍ନ ଧରଣର ଚାକିରିଗୁଡ଼ିକ ନିମନ୍ତେ ୧୯୭୪ ଜାନୁଆରୀ ୧ ତାରିଖଠାରୁ ନିମ୍ନପ୍ରକାରର ସଂଶୋଧିତ ଦରମା ହାର ଲାଗୁ କରାହେବ । ଅଧ୍ୟାପକ : ଟ ୭୦୦—୪୦—୧,୧୦୦—୫୦—୧,୩୦୦—ମାନ ନିରୂପଣ—୫୦—୧,୬୦୦ ସ୍ନାତକ କଲେଜଗୁଡ଼ିକର ଅଧ୍ୟକ୍ଷ : ଟ ୧,୨୦୦—୫୦—୧,୩୦୦—୬୦—୧,୯୦୦ । ସ୍ନାତକୋତ୍ତର କଲେଜଗୁଡ଼ିକର ଅଧ୍ୟକ୍ଷ : ଟ ୧,୫୦୦—୬୦—୧,୮୦୦—୧୦୦—୨,୦୦୦—୧୨୫/୨—୨,୫୦୦ । ସଂପ୍ରତି ଚାକିରିରେ ରହିଥିବା ପ୍ରଫେସର ଟ ୧,୫୦୦—୬୦—୧୮୦୦—୧୦୦—୨୦୦୦—୧୨୫/୨—୨୫୦୦ ।

ରାଜ୍ୟ ସରକାର ବିଶ୍ୱବିଦ୍ୟାଳୟ ମଞ୍ଜୁରୀ କମିଶନଙ୍କ ଦରମା ହାର ସମେତ ୧୯୭୪ ଜୁନ୍ ୧ ତାରିଖଠାରୁ ବିଶ୍ୱବିଦ୍ୟାଳୟ ଓ କଲେଜ ଶିକ୍ଷକମାନଙ୍କୁ ମହଙ୍ଗା ଭତ୍ତା ଦେବାପାଇଁ ମଧ୍ୟ ସ୍ଥିର କରିଛନ୍ତି ।

କଲେଜଗୁଡ଼ିକରେ ରହିଥିବା ରିଡ଼ରମାନଙ୍କ ସମ୍ପର୍କରେ କେନ୍ଦ୍ର ସରକାରଙ୍କୁ ଅବଗତ କରାଯାଇଛି ଓ ସେମାନଙ୍କୁ ସ୍ୱପଦରେ ରଖିବା ନିମନ୍ତେ ଅନୁରୋଧ କରାଯାଇଛି । ଏହି ପ୍ରସ୍ତାବ କେନ୍ଦ୍ର ସରକାର ବିଚାର କରୁଛନ୍ତି ବୋଲି ଜଣାଇଛନ୍ତି । ଏ ସମ୍ପର୍କରେ କେନ୍ଦ୍ର ସରକାରଙ୍କ ବିଧିବଦ୍ଧ ନିଷ୍ପତ୍ତି କାର୍ଯ୍ୟକାରୀ ହେବା ପର୍ଯ୍ୟନ୍ତ ବର୍ତ୍ତମାନ ରିଡ଼ରମାନେ "ରିଡ଼ର" ପାହ୍ୟାରେ ରହିବେ କିନ୍ତୁ ସେମାନଙ୍କର ଦରମା ଟ ୭୦୦—୧୬୦୦ ହାରରେ ନିର୍ଦ୍ଧାରିତ ହେବ ।

ରାଜ୍ୟ ସରକାର ଆହୁରି ମଧ୍ୟ ନୀତିଗତ ଭାବେ ନିଷ୍ପତ୍ତି ଗ୍ରହଣ କରିଛନ୍ତି ଯେ:—

(କ) ତିନୋଟି ସ୍ନାତକୋତ୍ତର କଲେଜରେ ରହିଥିବା ପ୍ରଫେସରମାନଙ୍କ ସମେତ ସ୍ନାତକୋତ୍ତର ବିଭାଗଗୁଡ଼ିକୁ ସଂପୃକ୍ତ ବିଶ୍ୱବିଦ୍ୟାଳୟର ପୂର୍ଣ୍ଣ ନିୟନ୍ତ୍ରଣାଧୀନକୁ ହସ୍ତାନ୍ତରିତ କରାଯିବ କିମ୍ବା ତତ୍‌ପରିବର୍ତ୍ତେ,

(ଖ) ତିନୋଟି ସ୍ନାତକୋତ୍ତର କଲେଜ, ଯଥା:—ଗଙ୍ଗାଧର ମେହେର କଲେଜ, ସମ୍ବଲପୁର, ରେଭେନ୍‌ସା କଲେଜ, କଟକ ଓ ଖଲ୍ଲିକୋଟ କଲେଜ, ବ୍ରହ୍ମପୁରକୁ ବିଶ୍ୱବିଦ୍ୟାଳୟ ମଞ୍ଜୁରୀ କମିଶନଙ୍କ ପରିକଳ୍ପନା ଅନୁଯାୟୀ ଯଥାଯଥ ଭାବେ ପରୀକ୍ଷା ନିରୀକ୍ଷା ପରେ ସ୍ୱୟଂଶାସିତ କଲେଜରେ ପରିଣତ କରାଯିବ ।

# ଆପଣ ଜାଣନ୍ତି କି ?

❊ ଆପଣ ଜାଣନ୍ତି କି, ମୃତ୍ତିକା ସଂରକ୍ଷଣ ବିଭାଗ ତରଫରୁ ଓଡ଼ିଶାର ଜ
ଅଞ୍ଚଳରେ କାଜୁବାଦାମ, ମୁର୍ଗା, କଫି ଓ ସପୁରୀ ପ୍ରଭୃତି ବୃକ୍ଷପା
ବ୍ୟାପକ ବ୍ୟବସ୍ଥା ହୋଇଛି ।

❊❊ ଆପଣ ଏ ସବୁ ବୃକ୍ଷ ଏବଂ ଉତ୍ପାଦିତ ପଦାର୍ଥର ବ୍ୟବସାୟ କ
ଲାଭବାନ ହେବାକୁ ଚାହାନ୍ତି ?

❊❊❊ ତେବେ ବୃକ୍ଷ ଓ ବ୍ୟବସାୟ ଲାଗି କାଜୁବାଦାମ, ମୁର୍ଗା, ଦଉଡ଼ି ଏବ
ତନ୍ତୁ, କଫି, ମଞ୍ଜି ଓ ସପୁରୀ ପାଇବାପାଇଁ, ଯୁଗ୍ମ ନିର୍ଦ୍ଦେଶକ
ମୃତ୍ତିକା ସଂରକ୍ଷଣ ବିଭାଗ—ଭୁବନେଶ୍ୱରଙ୍କ ସହିତ ପରାମର୍ଶ କରନ୍ତୁ

ମନେ ରଖନ୍ତୁ :

ଏସବୁ ପଦାର୍ଥ ବୈଦେଶିକ ମୁଦ୍ରା ସଂଗ୍ରହରେ ସାହାଯ୍ୟ କରେ
ଆଦିବାସୀଙ୍କ ଜୀବନ ଧାରଣର ମାନବୃଦ୍ଧି କରେ, ଦେଶର ଜାତୀୟ
ସମ୍ପଦ ବୃଦ୍ଧି କରେ ।

ଯୁଗ୍ମ ନିର୍ଦ୍ଦେଶକ
ମୃତ୍ତିକା ସଂରକ୍ଷଣ ସଂସ୍ଥା
ଭୁବନେଶ୍ୱର

ଫୋନ—୫୯୮୪୦

ଗ୍ରାମ୍—ORISOIL

# ଜୟପ୍ରକାଶଜୀଙ୍କ ସଂପୂର୍ଣ୍ଣ ବିପ୍ଳବ

## ଏକ ଦୃଷ୍ଟି ପାତ

ଶ୍ରୀ ଗୁରୁପ୍ରସାଦ ମହାପାତ୍ର

୧୯୪୭ ରେ ଭାରତ ବର୍ଷ ସ୍ୱାଧୀନତା ପ୍ରାପ୍ତି ପରେ ଦେଶରେ କଂଗ୍ରେସଦଳ ପ୍ରଥମ କରି ସ୍ୱାଧୀନ ସରକାର ଗଠନ କଲେ । ଏବଂ ସେତେବେଳେ ଏହି ଦଳ ଧାରଣା ଦେଲେ ଯେ ସେମାନେ ଜାତିର ପିତା ଗାନ୍ଧିଜୀଙ୍କ ଆଦର୍ଶରେ ଦେଶର ସାମାଜିକ, ଅର୍ଥନୀତିକ ଓ ରାଜନୈତିକ ସମସ୍ୟାଗୁଡ଼ିକ ସମାଧାନ କରିବାର ଉଦ୍ୟମ କରିବେ । ଅବଶ୍ୟ ସ୍ୱୟଂ ଗାନ୍ଧିଜୀଙ୍କର ମତଥିଲା ଯେ କଂଗ୍ରେସ ଆଉ ଏକ ରାଜନୈତିକ ଦଳରୂପେ କାର୍ଯ୍ୟ ନକରି ଏକ ସମାଜସେବୀ ସଂସ୍ଥା ରୂପେ ଦେଶରେ ତାଙ୍କ ପ୍ରବର୍ତ୍ତିତ ଗଠନାତ୍ମକ କାର୍ଯ୍ୟକ୍ରମ ଚଳାଉ ରଖୁ । ବିଶେଷ କରି କଂଗ୍ରେସର ଶାସନ କ୍ଷମତା ହାତକୁ ନେବା ବ୍ୟାପାରଟିକୁ ଗାନ୍ଧିଜୀ ବିଶେଷ ପସନ୍ଦ କରୁ ନ ଥିଲେ । କିନ୍ତୁ ଇତିହାସର ଗତି ବିଚିତ୍ର । କଂଗ୍ରେସ ଦଳହିଁ ଆଜିପର୍ଯ୍ୟନ୍ତ ଭାରତବର୍ଷର ଶାସନ ଡୋରି ନିଜ ହାତରେ ରଖିଥିଲେ । ମୂଳରୁ ଅର୍ଥାତ୍ ୧୯୪୭-୪୮ ବେଳକୁ ଖୋଦ୍ କଂଗ୍ରେସ ଦଳ ଭିତରେ ବି ବହୁ ପ୍ରକାର ମତାଦର୍ଶାବଲମ୍ବୀ ସଭ୍ୟ ରହିଥିଲେ ଓ ସେମାନେ ନିଜ ନିଜ ମତାଦର୍ଶାନୁଯାୟୀ ଦେଶର ଶାସନକୁ ପରିଚାଳନା କରିବାକୁ ଉଦ୍ୟମ କରୁଥିଲେ । ସେତେବେଳେ ବି କଂଗ୍ରେସ ଦଳ ଭିତରେ ବାମପନ୍ଥୀ ଓ ଦକ୍ଷିଣପନ୍ଥୀ ଗୋଷ୍ଠୀ ରହିଥିଲେ । ଜବାହାରଲାଲ ନିଜେଥିଲେ ଭିତରେ ଭିତରେ ଜଣେ ପକ୍କା ସମାଜବାଦୀ ନେତା । ଅବଶ୍ୟ ତାଙ୍କର ସମାଜବାଦ ଗାନ୍ଧିଜୀଙ୍କ ଆଦର୍ଶକୁ ଅତିକ୍ରମ କରି ପାରୁ ନ ଥିଲା । ହେଲେ ବି କଂଗ୍ରେସ ଦଳ ଭୁବନେଶ୍ୱର ଅଧିବେଶନ ପର୍ଯ୍ୟନ୍ତ ନିଜର ଅଭିମୁଖ୍ୟ ସ୍ପଷ୍ଟତଃ ପ୍ରକାଶ କରି ନ ଥିଲେ । ୧୯୬୪ ଭୁବନେଶ୍ୱର ଅଧିବେଶନରେ ହିଁ କଂଗ୍ରେସ "ଗଣତାନ୍ତ୍ରିକ ସମାଜବାଦ" ନାମରେ ଏକ ସୁସ୍ପଷ୍ଟ ଅଭିମୁଖ୍ୟ ଗ୍ରହଣ କଲେ ବୋଲି ଘୋଷଣା କଲେ । ଅବଶ୍ୟ "ଗଣତାନ୍ତ୍ରିକ ସମାଜବାଦ" କଥାଟି ଭିତରେ କେତେ ପରିମାଣରେ ଗାନ୍ଧି-ଦର୍ଶନ ରହିଛି ଓ ତାହା ଆଜିପର୍ଯ୍ୟନ୍ତ କେତେଦୂର କି ପ୍ରକାରରେ କାର୍ଯ୍ୟରେ ପରିଣତ ହୋଇଛି, ତାର ବିସ୍ତୃତ ବିଶ୍ଳେଷଣ କରିବାର ସ୍ଥାନ ସ୍ୱତନ୍ତ୍ର । କିନ୍ତୁ ଦେଖାଯାଉଥିଲା-ସେପରିଭଳି ଥିଲା ଯେ ଦେଶରେ ସମାଜବାଦ ୧୯୭୭ ମସିହା ସୁଦ୍ଧା ଯାହା ମୋଟାମୋଟି ସେତିକିଦୂର କାର୍ଯ୍ୟକାରୀ ହୋଇଛି, ତାର ବହୁଗୁଣ ପର୍ଯ୍ୟନ୍ତ ଜନସାଧାରଣଙ୍କ ଗଣତାନ୍ତ୍ରିକ ଅଧିକାର ଓ ମର୍ଯ୍ୟାଦା କ୍ଷୁର୍ଣ୍ଣ ହୋଇ ଚାଲିଛି । ବିଭିନ୍ନ କ୍ଷେତ୍ରରେ ଶାସକ ଦଳର ଅଭିମୁଖ୍ୟ ଯେତେ ପରିମାଣରେ ପ୍ରକଟିତ ହେଲା, ସେତିକି ପରିମାଣରେ ପ୍ରକାଶିତ ହୋଇ ପାରିନାହିଁ । କେବଳ ଶାସନ କ୍ଷମତା ଅଧିକାର କରିବା ଓ ଅନ୍ୟକୁ ଶାସନ କ୍ଷମତାଚ୍ୟୁତ କରିବାର ଷଡଯନ୍ତ୍ର କରିବା-ଏହି କାର୍ଯ୍ୟରେ ଦେଶର ବହୁ ରାଜନୀତିକ ନେତା ଲାଗି ରହିଲେ ।

ଏଣେ ଶାସନ ଓ ସମାଜର ପ୍ରତି ସ୍ତରରେ ଅନ୍ୟାୟ, ଭ୍ରଷ୍ଟାଚାର, ବିଶୃଙ୍ଖଳା ଓ ଦୁର୍ନୀତିର କୁଫଳ ଅନୁଭୂତ ହେବାକୁ ଲାଗିଲା । ବହୁ କ୍ଷେତ୍ରରେ ନେତୃସ୍ଥାନୀୟ ବ୍ୟକ୍ତିମାନଙ୍କର କଥା ଓ କାର୍ଯ୍ୟରେ ସାମଂଜସ୍ୟ ରହିଲା ନାହିଁ, ମନେହେଲା ସମସ୍ତେ ଯେପରି ଗାନ୍ଧିଜୀ ଓ ତାଙ୍କର ଆଦର୍ଶକୁ ଭୁଲି ଗଲେଣି । ଅବଶ୍ୟ ୧୯୫୦ ଠାରୁ ୧୯୫୫-୫୬ ପର୍ଯ୍ୟନ୍ତ ବିଶିଷ୍ଟ ଗାନ୍ଧିବାଦୀ ସନ୍ଥ ନେତା ବିନୋବା ଭାବେଙ୍କ ନେତୃତ୍ୱରେ ସର୍ବୋଦୟ ଏବଂ ଭୂଦାନ ଆନ୍ଦୋଳନ ଦେଶର ସାମାଜିକ ସ୍ତରରେ ଖୁବ୍ ଗୋଟାଏ ଆଲୋଡନ ସୃଷ୍ଟି କଲା । ମାତ୍ର ଏହାର ସାମାଜିକ ପ୍ରଭାବ ବେଶ୍ ବଳିଷ୍ଠ ହୋଇଥିଲେ ବି ଶାସନ ବ୍ୟବସ୍ଥା ଉପରେ ଏହା ବିଶେଷ କିଛି ପ୍ରଭାବ ପକାଇ ପାରିଲା ନାହିଁ । ୧୯୭୨-୭୩ ମସିହା ବେଳକୁ ଦେଶର ସର୍ବତ୍ର ଏକ ନୈରାଶ୍ୟବାଦର କୁହୁଡ଼ି ଘୋଟିଗଲା ପରି ମନେହେଲା ।

କିନ୍ତୁ ଏହି ନୈରାଶ୍ୟର କୁହେଳି ଭେଦକରି ସେ ଆବିର୍ଭୂତ ହେଲେ ଜ୍ୱଳନ୍ତ ସୂର୍ଯ୍ୟପରି । ସେଇ ହେଉଛନ୍ତି ଆମର ଲୋକନାୟକ ଜୟପ୍ରକାଶ ନାରାୟଣ । ବର୍ତ୍ତମାନ ସତ୍ୟାଗ୍ରହୀ ଗାନ୍ଧିବାଦୀ ବିପ୍ଳବୀ ନେତା ରୂପେ ଦେଶ ତାଙ୍କର ଜୟଗାନ କରୁଛି । ଦିନଥିଲା ଯେତେବେଳେ ସମଗ୍ର ଭାରତବର୍ଷ ଜବାହାରଲାଲଙ୍କ ପରେ କିଏ ? ଏହି ପ୍ରଶ୍ନର ଉତ୍ତରରେ "ଜୟ ପ୍ରକାଶ ନାରାୟଣ" ବୋଲି ବହୁ ତୁଣ୍ଡରୁ ସ୍ୱତଃ ବାହାରିପଡୁଥିଲା । ମାତ୍ର ଅନେକ କାରଣରୁ ଜୟ ପ୍ରକାଶ ଶାସନ କ୍ଷମତା ଘେର ଭିତରେ ପ୍ରବେଶ ନକରି ଗାନ୍ଧିଜୀଙ୍କ ଆଦର୍ଶରେ ସର୍ବୋଦୟ ଏବଂ ରଚନାତ୍ମକ କାର୍ଯ୍ୟକ୍ରମ ଭିତରେ ରହି ସମାଜର ସେବା ଭିତରେ ନିଜକୁ ବୁଡ଼ାଇ ରଖିଥିଲେ । ଚମ୍ବଲ ଉପତ୍ୟକାରେ ଦସ୍ୟୁ ଡକାୟତମାନଙ୍କର ହୃଦୟ ପରିବର୍ତ୍ତନ ଘଟଣା ଭଳି ଅସମ୍ଭବକୁ ସମ୍ଭବ କରିଥିଲେ ଜୟପ୍ରକାଶଜୀ । ଏ ଘଟଣା ଅବଶ୍ୟ ସମସ୍ତଙ୍କର ସ୍ମରଣ ଥିବ, ରାଜନୀତି ସଙ୍ଗେ ବା ଶାସନ ବ୍ୟବସ୍ଥା ସଙ୍ଗେ ସେ କୌଣସି ସଂପର୍କ ଇ ରଖି ନଥିଲେ । ମାତ୍ର ବହୁଦିନ ସେ ସେପରି ଭାବେ ରହି ପାରିଲେ ନାହିଁ ।

୧୯୭୦ ଠାରୁ ତାଙ୍କର କର୍ମଧାରାର ପରିବର୍ତ୍ତନ ଲକ୍ଷ୍ୟ କରାଗଲା । ଦେଶରୁ ଭ୍ରଷ୍ଟାଚାର, ଅନ୍ୟାୟ, ଦୁର୍ନୀତି, ବିଶୃଙ୍ଖଳାଦି ଉନ୍ନତି-ଅବରୋଧକ ଶକ୍ତିମାନଙ୍କ ମୁକାବିଲା କରିବାକୁ ସେ ସମଗ୍ର ଦେଶକୁ ଆହ୍ୱାନ ଦେଲେ । ଏଥିଲାଗି ପ୍ରଥମେ ସେ ଦେଶର ଯୁବସମାଜ ଓ ଛାତ୍ରଛାତ୍ରୀମାନଙ୍କୁ ବିପ୍ଳବ କରିବାଲାଗି ପ୍ରବର୍ତ୍ତନା ଦେଲେ । ଅତ୍ୟାଚାର ଓ ଅନ୍ୟାୟ ବିରୁଦ୍ଧରେ ଅହିଂସା ବିଦ୍ରୋହ କରିବାଲାଗି ଏହି ଦୁଃସାହସିକ ଅଭିଯାନରେ ... ଦେଶ ମାତି ଉଠିଲା । ଫଳରେ ତାଙ୍କୁ ଶାସକଗୋଷ୍ଠୀର ରୋଷ ଦୃଷ୍ଟିରେ ପଡ଼ିବାକୁ ହେଲା ଏବଂ ୧୯୭୫ରେ ... ଅନ୍ୟାନ୍ୟ ବିପ୍ଳବୀ ନେତୃବୃନ୍ଦଙ୍କ ସହିତ କାରାଗାରରେ ଆବଦ୍ଧ ହେଲେ । ବିପ୍ଳବବେଳେ ତାଙ୍କର ... "ମନ୍ତ୍ର; ଅବ ହମାରା ଲକ୍ଷ୍ୟ ସଂପୂର୍ଣ୍ଣ କ୍ରାନ୍ତି ହୈ।" ... ଦ୍ୱିତୀୟ ଆହ୍ୱାନ ଥିଲା—

"ସଂପୂର୍ଣ୍ଣ କ୍ରାନ୍ତି ଅବ୍ ନାରା ହୈ
ଭାବି ଇତିହାସ ହମାରା ହୈ।"

## ସଂପୂର୍ଣ୍ଣ ବିପ୍ଳବ

କିନ୍ତୁ ଜୟ ପ୍ରକାଶ ଏହି ଯେଉଁ "ସଂପୂର୍ଣ୍ଣ ବିପ୍ଳବ" କଥା ଉଠାଇଲେ, ତାହା ସେ ପର୍ଯ୍ୟନ୍ତ ଜନସାଧାରଣଙ୍କ ଚିତ୍ତରେ ସ୍ପଷ୍ଟ ହୋଇନଥିଲା । ତଥାପି ସମସ୍ତେ ଏତିକି ଅନ୍ତତଃ ବୁଝୁଥିଲେ ଯେ ଉନ୍ନତ ସାମାଜିକ ଜୀବନ ପାଇଁ ବିପ୍ଳବ ଅବଶ୍ୟମ୍ଭାବୀ । କେତେକ ଲୋକମାନେ କିନ୍ତୁ ସଂପୂର୍ଣ୍ଣ ବିପ୍ଳବ କହିଲେ ଲୋକେ ବୁଝୁଥିଲେ ଯେ ସାମାଜିକ ଜୀବନର ପ୍ରତ୍ୟେକ ସ୍ତରରୁ ଆବର୍ଜନା ଦୂର କରିବା ପାଇଁ କ୍ରାନ୍ତି ବା ବିପ୍ଳବ ଆବଶ୍ୟକ । କିନ୍ତୁ ଏହି ବିପ୍ଳବ କଣ କେବଳ ରାଜନୈତିକ ନା କେବଳ ଅର୍ଥନୈତିକ ?

ଗତ ଲୋକସଭା ନିର୍ବାଚନରେ ପ୍ରତିଷ୍ଠିତ ଶାସକ ଦଳର ପରାଜୟ ଘଟି ଜନତାଦଳ ଦେଶର ଶାସନଭାର ହାତକୁ ନେଲେ । ଏହି ଐତିହାସିକ ପରିବର୍ତ୍ତନ ପଛରେ ଜୟପ୍ରକାଶଙ୍କ ନେତୃତ୍ୱ ନିଃସନ୍ଦେହରେ କାର୍ଯ୍ୟ କରୁଥିଲା । କିନ୍ତୁ ଜୟପ୍ରକାଶଜୀ ନିଜେ କହନ୍ତି ଯେ, ସରକାର ବଦଳିଗଲେ ବା ବ୍ୟକ୍ତିବିଶେଷର ସ୍ଥାନାନ୍ତର ଘଟିଲେ ଯେ ସମାଜର ପରିବର୍ତ୍ତନ ହୋଇଯିବ ତା' ନୁହେଁ । ଉନ୍ନତିର ବା ଅଗ୍ରଗତିର ପ୍ରତିକୂଳ ଶକ୍ତିମାନଙ୍କର ଚେର ସାମାଜିକ ଭିତ୍ତିର ଖୁବ୍ ଗଭୀରରେ ରହିଛି ଏବଂ ପ୍ରଗତି-ବିରୋଧି ଶକ୍ତିମାନେ ବ୍ୟକ୍ତିବିଶେଷର ଅନ୍ତଃ ଚେତନାରେ ଲୁଚି ରହି ସବୁ ଉନ୍ନତିକୁ ପ୍ରତିହତ କରିବାରେ ଉଦ୍ୟମ ଅବ୍ୟାହତ ରଖିଥାନ୍ତି । ଏହି ଅପଶକ୍ତିର ମୂଳୋତ୍ପାଟନ ପାଇଁ ସଂପୂର୍ଣ୍ଣ ବିପ୍ଳବର ଅନବରତ ଚାଲୁରଖିବା ଆବଶ୍ୟକ ।

ଜୟପ୍ରକାଶଜୀ ଆବାଲ୍ୟରୁ ଶ୍ରୀମଦ୍ ଭଗବଦ୍ଗୀତା ଦ୍ୱାରା ପ୍ରଭାବିତ ହୋଇଥିଲେ ଏବଂ ତାଙ୍କର ... ଯୌବନରେ ମାର୍କ୍ସ ଚିନ୍ତାଧାରା ଦ୍ୱାରା ପ୍ରଭାବିତ ହୋଇଥିଲେ ଏବଂ ତାଙ୍କର ସମଗ୍ର ଜୀବନ ଉପରେ ... ଗାନ୍ଧିଜୀଙ୍କର ବ୍ୟକ୍ତିତ୍ୱ ଓ ଜୀବନ ଦର୍ଶନ ପ୍ରଭାବ ...

କରିଥିଲେ । ତେଣୁ ସହଜରେ କହିହେବ ଯେ, ତାଙ୍କର ସଂପୂର୍ଣ୍ଣ ବିପ୍ଳବର ଧାରଣା ଏହି ତିନି ବିଶିଷ୍ଟ ଚେତନା ଦ୍ୱାରା ପ୍ରଭାବିତ । ଜୟପ୍ରକାଶଜୀ ସଂପୂର୍ଣ୍ଣ ବିପ୍ଳବ ଉପରେ ତାଙ୍କର ଧାରଣାକୁ ଶୃଙ୍ଖଳିତ ଭାବେ ପ୍ରକାଶ କରିଥିଲେ ଚଣ୍ଡୀଗଡ଼ ଜେଲରେ ଥିବା ସମୟରେ । (Prison D ary).

ସଂପୂର୍ଣ୍ଣ ବିପ୍ଳବକୁ ସେ ସାତ ଭାଗରେ ବିଭକ୍ତ କରିଥିଲେ । ୧—ସାମାଜିକ କ୍ରାନ୍ତି, ୨—ଅର୍ଥନୈତିକ କ୍ରାନ୍ତି, ୩—ନୈତିକ କ୍ରାନ୍ତି, ୪—ସାଂସ୍କୃତିକ କ୍ରାନ୍ତି, ୫—ବୌଦ୍ଧିକ କ୍ରାନ୍ତି, ୬—ଶୈକ୍ଷଣିକ କ୍ରାନ୍ତି, ୭.....ଆଧ୍ୟାତ୍ମିକ କ୍ରାନ୍ତି, ଉପରୋକ୍ତ କ୍ରାନ୍ତି ବା ବିପ୍ଳବଗୁଡ଼ିକର ସଂଖ୍ୟା ଆବଶ୍ୟକତା ଅନୁଯାୟୀ ବୃଦ୍ଧି କରାଯାଇପାରେ ବା କମାଯାଇପାରେ । ସାମାଜିକ ଜୀବନରେ ପ୍ରତ୍ୟେକ ସ୍ତରରେ କ୍ରାନ୍ତିକାରୀ ପରିବର୍ତ୍ତନ ଆଣି ସାମାଜିକ ଜୀବନରୁ ନାନା କୁସଂସ୍କାର ତଥା କୁପ୍ରଥାଦି ଦୂରୀକରଣ କରିବା ଏହି କ୍ରାନ୍ତିର ମୁଖ୍ୟ ଉଦ୍ଦେଶ୍ୟ । ପ୍ରଚଳିତ ଅର୍ଥନୀତିକୁ ବଦଳାଇ ଏକ ନୂତନ ଅର୍ଥନୀତି ନିର୍ଭର ସ୍ୱୟଂ ସମୃଦ୍ଧ ସମାଜ ଗଠନ ଆର୍ଥିକ କ୍ରାନ୍ତିର ଉଦ୍ଦେଶ୍ୟ । ସେହିପରି ଦେଶର ରାଜନୈତିକ ପରିସ୍ଥିତିକୁ ଏପରି-ଭାବେ ବଦଳାଇବାକୁ ପଡ଼ିବ, ଯେପରିକି ଗଣତନ୍ତ୍ର ବିରୋଧୀ ଶକ୍ତିମାନେ ଆପଣାଛାଏଁ ଦୁର୍ବଳ ହୋଇ ପଡ଼ିବେ । ଏହିପରିଭାବେ ମଧ୍ୟ ସମସ୍ତ ବିଷୟରେ କ୍ରାନ୍ତି ବା ପରିବର୍ତ୍ତନ ଆବଶ୍ୟକ ଯେପରିକି, ପ୍ରତ୍ୟେକ ପରିବାରକୁ ଦେଶର ଉପଯୁକ୍ତ ଅନୁସଂସ୍ଥାନ ଏବଂ ଉନ୍ନତ ଜୀବନ-ଧାରଣର ସୁଯୋଗ ଦିଆଯାଇ ପାରିବ । କିନ୍ତୁ ଏହା ଏତେ ସହଜ କଥା ନୁହେଁ, ସେଥିପାଇଁ ଜୟପ୍ରକାଶଙ୍କ ମତରେ ଲଘୁ ଉଦ୍ୟୋଗ, ଗ୍ରାମ ଉଦ୍ୟୋଗ ଏବଂ ମଧ୍ୟମ ଶ୍ରେଣୀର ଉଦ୍ୟୋଗଙ୍କୁ ଅଧିକ ଉତ୍ସାହିତ କରାଯିବା ଉଚିତ ଏବଂ ଏ ସବୁର ବ୍ୟାପକ ବିକାଶ ଅତ୍ୟନ୍ତ ଆବଶ୍ୟକ । ଏଥିରେ ଗ୍ରାମବାସୀଙ୍କର ସମୂହ ଶିକ୍ଷା ଉପରେ ଅଧିକ ପ୍ରାଧାନ୍ୟ ଦିଆଯାଇଛି । ପ୍ରତି ବିଦ୍ୟାଳୟରେ କୃଷି, ଗ୍ରାମୋଦ୍ୟୋଗ, ନୂତନ ସମାଜ ବ୍ୟବସ୍ଥା ତଥା ଉନ୍ନତ ନୈତିକ ଜୀବନ ଧାରଣ ସମ୍ବନ୍ଧୀୟ ଶିକ୍ଷା ଉପରେ ପ୍ରାଧାନ୍ୟ ଦିଆଯିବା ଉଚିତ । ଏହି ଶିକ୍ଷାବଳରେ ଗ୍ରାମବାସୀଙ୍କର ଶିକ୍ଷ ପ୍ରଣିସରୁ କୁ-ସଂସ୍କାର, କୁପ୍ରଥା, ଭୟ, ଅଜ୍ଞାନ, ଉଦ୍ୟମହୀନତା ଆଦି ତାମସିକ ଦୁର୍ଗୁଣଗୁଡ଼ିକର ମୂଳୋତ୍ପାଟନ କରିବାକୁ ହେବ, ଅବଶ୍ୟ ଏହା ସଙ୍ଗେସଙ୍ଗେ ଆଧୁନିକ ଜୀବନ ଧାରଣ ଉପଯୋଗୀ ବହୁ ବିଷୟ ସଂଗଠନକୁ ଯୋଗାଇ ଦେବାକୁ ପଡ଼ିବ । ପ୍ରଚଳିତ ଶିକ୍ଷା ପଦ୍ଧତି ଜାତିଭେଦ ଓ ବର୍ଗଭେଦ ସୃଷ୍ଟି କରୁଛି ଏବଂ ଆର୍ଥିକ ଅସମାନତା ସୃଷ୍ଟି କରୁଛି, ଯାହାଫଳରେ ବେକାରୀ ଓ ମନ-ସ୍ତାତ୍ତ୍ୱିକ ଦୋଷମାନ ଦିନକୁଦିନ ବୃଦ୍ଧି ପାଉଛି । ସେଗୁଡ଼ିକ ଶିକ୍ଷା ଓ ସାଂସ୍କୃତିକ କ୍ରାନ୍ତିଫଳରେ କ୍ରମଶଃ ଲୋପ ପାଇଯିବ ।

ମଣିଷର ମୌଳିକ ଅଧିକାରଗୁଡ଼ିକୁ ଅକ୍ଷୁର୍ଣ୍ଣ ରଖିବା, ରାଜନୈତିକ କ୍ଷମତାର ବିକେନ୍ଦ୍ରୀକରଣ କରିବା ଏବଂ ଦେଶବାସୀଙ୍କୁ ଶାସନ ଭୟରୁ ମୁକ୍ତକରି ନିଜକୁ ନିଜେ ଶାସନ କରିବାର ପରିବେଶ ସୃଷ୍ଟିକରିବା ରାଜନୈତିକ କ୍ରାନ୍ତିର ମୁଖ୍ୟ ଉଦ୍ଦେଶ୍ୟ ।

ଜନସାଧାରଣଙ୍କ ମୌଳିକ, ଭୌତିକ ଆବଶ୍ୟକତା-ମାନ ପୂର୍ଣ୍ଣହେବା ଆବଶ୍ୟକ । ପୁଷ୍ଟିକର ତଥା ସ୍ୱାଦିଷ୍ଟ ଭୋଜନ, ସୁରୁଚିପୂର୍ଣ୍ଣ ଜଳବାୟୁ, ଉପଯୋଗୀ ବେଶ ପୋଷାକ ଏବଂ ବାସୋପଯୋଗୀ ଯଥା ସମ୍ଭବ କ୍ଷୁଦ୍ର ଗୃହ ସମସ୍ତଙ୍କ ଲାଗି ସୁଲଭ ହେବା ଉଚିତ । ମାତ୍ର ଅତ୍ୟଧିକ ବିଳାସ ବ୍ୟସନ ସୁଦୃଶ୍ୟ, ମନୋରମ ହର୍ମ୍ୟ, ନିର୍ଲଜ୍ଜ ବେଶପୋଷାକ ଇତ୍ୟାଦିକୁ ସାମାଜିକ ଭାବେ ପ୍ରଶ୍ରୟ ଦେବା ଉଚିତ ନୁହେଁ ବୋଲି ଜୟପ୍ରକାଶଜୀ ସ୍ପଷ୍ଟ ମତ ପ୍ରକାଶ କରନ୍ତି । ତାଙ୍କ ମତରେ କେତେକଙ୍କୁ ବିଳାସ ବ୍ୟସନରୁ ବଞ୍ଚିତକରି ବହୁ ଲୋକଙ୍କୁ ସ୍ୱଚ୍ଛନ୍ଦ୍ୟକର ଜୀବନଯାପନ କରିବାଲାଗି ଅନୁକୂଳ ପରିବେଶ ସୃଷ୍ଟି କରିବାକୁ ହେବ । ବିଳାସବ୍ୟସନ ବିରୁଦ୍ଧରେ କହିବାକୁଯାଇ ଜୟପ୍ରକାଶଜୀ କହନ୍ତି ଯେ, ମୁଁ ସ୍ପଷ୍ଟଭାବେ କହୁଛି ବୈରାଗ୍ୟ ପ୍ରଚାର ମୋର ଉଦ୍ଦେଶ୍ୟ ନୁହେଁ, ଏହା ସନ୍ନ୍ୟାସୀମାନଙ୍କର କାର୍ଯ୍ୟ । ମାତ୍ର ସାଧାରଣ ମନୁଷ୍ୟ ପାଶ୍ଚାତ୍ତ୍ୟ ଅନୈତିକ ଉପାୟରେ ଆବଶ୍ୟକତାଠାରୁ ଅଧିକ ଧନ ଉପାର୍ଜନ କରିବା ଏବଂ ନିଜପାଇଁ ଅଧିକ କାମନା କରିବା ଏବଂ ଲାଳସା ଚରିତାର୍ଥଲାଗି ଅପବ୍ୟୟ କରିବା ଏକ ଆଧ୍ୟାତ୍ମ-ବିରୋଧୀ କାର୍ଯ୍ୟ ।

ସମାଜର ଆମୂଳଚୂଳ ପରିବର୍ତ୍ତନ ବିନା ଦେଶରୁ ଭ୍ରଷ୍ଟାଚାର, ବେକାର ସମସ୍ୟା, ଦରବୃଦ୍ଧି ଏବଂ ମନ-ସ୍ତାତ୍ତ୍ୱିକ ଅସୁସ୍ଥତା କେବେ ଦୂରୀଭୂତ ହୋଇ ପାରିବ ନାହିଁ । ଜୟପ୍ରକାଶଜୀଙ୍କ ମତରେ ସୁସ୍ଥ ସ୍ୱାସ୍ଥ୍ୟ ତଥା ସମାଜର ପ୍ରଗତି ନିମନ୍ତେ କ୍ରାନ୍ତି ବା ବିପ୍ଳବ ଅପରିହାର୍ଯ୍ୟ । ଜୟପ୍ରକାଶଙ୍କ ସଂପୂର୍ଣ୍ଣ କ୍ରାନ୍ତି ସଙ୍ଗେ ସ୍ୱର୍ଗତ ଲୋହିଆଙ୍କର ସପ୍ତ କ୍ରାନ୍ତିର କିଛି ସାଦୃଶ୍ୟ ରହିଛି । ନରନାରୀଙ୍କ ମଧ୍ୟରେ ସମତା, ବର୍ଣ୍ଣଭେଦର ବିରୋଧ, ଜାତିପ୍ରଥା ଉଚ୍ଛେଦ, ସାମାଜିକ ବିଷମତା ଦୂରୀକରଣ, ସାମ୍ରାଜ୍ୟ-ବାଦର ବିରୋଧ, ଆର୍ଥିକ ବୈଷମ୍ୟ ବିଲୋପ, ବ୍ୟକ୍ତି ସ୍ୱାଧୀନତା ସଂରକ୍ଷଣ, ହିଂସାଭାବରେ ବିଲୋପ ଆଦି

ଏ ଯୁଗର ବୈପ୍ଳବିକ କାର୍ଯ୍ୟକ୍ରମ । ଜୟପ୍ରକାଶଜୀଙ୍କ ସଂପୂର୍ଣ୍ଣ ବିପ୍ଳବ ଏଗୁଡ଼ିକର କାର୍ଯ୍ୟକାରିତା ଉପରେ ନିର୍ଭର କରେ ।

ସଂପୂର୍ଣ୍ଣ ବିପ୍ଳବ ବିଷୟରେ କହିସାରି ଜୟପ୍ରକାଶଜୀ ଶେଷକୁ ଦୁଇଟି ପ୍ରଶ୍ନ ଆମ ଆଗରେ ଉତ୍ଥାପନ କରନ୍ତି । ୧—ସଂସ୍ଥାଗତ ଢାଞ୍ଚାରେ କି ପ୍ରକାରର ପରିବର୍ତ୍ତନ କରାଯିବା ଉଚିତ ଏବଂ ସଂପୂର୍ଣ୍ଣ ବିପ୍ଳବ କେଉଁ ରୀତିରେ ସଂଗଠିତ ହେବ ।

ମାତ୍ର ଅପାତ ଅଲଂଘନୀୟ ଏହି ପ୍ରଶ୍ନ ଦୁଇଟିର ଉତ୍ତର ଦେବା ଅଧିକ କଷ୍ଟକର ହୋଇପଡ଼େ, ଯେତେବେଳେ ଜୟପ୍ରକାଶଜୀ କହନ୍ତି ଯେ ତାଙ୍କର ସଂପୂର୍ଣ୍ଣ ବିପ୍ଳବ ଶାନ୍ତିପୂର୍ଣ୍ଣ ମାର୍ଗରେହିଁ ସଂଗଠିତ ହେବ । ଏହା କଣ ସମ୍ଭବ ? କେତେଦୂର ସମ୍ଭବ ? ସେ ଦୁଇଟି ଉପାୟ ଦେଖାଇଛନ୍ତି । ଶାନ୍ତିପୂର୍ଣ୍ଣ ପ୍ରତିରୋଧ, ଅସହଯୋଗ ଓ ଧାରଣାଦେବା ଆଦି ଗୋଟିଏ ଉପାୟ । କିନ୍ତୁ ଦ୍ୱିତୀୟ ଅଥଚ ସର୍ବପ୍ରଧାନ ଉପାୟଟି ହେଲା.....ବ୍ୟାପକ ପରିବର୍ତ୍ତନ ଆଣିବା ପୂର୍ବରୁ ପ୍ରଥମେ ନିଜଆଡ଼୍ରୁ ନିଜର ଆତ୍ମଶୁଦ୍ଧିକରଣ ଏକାନ୍ତ ଆବଶ୍ୟକ । ଆମମାନେ ନିଜଭିତରେ ପରିବର୍ତ୍ତନ ଆଣିବା ଏକାନ୍ତ ଜରୁରୀ, ଆଇନ୍‌କାନୁନ୍ ଦ୍ୱାରା ସବୁ କିଛି ସମାଧାନ ହୋଇପାରେନା । ଆଉ ମଧ୍ୟ ଯେ ପର୍ଯ୍ୟନ୍ତ ଜନସାଧାରଣ ଶାନ୍ତି ପାଇଁ ପ୍ରସ୍ତୁତ ହୋଇନାହାନ୍ତି, ସେ ପର୍ଯ୍ୟନ୍ତ ବିପ୍ଳବର କ୍ଷେତ୍ର ପ୍ରସ୍ତୁତ ହୋଇନାହିଁ । ସେ ପୁଣି କହନ୍ତି—ଆମଦେଶରେ ରାଜନୀତିକ୍ଷେତ୍ରରେ ଏକ ସ୍ଥିରତାବାଦ ଆସି ଯାଇଛି । ଯଦି ଜନତା ସବୁବେଳେ ଧକ୍କା ମାରିବାକୁ ପ୍ରସ୍ତୁତ ହୁଏ, ତେବେ କ୍ରାନ୍ତିକାରୀ ରାଜନୀତି ସମ୍ଭବ ହେବ । ଅହିଂସାର ଆଦର୍ଶ ସ୍ଥିରତା ତା ଲକ୍ଷ୍ୟ ନୁହେଁ । ଯଥାର୍ଥ ସତ୍ୟାଗ୍ରହୀ ଏହି ସ୍ଥିରତାକୁ ସର୍ବଦା ନଷ୍ଟ କରୁଥାଏ । ରାଜନୀତିକ ନେତାମାନଙ୍କ ସୁବିଧାବାଦକୁ ସର୍ବଦା ଆକ୍ରମଣ କରୁଥାଏ । ଏବଂ ଜନସମିତି, ଛାତ୍ରସମିତି ଆଦି ଜରିଆରେ ସରକାରଙ୍କ କାର୍ଯ୍ୟକ୍ରମ ଉପରେ ଏବଂ ଜନନେତାଙ୍କ କ୍ରିୟାକଳାପ ଉପରେ ସର୍ବଦା ତୀକ୍ଷ୍ଣଦୃଷ୍ଟି ରଖିବାକୁ ହେବ—ସୁଷ୍ଠୁ ମନ୍ତବ୍ୟ ପ୍ରକାଶ କରିବାକୁ ହେବ । ଏବଂ ସରକାର ଆଗରେ ତାର ସମଗ୍ର ଆଭିମୁଖ୍ୟଟିକୁ ଦର୍ପଣଭଳି ସର୍ବଦା ଟେକିଧରିବାକୁ ହେବ ।

ଜୟପ୍ରକାଶଜୀଙ୍କ ସମାଲୋଚକମାନେ କହନ୍ତି—ଏତଦ୍ୱାରା ସମାଜରେ ସର୍ବଦା ବିଚଳନ, ଅସ୍ୱଚ୍ଛନ୍ଦତା ଓ ବିଶୃଙ୍ଖଳା ଲାଗି ରହିବ । କେହି କେବେବେଳେ ହେଲେବି ସ୍ଥିର ରହି କିଛି କରିପାରିବେ ନାହିଁ ।

ମାତ୍ର, ଏ ଯୁକ୍ତି ଏଠି ଖାପିବ ନାହିଁ । ଜୟପ୍ରକାଶ ସମର୍ଥକମାନଙ୍କ ମତରେ—ଏ ଯୁକ୍ତି ହେଲା ଗତିବିରୋଧୀ ସୁବିଧାବାଦୀ, ସାମୂହିକ ସ୍ୱାର୍ଥ ସଂରକ୍ଷଣ ବିରୋଧୀ ବ୍ୟକ୍ତିମାନଙ୍କର । ସରକାର ବିରୋଧୀ ଗୋଷ୍ଠୀର ନେତାମାନଙ୍କ ବା ସରକାର ଗଢ଼ିଥିବା ନେତୃବୃନ୍ଦ ଦୁହିଁଙ୍କ—ଜନଗଣର ଚେତନା ଭିତରେ ଏହି "ସଂପୂର୍ଣ୍ଣ ବିପ୍ଳବ"ର ଭାବ ଜାଗ୍ରତ ରହିବା ଉଚିତ । ତା'ନହେଲେ ବ୍ୟକ୍ତି ବା ସମାଜ ପକ୍ଷରେ ଅଗ୍ରଗତି ତ ଦୂରର କଥା, ଗତିମଧ୍ୟ ଅବରୁଦ୍ଧ ହୋଇ ପଡ଼ିବ ।

ଆହୁରି ମଜାର କଥା ହେଉଛି—ଜୟପ୍ରକାଶ ଦେଶର ଯୁବସମାଜ ଉପରେ ଏ ଗୁରୁଦାୟିତ୍ୱ ନାସ୍ତ କରିଛନ୍ତି । ତାଙ୍କ ଭାଷାରେ, "ମୁଝେ ପୂର୍ଣ୍ଣଆଶା ହୈ କି ଇସ୍ ଦେଶ୍‌ମେ ଐସେ କାଫୀ ତରୁଣ ତରୁଣୀୟାଁ ହୈଁ, ଜୋ ଏକ ଉଦାତ୍ତ ଧ୍ୟେୟକେ ଲିଏ କଷ୍ଟମୟ ଔର ସଂକଟମୟ ଜୀବନ୍ କୋ ଆଲିଙ୍ଗନ କରେଂଗେ । ନେପାଳର ଭୂତପୂର୍ବ ପ୍ରଧାନମନ୍ତ୍ରୀ ଜୟପ୍ରକାଶଙ୍କୁ ପ୍ରଶଂସାକରି କହିଛନ୍ତି—

> "The lone vital voice of dissent in the subcontinent. One of the most vigorous democratic forces in the world's most populous democracy."

ଏହି ନିର୍ଭୀକ ତଥା ସତ୍ୟସନ୍ଧ ବ୍ୟକ୍ତିଙ୍କର ଆହ୍ୱାନରେ ଆଜି ଦେଶର ହଜାର ହଜାର ଜନସାଧାରଣ, ବିଶେଷତଃ ଯୁବକଯୁବତୀ ଉଦ୍‌ବୁଦ୍ଧ ହୋଇଛନ୍ତି । ସଂପୂର୍ଣ୍ଣ ବିପ୍ଳବକୁ ସଫଳ କରାଇବାକୁ କୃତନିଶ୍ଚୟ ହୋଇଛନ୍ତି । ମାତ୍ର ଏଠି ଏହା ମଧ୍ୟ ସୂଚାଇ ଦେବାକୁ ଅଛି ଯେ କେତେକ ଧୂର୍ତ୍ତ ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ଜୟପ୍ରକାଶଙ୍କ ନାମରୁ ଫାଇଦା ଉଠାଉଛନ୍ତି । ମାତ୍ର ଜ୍ୱଳନ୍ତ ବିପ୍ଳବର ବହ୍ନିରେ ସେମାନେ ଯେ ଜଳିପୋଡ଼ି ପାଉଁଶ ହୋଇଯିବେ, ଏଥିରେ ତିଳେହେଁ ସନ୍ଦେହ ନାହିଁ ।

ଜୟପ୍ରକାଶଙ୍କ ସଂପୂର୍ଣ୍ଣ ବିପ୍ଳବର ସଫଳରୂପାୟନ ହିଁ ଏ ଦେଶକୁ ନୂତନ ରୂପେ ଗଢ଼ିତୋଳିବ । ଏବଂ ଏଠି କହିଲେ ଅପ୍ରାସଙ୍ଗିକ ହେବ ନାହିଁ ଯେ ବର୍ତ୍ତମାନ ଯୁଗରେ ଗାନ୍ଧିଜୀଙ୍କ ଦର୍ଶନର ଏକମାତ୍ର ସଫଳ ଓ ସଠିକ ବ୍ୟାଖ୍ୟାତା ହେଉଛନ୍ତି ଶ୍ରୀ ଜୟପ୍ରକାଶ ନାରାୟଣ ଏବଂ ଏହି ମହାନ୍ ବ୍ୟକ୍ତିଙ୍କୁ କୌଣସି ଦଳ ନିଜର ଗଣ୍ଡିଭିତରେ ରଖିବା ଉଚିତ ନୁହେଁ । କାରଣ, ତାଙ୍କର ଯାହା କିଛି ଅପୂର୍ଣ୍ଣତା ସତ୍ତ୍ୱେବି, ସେହି ହେଉଛନ୍ତି ବର୍ତ୍ତମାନ ଦେଶର ଜନସାଧାରଣଙ୍କର ସର୍ବଶ୍ରେଷ୍ଠ ବନ୍ଧୁ, ଦାର୍ଶନିକ ଓ ନେତା ।

ବକ୍‌ସି ଜଗବନ୍ଧୁ କଲେଜ, ଭୁବନେଶ୍ୱର

# ରେଳଯାତ୍ରୀଙ୍କୁ ବିଷପ୍ରୟୋଗ— ଏକ ସମସ୍ୟା

**ଶ୍ରୀ ବଂଶୀଧର ପ୍ରଧାନ**

ମଣିଷ ଏକ ସାମାଜିକ ପ୍ରାଣୀ ଏବଂ ସମାଜକୁ ସୁନ୍ଦର ଓ ସୁଖମୟ କରି ଗଢ଼ି ତୋଳିବା ପାଇଁ ଅନବରତ ଚେଷ୍ଟା କରି ଆସୁଅଛି । ମାତ୍ର ଆମରି ସମାଜ ମଧ୍ୟରେ ବି କେତେକ ଅସାମାଜିକ ବ୍ୟକ୍ତି ପ୍ରଚ୍ଛନ୍ନ ଭାବରେ ତାଙ୍କର କୁପ୍ରଭାବ ବିସ୍ତାର କରି ସମାଜକୁ ବିପନ୍ନ କରିବାରେ ମଧ୍ୟ ଲାଗିପଡ଼ିଛନ୍ତି । ଏମାନେ ହେଲେ ଚୋର, ଡକାୟତ, କଳାବଜାରୀ, ଅପମିଶ୍ରଣକାରୀ ଇତ୍ୟାଦି ଇତ୍ୟାଦି । ଏ ପ୍ରକାର ଦୁର୍ବୃତ୍ତ ଶ୍ରେଣୀର ଲୋକମାନଙ୍କୁ ଆୟତ୍ତ କରିବା ପାଇଁ ବହୁ କାଳରୁ ଉଦ୍ୟମ ହୋଇ ଆସୁଥିଲେ ମଧ୍ୟ ଏମାନଙ୍କୁ ସମ୍ପୂର୍ଣ୍ଣ ଦମନ କରିବା ସମ୍ଭବପର ହୋଇ ପାରିନାହିଁ । ସମାଜର ନିରାପତ୍ତା ଦାୟିତ୍ୱରେ ଥିବା ପୁଲିସ କର୍ମଚାରୀମାନେ ଏ ଶ୍ରେଣୀର ଦୁର୍ବୃତ୍ତମାନଙ୍କୁ ଦମନ କରିବା ପାଇଁ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । କାରଣ ଦୁର୍ବୃତ୍ତମାନେ ବିଜ୍ଞାନକୁ ଉପଯୋଗ କରି ଅପରାଧମାନ ଘଟାଇବାରେ ଲାଗିଛନ୍ତି । ଅବଶ୍ୟ ସେମାନଙ୍କ ଅପକୌଶଳକୁ ପଣ୍ଡ କରିବା ପାଇଁ ପୁଲିସ ପକ୍ଷରୁ ମଧ୍ୟ ବୈଜ୍ଞାନିକ ପ୍ରଣାଳୀ ଅବଲମ୍ବନ କରାଯାଉଛି ଏବଂ ଏଥିପାଇଁ ଆଧୁନିକ ବିଜ୍ଞାନାଗାରମାନ ସ୍ଥାପନ କରାଯାଇ ଗବେଷଣା କରାଯାଉଛି । ମଣିଷର ରକ୍ତ ବିନ୍ଦୁଏ ହେଉ କିମ୍ବା ପାଦ ଚିହ୍ନଟିଏ ହେଉ, ଏପରି ଛୋଟିଆ ସଙ୍କେତକୁ ପାଥେୟ କରି ନିର୍ଭୁଲ ଭାବରେ ଅପରାଧକୁ ଠାବ କରାଯାଇ ପାରୁଛି ।

ଆମ ଦେଶରେ ଏବେ ନୂଆ ପ୍ରକାରର ଏକ ଅପରାଧ ଦେଖା ଦେଇଛି । ଏହା ହେଲା ରେଳଯାତ୍ରୀମାନଙ୍କୁ ଖାଦ୍ୟ ପଦାର୍ଥରେ ବିଷ ପ୍ରୟୋଗ କରି ତାଙ୍କର ଜିନିଷପତ୍ର ଲୁଟି କରିବା । ଦୁର୍ବୃତ୍ତମାନେ ଦୂର ସ୍ଥାନମାନଙ୍କୁ ଯାତ୍ରା କରୁଥିବା ରେଳଯାତ୍ରୀମାନଙ୍କ ପଛ ଧରି ସେମାନଙ୍କ ସହିତ କପଟ ବନ୍ଧୁତା ସ୍ଥାପନ କରିପକାନ୍ତି । ଏପରିକି ସେମାନଙ୍କୁ ଅଯାଚିତ ଭାବରେ ସାହାଯ୍ୟ କରି ସେମାନଙ୍କର ବିଶ୍ୱାସଭାଜନ ହୋଇପଡନ୍ତି । ତା'ପରେ ସୁବିଧା ସୁଯୋଗ ଦେଖି ସେମାନଙ୍କୁ ପାନ ଖଣ୍ଡେ ହେଉ ଅଥବା ଚା' କପେ ଖାଇବାକୁ ଯାଚନ୍ତି । ନିରୀହ ରେଳଯାତ୍ରୀ ସେମାନଙ୍କର କପଟ ଭେଦ କରିପାରନ୍ତି ନାହିଁ ଏବଂ ସେମାନଙ୍କର ପ୍ରଦତ୍ତ ଜିନିଷ ଖାଇ ଦିଅନ୍ତି ଏମନ୍ତ

ପରେ ନିଦ୍ରା ଯାଆନ୍ତି । କେହି କେହି ନିଦ୍ରାରୁ ପୁନର୍ବାର ଜାଗ୍ରତ ହୋଇ ଥାଆନ୍ତି, ମାତ୍ର ଆଉ କେତେକ ହତଭାଗ୍ୟଙ୍କ ଭାଗ୍ୟରେ ସେହି ନିଦ୍ରା ମହାନିଦ୍ରାରେ ପରିଣତ ହୋଇଥାଏ । ତା'ପରେ ଦୁର୍ବୃତ୍ତମାନେ ଏହି ହତଭାଗ୍ୟ ରେଳଯାତ୍ରୀଙ୍କର ଜିନିଷପତ୍ର, ଘଣ୍ଟା ବା ସୁନା ଅଳଙ୍କାର ନେଇ ଚମ୍ପଟ ମାରନ୍ତି । ଯେଉଁ ଯାତ୍ରୀମାନେ ବିଷ ପ୍ରଭାବରୁ ମୁକ୍ତ ହୋଇ ଥାଆନ୍ତି, ସେମାନେ ଦେଖନ୍ତି ଯେ ତାଙ୍କୁ ବିଷ ପ୍ରୟୋଗ କରିଥିବା ତାଙ୍କର ବନ୍ଧୁ ଜଣଙ୍କ ତାଙ୍କୁ ସର୍ବସ୍ୱାନ୍ତ କରି ଛାଡ଼ି ଖସି ଯାଇଛନ୍ତି ଓ ସେ ଡାକ୍ତରଖାନାର ଗୋଟିଏ ଖଟିଆ ଆବୋରି ପଡ଼ି ରହିଛନ୍ତି । ନିଜର ଅସାବଧାନତା ଓ ସରଳ ବିଶ୍ୱାସ ଯୋଗୁଁ ଏମିତି ବହୁ ରେଳଯାତ୍ରୀ ତାଙ୍କର ସର୍ବସ୍ୱ ହରାଇ ଥିବା ସମ୍ବାଦମାନ ପ୍ରକାଶ ପାଇବା ସତ୍ତ୍ୱେ ମଧ୍ୟ କେତେକ ରେଳଯାତ୍ରୀ ଏବେ ବି ସାବଧାନ ହେଉ ନଥିବା ଲକ୍ଷ୍ୟ କରାଯାଉଛି । ପୂର୍ବ ଭାରତୀୟ ରେଳପଥରେ ସାଧାରଣତଃ ଖଡ଼ଗପୁର-ଠାରୁ ଖୋର୍ଦ୍ଧା ରୋଡ୍ ମଧ୍ୟରେ ଏପରି ଘଟଣାମାନ ଘଟୁଥିବା ଲକ୍ଷ୍ୟ କରାଯାଉଛି । ଗତ ବର୍ଷ ଅର୍ଥାତ୍ ୧୯୭୬ ମସିହାରେ ଏପରି ଚାରିଗୋଟି ଘଟଣା ଉପରୋକ୍ତ ଦୁଇ ସ୍ଥାନ ମଧ୍ୟରେ ଘଟିଛି ଏବଂ ୧୯୭୭ରେ ଗୋଟିଏ ଘଟଣା ମଧ୍ୟ ଘଟି ସାରିଲାଣି ।

୧୯୭୬ ମସିହା ଜୁନ୍ ମାସରେ ଖୋର୍ଦ୍ଧା ରୋଡ଼ ଷ୍ଟେସନରେ ରେଳ ଡବାର ପାଇଖାନା ମଧ୍ୟରୁ ଜଣେ ବ୍ୟକ୍ତିଙ୍କର ମୃତ ଦେହ ଆବିଷ୍କାର କରିବା ପରେ ଜଣାଗଲା ଯେ ସେ ବ୍ୟକ୍ତି ବାଲେଶ୍ୱର ଜିଲ୍ଲାର ଚରମ୍ପା ଅଞ୍ଚଳର ଜଣେ ଲୁଗା ବ୍ୟବସାୟୀ ଓ ସେ ଅନ୍ୟାନ୍ୟ ଥର ଭଳି ଏଥର ମଧ୍ୟ କଲିକତାକୁ ଲୁଗାପଟା ଆଣିବା ପାଇଁ ଯାଇ-ଥିଲେ । ମାତ୍ର ସେ ଆଉ ଜୀବନ ନେଇ ଘରକୁ ଫେରି ପାରିଲେ ନାହିଁ । ସନ୍ଦେହ କରାଯାଏ ଯେ କେହି ଦୁର୍ବୃତ୍ତ ତାଙ୍କୁ କୌଶଳ କ୍ରମେ ବିଷ ପ୍ରୟୋଗ କରି ତାଙ୍କର ସର୍ବସ୍ୱ ଅପହରଣ କରି ନେଇଛନ୍ତି । ଆଉ ଜଣେ ବ୍ୟକ୍ତି ଖଡ଼ଗ-ପୁରରୁ ଆସୁଥିବାବେଳେ ତାଙ୍କ ସହିତ ଜଣେ ଅଜ୍ଞାତ ବ୍ୟକ୍ତି ବନ୍ଧୁତା ଯମାଇ ଦେଲେ । ପରେ ସୁବିଧା ଦେଖି ଭଦ୍ରକ ରେଳଷ୍ଟେସନ ପାଖରେ ତାଙ୍କୁ ଲଡୁ ଖାଇବାକୁ ଦେଲେ । ବିଚରା ଯାତ୍ରୀଟି ସରଳ ବିଶ୍ୱାସର ବଶବର୍ତ୍ତୀ ହୋଇ ଅଜ୍ଞାତ ବନ୍ଧୁଙ୍କର ବିଷ ଲଡୁକୁ ନିର୍ବିକାରରେ ଉଦରସ୍ଥ କରିବା ପରେ କ୍ଲାନ୍ତି ଅନୁଭବ କଲେ ଓ ପରେ ପରେ ଅଚେତ ହୋଇ ପଡ଼ିଲେ । ତାଙ୍କୁ କଟକ ମେଡିକାଲରେ ଭର୍ତ୍ତି କରାଯାଇ ତାଙ୍କର ଜୀବନ ରକ୍ଷା କରାଯାଇ ପାରିଲା । ମାତ୍ର ତାଙ୍କ ପାଖରେ ଜିନିଷପତ୍ର ତାଙ୍କର ପ୍ରତାରକ ବନ୍ଧୁ ନେଇ ପଳାଇ ଯାଇଥିଲେ । ଇଏ ହେଲା ୪ ତାରିଖ ରାତିର ଘଟଣା । ଠିକ୍ ସେହି ରାତିରେ ପାଟଳିପୁତ୍ର ଜଣେ ବ୍ୟବସାୟୀ ଜନତା ଏକ୍ସପ୍ରେସରେ ଆସୁଥିଲା ବେଳେ ତାଙ୍କୁ କେହି ଖାଦ୍ୟ ପଦାର୍ଥରେ ବିଷ ପ୍ରୟୋଗ କରିଥିଲେ ଓ ତାଙ୍କର ଜିନିଷପତ୍ର ଲୁଟି ନେଇଗଲେ । ମାତ୍ର ଭଦ୍ରଲୋକ ଜଣକ କଟକ ମେଡ଼ିକାଲରେ ଚିକିତ୍ସା ପରେ ଭଲ ହୋଇ ଘରକୁ ଫେରିଲେ ।

ଇଏତ ଗଲା ଏକାକୀ ରେଳଯାତ୍ରା କରୁଥିବା ଯାତ୍ରୀ ଦୁର୍ଦ୍ଦଶା । ପିଲାଛୁଆ ନେଇ ବ୍ରହ୍ମପୁରରୁ ଜଣେ ଲୋକ ତାଙ୍କ ଗାଁ କୁ ଆସୁଥିଲେ । ଖୋର୍ଦ୍ଧା ରୋଡ଼୍‌ଠାରେ ଜଣେ ଲୋକ ତାଙ୍କ ଗାଁ ପାଖ ଲୋକ ବୋଲି ନିଜକୁ ପରିଚୟ ଦେଇ ବନ୍ଧୁତା ଜମେଇ ଦେଲା ଓ ପରେ ପରେ ତାଙ୍କୁ ଚୂଡ଼ା ଦୁଧ କଦଳୀ ଖାଇବାକୁ ଦେଲା । ଏମାନେ ଚୂଡ଼ା ଦୁଧ ଖାଇବା ପରେ ତାଙ୍କ ସ୍ତ୍ରୀଙ୍କ ମୁଣ୍ଡ ବୁଲାଇବାକୁ ଆରମ୍ଭ କଲା ଓ ଝିଅମାନେ ବାନ୍ତି କଲେ । ଯାହାଫଳରେ ଏମାନେ ଧନରେ ବଞ୍ଚିଗଲେ ଓ ତାଙ୍କ ଜିନିଷପତ୍ର ରକ୍ଷା ପାଇଗଲା । ଏ ସମ୍ପର୍କରେ ପୁଲିସ ପକ୍ଷରୁ କାର୍ଯ୍ୟାନୁଷ୍ଠାନ କରାଯାଉଛି ଏବଂ ଗୋଟିଏ ଘଟଣାର ଅନୁସନ୍ଧାନ କରୁ କରୁ ଅନ୍ୟ ଘଟଣା ସମ୍ପର୍କରେ ଗୋପନ ସୂତ୍ର ମିଳିବାରେ ଲାଗିଛି ।

ସେ ଯାହା ହେଉ ମୋଟାମୋଟି ଭାବରେ ଦେଖିବାକୁ ଗଲେ ଯାହା ଜଣା ପଡ଼ୁଛି ଗୋଟିଏ ସୁସଙ୍ଗଠିତ ବିଷ ପ୍ରୟୋଗକାରୀ ଦଳ ଚଳନ୍ତା ରେଳଗାଡ଼ିରେ ତାଙ୍କର ଏପରି ମାରାତ୍ମକ କାର୍ଯ୍ୟକଳାପ ଚାଲୁ ରଖିଛନ୍ତି । ସେମାନେ ସାଧାରଣତଃ ବ୍ୟବସାୟୀ ଗୋଷ୍ଠୀଙ୍କ ଉପରେ ନଜର ରଖି ତାଙ୍କର ବିଶ୍ୱାସଭାଜନ ହୋଇ ଖାଦ୍ୟରେ ଅଥବା ପାନ ବିଡ଼ି ଓ ସିଗାରେଟ୍ ପ୍ରଭୃତିରେ ଏପରିକି ଠାକୁରଙ୍କ ଭୋଗ ବୋଲି କହି ସେଥିରେ ବିଷ ପ୍ରୟୋଗ କରି ଥାଆନ୍ତି । ଏମାନେ ସାଧାରଣତଃ ପଶ୍ଚିମବଙ୍ଗର ଏବଂ ଓଡ଼ିଶାର ଲୋକ । ଆପଣମାନେ ରେଳଯାତ୍ରା କଲାବେଳେ ଏପରି ଅସାମାଜିକ ଶ୍ରେଣୀର ଲୋକଙ୍କ ପ୍ରତି ସାବଧାନ ରହିଲେ ଏପରି ଅହେତୁକ ବିପଦରୁ ରକ୍ଷା ପାଇ ପାରିବେ । କୌଣସି ଅଚିହ୍ନା ବ୍ୟକ୍ତି ସହିତ ରେଳଯାତ୍ରାବେଳେ ହଠାତ୍ ବନ୍ଧୁତ୍ୱ ସ୍ଥାପନ କରି ତାଙ୍କ ନିକଟରୁ କୌଣସି ଉପହାର ଖାଦ୍ୟ ବା ପାନୀୟ ଗ୍ରହଣ ନ କରିବା ସବୁଠାରୁ ଭଲ ।

ପୁଲିସ ପ୍ରସ୍ତର ଅଫିସର
କଟକ

# ଭାରତରେ ଲୋକପାଳ

ଶ୍ରୀ ସୂର୍ଯ୍ୟନାରାୟଣ ମିଶ୍ର

ବର୍ତ୍ତମାନ ଭାରତୀୟ ଲୋକସଭା ଲୋକପାଳ ସଂସ୍ଥା ପ୍ରବର୍ତ୍ତନ କରିବା ନିମନ୍ତେ ବିଚାର କରୁଅଛନ୍ତି । ଉଚ୍ଚସ୍ତରରେ ଦୁର୍ନୀତି ଶାସନକଳକୁ ପଙ୍ଗୁ କରି ଦେଉଥିବାରୁ ଏ ଧରଣର ବ୍ୟବସ୍ଥା ସମସ୍ତ ସ୍ତରରୁ ସ୍ୱାଗତ ଲାଭକରିବା ଉଚିତ । ଶାସନ କ୍ଷେତ୍ରରେ ଥିବା ନିର୍ବାଚିତ ବ୍ୟକ୍ତି ବିଶେଷଙ୍କ ବିରୁଦ୍ଧରେ ବିଗତ ପାଞ୍ଚବର୍ଷର ଅଭିଯୋଗମାନ ଉପସ୍ଥାପିତ କରାଯାଇ ପାରିବ । ଭାରତର ପ୍ରଧାନମନ୍ତ୍ରୀ, ପାର୍ଲିଆମେଣ୍ଟ ସଦସ୍ୟବର୍ଗ ଓ ମୁଖ୍ୟମନ୍ତ୍ରୀମାନେ ଏଦ୍ୱାରା ପରିସରଭୁକ୍ତ ହେବେ । ଏହି ବ୍ୟବସ୍ଥା ୧୯୬୨ ମସିହାର "ଲୋକପାଳ ଓ ଲୋକାୟୁକ୍ତ ବିଲ" ଠାରୁ ଉନ୍ନତ ଧରଣର ଏବଂ ଉକ୍ତ ବିଲଟି ଗତ ଜାନୁଆରୀ ଲୋକସଭା ଭାଙ୍ଗିଲା ପରେ ରଦ୍ଦ ହୋଇ ଯାଇଥିଲା ।

ଶାସନ ସଂସ୍ଥା ଦୁର୍ନୀତି ଯୋଗୁଁ କଳୁଷିତ ହୋଇ ଯାଇଥିଲା ଓ ଭାରତ ସ୍ୱାଧୀନ ହେବା ପରଠାରୁ ଏ ବିଷୟରେ ବିଭିନ୍ନ ସମୟରେ ପ୍ରତିକାର ନିମନ୍ତେ ଉଦ୍ୟମ ମଧ୍ୟ ଅବ୍ୟାହତ ଥିଲା । ୧୯୫୧ ମସିହା ଗୋରୱାଲାଙ୍କ ରିପୋର୍ଟରେ ଶାସନ ସଂସ୍ଥାର 'ସଂହତି' ବିଷୟରେ ମନ୍ତବ୍ୟ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ହାସଲ କଲା । ସେ ଦୁର୍ନୀତି ଅଭିଯୋଗ ବିଚାର ନିମନ୍ତେ 'ଟ୍ରିବ୍ୟୁନାଲ' ଗଠନ ପାଇଁ ସୁପାରିଶ କରିଥିଲେ । ରାଜନୈତିକ ନେତୃତ୍ୱ ଆଦର୍ଶ ଶାସନ ପରିଚାଳନା ସଂହତି ଅକ୍ଷୁର୍ଣ୍ଣ କରିପାରିନାହିଁ" ବୋଲି ଶ୍ରୀଯୁକ୍ତ ଗୋରୱାଲାଙ୍କ ମନ୍ତବ୍ୟ ଦେଇଥିଲେ ।

ସେହିଭଳି ଦୁଇବର୍ଷ ପରେ 'ଆପେଲବି ରିପୋର୍ଟ'ରେ ଦୁର୍ନୀତି ନିବାରଣ ନିମନ୍ତେ ଶାସନ ସଂସ୍ଥାରେ ଗଠନ-ମୂଳକ ପରିବର୍ତ୍ତନ କରିବାକୁ ଦୃଢ଼ମତ ପୋଷଣ କରିଥିଲେ । ମାତ୍ର ୧୯୬୨ ମସିହାରେ ଦୁର୍ନୀତି ସମସ୍ୟା ଏକ ଜାତୀୟ ସମସ୍ୟାରୂପେ ଦେଖାଦେଲା । ଭାରତ ସରକାର 'ସାନ୍ତାନମ୍ କମିଟି' ବସାଇଲେ । କମିଟିଙ୍କ ଭାଷାରେ "ଦୁର୍ନୀତି ବିନା କାର୍ଯ୍ୟ ହାସଲ କରିବା ଅସମ୍ଭବ ବୋଲି ସାଧାରଣରେ ଧାରଣା ସୃଷ୍ଟି ହୋଇଅଛି ।

ଶାସନର ଯେତେକ ସ୍ଥଳରେ ଦୁର୍ନୀତି ନିମନ୍ତେ ବହୁତ ସୁଯୋଗ ମିଳୁଅଛି । ଲାଇସେନ୍‌ସ ଦେବା ଓ ନେବା, ମିଆଦ ବଢାଇବା, ଦ୍ରବ୍ୟ ବିଷୟରେ ସୁଯୋଗ ଦେବା, କଣ୍ଟ୍ରାକ୍‌ଟ ଦେବା, ମାଲ ଯୋଗାଇବା ଓ ତତ୍‌ସଂକ୍ରାନ୍ତୀୟ ପ୍ରାପ୍ୟ ପାଇବା, ଚୁକ୍ତି ଅନୁଯାୟୀ କାର୍ଯ୍ୟକୁ ସ୍ୱୀକୃତି ଦେବା ପ୍ରଭୃତି କ୍ଷେତ୍ରରେ ଦୁର୍ନୀତିର ବ୍ୟାପକତା ଅଛି । ସାକ୍ଷୀମାନଙ୍କ ମତାମତ ଅନୁଯାୟୀ କଣ୍ଟ୍ରାକ୍‌ଟ ଅନୁଯାୟୀ ତୋଳାତୋଳି କାମ, ନିର୍ମାଣ, ବିକ୍ରୟ ଓ ଅନ୍ୟାନ୍ୟ ସରକାରୀ ତହବିଲ ସଂକ୍ରାନ୍ତୀୟ କାର୍ଯ୍ୟରେ ସଦାସର୍ବଦା ଅଂଶ ଦେବାକୁ ପଡୁଛି । ସରକାରୀ କର୍ମଚାରୀମାନେ ଏହି ଅଂଶ ଚୁକ୍ତିକାରୀ ଦଳମାନଙ୍କଠାରୁ ଗ୍ରହଣ କରୁଛନ୍ତି'' ।

କମିଟିଙ୍କ ମତରେ ''ଦୁର୍ନୀତି କରିବା ଓ କରିବାକୁ ଇଚ୍ଛାଥିବା ଦୁଇଟି ଭିନ୍ନ ଅର୍ଥ । ଜଣେ ଦୁର୍ନୀତି କରୁଛି ଓ ଅନ୍ୟ ଜଣେ ଏହି ଦୁର୍ନୀତିରେ ସାହାଯ୍ୟ କରୁଅଛି । ଏହି ସାହାଯ୍ୟ ଓ ଦକ୍ଷତା ଶିଳ୍ପ ଓ ବାଣିଜ୍ୟ କ୍ଷେତ୍ରରେ ବ୍ୟାପି ଯାଇଛି ବୋଲି ଦୁଃଖର ସହ କମିଟି କହିଛନ୍ତି ।''

ସେମାନେ ଗୋଟିଏ କେନ୍ଦ୍ରୀୟ ଦୁର୍ନୀତି ନିବାରଣ ସଂସ୍ଥା ସ୍ଥାପନା ନିମନ୍ତେ ପରାମର୍ଶ ଦେଲେ । ଘରୋଇ ବିଭାଗ ଅଧୀନରେ ଥିଲେ ମଧ୍ୟ ସ୍ୱାଧୀନ ଭାବରେ ଏହା କାର୍ଯ୍ୟ କରିବ । ଏହାର କାର୍ଯ୍ୟ ହେଲା—(୧) ସଂହତି କରି ଦୁର୍ନୀତି ନିରାକରଣ କରିବା, (୨) ଶାସନ କ୍ଷେତ୍ରରେ କ୍ଷମତାର ପ୍ରକୃତ ଓ ନ୍ୟାୟଯୁକ୍ତ ବ୍ୟବହାର ଯେପରି ଆଇନ ଅନୁସାରେ ହେବ ତାହା ଦେଖିବା । ଭାରତ ସରକାର ୧୯୬୪ ମସିହାରେ ଏହି କମିଶନ ଗଠନ କଲେ । ବିଭିନ୍ନ ବିଭାଗରେ ଏହି ସଂସ୍ଥାମାନ ଖୋଲିଗଲା । ୧୯୬୫-୬୬ ମସିହାରେ କମିସନ ୨,୩୦୨ ଗୋଟି ଅଭିଯୋଗ ଉପରେ କାର୍ଯ୍ୟ ଆରମ୍ଭ କଲେ । ମାତ୍ର ଏହି କମିଶନ ଆବଶ୍ୟକତା ମେଣ୍ଟାଇ ପାରିଲା ନାହିଁ । ଏହା ଶାସନ କ୍ଷେତ୍ରରୁ ଦୁର୍ନୀତି ନିବାରଣ କରି ପାରିଲା ନାହିଁ । କାରଣ ରାଜନୈତିକ ନେତାମାନଙ୍କ ବିରୁଦ୍ଧରେ ଦୁର୍ନୀତି ଅଭିଯୋଗରେ ତଦନ୍ତ କରିବା ଅଧିକାର ଏହି କମିଶନର ନ ଥିଲା ! ଏହା ଉପଦେଶ ଦେବା କାର୍ଯ୍ୟରେ ନିଯୁକ୍ତ ଥିଲା । ଏହି ପରାମର୍ଶ କାର୍ଯ୍ୟ ଦୁର୍ନୀତି ନିରାକରଣରେ ସାହାଯ୍ୟ କଲା ନାହିଁ । ସୀମିତ ପରିସୀମା ମଧ୍ୟରେ ରହି କମିଶନ ମନ୍ତ୍ରୀମାନଙ୍କ ବିଷୟରେ ତଦନ୍ତ କରିପାରିଲେ ନାହିଁ । ସେମାନେ କମିଶନଠାରୁ ଉପରେ ଥିଲେ ।

ରାଜନୈତିକ ନେତା ଉଚ୍ଚପଦସ୍ଥ ସରକାରୀ କର୍ମଚାରୀଙ୍କ ସହଯୋଗ କ୍ରମେ ଦୁର୍ନୀତି ବଢ଼ାଉ ଥିଲେ । ଉଭୟ ଦଣ୍ଡ ପାଇଁ ହକଦାର । ବିଭିନ୍ନ ରାଜ୍ୟରେ ଦୁର୍ନୀତି ବିଷୟରେ ତଦନ୍ତ କରିବାକୁ କମିଶନ ନିଯୁକ୍ତ ହୋଇ ବହୁ ତଥ୍ୟ ସମ୍ବଳିତ ଘୋଷଣାମାନ ପ୍ରକାଶ ପାଇଛି । ରାଜନୈତିକ ନେତାମାନେ ସେମାନଙ୍କର ... ଅପବ୍ୟବହାର କରି ଦୁର୍ନୀତି ପନ୍ଥା ଅବଲମ୍ବନ ମାଧ୍ୟମରେ ବିପୁଳ ଅର୍ଥର ଅଧିକାରୀ ହୋଇଛନ୍ତି । ପଦସ୍ଥ କର୍ମଚାରୀମାନେ ନେତାଙ୍କ ସମ୍ପର୍କୀୟଙ୍କୁ ସାହାଯ୍ୟ କରିବାକୁ ଯାଇ ବେନିୟମ କାର୍ଯ୍ୟ କରିଛନ୍ତି । ଏହା ଦୁର୍ଭାଗ୍ୟଜନକ ଓ କୌଣସି ପ୍ରତିକାର ହୋଇପାରି ନ ଥିଲା ।

ଶାସନ ସଂସ୍କାରରୁ ଦୁର୍ନୀତିର ବିଲୋପ ନିମନ୍ତେ ବହୁ ଆବଶ୍ୟକତା ପଡିଲା । ଶାସନ ସଂସ୍କାର କମିଶନ ପ୍ରତିକାର ବ୍ୟବସ୍ଥା ସମ୍ପର୍କରେ କହିବାକୁ ଯାଇ—ଗୋଟିଏ 'ଅନୁସନ୍ଧାନ' ସଂସ୍ଥାର ପ୍ରଚଳନ ନିମନ୍ତେ ମତପୋଷଣ କଲେ । କମିଶନଙ୍କ ମତରେ, ''କ୍ରମବର୍ଦ୍ଧମାନ ଶାସନ କାର୍ଯ୍ୟରେ ଶାସକମାନଙ୍କ ଇଚ୍ଛାଧୀନ କାର୍ଯ୍ୟ ମଧ୍ୟ ବୃଦ୍ଧି ଲାଭ କରିଛି । ଏହାର ଲୋପ କିମ୍ବା ନିୟନ୍ତ୍ରଣ ସହଜସାଧ୍ୟ ନୁହେଁ । ମାତ୍ର ଏ କ୍ଷେତ୍ରରେ ସାଧୁତାର ପ୍ରତ... ଆବଶ୍ୟକତା ରହିଛି । ଯେତେବେଳେ ନାଗରିକ ତା'ପ୍ରତି ତ୍ରୁଟିର ନିରାକରଣ ନିମନ୍ତେ ଯୁକ୍ତିର ସତ୍ୟାସତ୍ୟ ପ୍ରମାଣ କରିଦେବ—ତା'ପ୍ରତି ହୋଇଥିବା ଅବିଚାରରେ ସୁବନ୍ଦୋବସ୍ତ ସରକାରର କାମ୍ୟ । ଗୋଟିଏ ଗଣତାନ୍ତ୍ରିକ ବ୍ୟବସ୍ଥା ମଧ୍ୟରେ ନିରାକରଣ ସଂସ୍ଥାର ଆବଶ୍ୟକତା ଅଛି । ଏହି ସଂସ୍ଥାରୁ ଅଳ୍ପ ଖର୍ଚ୍ଚରେ ଶୀଘ୍ର ନ୍ୟାୟ ପାଇବା ପାଇଁ ଆଶା କରିବେ ଓ ଏହି ଅନୁଷ୍ଠାନ ପ୍ରତି ଜନତାର ଆଶା ଓ ବିଶ୍ୱାସ ରହିବ । କମିଶନଙ୍କ ସୁପାରିଶ କ୍ରମେ ''ଲୋକପାଳ'' ସଂସ୍ଥାର ଗଠନ ହେଲା । ପୂର୍ବତନ ସରକାରଙ୍କ ଉତ୍ସାହଶୂନ୍ୟ ଉଦ୍ୟମ ପରେ ବର୍ତ୍ତମାନର ଜନତା ସରକାର ଏହି ଅନୁଷ୍ଠାନ ଗଠନ ନିମନ୍ତେ ଦୃଢ଼ପରିକର ;

ଶାସନ ସଂସ୍କାର କମିଶନଙ୍କ ମତରେ—ଲୋକପାଳ (କ) ସ୍ୱାଧୀନ ଓ ନିରପେକ୍ଷ ହେବେ । (ଖ) ତାଙ୍କ ତଦନ୍ତ ଏବଂ ତତ୍‌ସଂକ୍ରାନ୍ତୀୟ କାର୍ଯ୍ୟ ଘରୋଇ ଭାବରେ ହେବ ଓ ନିୟମ ଅନୁଯାୟୀ ହେବା ମଧ୍ୟ ଅନୁଚିତ । (ଗ) ନିଯୁକ୍ତି ଅଣ ରାଜନୈତିକ ହେବା ଉଚିତ । (ଘ) ସେ ସୁପ୍ରିମ କୋର୍ଟର ସ୍ଥାନ ପାଇବେ । (ଙ) ଇଚ୍ଛାଧୀନ ବିଷୟ ସଂଲଗ୍ନ ଅନ୍ୟାୟ, ଦୁର୍ନୀତି ଓ ପ୍ରୀୟାପ୍ରୀତି ସମ୍ପର୍କରେ ସେ ବିଚାର କରିବେ । (ଚ) ତାଙ୍କ କାର୍ଯ୍ୟକ୍ରମ ନ୍ୟାୟାଳୟର ପରିସରଭୁକ୍ତ ନୁହେଁ । (ଛ) ସେ ଶାସନ କଳରୁ ଅଧିକ ଲାଭ ପାଇବା ଆଶା ପୋଷଣ କରିବା କିମ୍ବା ଉଦ୍ୟମ କରିବା ଅନୁଚିତ ।

ଏହି ଅନୁଷ୍ଠାନ ଅଭିନବ ନୁହେଁ । ସ୍ୱିଡେନରେ ପ୍ରଥମେ 'ଅନୁସନ୍ଧାନ' ସଂସ୍ଥା ପ୍ରବର୍ତ୍ତନ କରାଯାଇ । ପରେ ଏହା ଅନ୍ୟଠାରେ କରାଯାଇଛି । ଭାରତର ସ୍ୱାଧୀନତାର ରକ୍ଷକ ହିସାବରେ ଏହି ଉଚ୍ଚ ପଦବୀ ଅଧିକାରୀ କାର୍ଯ୍ୟ କରିବେ । ଦୁର୍ନୀତି ବିରୁଦ୍ଧରେ ତାଙ୍କର ସଂଗ୍ରାମ ସ୍ୱଳ୍ପ ନହିଁବ । ଅବିଳମ୍ବରେ ଉପଯୁକ୍ତ ଓ ଆଶୁ ଫଳପ୍ରଦ ତଥା ଉଦ୍‌ଦ୍ୟଂକ୍ରାନ୍ତୀୟ ପଦକ୍ଷେପ ନେବା ଗଣତାନ୍ତ୍ରିକ ସରକାରର ଅନ୍ୟତମ କାର୍ଯ୍ୟ । କ୍ଷମତାର ଅପବ୍ୟବହାର ଗଣତନ୍ତ୍ରକୁ କଳୁଷିତ କରୁଅଛି । ବିଶୁଦ୍ଧ ଗଣତନ୍ତ୍ରର ସଂରକ୍ଷଣ ଅଧିକ ଚିନ୍ତିତ ଭାବନା ଓ ବିଚାର ବିଷୟ ।

ସ୍ୱାଧୀନତା ପରବର୍ତ୍ତୀକାଳରେ ଦୁର୍ନୀତି ବିରୁଦ୍ଧରେ ଭାରତବର୍ଷ ସଂଗ୍ରାମ କରି ଆସିଅଛି । ୧୯୪୭ ମସିହାରେ ଦୁର୍ନୀତି ନିରାକରଣ ଆଇନ ଗୃହୀତ ହୋଇଥିଲା । ଏ ସମ୍ବନ୍ଧରେ ବହୁ ତଦନ୍ତ ହୋଇ ମଧ୍ୟ ସୁଫଳ ମିଳିନାହିଁ । ଉଚ୍ଚସ୍ତରରେ ଦୁର୍ନୀତି ରୋକିବାକୁ ସମସ୍ତ ଉଦ୍ୟମ ପରାହତ ହୋଇଅଛି । ଏହି ନୂତନ 'ଲୋକପାଳ' ସଂସ୍ଥା ଆଗାର ନୂଆ ଆଲୋକ ଦେଖାଇବେ ବୋଲି ଆଶା କରିବା ସ୍ୱାଭାବିକ ।

ଅଧ୍ୟାପକ
ରାଜନୀତି ବିଜ୍ଞାନ ବିଭାଗ
ସରକାରୀ ସାନ୍ଧ୍ୟ ମହାବିଦ୍ୟାଳୟ
ଭୁବନେଶ୍ୱର

## ବି. ଇଡ଼., ଏମ୍. ଇଡ଼ି. ଛାତ୍ର ଛାତ୍ରୀଙ୍କ ଦାବୀ ସଂପର୍କରେ ଶିକ୍ଷା ମନ୍ତ୍ରୀଙ୍କ ବିବୃତି

ଶିକ୍ଷାମନ୍ତ୍ରୀ ଶ୍ରୀ ପ୍ରଦୀପ୍ତ କିଶୋର ଦାସ ଏକ ବିବୃତିରେ ଜଣାଇଛନ୍ତି ଯେ ଷ୍ଟାଇପେଣ୍ଡ ପାଇବା ଲାଗି ବି. ଇଡି. ଏବଂ ଏମ୍. ଇଡି. ଛାତ୍ର ଛାତ୍ରୀଙ୍କ ପକ୍ଷରୁ ଯେଉଁ ଦାବୀ ହୋଇଛି ସେ ସଂପର୍କରେ ରାଜ୍ୟ ସରକାରଙ୍କ ପକ୍ଷରୁ ଇସ୍ତାହାର ପ୍ରକାଶ ପାଇଛି । ସେଥିରେ ସରକାର ଏକଥା ପରିଷ୍କାର କରି ଦେଇଥିଲେ ଯେ ଯେଉଁ ବିଜ୍ଞାପନ ଜରିଆରେ ପ୍ରାର୍ଥୀ ଗ୍ରହଣ କରାଯାଇଥିଲା, ସେଥିରେ କାହାରିକୁ ଷ୍ଟାଇପେଣ୍ଡ ଦିଆଯିବ ନାହିଁ ବୋଲି ଉଲ୍ଲେଖ କରାଯାଇଥିଲା ଏବଂ ତାହା ଜାଣିଶୁଣି ପ୍ରାର୍ଥୀମାନେ ଦରଖାସ୍ତ କରିଥିଲେ । ଦ୍ୱିତୀୟତଃ ଶିକ୍ଷକତା କରୁଥିବା ପ୍ରାର୍ଥୀମାନଙ୍କ ପାଇଁ ଚଳିତ ବର୍ଷ ବିଶେଷ ସୁବିଧା ଦିଆନଯାଇ ସିଧାସଳଖ ପ୍ରାର୍ଥୀମାନଙ୍କୁ ଯୋଗ୍ୟତା ଭିତ୍ତିରେ ଗ୍ରହଣ କରାଗଲା, କିନ୍ତୁ ସି. ଟି. ଟ୍ରେନିଂ ପ୍ରାର୍ଥୀ ଗ୍ରହଣ ବେଳେ ଶିକ୍ଷକତା କରୁଥିବା ପ୍ରାର୍ଥୀଙ୍କ ପାଇଁ ବିଶେଷ ସ୍ଥାନ ସଂରକ୍ଷିତ କରାଯାଇଛି ଏବଂ କେବଳ ସେମାନଙ୍କୁ ଓ ମହିଳା ପ୍ରାର୍ଥୀଙ୍କୁ ଷ୍ଟାଇପେଣ୍ଡ ଦେବାର ବ୍ୟବସ୍ଥା କରାଯାଇଛି । ସି. ଟି. ଟ୍ରେନିଂରେ ଯେଉଁମାନଙ୍କୁ ସିଧାସଳଖ ନିଆଯାଇଛି ସେମାନଙ୍କ ପାଇଁ ଷ୍ଟାଇପେଣ୍ଡର ବ୍ୟବସ୍ଥା ନାହିଁ ।

ଉଚ୍ଚଶିକ୍ଷା ପାଉଥିବା ଛାତ୍ରଛାତ୍ରୀଙ୍କ ପାଇଁ ଋଣବୃତ୍ତି ପାଇବା ପାଇଁ ସୁଯୋଗ ରହିଛି ଏବଂ ବିଭିନ୍ନ ବୃତ୍ତିଗତ ଶିକ୍ଷା ପାଉଥିବା ଛାତ୍ରଛାତ୍ରୀମାନେ ଏହାର ସୁଯୋଗ ନେଉଛନ୍ତି । ବି. ଇଡି ଓ ଏମ୍. ଇଡି. ଛାତ୍ରଛାତ୍ରୀମାନଙ୍କ ଭିତରୁ ଶତକଡା ୧୫ ଭାଗ ବୃତ୍ତି ପାଉଛନ୍ତି ଏବଂ ହରିଜନ, ଆଦିବାସୀ ଛାତ୍ରଛାତ୍ରୀମାନେ ସ୍ୱତନ୍ତ୍ର ବୃତ୍ତି ପାଉଛନ୍ତି । ଏହା ବ୍ୟତୀତ ଅନ୍ୟମାନେ ଲୋନ୍ ଷ୍ଟାଇପେଣ୍ଡର ସୁଯୋଗ ନେଇପାରିବେ ।

ଛାତ୍ରଛାତ୍ରୀମାନଙ୍କ ଅସୁବିଧା ବିଷୟରେ ସରକାର ସଚେତନ ଅଛନ୍ତି ଏବଂ ରାଜ୍ୟର ସୀମିତ ଆର୍ଥିକ ଶକ୍ତି ମଧ୍ୟରେ ସାହାଯ୍ୟ କରିବାକୁ ସର୍ବଦା ପ୍ରସ୍ତୁତ । ସେଥିପାଇଁ ଚଳିତ ବର୍ଷ ପାଠ୍ୟକ୍ରମ ଶେଷ ଭିତରେ ସୁବିଧାରୁ ବଂଚିତ ହେଉଥିବା ଛାତ୍ରଛାତ୍ରୀଙ୍କୁ ଏକକାଳୀନ ସାହାଯ୍ୟ କରିବା କଥା ମଧ୍ୟ ସରକାର ସ୍ଥିର କରିଛନ୍ତି । ଷ୍ଟାଇପେଣ୍ଡ ସଂପର୍କରେ ଅନ୍ୟ ରାଜ୍ୟମାନଙ୍କ ନୀତି କ'ଣ, ସେ ବିଷୟରେ ମଧ୍ୟ ତଥ୍ୟ ସଂଗ୍ରହ କରାଯାଉଛି । ଏସବୁ ଦେଖି ଆସନ୍ତା ବର୍ଷ ପାଇଁ ଏକ ନୀତି ଗ୍ରହଣ କରାଯିବ ।



ଓଡ଼ିଶାର ରାଜ୍ୟପାଳ ଶ୍ରୀ ଭଗବତ ଦୟାଲ ଶର୍ମା ୧୯୭୭ ଅକ୍ଟୋବର ୧୧ ତାରିଖରେ ଭୁବନେଶ୍ୱର ସୂଚନା ଭବନଠାରେ ଜୟପ୍ରକାଶ ଜୟନ୍ତୀ ଉପଲକ୍ଷେ ଆୟୋଜିତ ଉତ୍ସବରେ ଉଦ୍‌ବୋଧନ ଦେଉଛନ୍ତି ।



୧୯୭୭ ଅକ୍ଟୋବର ୧୦ ତାରିଖ ଦିନ ସେଚ ଓ ବିଦ୍ୟୁତ୍ ବିଭାଗ ମନ୍ତ୍ରୀ ଶ୍ରୀ ପ୍ରତାପ ଚନ୍ଦ୍ର ମହାନ୍ତି ଭୁବନେଶ୍ୱର ସଚିବାଳୟଠାରେ ସାମ୍ବାଦିକ ସମ୍ମିଳନୀରେ ଉଦ୍‌ବୋଧନ ଦେଉଛନ୍ତି ।

# ସାହିତ୍ୟ ଓ ସଂସ୍କୃତି

# କୃଷ୍ଣା ଓ କୃଷ୍ଣ

ଶ୍ରୀ ବଜ୍ରାନନ୍ଦ ପାଇକରାୟ

କୃଷ୍ଣାଙ୍କ ଶୟନକକ୍ଷ ହଠାତ୍ ଅପରୂପ ହୋଇଉଠିଲା । ଆସନ୍ନ ସଂଧ୍ୟାର ପୀତ-ବସନ ପ୍ରତିଫଳିତ ହୋଇ ଉଠିଲା କୃଷ୍ଣାଙ୍କ ଅନ୍ତଃପୁରରେ । ଅସଂଖ୍ୟ ବନଫୁଲର ମହକ ଭରିଗଲା ସମୀରଣର ପ୍ରତି ରେଣୁରେ । କୃଷ୍ଣା ଉନ୍ମନା ହୋଇଉଠିଲେ । ନିସ୍ତବ୍ଧତାରେ ନିମଗ୍ନ ହୋଇଗଲେ ସେ ।

ଦୂର ଦିଗନ୍ତରୁ ମୁରଲୀର ମଧୁର ମୂର୍ଚ୍ଛନା ଭାସି ଆସି କୃଷ୍ଣାଙ୍କ ଅନ୍ତରତମ ଦେଶରେ ତୋଳିଦେଲା ମୃଦୁମନ୍ଦ କମ୍ପନ । ଶରୀରର ପ୍ରତି କୋଷାଣୁ ଯେମିତି ଥରିଉଠିଲା ତାଙ୍କର ।

ଧର୍ମରାଜ ଯୁଧିଷ୍ଠିର ପଶି ଆସିଲେ କକ୍ଷକୁ । ଶ୍ମଶ୍ରୁମୁଖ । କେଶ ଅର୍ଦ୍ଧପକ୍ୱ । କିନ୍ତୁ ତରୁଣର ଉଚ୍ଛଳ ହସ ମୁଖ-ମଣ୍ଡଳରେ ମାଖି ଆଲିଙ୍ଗନ କଲେ କୃଷ୍ଣାଙ୍କୁ । କୃଷ୍ଣାଙ୍କର ପ୍ରୋଜ୍ଜ୍ୱଳ ଗଣ୍ଡ ମଣ୍ଡଳରେ ଆଙ୍କି ଦେଲେ ପ୍ରୀତିରେଖା ।

ଯୁଧିଷ୍ଠିର ଯେମିତି ପାଗଳ ହୋଇଯାଇଛନ୍ତି କୃଷ୍ଣାଙ୍କ ପାଇଁ । ବହୁଦିନର ପ୍ରେମତୃଷ୍ଣା ନିବାରଣ କରିବାକୁ ଯାଇ ସେ ଯିମିତି ପାନ କରିଚାଲିଛନ୍ତି ପ୍ରେମାମୃତ । କୃଷ୍ଣା ସଲଜ୍ଜ ଢଙ୍ଗରେ ପ୍ରତି ଆଲିଙ୍ଗନ କଲେ ।

ପୀତ ବର୍ଣ୍ଣର ପ୍ରତିଫଳନ ଅଧିକତରଭାବେ କକ୍ଷରେ ସ୍ୱପ୍ନିଳ ଅନୁଭବ ଦେଇବାକୁ ଲାଗିଲା । ମୁରଲୀସ୍ୱର ଅଧିକ ମାଧୁର୍ଯ୍ୟ ବହନ କରି ଦୁଇଟି ହୃଦୟକୁ ନିବିଡ଼ କରିଦେଲା । ବିବିଧ ବନକୁସୁମର ମିଶ୍ରିତ ମହକ ଘେରିଗଲା ଦୁଇଟି ପ୍ରାଣକୁ ।

ଆଲିଙ୍ଗନରୁ ମୁକ୍ତ ହୋଇ କୃଷ୍ଣା ହସ ହସ ମୁଖରେ ଦେଖୁଥିଲେ ଧର୍ମରାଜଙ୍କୁ । ଧର୍ମରାଜଙ୍କ ଓଠରେ ସ୍ୱପ୍ନପୁରୀର କେଉଁ ଅନୁଭୂତି ଅନ୍ତର୍ହିତ ହୋଇନାହିଁ । ଧର୍ମରାଜଙ୍କ ଅଳସରା ଚନ୍ଦ୍ରପୁଷ୍ପର ସୁରଭି, ହୃଦୟର ଗଭୀର ପ୍ରଦେଶରେ ବଂଶୀର ମୂର୍ଚ୍ଛନା ।

ଅପଲକ ନେତ୍ରରେ ଯୁଧିଷ୍ଠିରଙ୍କୁ ଚାହିଁ ରହିଥିଲେ ସେ ।

କାହାକୁ ସେ ଦେଖୁଛନ୍ତି ।

ଧର୍ମରାଜ ନା ବ୍ରଜନାଥ !!

ଯୁଧିଷ୍ଠିର ବିଦାୟ ଭିକ୍ଷା କଲେ । କୃଷ୍ଣା ସଂବିତ୍‌କୁ ଫେରିଆସି ନିଜକୁ ଦେଖିଲେ—ମନେ ପଡ଼ିଲା ଗୋଟାଏ ଭୁଲ ହୋଇ ଯାଇଛି । ସେ ଆଜି ଧର୍ମରାଜଙ୍କୁ ପ୍ରଣତି ବାଢ଼ି ନାହାନ୍ତି । ଏତେବଡ଼ ଭୁଲ ହୋଇଗଲା କିମିତି !

ଦ୍ରୌପଦୀ ଯୁଧିଷ୍ଠିର ସର୍ବଦା ତାଙ୍କୁ ପିତୃବ୍ୟ ଭଳି ବୋଧ ହୁଅନ୍ତି । ତାଙ୍କର ନୀତିବାଣୀ ଓ ସଂଯମଶୀଳତା କୃଷ୍ଣାଙ୍କ ନିକଟରେ ଖୁବ୍ ମହାନ୍ ଥାଏ ସବୁଦିନ । ଦିବସର ପ୍ରଥମ ଦର୍ଶନରେ ସେ ତାଙ୍କର ପାଦତଳେ ପ୍ରଣତି ବାଢ଼ନ୍ତି ଗୋଟିଏ ବାଧ୍ୟ କନ୍ୟାପରି । ଯୁଧିଷ୍ଠିର ତୋଳି ନିଅନ୍ତି ଏ କନ୍ୟାଟିକୁ କୋଳକୁ । କନ୍ୟାର ଗଣ୍ଡରେ ଯେତେବେଳେ ଚୁମ୍ବନ ବୋଳନ୍ତି, କୃଷ୍ଣା ନୟନ ମୁଦ୍ରିତ କରନ୍ତି ବାତ୍ସଲ୍ୟ ବିଭୋର ପ୍ରାଣରେ । ଅଜି ଟିକିଏ ଏପଟ ସେପଟ ହୋଇଗଲେ ବି ଏଥିରେ ଗଭୀର ବାତ୍ସଲ୍ୟର ଅଭାବ ନଥିଲା ।

କୃଷ୍ଣା କହିଲେ—ଅଜି ମୁଁ ଭୁଲି ଯାଇଛି, କ୍ଷମା କରିବେନି ? ଗୋଟାଏ ନୂଆ ରଙ୍ଗ ରସ ଓ ମୂର୍ଚ୍ଛନା ଆଜି ମୋତେ ପଥଭ୍ରାନ୍ତ କରି ଦେବାରୁ ଆପଣଙ୍କୁ ଏତେ ବେଳ ଯାଏଁ ପ୍ରଣତି ଅର୍ପଣ କରିପାରିନାହିଁ ।

ବିଦାୟୋନ୍ମୁଖ ଧର୍ମରାଜ ସ୍ଥିର ହୋଇ କ୍ଷଣେ ଠିଆ ହୋଇଗଲେ । କୃଷ୍ଣା ପ୍ରଣତି ଢାଳିଦେଲ ଧର୍ମରାଜଙ୍କ ପଦତଳେ । ଯୁଧିଷ୍ଠିର ତୋଳିନେଲେ ପୁଣି କୃଷ୍ଣାଙ୍କୁ ନିଜ ବକ୍ଷକୁ । ତାପରେ ଗୋଟିଏ ବାତ୍ସଲ୍ୟ ଚୁମ୍ବନ ଆଙ୍କି ଦେଇ ବିଦାୟ ନେଲେ ।

ପୀତ ରଙ୍ଗ ସେହିଭଳି ଝଳିଥିଲା କକ୍ଷ ମଧ୍ୟରେ । ବନ କୁସୁମର ବାସ୍ନା ସେହିଭଳି ଭରିଥିଲା ପ୍ରକୋଷ୍ଠରେ । ମୁରଲୀ ବି ଶୁଭୁଥିଲା ସେହିପରି । କୃଷ୍ଣାଙ୍କ ଅଙ୍ଗପ୍ରତ୍ୟଙ୍ଗରେ ପ୍ରେମର ଝରଣା ଝରୁଥିଲା ସେହିପରି ।

ଦ୍ୱିତୀୟ ପାଣ୍ଡବ ଭୀମସେନ ପଶିଆସିଲେ କକ୍ଷକୁ ବିଶାଳ ବକ୍ଷରେ ବିରାଟ ନିଶ୍ୱାସଟି ଫୁଲି ଉଠିଛି ଆହୁରି । ଛାତି ଫୁଲାଇ ପେଶୀବହୁଳ ବାହୁ ଉତ୍ତୋଳନ କରି ବୀର ଦର୍ପରେ ପଦକ୍ଷେପ କରି ମାଡ଼ି ଆସିଲେ ଭିତରକୁ । ଗଦାଟିକୁ ଛାଡ଼ିଆସିବାକୁ ମଧ୍ୟ ଭୁଲିନାହାନ୍ତି ସେହି ବୀର ।

ଦ୍ରୌପଦୀ ହସି ହସି ଭୀମଙ୍କୁ ସ୍ୱାଗତ କରୁଥିଲାବେଳେ କହିଲେ—ଦ୍ୱିତୀୟ ପାଣ୍ଡବ କଣ କୃଷ୍ଣାର ଏ କକ୍ଷକୁ ମଲ୍ଲଭୂମି ଭଳି ମନେ କଲେକି ? ଗଦାଟିକୁ ମଧ୍ୟ ଛାଡ଼ି ଆସି ପାରିଲେ ନାହିଁ ?

ଭୀମ ଚକିତ ହୋଇଗଲେ—ସତେତ, ଏଠିକି ଗୋଟାଏ ଗଦାଧରି ଆସିବା କେତେ ହାସ୍ୟାସ୍ପଦ କଥା । ପ୍ରେମ ଭୂମିରେ ଗଦା ଗୋଟାଏ ମସ୍ତବଡ଼ ଭ୍ରାନ୍ତି । କିନ୍ତୁ ପୌରୁଷ ଦର୍ପରେ ଦର୍ପୀ ଭୀମସେନ କହିଲେ—ଗଦାଟାକୁ ଛାଡ଼ି ଆସିବାକୁ ହେଲେ ସମୟତ ଦରକାର । ହୃଦୟ ପାଖରେ ସେ ସମୟ କାହିଁ ? ସିଧା ସିଧା କ୍ରୀଡ଼ାଙ୍ଗନାକୁ ଝୁଣ୍ଟି କସରତ ସାରି ଫେରିଅଛି ଏଠିକି । ଟିକିଏ କ୍ଳାନ୍ତି ଅପନୋଦନ କରିବା ନିତାନ୍ତ ଦରକାର ପଡ଼ିଲା । ତାପରେ ଦୁନିଆର ସକଳସ୍ଥାନ ମୋତେ ମଲ୍ଲଭୂମି ଭଳି ବୋଧ ହୁଏ । ତୁମ କକ୍ଷଟି କଣ ମଲ୍ଲଭୂମି ବୋଲି ତୁମେ ସ୍ୱୀକାର କରିବ ନାହିଁ ?

ଏ ଶାଣିତ ବ୍ୟଙ୍ଗାଶ୍ରିତ ଶୃଙ୍ଗାର ବାଣୀରେ ଦ୍ରୌପଦୀ ଲଜ୍ଜିତ ହୋଇଗଲେ । ଏ ଶବ୍ଦ ପ୍ରୟୋଗ ଭିତରେ ଯେଉଁ ଅଶ୍ଳୀଳତା ଲୁଚି ରହିଛି, ତାହା ଭୀମ ହୃଦୟଙ୍ଗମ କରିଛନ୍ତି କି ନାହିଁ ଦ୍ରୌପଦୀ ବୋଧ କରିପାରିଲେ ନାହିଁ । ତଥାପି ସେ କହିଲେ—ଏ ପ୍ରକାର ମଲ୍ଲହେବା ପାଇଁ ହିଡ଼ିମ୍ବିଙ୍କର ଯୋଗ୍ୟତା ମୋ ଅପେକ୍ଷା ବେଶି ବୋଲି ମନେହୁଏ ।

ହସି ହସି କୃଷ୍ଣାଙ୍କୁ ଗୋଟିଏ ବାହୁରେ ଆଲିଙ୍ଗନ କରି ନେଇ ଆସିଲେ ପଲ୍ୟଙ୍କ ଉପରକୁ । ଅନ୍ୟ ହାତଟି ଗଦା ଉପରେ ସେହିପରି ଥିଲା । କୃଷ୍ଣା ହସି ହସି ଚେତନା ହୋଇଗଲେ ଗୋଟିଏ ଦୁର୍ଦ୍ଦମ ମଦିରର ଆଲିଙ୍ଗନ ମଧ୍ୟରେ । କହିଲେ—ଗୋଟିଏ ହାତରେ ଗଦା, ଆଉ ଗୋଟିଏ ହାତରେ ମୁଁ—ତୁମେ ଗଦାଟିକୁ ଯେତିକି ଭଲ ପାଅ, ମୋତେ ସେତିକି ଭଲପାଅ ।

ଭୀମ ନିଜର ଭ୍ରମ ବୁଝିପାରି ମଧ୍ୟ ଭ୍ରମଟିକୁ ଠିକ୍ ବୋଲି ପ୍ରମାଣିତ କରିବାକୁ ଚେଷ୍ଟାହେଲେ ପଶ୍ଚାତପଦ ହେଲେନାହିଁ, ଭୀମ କହିଲେ—ଏ କକ୍ଷରେ ଏଠାକାର ମଲ୍ଲ ମୋ ପାଖରେ ଯେତିକି ପ୍ରୀତିର ପାତ୍ର, ଯୁଦ୍ଧଭୂମିରେ ଗଦାଟି ସେତିକି ପ୍ରୀତିର ପାତ୍ର ।

କୃଷ୍ଣା ଚାହୁଁଥିଲେ ଏ ଦୁର୍ଦ୍ଦାନ୍ତ ସ୍ୱାମୀର ନିବିଡ଼ତା ମଧ୍ୟରେ ନିଜକୁ ହଜାଇ ଦେବାକୁ କିନ୍ତୁ ଆତ୍ମସମ୍ମାନର ସଚେତନ ହୋଇ ଭୀମ ତାଙ୍କୁ ଏଥିରୁ ବଞ୍ଚିତ କରୁଛନ୍ତି, ଭୀମ କଣ ବୁଝନ୍ତି ନାହିଁ—ଯୁଦ୍ଧ ଭୂମିରେ ଆତ୍ମ ମର୍ଯ୍ୟାଦା ରକ୍ଷା କରି ବିଜୟୀ ହେବାରେ ଯେତିକି ଗୌରବ ଅଛି, ପ୍ରେମଭୂମିରେ ଆତ୍ମମର୍ଯ୍ୟାଦା ହରାଇ ପରାଜିତ ହେବାରେ ତାଠୁ ବଳି ଅଧିକ ଗୌରବ ରହିଛି । ଦ୍ରୌପଦୀ କହିଲେ—ଏତ ଆଉ ଯୁଦ୍ଧ ଭୂମି ନୁହେଁ, ତେବୁ ଯୁଦ୍ଧ ଭୂମିର ସେ ପ୍ରୀତିର ପାତ୍ରଟିକୁ କାନ୍ଧରୁ ଓହ୍ଲାଇ ଦିଅ । ଭୀମ ସେ ଟାଏ ନିଃଶବ୍ଦ ଚୁମ୍ବନ

କୃଷ୍ଣାଙ୍କ ଶିରରେ ଲେସି କାଉ ଓହ୍ଲାରି ଆସିଲେ ପଦା ଟିକୁ ଏବଂ ଗଦାଡନ୍ତରେ ଗୋଟାଏ ସଶବ୍ଦ ଚୁମ୍ବନ ଅଙ୍କି ଦୂରବର୍ତ୍ତୀ କରିଦେଲେ ।

ତାପରେ କୃଷ୍ଣା ଅନୁଭବ କଲେ ତାଙ୍କ ସତ୍ତାଟା ଯେମିତି ଗୋଟାଏ ବିରାଟ ପୁରୁଷ ମଧ୍ୟରେ ହଜି ଚାଲି ଯାଉଛି, ମୁରଲୀର ସ୍ୱନ ଭାସି ଆସୁଛି ସେହି ବିରାଟ ପୁରୁଷଙ୍କ ମଧ୍ୟରୁ । ବିରାଟ ତନୁରୁ ବନକୁସୁମର ବାସ୍ନା ବହୁଚି ଆସୁଛି, କୃଷ୍ଣା ପଚାରୁଥିଲେ—ତୁମେ ଆଜି ଖୁବ ବାସୁଛତ ? ଅସଂଖ୍ୟ ବନକୁସୁମର ସୁରଭି ତୁମ ଅଙ୍ଗରେ ବୋଳି ହୋଇଛି ଆଜି ? ଭୀମ କହୁଥିଲେ—ନା, କୃଷ୍ଣା, ଅଙ୍ଗରେ ନୁହେଁ— ମନ ଭିତରେ । ମନ ଭିତରେ ମୋ ଅଜସ୍ର ସୁରଭିର ଜୁଆର । ସେ ଜୁଆର ତୁମକୁ ଠେଲି ନେଇ ଯିବାକୁ ଚାହେଁ । କିନ୍ତୁ ମୁଁ କ୍ଳାନ୍ତ । ମଲ୍ଲଭୂମିରୁ ଯୁଦ୍ଧ ସାରି ଫେରୁଛି, ବିଶ୍ରାମ ଦରକାର । କୃଷ୍ଣା ଶୁଆଇ ଦେଲେ ସେ ବିରାଟ ପୁରୁଷଙ୍କୁ ନିଜ ଅଙ୍କ ସଂଲଗ୍ନ କରି ।

ମୁହୂର୍ତ୍ତ କେତେଟାରେ ଦ୍ୱିତୀୟ ପାଣ୍ଡବଙ୍କର ନାସାପଥ ଦେଇ ବାହାରି ଆସିଲା ଘଡ଼ଘଡ଼ି ଶବ୍ଦ ସୁସୁପ୍ତିର ସଙ୍କେତ ବହନ କରି, କିନ୍ତୁ ଅଳ୍ପ କେତୋଟି ମୁହୂର୍ତ୍ତର ସୁଖସୁପ୍ତି-ପରେ ଜାଗି ଉଠିଲେ ପୁଣି । ପଲ୍ୟଙ୍କରୁ ଓହ୍ଲାଇ ଆସି କାନ୍ଧରେ ପକାଇ ଧରିଲେ ଗଦାଟିକୁ । କହିଲେ—ମୁଁ ଯାଉଛି, କୃଷ୍ଣା । କୃଷ୍ଣା ଠିଆ ହେଲେ ଭୀମଙ୍କ ପାର୍ଶ୍ୱରେ । ଚାହିଁଲେ ସେ ତୃପ୍ତିର ମୁହଁଟିକୁ । ଉଃ, କେତେ ଗୋଟାଏ ତୃଷ୍ଣା ! ଆତ୍ମ କ୍ଳାନ୍ତି ଅପନୋଦନରେ ବିଭୋର ସଦା । କେବେ ଟିକିଏ ବୁଝିବା ନାହିଁ ଅପରର କ୍ଳାନ୍ତି କଥା । ଚକ୍ଷୁରେ ଲୋତକ ଭରିଗଲା କୃଷ୍ଣାଙ୍କର । ଦ୍ୱିତୀୟ ପାଣ୍ଡବଙ୍କର ଗର୍ବିତ ଶିରଟାକୁ ନୁଆଁଇ ଆଣି କୃଷ୍ଣା ଅଙ୍କି ଦେଲେ ଗୋଟାଏ ପ୍ରୀତିରେଖା । ଭୀମସେନଙ୍କର ବିଦାୟକାଳୀନ ସ୍ମୃତି ଏ ! ଭୀମ ଏ ସ୍ମୃତି ବହନ କରି ଚାଲିଗଲେ ଦିଗ୍‌ବିଜୟୀ ବୀରଙ୍କ ପରି । କୃଷ୍ଣା ଚାହିଁ ରହିଥିଲେ ଜ୍ୟୋତ୍ସ୍ନାର ଶୀତଳତା ଭିତରେ । ଭାବୁଥିଲେ କ୍ଷେତ୍ରରେ ତାଙ୍କର ସ୍ୱାର୍ଥ ନାହିଁ । ପର ପାଇଁ ଜୀବନ ଉତ୍ସର୍ଗ କରିବାକୁ ସେ ବଦ୍ଧପରିକର । ଦୁଃଶାସନ ଜାନୁର ରକ୍ତରେ ମୁକ୍ତବେଣୀ ବାନ୍ଧିବେ କୃଷ୍ଣାର । ବିରାଟ ରାଜାର ଘରେ କୀଚକର ବେକ ଛିଣ୍ଡାଇ ଦେଇଛନ୍ତି କୃଷ୍ଣା ପାଇଁ । ଅଥଚ......! ଭଗିନୀର ଉଦ୍ଧାର ପାଇଁ ଜ୍ୟେଷ୍ଠ ଭ୍ରାତାର ମହାନତା ଅଛି, କିନ୍ତୁ ପ୍ରେମ ଓ ପ୍ରଣୟରେ ସେ ନିତାନ୍ତ ଉଦାସୀନ ।

ବଂଶୀ ସ୍ୱନ ମୂର୍ଚ୍ଛନା ତୋଳୁଥିଲା । ସେହି ରଙ୍ଗ, ସେହି ରସ, ସେହି ଗନ୍ଧ ସେହିପରି ସ୍ୱପ୍ନମୟ କରିଥିଲା । କୃଷ୍ଣା ଶାୟିତ ରହି ଏହି ପରିବେଶ ମଧ୍ୟରେ ଆନ୍ଦୋଳିତ ହେଉଥିଲେ ।

ହଠାତ୍ କୃଷ୍ଣା ଅନୁଭବ କଲେ—କିଏ ଜଣେ ଚୁପ୍ ଚୁପ୍ ଆସି ପାର୍ଶ୍ୱରେ ଠିଆ ହୋଇଛନ୍ତି । ପାର୍ଶ୍ୱ ପରିବର୍ତ୍ତନ କରି ଦେଖିଲେ କନିଷ୍ଠ ପାଣ୍ଡବ ସହଦେବ । ଆହା ବିଚରା, କେତେ ଲାଜ ପିଲାଟାଏ । ଭରସି ପାରେ ନାହିଁ କଥା କହିବାକୁ । ହସିବାକୁ ମନଥିଲେବି ହସିପାରେ ନାହିଁ, ଛୁଇଁବାକୁ ଇଚ୍ଛାଥିଲେ ବି ଛୁଇଁପାରେ ନାହିଁ । ସେତେବେଳେ ମନଟା କଣ ହୋଇଯାଏ, ବିଚରା ପଳାଇଆସେ ଦ୍ରୌପଦୀଙ୍କ ପାଖକୁ । ଦ୍ରୌପଦୀ କୋଳ କରି ଚିକୁଟିଅର ଖେଳ କରିଦିଅନ୍ତି ବୋକାର ଫୁଲକା ଗାଲରେ ।

ଦେଖିଲେ ତଥାପି ସହଦେବ ଠିଆହୋଇଛନ୍ତି । କୁଣ୍ଢାଇ ନେଇ ଆସିଲେ ତାଙ୍କୁ । ଖେଳ କରି କରି ଗୁଣୁଗୁଣୁ ସ୍ୱରରେ ଗୀତ ଗାଇଲେ—ଉଠିଲୁ ଏତେ ବେଗି କାହିଁକିରେ ଦଧି ମନ୍ଥାଇ ଦେବୁ ନାହିଁକିରେ । ପିଠି ଥାପୁଡେଇ ଥାପୁଡେଇ କୋଳରେ ଶୁଆଇଦେଲେ ତାଙ୍କୁ ।

ଏଇ ପିଲାଟି ପାଇଁ ବେଶି ଦୟାହୁଏ ଦ୍ରୌପଦୀଙ୍କର । ମାତା ମାଦ୍ରୀ ଥିଲେ ଅପରୂପା ସୁନ୍ଦରୀ । ପିତା ପାଣ୍ଡୁ ଥିଲେ ଅଭିଶପ୍ତ—"ନାରୀ ସମ୍ଭୋଗରେହିଁ ତାଙ୍କର ମୃତ୍ୟୁ ଆସିବ ।" କୁନ୍ତୀଙ୍କୁ ଉପଭୋଗ କରିବା ଏଡ଼ି ଚାଲିଲେ । ନାରୀ ସମ୍ଭୋଗ ବିନା ଜୀବନଟା ହା ହୁତାଶ ହେଲା । କେବଳ ବଞ୍ଚିବାପାଇଁ ସେ ସଂଯମ ଅବଲମ୍ବନ କରି ଚାଲିଥିଲେ । କିନ୍ତୁ ଯେଉଁଦିନ ଋତୁସ୍ନାତା ମାଦ୍ରୀଙ୍କ ରୂପଲାବଣ୍ୟରେ ସୂର୍ଯ୍ୟଦେବ ମଧ୍ୟ ସ୍ତମ୍ଭୀଭୂତ ହୋଇ କିଛିକ୍ଷଣ ଅଚଳ ରହି ଅଟକି ଗଲେ, ସେଦିନ ପାଣ୍ଡୁ ତାଙ୍କର ହୃଦୟ ସଂଗ୍ରାମ ଉପେକ୍ଷା କଲେ । ଜୀବନ ଅପେକ୍ଷା ମୃତ୍ୟୁ ଅଧିକ ଆକର୍ଷଣୀୟ ହୋଇ ଉଠିଲା । ଛଳଛଳ ନେତ୍ରରେ ସେ ସୁନ୍ଦରୀ ମାଦ୍ରୀଙ୍କୁ ପ୍ରଣୟ ଭିକ୍ଷା କଲେ । ମାଦ୍ରୀ ସ୍ଥିର କରିପାରିଲେ ନାହିଁ—ନିଜର ବୈଧବ୍ୟ ଓ ସ୍ୱାମୀଙ୍କ ଅନୁରୋଧ ମଧ୍ୟରେ କାହାର ଗୁରୁତ୍ୱ ବେଶି । ସ୍ୱାମୀଙ୍କ କରୁଣ ନିବେଦନ, ସଜଳ ଚାହାଣି ଓ ଦୟନୀୟ ନିବେଦନ ନିକଟରେ ନିଜର ବୈଧବ୍ୟକୁ ତୁଚ୍ଛ ମଣିଲେ ସେ, ସମର୍ପିଦେଲେ ନିଜକୁ ପାଣ୍ଡୁଙ୍କ ଭୁଜବନ୍ଧନରେ । ସମ୍ଭୋଗ କାଳରେ ଅଭିଶପ୍ତ ପାଣ୍ଡୁ ଢଳି ପଡ଼ିଲେ ଚକ୍ରାଘାତରେ । ଆଉ ସେହି ଅବିସ୍ମରଣୀୟ ସମ୍ଭୋଗ କାମନାର ରୂପ ପରିଗ୍ରହ କରି ଜନ୍ମନେଲା ସହଦେବ ! ଅଥଚ ବିଚରା ସମ୍ଭୋଗ କଣ ଜାଣେ ନାହିଁ । ମାତୃହରା ସନ୍ତାନଟି ମାତୃସ୍ନେହର ଟିକିଏ ସ୍ପର୍ଶ ପାଇବା ପାଇଁ ଏଠିକି ଧାଇଁ ଆସେ ବେଳେବେଳେ ! ଶୋଇଛି; ଶୋଇଥାଉ । ମୁହଁଉପରୁ ତାର ଅଶୃଙ୍ଖଳ କେଶରାଶି ଆଡ଼େଇଦେଲେ ସେ । ଭାବିଲେ—ଏ ପିଲାଟି କିଏ ? ତାଙ୍କର ସ୍ୱାମୀ ? ନା ତାଙ୍କର ଦେବର ? ନା ଭାଇ ? ନା ପୁତ୍ର ?.....

ଏତିକିବେଳେ ପଶିଆସିଲେ ନକୁଳ । ଦେଖିଲେ କୃଷ୍ଣାଙ୍କ କୋଳରେ ଶୋଇପଡିଛି ସହଦେବ । ଫେରି-ଯାଉଥିଲେ ଭିଡ଼ କାମୁଡ଼ି । କୃଷ୍ଣା ଉଠିପଡ଼ି କହିଲେ—"ଭିଡ଼କାମୁଡ଼ି କେବେ ଭୁଲ ସଂଶୋଧନ କରାଯାଏ ନାହିଁ । ଆସ, ଭୁଲ ସଂଶୋଧନ କରିବା ରାସ୍ତା ବତାଇ-ଦେବି ।" ଉଠିଯାଇ ଶାଳ ପିଟାକୁ ଡୋରିଦେଲେ । କହିଲେ—"ଦେଖିବ, ସହଦେବଙ୍କୁ ଉଠାଇଦେବି" ।

ନକୁଳ କହିଲେ—ନା, ନା, ଦେବୀ, ମୋ ରାଣ, ତା କରନି । ମୁଁ ଭୁଲ ସ୍ୱୀକାର କରୁଛି । ଘୋଡ଼ାଶାଳରେ ରହି ରହି ବିରକ୍ତ ଲାଗିଲା । ମନ ଭୁଲାଇବା ପାଇଁ ଟିକିଏ ପଳାଇଆସିଲି ଯେ ବଡ଼ା ଶାନ୍ତି ମିଳିଲାଣି । ମୁଁ ମୋର ଘୋଡ଼ାଶାଳକୁ ଲେଉଟି ଯାଏଁ ।

ଦ୍ରୌପଦୀ କହିଲେ — ଘୋଡ଼ାଶାଳରେ ଖାଲି ଘୋଡ଼ାଙ୍କର ସେବା କରୁଥିବ ନା, ଘୋଡ଼ା ଚଢ଼ା ଶିଖିଲଣି ?

ନକୁଳ କହିଲେ—ଅରେ ବାପ୍‌ରେ—ଘୋଡ଼ା ଚଢ଼ା ? ସେ ଚଢ଼ାଚଢ଼ି ବ୍ୟାପାର ମୋ ଦେହି ହେବ ନାହିଁ । ମୋ ଘୋଡ଼ା ଭଲ ତ ମୁଁ ଭଲ । ଅଶ୍ୱିନୀକୁମାରଙ୍କ ପୁତ୍ର କି ନା !

ଦ୍ରୌପଦୀ କହିଲେ—ହେଲେ ଘୋଡ଼ାକୁ ନିମିତ୍ତ ମାତ୍ର କରି ବେଶ୍ କଥା କହି ଶିଖିଲଣି ତ ! କିନ୍ତୁ କଥା କମ୍, ବେଶି କାମ ଶିଖିବା ଉଚିତ ।

ନକୁଳ କହିଲେ—ଶିଖାଉଛି କିଏ ? ସେମିତିକା ଗୁରୁ ମିଳିଲେ ତ ।

ଦ୍ରୌପଦୀ—କାମ ଶିଖିବାକୁ ଇଚ୍ଛା ଥିଲେ ଗୁରୁର କଣ ଅଭାବ ରହିବ ?

ନକୁଳ—ଆଚ୍ଛା ତାହାହେଲେ ଶିଖାଅ । ମୁଁ ଠିଆ-ହୋଇ ରହିଲି । ଦ୍ରୌପଦୀ ନକୁଳଙ୍କୁ ଆଲିଙ୍ଗନ କରି ଆଣି କପାଳରେ ଚୁମ୍ବନ ଆଙ୍କି ଦେଲେ । କହିଲେ ବେଶ୍, ଆଉ ଅବାଧ୍ୟ ହେବନି । ଗୁରୁଙ୍କ ଆଦେଶ ମାନି ଚଳିବ ।

ପଳେଇଯିବାକୁ ନକୁଳ ଛାଟିପିଟି ହେଉହେଉ କହିଲେ—ଛି, ଛାଡ଼, ମୋତେ ଖୁବ୍ ଲାଜ ଲାଗୁଛି । ମୁଁ ପଳେଇଯାଏଁ । ସହଦେବଟା ଉଠିବ ଯେବେ ! ସେ ତ ତ୍ରିକାଳଜ୍ଞ । ସେ ଯଦି ଶୋଇରହି ଏସବୁ ଜାଣୁଥିବ; ତେବେ କେଡ଼େ ଲାଜର କଥା ହେବନି କହିଲ ? ଗାଲଟାକୁ ଚିମୁଡ଼ି ଦେଇ ଦ୍ରୌପଦୀ କହିଲେ- ଲାଜର-ପିଲାଙ୍କର କେଉଁଠିରେ ହେଲେ ସ୍ଥାନ ନଥାଏ ।

ବଂଶୀଧ୍ୱନି ଶୁଣାଗଲା । ଦ୍ରୌପଦୀ ପଚାରିଲେ — ବଂଶୀଧ୍ୱନି ଶୁଭୁଛି କେଉଁଠି ?

ନକୁଳ—ହଁ, ସତେତ । ଶବ୍ଦଟା ଏହି ପାଖୁ କେଉଁ... ବାହାରିଲାପରି ମନେ ହେଉଛି ।

ଦ୍ରୌପଦୀ ପଚାରିଲେ — ତୁମେ ତ ଆଉ ... ବଂଶୀଧାରୀ ନୁହଁ ? ସେମିତି ଦିଶୁଛ ଆଜି । ସତେ... ତୁମେ ଯଦି ବଂଶୀ ଫୁଙ୍କନ୍ତ..................ଗୋପାଙ୍ଗନା ଉନ୍ମ... ହୋଇ ଯାଆନ୍ତେ । ରାଧାଙ୍କ କଥା ତ ଅସମ୍ଭାଳ ହୁଅନ୍ତା । ତୁମେ କଣ ସମ୍ଭାଳି ପାରନ୍ତ ଏତେ କଥା ?

ନକୁଳ କହିଲେ—ମଣିଷର କି ଶକ୍ତି ଅଛି ଯେ ... ସବୁ ସମ୍ଭାଳିବ ? ସବୁ ସେ ବଂଶୀ ଖଣ୍ଡକର କରାମତି । ସେଇ ଖଣ୍ଡିକ ହାତରେ ଥିଲେ ସବୁ କିଛି ସମ୍ଭାଳି ନିଅନ୍ତି । ଆଚ୍ଛା, ମୋ ଘୋଡ଼ାଶାଳକୁ ମୁଁ ଯାଏଁ— ଘୋଡ଼ାଗୁଡ଼ାକ ଅସମ୍ଭାଳ ହେବେଣି । ସହଦେବଟାକୁ ଉଠାଇଦେଉନ, ବଡ଼ ଚେହ୍ଲାପରି ଶୋଇ ପଡ଼ିଛି ଏତେବେଳଯାଏଁ ।

ନକୁଳ ବିଦାୟ ନେଲେ । ସହଦେବଙ୍କର ନିଦ ଭାଙ୍ଗିଲା । ସହଦେବ କହିଲେ—ବହୁତ ସମୟ ଶୋଇ-ପଡିଲି ଏଠି । ମା କୁନ୍ତୀଙ୍କ କୋଳ ଅପେକ୍ଷା ଏଠା ଟିକିଏ ବେଶୀ ନରମ ଲାଗେ ! କିନ୍ତୁ ମା କୁନ୍ତୀ ଖୋଜୁ-ଥିବେ, ମୁଁ ଯାଏଁ । ଏତକ କହି ପଳାଇଯାଉଥିଲେ ସହଦେବ । ଦ୍ରୌପଦୀ ପଛରୁ ଶୁଣାଇଲେ—ତୁମର ପାଉଣା ନ ନେଇ ଗ୍ଭଲିଯାଉଛ ଯେ । ସହଦେବ କିଛି ବୁଝି ନପାରି କ୍ଷଣେ ଠିଆହୋଇ ବୁଝିବାକୁ ଚେଷ୍ଟା କଲେ । କୃଷ୍ଣା ତାଙ୍କ ପାଖକୁ ଯାଇ ଗୋଟାଏ ଚୁମ୍ବନ କରିଦେଲେ । ସହଦେବ ପାଉଣାଟି ପାଇ ମୁରୁକି ହସ ମାରି ଧାଇଁ ପଳାଇଲେ ଲାଜରେ ।

ବଂଶୀର ମଧୁର ରାଗିଣୀ ଗୁଞ୍ଜରି ଉଠିଲା । ବନ-ଫୁଲର ମାଦକ ଘ୍ରାଣ ଆଉ ମନରେ ଭରିଦେଲା ଅପୂର୍ବ ପୁଲକ । ସଂଧ୍ୟା କେତେବେଳକୁ ଅତିକ୍ରାନ୍ତ ହେଲାଣି ତଥାପି ପୀତବର୍ଣ୍ଣର ପ୍ରତିଫଳନ କ୍ଷୀଣ ଦୀପାଲୋକ ଭିତରେ ତେଉଡ୍ଡେଉକା କମନ ସ୍ଫୁରୁଥିଲା ।

ଧୀର ପଦକ୍ଷେପରେ ଇନ୍ଦ୍ରିୟ ଜୟକାରୀ ଅର୍ଜୁନ ପ୍ରବେଶକଲେ କୃଷ୍ଣା ପୁରୀରେ । କୃଷ୍ଣାଙ୍କ ଆଗରେ ଠିଆହେଲେ ଗାମ୍ଭୀର୍ଯ୍ୟମୁଖ ଧାରଣ କରି । ଏହି ସେ ସବ୍ୟସାଚୀ, ଯେ ବାମହସ୍ତରେ ଶର ସଂଧାନ କରି ମତ୍ସ୍ୟର ବାମ ଚକ୍ଷୁ ବିଦ୍ଧ କରିଥିଲେ, ଯାହାଙ୍କୁ ସେ ସ୍ୱାମୀ ରୂପେ ବରଣମାଳା ପିନ୍ଧାଇ ଦେଇଥିଲେ ହସିହସି । କୃଷ୍ଣା ଆଉ ଟିକିଏ ପାଖକୁ ଲାଗିଆସିଲେ କିନ୍ତୁ ଅର୍ଜୁନଙ୍କ ସ୍ୱର

କଲେ ନାହିଁ । ଅତି ପାଖାପାଖି ହୁଇଟି ପ୍ରାଣ । ତଥାପି ପରସ୍ପରଠାରୁ ବହୁଦୂରରେ ସେମାନେ ଯିମିତି । କୃଷ୍ଣାଙ୍କ ନୟନରୁ ଲୋତକ ଧାର ଝରି ଆସିବାଉପରେ ।

କୃଷ୍ଣା ପଚାରିଲେ—ହେ ବୀର ପୁଙ୍ଗବ ! ତୁମେ ସେଦିନ ସ୍ୱୟମ୍ବରରେ ଅହଂକାର ପ୍ରତିଷ୍ଠା କରିବା ପାଇଁ, ବୀରତ୍ୱ ପ୍ରଦର୍ଶନ କରିଥିଲ, ନା ଦ୍ରୁପଦ ନନ୍ଦିନୀକୁ ବିବାହ କରିବାକୁ ମାଛ ଟାର ଆଖିକୁ ଶରବିଦ୍ଧ କରିଥିଲ ?

ଜିତେନ୍ଦ୍ରିୟ ଅର୍ଜ୍ଜୁନ କହିଲେ—ନା; ଉଭୟଟାରୁ କୌଣସିଟା ପାଇଁ ନୁହେଁ ।

—ଆଉ ?

—ଶ୍ରୀକୃଷ୍ଣଙ୍କ ଆଦେଶ ପାଳନ କରିବାକୁ ।

—ଶ୍ରୀକୃଷ୍ଣଙ୍କ ଆଦେଶ ଏତେ ନିଷ୍ଠୁର ।

ବଂଶୀରୁ ବେସୁରା ରାଗିଣୀ ଝରିଲା । କୃଷ୍ଣାଙ୍କର ନୟନକୁ ଆଶ୍ରୟ କରିଥିବା ଲୋତକ ବିନ୍ଦୁଗୁଡ଼ିକ ଆଉ ଆଶ୍ରୟ ନପାଇ ଝରିଆସିଲେ ବକ୍ଷଉପରକୁ ।

ଅର୍ଜ୍ଜୁନ କହିଲେ—ସେ ମୋର ଅନ୍ତରଙ୍ଗ ସଖା । ତାଙ୍କର ନିନ୍ଦାରଟନାକୁ ମୁଁ ଆଦୌ ବରଦାସ୍ତ କରିପାରେ ନାହିଁ ।

ଦ୍ରୌପଦୀ କହିଲେ—ତେବେ କୃଷ୍ଣାର ଲୁହଧାରକୁ କେଉଁ ବରଦାସ୍ତ କରାଯାଇ ପାରେ ସବ୍ୟସାଚୀ ? ତୁମେ କଣ ମୋ ଉପରେ ଅଭିମାନ କରିଛ ମାତା କୁନ୍ତୀଙ୍କ ଆଦେଶ ପାଇବା ପରେ ପରେ ? ତାହେଲେ ମାତାଙ୍କ ଆଦେଶ କେଉଁ ଲଙ୍ଘନ କରିପାରିଥାନ୍ତ । ମୋ ଆଖିର ଲୁହକୁ ଏଡ଼ି ଦେଇପାର—କିନ୍ତୁ ସୁଭଦ୍ରାଙ୍କ ଆଖିର ଲୁହକୁ କଣ ବରଦାସ୍ତ କରିପାରିବ ସବ୍ୟସାଚୀ ? ତୁମେ ମୋ ଭିତରଟାକୁ ଚିହ୍ନିପାରିବ ନାହିଁ ଅର୍ଜ୍ଜୁନ । ମୋ ପ୍ରେମକୁ ବୁଝି ପାରିବ ନାହିଁ ତୁମେ ! ସେଥିପାଇଁ ମୋ ସ୍ପର୍ଶ ଡରରେ ଏତେ ଦୂରରେ ଠିଆହୋଇ ରହିଛ ! ତୁମେ ଭାବିଥିଲ, ତୁମେ ମୋତେ ଏକାକୀ ଉପଭୋଗ କରିବ ବୋଲି । ମା ତାହା କରାଇଦେଲେ ନାହିଁ । ଏଥିପାଇଁ ତୁମର ଅଭିମାନ । ଆଉମୋର କଣ ଏଥିରେ ଅଭିମାନ କରିବାକୁ କିଛି ନଥିଲା ? କିନ୍ତୁ ମୁଁ ସର୍ବାନ୍ତକରଣରେ ପାନ କରିଗଲି ସେ ଗରଳଭରା ଆଦେଶ । ଆଉ ତୁମେ ପାରିବ ନାହିଁ କାହିଁକି ? କିନ୍ତୁ ତୁମର ଭାଇମାନେ କେତେ ମହାନ୍ । ତୁମର ଅଭିମାନ ଅଗ୍ନି ଆହୁରି ପ୍ରଜ୍ଜ୍ୱଳିତ ହୋଇଉଠୁ ପଛେ; ମୁଁ କହିବି—ସେମାନଙ୍କର ଅନ୍ତର କେତେ ପବିତ୍ର । କେତେ ସରଳ ସେମାନେ । କେତେ ଉଦାର । ତୁମଭଳି ଶୁଷ୍କ ବୈରାଗ୍ୟର ଗୋଟାଏ ପ୍ରତିମୂର୍ତ୍ତି ତାହା ବୁଝିପାରିବା ଭଳି ମନେ ହୁଏ ନାହିଁ । ସେମାନଙ୍କୁ ପାଇ ମୋ ସଂକୀର୍ଣ୍ଣତା ଦହଳିଯାଏ କେଉଁଆଡେ । ମୋ ଅନ୍ତରର ଗରଳ ପାଣି ହୋଇଯାଏ । ମୋତେ ପାପସ୍ପର୍ଶ କରେ ନାହିଁ । ପାପବୋଧ ମଧ୍ୟ ଅନ୍ତର୍ହିତ ହୋଇଯାଏ । ଆଉ ତୁମକୁ ଦେଖିଲେ ସେ ଭାବସବୁ ପୁଣି ତରଳ ହୋଇଆସେ । ପାପ ଓ ପାପବୋଧ ପୁଣି ମୂର୍ତ୍ତିମନ୍ତ ହୋଇଉଠନ୍ତି । ଯୌନ ସମ୍ଭୋଗ ପାଇଁ ଗୋଟାଏ ସୁପ୍ତ ସର୍ପ ମୋ ଭିତରେ ଅଳସ ଭାଙ୍ଗେ । ଆଉ ତୁମେ ଜିତେନ୍ଦ୍ରିୟ ନିଷ୍ଠୁରତାର ପର୍ବତ ଧରି ଗୋଟିଏ ନିଷ୍ଠୁର ସଖାର ଆଦେଶ ପାଳନ କରିବାକୁ ଆଗେଇଯାଅ । କିଏ କହେ ସେ ପ୍ରେମର ଦେବତା । ଶୁଣାଯାଏ ଗୋପପୁରରେ ଥିଲାବେଳେ ସେ ସେମିତି ଗୋଟାଏ ଥିଲେ । କିନ୍ତୁ ସେ ଏବେ ତାହାର ଏକ ନିଷ୍ଠୁର ରୂପାନ୍ତର । ସବ୍ୟସାଚୀ, ତୁମ ମନରେ ଯଦି ଆଘାତ ଦେଇଥାଏ, ମୁଁ ନାଚାର । କିନ୍ତୁ ତୁମକୁ ଆଘାତ ଦେବାକୁ ଭାରି ଇଚ୍ଛା ହୁଏ ।

ଅର୍ଜ୍ଜୁନ କହିଲେ—ମୁଁ ଏବେ ଯାଏଁ, କୃଷ୍ଣା । ତୁମକୁ ମୁଁ ବହୁତ ବୁଝିଛି; ହେଲେ ମୁଁ ଗୋଟାଏ ଆଜ୍ଞାବହ ନିଷ୍ଠୁର ରଥୀମାତ୍ର । ତୁମ ବାହାର ଓ ଭିତର ସୌନ୍ଦର୍ଯ୍ୟ ମୋତେ ଆକୃଷ୍ଟ କରେ । ତଥାପି ସଖାଙ୍କର ଆଦେଶ ନାହିଁ । ମୋତେ ଏବେ ବିଦାୟ ଦିଅ ।

—କାହିଁକି ତେବେ ଆସିଥିଲ ?

—ସଖା ଶ୍ରୀକୃଷ୍ଣଙ୍କୁ ଖୋଜିବାକୁ । ବଂଶୀସ୍ୱର ଏଆଡେ ଶୁଭିଲା ଭଳି ମନେ ହେଲା ।

—ତାହେଲେ ହେ ସଖା—ପାଗଳ ବୀର । ତୁମର ପଦ ସ୍ପର୍ଶ କରି ପ୍ରଣତି ବାଢ଼ିବାକୁ ବାଧା ଦିଅନାହିଁ ।

—ଆଚ୍ଛା !

ଜିତେନ୍ଦ୍ରିୟଙ୍କର ପଦଯୁଗଳ ଉପରେ ମସ୍ତକ ଥାପି ଦୀର୍ଘପଣତି ଅଶ୍ରୁ ଗଦ୍‌ଗଦ୍ ନୟନରେ ଅର୍ପଣ କଲେ କୃଷ୍ଣା । ଅର୍ଜ୍ଜୁନ କହିଲେ—"କାଁଣ ବାଡ଼ୁଛ ଦେବୀ, ପ୍ରଣତି ନା ଅଶ୍ରୁ ?" ତାପରେ ଟେକି ଆଣିଲେ କୃଷ୍ଣାଙ୍କୁ ନିଜ ବକ୍ଷ ଉପରକୁ । ନିବିଡ଼ ଆଲିଙ୍ଗନ ଭିତରେ କହିଲେ—ଆଜି ମୋର ସଖାଙ୍କ ଆଦେଶ ଲଙ୍ଘନ କରିବାକୁ ଇଚ୍ଛାହୁଏ କୃଷ୍ଣା; କିନ୍ତୁ ଲଙ୍ଘନ କରିପାରୁନି । ମୁଁ ଏବେ ଯାଉଛି; ହୁଏତ ଏଇ ରାତିରେ ପୁଣି ଆସିବି । କୃଷ୍ଣା କହିଲେ—ତାହେଲେ ଯିବା ପୂର୍ବରୁ ମୋ ପ୍ରଶ୍ନଟାକୁ ଭଲକରି ଅନୁସନ୍ଧାନ କରିପାର, କାଳେ ତୁମର ଆଦେଶକାରୀ ସଖା ଶ୍ରୀକୃଷ୍ଣ କେଉଁ ଅନ୍ଧକାର ଭିତରେ

ଲୁଚି ରହିଥିବେ । ହେଲେ ଆଲୋକରେ ଯାହାଙ୍କୁ ଖୋଜି-ପାଇବା ଦୁଷ୍କର ହୁଏ, ତାଙ୍କୁ କଣ ଅନ୍ଧାର ଭିତରୁ ସନ୍ଧାନ କରିହେବ ?

ଅର୍ଜୁନ ଚାହିଁ ରହିଲେ କୃଷ୍ଣାଙ୍କୁ ମୁଗ୍ଧ ନେତ୍ରରେ । ଅପୂର୍ବ ଦୀପ୍ତି ଝରୁଛି ସେ ମୁଖମଣ୍ଡଳରୁ । ଅପରୂପ ଆଲୋକ ଭରି ଉଠୁଛି ତାଙ୍କର ଅଙ୍ଗପ୍ରତ୍ୟଙ୍ଗରେ ।

କୃଷ୍ଣା କହିଲେ—କଣ ଚାହିଁ ରହିଛ ଏମିତି ? ଖୋଜୁଛ କି ତୁମ ସଖାଙ୍କୁ ମୋ ଭିତରେ ଅବା ମୋ ବସନ ଅନ୍ତରାଳରେ କେଉଁଠି ଲୁଚାଇ ରଖିଛି ? ତାହେଲେ ସବୁ-କିଛି ଖୋଲି ଦେଖିପାର ।

ଅର୍ଜୁନ କହିଲେ—କାହିଁକି ମନେ ହେଉଛି; କୃଷ୍ଣା ! ତୁମରି ଭିତରେ ସେ ଯିମିତି କେଉଁଠି ଲୁଚିରହି ଆମର ଏ ଦୁର୍ବଳତା କେବଳ ନୀରିକ୍ଷଣ କରୁଛନ୍ତି ନୁହେଁ; ପ୍ରଶ୍ରୟ ବି ଦେଉଛନ୍ତି ।

ଅର୍ଜୁନ ଆବେଗରେ ଗାଢ଼ ଆଲିଙ୍ଗନ କଲେ କୃଷ୍ଣାଙ୍କୁ । କହିଲେ—ପୁଣିଥରେ ମୁଁ ଆସୁଛି ଦେବୀ । ତୁମରି ଅନ୍ତରରେ ଝରୁଥିବା ଝରଣକୁ ସମସ୍ତ୍ର କରି ପାନ କରିବାକୁ ମୁଁ ପୁଣି ଆସୁଛି ଆଜି ।

ଭୁଲିଗଲେ କୃଷ୍ଣସଖା । ଏକ ଆତ୍ମା, ଏକ ପ୍ରାଣ, ଏକ ମନ, ଏକ ଦେହ ଦୁଇ ସଖାଙ୍କର । ପଛରୁ ଚାହିଁ-ରହିଥିଲେ କୃଷ୍ଣା ମୁଗ୍ଧ ନେତ୍ରରେ । ଆରେ, ଏ କଣ ? କାହାକୁ ସେ ଦେଖୁଛନ୍ତି ? ସବ୍ୟସାଚୀ ନା ଶ୍ରୀକୃଷ୍ଣ ? ଏ ଯେ ଶ୍ରୀକୃଷ୍ଣ ।

ଅଂଶ୍ଳିଷ କରି ହଠାତ୍ ଆସି କୃଷ୍ଣାଙ୍କ ସମ୍ମୁଖରେ ଠିଆହୋଇଗଲେ ଶ୍ରୀକୃଷ୍ଣ । କହିଲେ—ମୁଁ ଆଜି ଧନ୍ୟ ଦେବୀ; ତୁମରି ·· ଅମୃତ ପ୍ରୀତି ଧାରରେ ଅବଗାହନ କରି ମୁଁ ଆଜି ଧନ୍ୟ ହୋଇଛି । ପଞ୍ଚପତି ଲାଭକରି ତୁମେ ପତି ଭରତ ନିକଟରେ କ୍ଷୁଦ୍ର ହୋଇଥାଅ, କିଛି ଯାଏ-ଆସେନା । ମୋ ନିକଟରେ କିନ୍ତୁ ବହୁତ ବିସ୍ତୃତ ତୁମେ । କ୍ଷୁଦ୍ର ଜଳାଧାର ଆବଦ୍ଧ ହୋଇ ଦୂଷଣମୟ ହୋଇଉଠେ; କିନ୍ତୁ ମହାସାଗର ? କେତେ ବିଶାଳ, କେତେ ପୂତ ! କେତେ ମହିମ୍ନ ! ମୁଁ ଆଜି ତୁମ ଭିତରେ ନାରୀର ସ୍ୱରୂପ ଦର୍ଶନ କରି କୃତାର୍ଥ । ତୁମେ ସେହି ନାରୀ—ଯେ ଏକାଧାରରେ ଜନନୀ, ଜାୟା, କନ୍ୟା ଓ ଭଗିନୀ ! ତୁମ ହୃଦୟର ବିଶାଳ ବିଭୂତିକୁ ଉପଲବ୍ଧି କରିବାକୁ ମଣିଷ ନିତାନ୍ତ ଅଧମ ବୋଲି ମୁଁ ତାଙ୍କ ଆଗରେ ବାଛିଛି—

ଅହଲ୍ୟା ଦ୍ରୌପଦୀ ତାରା କୁନ୍ତୀ ମନ୍ଦୋଦରୀ ତଥା
ପଞ୍ଚକନ୍ୟା ସ୍ମରେନିତ୍ୟଂ ମହାପାତକ ନାଶନଂ ।

ତଥାପି ମଣିଷର କ୍ଷୁଦ୍ରମନ ପ୍ରଶ୍ନ କରେ, ସନ୍ଦେହ କରେ ତାର ପବିତ୍ରତା ଉପରେ ଯେ ହେତୁ ସେ ଜାଣେନା—ସଂକୀର୍ଣ୍ଣତା ହିଁ ଏକମାତ୍ର ପାପ । ତାର ସଂକୀର୍ଣ୍ଣତା ଖୋଳ ଭିତରେ ସେ ଘରେ—ତା ଉପରେ ଜବରଦସ୍ତି କରି ଏ ନୀତି ବାକ୍ୟ ଲଦି ଦିଆଯାଉଛି । କିନ୍ତୁ ଏ ନୀତିବାକ୍ୟ ନୁହେଁ—ଅନ୍ତରର କଥା ! ଅନ୍ତରକୁ ସ୍ପର୍ଶ କରୁଥିବା ଏକ ନିଗୂଢ଼ ସତ୍ୟ । ଅନ୍ତରେ ନ ପଶିଲେ ଏ ବାଣୀ ବୁଝିହେବ ନାହିଁ ଦେବୀ, ତୁମକୁ ମୋର ଆଜି କୋଟିଏ କୃତଜ୍ଞତା ।

କୃଷ୍ଣାଙ୍କୁ ଗଭୀର ଭାବରେ ଆଲିଙ୍ଗନ କରି କୋଟିକ-ଯାକ କୃତଜ୍ଞତା ପ୍ରକାଶ କଲେ ଶ୍ରୀକୃଷ୍ଣ ।

କୃଷ୍ଣା କହିଲେ—ତୁମେ ତାହେଲେ ଏଇଠି ଲୁଚି ରହି ସବୁ ଦେଖିଛ ? ତୁମର ଅନ୍ତରଙ୍ଗ ସଖା ତାହେଲେ ତୁମକୁ ଏଠି ଲୁଚି ରହିଥିବା ସନ୍ଦେହ କରିବାଟା ସମ୍ପୂର୍ଣ୍ଣ ଯଥାର୍ଥ ? ଯେଉଁ ବଂଶୀର ସ୍ୱର; ବନଫୁଲର ମହକ ଆଉ ପୀତ-ବସନର ପ୍ରତିଫଳନ ଏଠି ଖେଳିଥିଲା ସବୁ ତୁମରି କାମ ? ଧର୍ମରାଜଙ୍କ ହୃଦୟରେ, ଦ୍ୱିତୀୟ ପାଣ୍ଡବଙ୍କର ଅଙ୍ଗ ସୌଷ୍ଠବରେ, ଅର୍ଜୁନଙ୍କ ଅନ୍ତରରେ, ନକୁଳ ସହଦେବଙ୍କ ବାତ୍ସଲ୍ୟରେ ତୁମକୁ ଯାହା ଦେଖିଥିଲି, ତାହା ସବୁ ସତ୍ୟ ? ତୁମେ ଦ୍ରଷ୍ଟା, ତୁମେ ଅନୁମନ୍ତା, ତୁମେ ସ୍ରଷ୍ଟା !!
ଶ୍ରୀକୃଷ୍ଣ କହିଲେ—ଆଉ ମୋର ଅନ୍ତରଙ୍ଗ ସଖା ମୋତେ ଖୋଜିବାକୁ ତୁମକୁ ଯେ ନିରେଖି ଚାହିଁଥିଲା ତାହା କଣ ସତ୍ୟ ନୁହେଁ ? ସେ ଦେଖୁଥିଲା—ତୁମରି ଭିତରେ ମୁଁ ଯେମିତି କେଉଁଠି ଆତ୍ମଗୋପନ କରିଛି । ସତରେ ମୁଁ ଯଦି ତୁମରି ବସନ ଆନ୍ତରାଳରୁ ସେତେବେଳେ ପଦେ ବଂଶୀ ଫୁଙ୍କି ଥାଆନ୍ତି ! ତୁମକୁ ବସ୍ତ୍ରହୀନ ନ କରି ମୋ ସଖା କଣ ଛାଡ଼ିଯାଇଥାନ୍ତା ?

ଦ୍ରୌପଦୀ କହିଲେ—ବସ୍ତ୍ରହୀନ କରି ସୁଦ୍ଧା ସେ କଣ ବସ୍ତ୍ରହୀନ କରିପାରିଥାନ୍ତେ ? କୁରୁ ସଭରେ ଗୋଟାକପରେ ଗୋଟାଏ ବସ୍ତ୍ର ଯେ ଅର୍ପଣ କରିଥିଲେ, ସେ କଣ ତାହାର ପୁନରାବୃତ୍ତି କରି ନଥାନ୍ତେ ?

ଶ୍ରୀକୃଷ୍ଣ କହିଲେ—ଉଁହୁଁ, ସେ ଖାଲି କଦମ୍ବ ଡାଳରେ ବସି ମୁରଲୀ ଫୁଙ୍କିଥାନ୍ତେ, ଆଉ କାଳିନ୍ଦୀ କୂଳରେ ବସ୍ତ୍ରହୀନା ଗୋଟାଏ ଗୋପୀର ଲୀଳା ଦେଖୁଥାନ୍ତେ ।

—ଓଃ, ସେ ଏତେ ନିଷ୍ଠୁର ?

—ତାଙ୍କୁ କିଏ ଆଉ ନିଷ୍ଠୁର ନ କହି ଛାଡ଼ିଛି ଯେ ତୁମେ ଛାଡ଼ନ୍ତ ?

ବୃନ୍ଦା ଧୋଇହୋଇଗଲେ ଅଶ୍ରୁରେ । ଚପାକଣ୍ଠରେ ...ଲେ—ସତରେ ସେ କେତେ ନିଷ୍ଠୁର ! ସେ ଯେତେ ଦୁଃଖ ...ତ ସମସ୍ତ ମୋତେ ଦାନ କରି ରଖିଛନ୍ତି, ସେଥିରେ ...ନ୍ତୁ ମୁଁ କଣ ନିଷ୍ଠୁର କହିପାରେ ?

କୃଷ୍ଣ ଆଲିଙ୍ଗନ କଲେ ବୃନ୍ଦାଙ୍କୁ । ସେ କହିଲେ— ...ର ଅଶ୍ରୁର ଯମୁନା ବୁହାଅନା ଭଗିନୀ, ବରଂ ଅଶ୍ରୁର ...ନ୍ତାକୁ ପାଶୋରିବାକୁ ଦିଅ ! ଗୋପପୁରର ସେମାନେ ...ନ୍ତୁ ଏମିତି ଏବେବି ଅଶ୍ରୁ ନିଗାଡୁଥିବେ । ମୁଁ ନିଷ୍ଠୁର ...ହୋଇ ଅଉ କଣ ହୋଇପାରେ ?

ବୃନ୍ଦା କହିଲେ—ଅନ୍ତତଃ ମୋ ପାଖରେ ନୁହେଁ ।

କୃଷ୍ଣ କହିଲେ—ଓଃ, ତାହେଲେ ତୁମେ ପରୋକ୍ଷରେ ...ଛ—"ମୁଁ ଯାଏଁ, ଆଉ ମୋର ସେ ନିଷ୍ଠୁର ଅଙ୍ଗାବନ୍ଧ ...ଶ ଅର୍ଜୁନଙ୍କୁ ତୁମ ନିକଟକୁ ପଠାଇ ମୋ ନିଷ୍ଠୁରତାକୁ ...ମାଣ କରିଦିଏ । ଅବଶ୍ୟ ସେ କହିଯାଇଛି—ସେ ...ଠ ନିଷ୍ଠୁର ଆଦେଶ ପାଳନ କରିବାକୁ ଅଛି ସମର୍ଥ ନୁହେଁ । ତେଣୁ ଏବେ ଅନୁଚିତ । ମିଳନରେ ଅଛି ତ୍ରିବେଣୀ ସୃଷ୍ଟି ହେଉ ।"

ବୃନ୍ଦା କହିଲେ—ହେ ଅନ୍ତର୍ଯାମି, ମୋର କୋଟିଏ ପ୍ରଣାମ ନିଅ ।

କୃଷ୍ଣ କହିଲେ—ଉଁହୁଁ, ଏତେ ବେଶି ପ୍ରଣାମ ସହ୍ୟ କଲାଭଳି ନିଷ୍ଠୁରତା ମୋର ନାହିଁ । ଅତଏବରେ ଆଲିଙ୍ଗନର ସୁଯୋଗ ଦେଇ ବୃନ୍ଦାର ବିଶ୍ୱରୂପ ଉପଲବ୍ଧି କରିବାକୁ ମୋତେ ସମର୍ଥ କର ।

ବୃନ୍ଦା ଏବଂ କୃଷ୍ଣ ପରସ୍ପରକୁ ନିବିଡ଼ଭାବେ ଆଲିଙ୍ଗନ କଲେ । ପରମପୁରୁଷ ସହିତ ଜୀବପୁରୁଷର ଏ ଆଲିଙ୍ଗନ କ୍ରମେ ନିବିଡ଼ତର ହୋଇଉଠିଲା ଦିବ୍ୟ ପ୍ରେମ ସହିତ ଦିବ୍ୟପ୍ରେମର ଏ ଆଲିଙ୍ଗନ !! ପଟାନ୍ତର କାହିଁ ?

ଶାଶ୍ୱତ ବଂଶୀଧ୍ୱନି ଗୁଞ୍ଜରି ଉଠିଲା ଏ ପରମ ମୁହୂର୍ତ୍ତକୁ ସମର୍ଥନ ଜ୍ଞାପନ କରି ।

...ରେ, ସରକାରୀ ସେକେଣ୍ଡାରୀ ଟ୍ରେନିଂ ସ୍କୁଲ
ଖଲ୍ଲିକୋଟ, ଗଞ୍ଜାମ

## ଜେଲ୍ ଆଧୁନୀକୀକରଣ ପାଇଁ କେନ୍ଦ୍ରରୁ ୯ ଲକ୍ଷ ଟଙ୍କା ସାହାଯ୍ୟ

ଓଡ଼ିଶାର ଜେଲଗୁଡ଼ିକରେ ଆଧୁନିକ ସୁବିଧାସୁଯୋଗ ଯୋଗାଇଦେବା ପାଇଁ କେନ୍ଦ୍ର ସରକାର ଚଳିତ ବର୍ଷ ... ଲକ୍ଷ ଟଙ୍କା ନିକଟରେ ମଞ୍ଜୁର କରିଛନ୍ତି ।

ପ୍ରତିଷ୍ଠିତ ଉଦ୍ୟୋଗଗୁଡ଼ିକର ଆଧୁନିକୀକରଣ ପାଇଁ ୩ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି । ଏହି ଟଙ୍କା ବ୍ରହ୍ମପୁର ଓ ...ପୁର ଜେଲରେ ବହି ବନ୍ଧେଇ, କଟକ ଜେଲରେ ସୂତା ରଙ୍ଗ ପାଇଁ ବ୍ୟବସ୍ଥା, ଭୁବନେଶ୍ୱର ଜେଲରେ କମ୍ବଳ ...ଅଛି, ପୁରୀ ଜେଲରେ ନଡ଼ିଆ କତା ସାମଗ୍ରୀ ପ୍ରସ୍ତୁତି ପ୍ରଭୃତି ବାବଦରେ ବିନିଯୋଗ ହେବ । ଜଳଯୋଗାଣ ବ୍ୟବସ୍ଥାରେ ...ତି ପାଇଁ ୩·୫୦ ଲକ୍ଷ ଟଙ୍କା ଓ ସାନିଟେରୀ ପାଇଖାନା ପାଇଁ ୨·୫୦ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଛି ।

...ରେ ସ୍ମରଣ କରାଇ ଦିଆଯାଇପାରେ ଯେ, ଓଡ଼ିଶାରେ ୧୫ଟି ଜେଲ ଓ ସବ୍‌ଜେଲ ଓ ୬ଟି ତାଲୁକ ଜେଲ ...ଛି । ଏହି ଜେଲଗୁଡ଼ିକରେ ଦୈନିକ ପ୍ରାୟ ହାରାହାରି ୯,୨୪୮ ଜଣ ବନ୍ଦୀ ରହନ୍ତି । ବନ୍ଦୀମାନଙ୍କୁ ବିଭିନ୍ନ ଧନ୍ଦା-...କ କାର୍ଯ୍ୟରେ ତାଲିମ ଦେବା ପାଇଁ ଲୁଗା ବୁଣା, ସିଲେଇ, ବଢ଼େଇ କାମ, ତେଲ ପେଷା, ବିସ୍କୁଟ ଓ ପାଉଁରୁଟି ...ଆଦି ପ୍ରଭୃତିର ସୁବିଧା ରହିଛି । ସ୍ୱଳ୍ପ ଅର୍ଥ ବିନିଯୋଗରେ ଯେଉଁ ସବୁ ଶିଳ୍ପ ବା କାରିଗରୀ ବିଦ୍ୟାରେ ତାଲିମ ...ଦିଆଯାଇ ପାରିବ, ସେଥିପ୍ରତି ବିଶେଷ ଗୁରୁତ୍ୱ ଦିଆଯାଉଛି ।

# ସର୍ବବିଦିତ ରହସ୍ୟ ....?



## ଆପଣ ମଧ୍ୟ ଏହାର ଅଂଶଭାଗୀ ହୋଇପାରନ୍ତି

ବୀମାର ଅଦ୍ଭୁତ ଯୋଜନା ଯାହା ଦ୍ୱିବିଧ ଲାଭ ସୁନିଶ୍ଚିତ କରିଦିଏ !

ପ୍ରୋଭିଡେଣ୍ଟ ଫଣ୍ଡ, ପି ପି ଏଫ, ଜୀବନ ବୀମା ପଲିସି ଆଦିରେ ବିନିଯୋଗ କରି ଯାଉଥିବା ଟଙ୍କା ପାଇଁ ଆୟ କର ଆଇନ ଅଧୀନରେ ଅନେକ ରିହାତି ମିଳେ ।

ଏସବୁଡ଼ିକ ମଧ୍ୟରୁ ଜୀବନ ବୀମା କେବଳ କର ରିହାତିରେହିଁ ଆପଣଙ୍କୁ ସମ୍ପନ୍ନ କରିବାରେ ସାହାଯ୍ୟ କରେ ନାହିଁ ବରଂ ଯେଉଁ ଦିନ ଆପଣ ବୀମା କରନ୍ତି ସେହି ଦିନଠାରୁ ଦୁର୍ଘଟଣା ବା ଅନ୍ୟ ବିପଦ ସମୟରେ ସୁରକ୍ଷା ଯୋଗାଇ ଏବଂ ସଂପତ୍ତିର ବନ୍ଦୋବସ୍ତ କରିଦିଏ ।

ବୀମା ପ୍ରିମିୟମ ଉପରେ କର କ୍ଷେତ୍ରରେ ମିଳୁଥିବା ସର୍ବାଧିକ ରିହାତି ସମ୍ବନ୍ଧରେ ବିଶଦ ବିବରଣ ଜାଣିବା ପାଇଁ ଆପଣଙ୍କ ବୀମା ଏଜେଣ୍ଟଙ୍କ ସହିତ ପରାମର୍ଶ କରୁ ନାହାନ୍ତି କାହିଁକି ?

**ଜୀବନ ବୀମାର କୋଣସି ବିକଳ୍ପ ନାହିଁ**

**ଲାଇଫ ଇନସିଓରେନ୍ସ କର୍ପୋରେସନ ଅଫ ଇଣ୍ଡିଆ**

PRATIBHA-LIC-1156/77 OR

# ଗୋପପୁରର କାବ୍ୟ

ଶ୍ରୀ ଲକ୍ଷ୍ମୀକାନ୍ତ ହୋତା

କିଏ ସେ ବିନିଦ୍ର ହୋଇ
କାନ୍ଦୁଛି ଏ ଉଚ୍ଛ୍ୱାସ ଉନ୍ମୁଖ ସମାଜେ
କାହାର କ୍ରନ୍ଦନେ ଆଜି
ଥରିଯାଏ ସମାଜର ମେଘାଢ଼ନି ଇଚ୍ଛା,
କାହାର ପ୍ରାଣ କପୋତ
ଗୁମୁରୁଛି ରହି ରହି
କାହାର ଉଷ୍ଣ ନିଶ୍ୱାସେ ଥରିଯାଏ—
ପାଷାଣର ଦେହ ।
କାହାର ଅତୃପ୍ତ ଆତ୍ମା ସେ—
କାହାର, କାହାର ???

ଦେଖ ଦେଖ ଖୋଜି ଦେଖ
ଯେତେ ଅଛ ପାତ୍ର ମନ୍ତ୍ରୀ, ସେନାପତି
ସୈନ୍ୟଗଣ ଅବା କଟୁଆଳ
ସ୍ଥାବରୁ ଜଙ୍ଗମ ଯାଏଁ, ଗଳିକନ୍ଦି
ତାରୁମେରୁ,
ଖୋଜ ଖୋଜ ନୀଳ ଆକାଶର
ବିସ୍ତୀର୍ଣ୍ଣ କବରୀ ।
ବୁଝିଆସ କାହା ଆତ୍ମା
ଗୁମୁରୁଛି ରହି ରହି
କାହିଁପାଇଁ ଉଦ୍‌ବେଳିତ—
ତା' ଚରଣନଦୀ
କାହିଁପାଇଁ ଲଙ୍ଘିଗଲା
ସିଏ ସେ କାଟିଲା ଅବା ଧୈର୍ଯ୍ୟ—
ତଟ ତା'ର ।

(୨)

ସେଅମ୍ବା ଝରଇ ଲୁହ
ଆଷାଢ଼ ଶ୍ରାବଣ ଭଳି
ଘୂରିବୁଲେ ବାଇ ବାଇ ଅଶ୍ରୁଳସ୍ରୋତର
ଘୂରିବୁଲେ ଗିରିବନ
କହି କହି ତା' ଅନ୍ତର ଦୁଃଖାପ୍ଲୁତ
ବେଦନା କାହାଣୀ ।

ନନ୍ଦରଜା କାନ୍ଦେ ଆଜି
ତା' କୃଷ୍ଣର ଅକାଳ ମୃତ୍ୟୁରେ
'ଜରା'ର ଅବ୍ୟର୍ଥ ବାଣ
ଦହିଦିଏ କୃଷ୍ଣ ଦେହ
ଯାହାକୁ ସେ ପାଳିଥିଲା ନେତ୍ର ଅଶ୍ରୁଜଳେ,
ଯାହାର ଅନନ୍ତ କ୍ଷୁଧା
ହରିଥିଲା ଗୋଟିଏ ଚୁମାରେ
ସେହି କୃଷ୍ଣ ଢଳିପଡ଼େ
ଟଳିପଡ଼େ ଏ ଗୋପର ଶିଆଳି ଲଟାରେ ।

ତା ସନ୍ତାନ ମରିଯାଏ
'ଅକ୍‌ଟୋପାଶ' ବନ୍ୟାର କବଳେ
କେବେବା ପଡ଼ୁଛି ଝରି
ବଉଳ ଫୁଲଟି ପରି
ମରୁଡ଼ିର ଗିଲୋଟିନ ତଳେ,
ପୁଣି ଏ କୃଷ୍ଣ ପିଉଛି ବିଷମୁଖ
ଅମୃତର ଘଣ୍ଟ
କେବେ ବା ଖାଉଛି ପୁଣି
ତିନି ମିଶାଥିବା କାତଗୁଣ୍ଡ,
କିମ୍ବା ତେନ୍ତୁଳି ମଞ୍ଜିର ଅଟା
ଗୋଡ଼ିମିଶା ଖୁଦଲର ଭତ ।

ଏ ଦେଶର ସ୍ୱାର୍ଥପର ବାୟୁ
ଲୁଟିନେଲା ତା' କୃଷ୍ଣର
'ଅମଲାନ ବସ୍ତ୍ର' ।
ସବୁକିଛି ନେଲାପରେ ତା' କୃଷ୍ଣ
ମରିଲାନାହିଁ, ଯେଣୁ ସେ
ଅଟେ ଦେବତା ଅମୃତ ସନ୍ତାନ ।
ରକ୍ତ ତା'ର ଶୋଷିନେଲେ
ଏ 'ସମାଜ' ଡାଆଣୀ, ପିଶାଚ
ପଡ଼ିଛି ତା' କୃଷ୍ଣ ଆଜି
ଗୋପପୁର ଆକାଶର ତଳେ
'ବଡ଼ଦାଣ୍ଡ' ଅଶେଷ ଧୂଳିରେ ।

'ନନ୍ଦ' ଆତ୍ମା ଘୁରିବୁଲେ
ବୁଲୁଛି ସେ ଗୋପପୁର
ଆଖପାଖ ବାୟୁଅନ୍ତରାଳେ
ଘୂରେ ସେ ପିପାସୀ ଆତ୍ମା
ଚୁମିବାକୁ ଥରେ କୃଷ୍ଣ ମୁଖ
ଧୋଇବାକୁ ତା'ର ଶତ୍ରୁ ଅନ୍ତରଣ—
ଅଶ୍ରୁ ନଦୀରେ ଧୋଇବ ଜଘନ ଜନ୍ୟାକୁ
ବନ୍ଧୁନାରେ ଚିରାଇବ ବଂଶେ ମଳୁଚି
ଗୋଟିଏ ମାତ୍ର ଚୁମ୍ବନେ, ଭରିଦେବ
କୃଷ୍ଣମନେ, ଅନନ୍ତ ଉତ୍ସାହ
ସେ ଆତ୍ମା ଯେ ଆତ୍ମା ନୁହେଁ
ଭକ୍ତ ମହାତ୍ମା ସେ'ତ
ଗୋପପୁର ପତି
ଗୋପପୁର ଭକ୍ତ
'ଗୋପବନ୍ଧୁ'

ଗ୍ରାମ—ମାକଲପୁର
ପୋ/ଜି—ବାଲେଶ୍ୱର



## ସୋରିଷ ତେଲର ଖୁଚୁରା ଦର

ସୋରିଷ ତେଲ (ଦର ନିୟନ୍ତ୍ରଣ) ଆଦେଶନାମା, ୧୯୬୬ ଅନୁଯାୟୀ କୌଣସି ବ୍ୟବସାୟୀ ନିଜେ କିମ୍ବା ତାଙ୍କ ତରଫରୁ କୌଣସି ବ୍ୟକ୍ତି ସୋରିଷ ତେଲ ଖୋଲାରେ ଟିଣ ସମେତ ଏକ କିଲୋଗ୍ରାମ ପ୍ରତି ଟ ୧୦ ଙ୍କାରୁ ଅଧିକ ଦରରେ ବିକ୍ରୟ କରି ପାରିବେ ନାହିଁ । ଟିଣର ଦାମ୍ ଏଥିର ଅନ୍ତର୍ଭୁକ୍ତ ନୁହେଁ ।

ଟିଣରେ ପ୍ୟାକ୍ କରାଯାଇଥିବା ସୋରିଷ ତେଲ ୧ କେ. ଜି. ଟିଣ ପ୍ରତି ଟ ୧୨·୩୩, ୨ କେଜି ଟିଣ ପ୍ରତି ଟ ୨୩·୫୩, ୪ କେ. ଜି. ଟିଣ ପ୍ରତି ଟ ୪୫·୭୭ ଓ ୧୫.୫ କେଜି ଟିଣ ପ୍ରତି ଟ ୧୭୪.୧୨ ଦର ଧାର୍ଯ୍ୟ କରାଯାଇଛି ।



ଗତ ସେପ୍ଟେମ୍ବର ୩୦ ତାରିଖ ଦିନ ରବୀନ୍ଦ୍ର ମଣ୍ଡପଠାରେ ଓଡ଼ିଶା ଲଳିତ କଳା ଏକାଡେମୀ ଦ୍ୱାରା ଆୟୋଜିତ ଏକ ଶିଶୁ ଚିତ୍ରାଙ୍କନ ପ୍ରତିଯୋଗିତାରେ ଓଡ଼ିଶାର ବିଖ୍ୟାତ ଶିଳ୍ପୀ ଶ୍ରୀ ମୁରଲୀଧର ଟାଲି ଜଣେ ସଫଳ ଶିଶୁ ପ୍ରତିଯୋଗୀଙ୍କୁ ପୁରସ୍କାର ଦେଉଛନ୍ତି ।



ଗତ ଅକ୍ଟୋବର ୪ ତାରିଖରେ ଶାବରୀ ସାଂସ୍କୃତିକ ସଂସଦ ଆନୁକୂଲ୍ୟରେ ରବୀନ୍ଦ୍ର ମଣ୍ଡପଠାରେ ଆୟୋଜିତ ଉତ୍କଳମଣି ଗୋପବନ୍ଧୁ ଶତବାର୍ଷିକୀ ଜୟନ୍ତୀ ଉତ୍ସବରେ ନିଜ ମନ୍ତ୍ରୀ ଶ୍ରୀ ହରିଶ୍ଚନ୍ଦ୍ର ବକ୍ସି ପାତ୍ର ଗୋପବନ୍ଧୁଙ୍କ ସମ୍ବନ୍ଧରେ ଭାଷଣ ଦେଉଛନ୍ତି । ବିଶିଷ୍ଟ ନିମନ୍ତ୍ରିତ ବକ୍ତାଭାବେ ତାଙ୍କ ନିକଟରେ ଡକ୍ଟର ଶ୍ରୀରାମଚନ୍ଦ୍ର ଦାସ, ଅଧ୍ୟାପିକା ମନୋରମା ମହାପାତ୍ର ଓ ଅଧ୍ୟାପକ ଗୌରୀ କୁମାର ବ୍ରହ୍ମା ଉପସ୍ଥିତ ହୋଇଛନ୍ତି ।

# ଲକ୍ଷ୍ମୀ ପୁରାଣ ବା ମାଣବସା :

## ଏକ ସାମାଜିକ ଅଧ୍ୟୟନ

ଶ୍ରୀ ରାମଚନ୍ଦ୍ର ସେଠୀ

ବଳରାମ ଦାସକୃତ "ଲକ୍ଷ୍ମୀ ପୁରାଣ" ଏକ କ୍ଷୁଦ୍ର ପୁସ୍ତିକା ହୋଇ ମଧ୍ୟ, ଏହା ଯେପରି ଓଡ଼ିଆ ପ୍ରାଣର ମହାକାବ୍ୟ ହୋଇ ପୁଲକ ଓ ସାମାଜିକ ଦୃଷ୍ଟିଭଙ୍ଗୀର ବିପୁଳ ସନ୍ଧାନ ଦେଇଅଛି, ତାହା ସ୍ୱୀକୃତ କରାଏ । ଜନଜୀବନକୁ ନିୟନ୍ତ୍ରିତ କରିବା ପାଇଁ ଯେଉଁ ସାମାଜିକ ନିୟମ ଓ ଆଚରଣ ବିଧିର ତଥା ବୈଷମ୍ୟମୁକ୍ତ ସାମାଜିକ ଜୀବନର ବ୍ୟାଖ୍ୟା କରାଯାଇଛି, ତାହା ଓଡ଼ିଆ ସମାଜତତ୍ତ୍ୱର ଉନ୍ନତ ଦିଗଗୁଡ଼ିକର ଯଥାର୍ଥ ପ୍ରତିଫଳନ କରିଥାଏ । ଅତଏବ ସମାଜତତ୍ତ୍ୱ ବିଶ୍ଳେଷଣ ହିଁ ପ୍ରବନ୍ଧର ଅଭିମୁଖ୍ୟ ।

ଶତଧା ବିଭକ୍ତି ମଧ୍ୟରେ ବୈଚିତ୍ର୍ୟମଣ୍ଡିତ ସମନ୍ୱୟ ଓଡ଼ିଆ ସମାଜର ଏକ ଚିର ଆକର୍ଷଣୀୟ ଦୃଶ୍ୟ । ପୁନଃ ଉକ୍ତ ଦ୍ୱନ୍ଦ୍ୱ ଜାତୀୟ ପ୍ରାଣର ଦେବତାଙ୍କ ମାଧ୍ୟମରେ ପ୍ରକଟିତ ହୋଇ ଉତ୍କୃଷ୍ଟ ରୂପ ଧାରଣ କରିଛି । ଏହା ମାଧ୍ୟମରେ ଲେଖକ ନିଗଡ଼ ପରଂପରା ମଧ୍ୟରୁ ମୁକ୍ତ କଣ୍ଠରେ ଆହ୍ୱାନ କରିଛନ୍ତି ସମନ୍ୱୟ ସଂପନ୍ନ ବିଭକ୍ତି ବିହୀନ ଏକ ମୁକ୍ତ ସମାଜ ଗଠନ କରିବା ପାଇଁ । ଜାତିଅଣ ଏବଂ ବୃତ୍ତିଗତ ରୂପ ଯେତେବେଳେ କଠୋର ରୂପ ଧାରଣ କରିଥିଲା, ଏହାର ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବା ଯେପରି ଧର୍ମଦ୍ରୋହୀ ଓ ଅସାମାଜିକତା ରୂପେ ବିବେଚନା କରାଯାଉଥିଲା, ତାହା ଓଡ଼ିଆ ଜାତୀୟ ଇତିହାସର ଏକ କଳଙ୍କିତ ଅଧ୍ୟାୟ । ତେବେ ମାନବବାଦର ପ୍ରତିଷ୍ଠା ପାଇଁ ତଥା ସମାଜକୁ କଳଙ୍କମୁକ୍ତ କରିବା ପାଇଁ କବିଙ୍କର ପ୍ରୟାସ ଯଥାର୍ଥରେ ଏକ ନୂତନ ଚେତନାର ଝଲକ ।

ଉକ୍ତ ପୁସ୍ତିକାରେ ସାମାଜିକ ଦ୍ୱନ୍ଦ୍ୱ ଆରମ୍ଭ ହୁଏ—ପ୍ରବକ୍ତା ବଳଭଦ୍ରଙ୍କ ମୁଖରେ, ଯେ କି ସମାଜର ବଡ଼ପଣ୍ଡା— ଏକ ଅନ୍ଧ ସମାଜର ଧର୍ମଧ୍ୱଜୀ ବ୍ରାହ୍ମଣ ଓ ଅହଂକାର ମଣ୍ଡିତ ଉଚ୍ଚ ଜାତିପତି । ଯେତେଦିନ ପର୍ଯ୍ୟନ୍ତ ସେଭଳି ବ୍ୟକ୍ତିବିଶେଷଙ୍କର ମାନସିକ ସ୍ତରରେ ଯଥାର୍ଥ ବୈପ୍ଳବିକ ପରିବର୍ତ୍ତନ ନ ଘଟିଛି, ସେତେଦିନ ପର୍ଯ୍ୟନ୍ତ ଏକ ସୁସ୍ଥ

ଅଉ ଏକ ବଳିଷ୍ଠ ଦିଗ ହେଉଛି ସାମାଜିକ ଦ୍ୱନ୍ଦ ଓ ଲୋକ ପରମ୍ପରର ସାର୍ଥକ ସମନ୍ୱୟ ।

"ଲକ୍ଷ୍ମୀ ଦେବୀ କହୁଛନ୍ତି ଠାକୁରଙ୍କୁ ଗୁହିଁ
ଯେତେବେଳେ ସାଗର ମନ୍ଥିଲେ ଦେବେ ଯାଇଁ ॥
ବେଦ ମନ୍ତ୍ରାଦି ସହିତ ମୋତେ ଯାଚଥିଲ
ସେତେବେଳ କଥା ତୁମେ ପାଶୋରିଛି ଦେଲ ॥
ମୋର ପିତା ବରୁଣ ଯେ ତୁମ୍ଭଙ୍କୁ ବରିଲ୍ସ
କନକ ବେଦୀରେ ନେଇ ବିଭା କରାଇଲ୍ସ ॥
ଝିଅ ଦେଇ ଶରଣ ପଶିଲ୍ସ ତୁମ୍ଭଠାଇଁ
ଦଶ ଦୋଷ ମୋର କ୍ଷମା କରିବାର ପାଇଁ ॥
ଦଶଗୋଟି ଦୋଷରୁ ଗୋଟିଏ ନ ସହିଲ
ପ୍ରଥମରେ ଚଣ୍ଡାଳୁଣୀ ବୋଲି ଗାଳିଦେଲ ॥
ବିଭା ବାସି ଦିନ ଜୁଆ ଖେଳିବାର ବେଳେ
ସାତବେଳ କଉଡ଼ି ଯେ ପାରିଲଇଁ ତଳେ ॥
ତୁମ୍ଭେ ଢାଳିଦିଅ ନାଥ ମୋହରି ହସ୍ତରେ
ସୁବର୍ଣ୍ଣ କଉଡ଼ି ମୁହିଁ ଯାକିଲଇଁ କରେ ॥
ଛଡ଼ାଇ ନ ପାରି ତୁମ୍ଭେ ବ୍ରହ୍ମାଣ୍ଡ ଠାକୁର
ମୋତେ ବୋଇଲ ଯେ ଇଚ୍ଛା ମାଗି ଘେନ ବର ॥
ଯାହା ମନୋବାଞ୍ଛାରେ ଚିନ୍ତା କରିଛୁ ଶ୍ରୀ ଚନ୍ଦ୍ରମୁହିଁ
ତାହା ମୁଁ ଅବଶ୍ୟ ଦେବି ଶୁଣ ପ୍ରାଣସହି ॥
କରପତ୍ର ଯୋଡ଼ିଣ ମୁଁ ବୋଇଲି ଉତ୍ତର
ସାବଧାନ ହୋଇ ଶୁଣ ବ୍ରହ୍ମାଣ୍ଡ ଠାକୁର ॥
ଅଷ୍ଟଦିନେ ପଡ଼ିବ ମୋହର ଗୁରୁବାର
ପଡ଼ି ଚରଚିବି ମୁହିଁ ସବୁଙ୍କରି ଘର ॥
ପଡ଼ି ଚରଚିବି ଜାତି ବୁଦ୍ଧି ପରିଯନ୍ତେ
ଏହି ଦୋଷ ମୋର ପ୍ରଭୁ ନ ଧରିବ ଚିତ୍ତେ ॥
ହେଉ ବୋଲି ଶ୍ରୀମୁଖରେ ଆଜ୍ଞା ଅଛ ଦେଇ
ଏବେ କିମା ସତ୍ୟଭଗ୍ନ ହେଉଛ ଗୋସାଇଁ ॥"

ପୁରୁଷ ଯେତେବେଳେ ନିଜର ଦମ୍ଭ ରକ୍ଷା କରେ, ସେତେବେଳେ ସେ ପୁରୁଷକାରର ପରିଚୟ ଦିଏ । ନହେଲେ "ପୁରୁଷତ୍ୱ" "ମରଦପଣିଆ" ବାଟ ଦେଇ ଗ୍ରାମୀଣ ଭାଷା "ଅଣ୍ଡିରିଆପଣିଆଁ"ରେ ପରିସମାପ୍ତି ହୁଏ ।

ପୁନଃ ନାରୀମାନଙ୍କର ଦୁର୍ବଳତମ ବିନ୍ଦୁ ହେଲା ବାପ ଘରର ନିନ୍ଦା ଓ ନିଜ ରୂପ ଗୁଣର ବିକୃତ ବର୍ଣ୍ଣନା । ଏହାକୁ କେନ୍ଦ୍ର କରି ଲକ୍ଷ୍ମୀ ଜଗନ୍ନାଥଙ୍କର ଚରିତ୍ର, ଲୌକିକ ଚରିତ୍ର ଅନୁପମ ହୋଇ ଯେପରି ଗ୍ରାମୀଣ କଳହର ସୂତ୍ରପାତ ହୋଇଛି, ତାହା ଓଡ଼ିଆପଣିଆ ଓ ସଂସ୍କୃତି ବନ୍ଧ ଡେଇଁ ପାରି ନାହିଁ ।

"ଜଗନ୍ନାଥ କହୁଛନ୍ତି କୋପଭର ହୋଇ
ବାପ ତୋ ଲୁଣିଆ ଯେ, ଗରଜି ମରୁଥାଇ ॥
ଝିଅ ଟେରୀ ତୋ ବୃତ୍ତାନ୍ତ କହିଲେ ନ ସରେ
ବାପର ଗର୍ଜନ ଶବ୍ଦ କିଏ ରହିପାରେ ॥
ଲଙ୍କାପାଶେ ମେଘନାଦ ପାଚେରୀ ତୋଳାଇ
ବଡ ଦେଉଳରେ ରହିଅଛୁ ଦୁଇ ଭାଇ ॥"

ପରିବେଶ ସହ ଉପାଖ୍ୟାନର ପରିବେଷଣ ଏତେ ସଂହତିପୂର୍ଣ୍ଣ ଯେ, ତାହା ସବ ସମ୍ପ୍ରଦାୟରେ ବିବେକ ଓ ବିଶ୍ୱାସ ଧାରା ବୃତ୍ତଠାରୁ ଅନେକ ଦୂରକୁ ନେଇଯାଇ ଥାଏ। ପୁଣି ଛନ୍ଦ ବିଶେଷରେ ଲକ୍ଷ୍ମୀ ଅକ୍ଷରେ ଜାଣି ବୁଝେଇ ଓଡ଼ିଆଣୀ ଶାଣି ଜଳି ପାଇଁ ଆଗେଇ ଆସିଛନ୍ତି—

"ମହାଲକ୍ଷ୍ମୀ ବୋଲୁଛନ୍ତି ଠାକୁରଙ୍କୁ ଚାହିଁ
ଅଛୁଆର ଘରେ ପଶେ ଥିଲି ରୁଷ୍ଟ ହୋଇ ॥
ଅଛବ ବିଟାଳ ବୋଲି ଦିଅ ଘଉଡ଼ାଇ
ପୁଣି ଜାତି କୁଳ ଗୋତ୍ର କହିଲେ ଗୋସାଇଁ ॥
ପ୍ରଭୁହେତୁ ସବୁ ଯାଉଅଛି ଗୋପ୍ୟ ହୋଇ
ତୁମ୍ଭ ଜାତି କୁଳର ତ ଠିକଣା ନ ଥାଇ ॥
ତୁମ୍ଭ ଜାତି କୁଳ ଯେ କହିଲେ ନ ସରଇ
ଗଉଡ଼ ଘରେ ରହିଲ ଦୁଇକୋଟି ସଇ ॥
ନିମା ନାମେ ସିପୁଟି ଯେ ଜାତିରେ ଗୋଲକ
ତାହା ଘରେ ଜଗନ୍ନାଥ କଲେ ଅନ୍ନ ଖାଅ ॥
ଦୂତପଣେ ଯାଇଥିଲ ହସ୍ତିନା ଭୁବନ
ବିଦୁର ଘରେ ଯେ ପୁଣି କରିଲ ଭୋଜନ ॥
ଜାଣ ନାମେ ଶବର ଯେ ଅରଣ୍ୟରେ ଘର
ସେ ତୁମ୍ଭଙ୍କୁ ପୂଜିଲା ବରଷେ ଦଶବାର ॥
ଅରଣ୍ୟରୁ ଫଳମୂଳ ଖୋଜିଣ ଆଣଇ
ଚାଖିଣ ପ୍ରଥମେ ଭଲମନ୍ଦ ସେ ବୁଝଇ ॥
ପିତା କଷା ସବୁ ପ୍ରଭୁ ଅଲଗ କରିଦେଇ
ଯେ ଫଳ ସୁଆଦ ତାହା ତୁମ୍ଭଙ୍କୁ ଭୁଞ୍ଜାଇ ॥
ଶବର ବିଟାଳ ତୁମ୍ଭେ କେନି ଗୋଟି ଖାଇ
ଏ କଥାକି ତୁମ୍ଭ ମନୁ ଗଲା ଭୁଲି ହୋଇ ॥

ଆପଣେ ପାତକୀ ତୁମ୍ଭେ ପର ନିନ୍ଦା କର
ପାପ ପୁଣ୍ୟ ଦୁଇ କଥା ବିଚାର ନ କର ॥

ଖରିଦା ଯେ ଦୋଷ କଲେ ପଡ଼ି ତା' ସହଇ
ଏକ ଅପରାଧେ ପ୍ରଭୁ ଭୃତ୍ୟ କି ତେଜଇ ॥

କିମ୍ପା ନ କର ଗୋସାଇଁ ଏମନ୍ତ ବିଚାର
ଯାଅ ଯାଅ ବୋଲୁଅଛ ମୋତେ ବାରମ୍ବାର ॥"

ଏଥର ଜଗନ୍ନାଥ ତୁନିଲା ତୁନିଲା ହୋଇ କହିଲେ "ତମକୁ ମାଣବସା ମାସେ ପଡ଼ି ଦିଆଯିବ—ଥାଅ, ଭାଇଙ୍କୁ ବୁଝାଇ ତମକୁ ଆଣିବାର ବ୍ୟବସ୍ଥା କରିବି।" ଲକ୍ଷ୍ମୀ ପ୍ରତିବାଦ କଲେ ଆଉ ବାପଘରର ଟେକ ରଖିବାକୁ କହିଲେ "ରଖହୋ ତମ ସୁଆଙ୍ଗ; ମୁଁ କଅଣ ଚଣ୍ଡି ଅଲକ୍ଷଣୀ ଝିଅ? ଜଣେ ଅଘୋରି ଘରର ପିଲା? ଘରଡା ବିନା ଅଯୋଗ୍ୟ ହେଲା; ବାପା କଅଣ ପେଟ ଭାତ ଦେଇ ପାରିବନି? ପଛରେ କାହିଁ ନିନ୍ଦା ଦେବ, ନେଇ— ତମ ବଡ଼ଭାଇଙ୍କି ଡାକି ନେଲ, ମୁଁ ଯାଏଁ"—ପୌରୁଷକୁ ଆହତ କରିବାର ପ୍ରଚେଷ୍ଟା।

ସମାଜ ବହିର୍ଭୂତ ହୋଇ ନାହାନ୍ତି ଜଗନ୍ନାଥ—ତଥାପି ସହଧର୍ମିଣୀ ହୋଇଛନ୍ତି ଲକ୍ଷ୍ମୀ—ପ୍ରକାରାନ୍ତରେ ସ୍ତ୍ରୀ ଈଶ୍ବର ସାଥି ଅଟ ସ୍ବାମୀ ଇହକାଳ ଓ ପରକାଳର ଦେବତା ବୋଲି କଥିତ ହୋଇଅଛି—ଆଲୋ ସାମାଜିକ ଚରିତ୍ର ଛତ୍ରେ ଛତ୍ରେ ପ୍ରତିଫଳିତ ।

"ଗୋବିନ୍ଦ ବୋଲନ୍ତି ଏହା କି କରିବୁ ନେଇ
ଆମ୍ଭର ଏ ଅଳଙ୍କାର ପ୍ରୟୋଜନ ନାହିଁ ॥

ବୃହସ୍ପ ହୋଇଣ ଯେବେ ଭାର୍ଯାଙ୍କୁ ତେଜଇ
ଛ' ମାସକୁ ଭାତ ଲୁଗା ଲେଖିଣ ଦିଅଇ ॥

ଏହି ଅଳଙ୍କାର ସବୁ ତୁମ୍ଭେ ଘେନିଯାଅ
ବିକି ଭାଙ୍ଗି କରି ଭାତ ଲୁଗା କରୁଥାଅ ॥"

ଲକ୍ଷ୍ମୀ କହିଲେ ଆବଶ୍ୟକ ନାହିଁ—ତମ ନୂଆ ମାଇପ ଆସିଥିଲେ ତାକୁ ଦେବ । ତେଣୁ—

"ମୁହିଁ ଯାଉଅଛି ହୀନ ଅରକ୍ଷିତା ହୋଇ
ମୋ ହ ଅଭିଶାପ ଘେନ ପ୍ରଭୁ ଭାବଗ୍ରାହୀ ॥

ସତ୍ୟେ ଯେବେ ଚନ୍ଦ୍ର ସୂର୍ଯ୍ୟ ହୋନ୍ତି ଆତଯାତ
ତୁମ୍ଭଙ୍କୁ ଅନ୍ନ ନ ମିଳୁ ଆହେ ଜଗନ୍ନାଥ ॥

ବାର ବର୍ଷ ଯାଏ ତୁମ୍ଭେ ଦରିଦ୍ର ହୋଇବ
ଅନ୍ନ ବସ୍ତ୍ର ଜଳ ଯେ ତୁମ୍ଭଙ୍କୁ ନ ମିଳିବ ॥

ମୁହିଁ ଚଣ୍ଡାଳୁଣୀ ଯେବେ ଟେକିଦେବି ଅନ୍ନ
ଭୋଜନ କରିବ ତେବେ କାଳୀୟଗଞ୍ଜନ ॥

ତେବେ ଅତି ମାନବୀୟ ପରିପ୍ରେକ୍ଷୀରେ ବିଶ୍ୱକର୍ମା ଲକ୍ଷ୍ମୀଙ୍କ ପାଇଁ ଘର ଗଠନ କରିଛି—ତାହା ପୁଣି ଅତ୍ୟନ୍ତ କମନୀୟ ଓ ନବରତ୍ନ, ପୋହଳା ଆଉ ବୈଦୁର୍ଯ୍ୟ ବିମଣ୍ଡିତ । ତେଣୁ ମାଇପି ଭାଗ କୁହୁଳିବାରେ ଲାଗିଲେ । ଅନ୍ତରେ ପାଇ ବେତାଳମାନେ ଶ୍ରୀମନ୍ଦିରରେ କଳା କନା ବୁଲାଇ ଦେଲେ ; ଏପରିକି ଦେବଙ୍କ ଶ୍ରୀ ଅଙ୍ଗରୁ ପାଟ ବସ୍ତ୍ର ସୁବର୍ଣ୍ଣର ଖଟ ମଧ୍ୟ ବୋହି ନେଲେ । ତେବେ ଶେଷ ବକ୍ତବ୍ୟଟି ହେଲା—

"ଜଗନ୍ନାଥ ପ୍ରଭୁ ଯେବେ ମୋତେ ନ ଖୋଜିବେ
ନାରୀଙ୍କି ପୁରୁଷମାନେ ଆଉ ନ ଖୋଜିବେ ॥

ମୋତେ ଛାଡ଼ି ପ୍ରଭୁ ଯେବେ କରିବେଟି ଘର
କଳି ଯୁଗେ ନାରୀଙ୍କି ଯେ ନ ଖୋଜିବେ ନର ॥"

ଲକ୍ଷ୍ମୀଙ୍କର ପ୍ରତିହିଂସା ପ୍ରବୃତ୍ତିରୁ ଶ୍ରୀମନ୍ଦିର ଅର୍ଥିକ ଅବସ୍ଥାର ଯେଉଁ ଷଡ଼ଯନ୍ତ୍ର ଘଟିଗଲା ଆଉ ବଳରାମ ଓ ଜଗନ୍ନାଥ ଯେପରି ନିଷ୍ଠୁର ବ୍ୟବହାର ଜନିତ ଚରମ ନିର୍ଯାତନାରେ ସହିଛନ୍ତି; ଯେଉଁଲି କୌଣସି ବ୍ୟକ୍ତି ବିଶ୍ୱର ଇତିହାସରେ ଯୁଗେ ଯୁଗେ ମାଇପ ଅହଙ୍କାରୁ ଦୁଃଖ କଷ୍ଟ ଭୋଗି ନାହାନ୍ତି । ତେବେ ଅହଙ୍କାରୀ ବଳରାମ, ତାଙ୍କର ସମସ୍ତ ତିରସ୍କାର ସତ୍ତ୍ୱେ ଜନତା ହୃଦୟରୁ ତାଙ୍କପ୍ରତି କରୁଣା ଭାବ ଉଦ୍ରେକ ପରିବର୍ତ୍ତେ, ଉପହାସର ପାତ୍ର ହୁଅନ୍ତି । ଯେ ତତ୍ତ୍ୱ ଉପଲବ୍ଧି କରିଛନ୍ତି । ଜାତିପ୍ରଥାର ନିଗଡ଼ ବନ୍ଧନରେ ଯେ ବନ୍ଦୀ, ପୁଣି ତାଙ୍କରି କଣ୍ଠରେ ଶୋଭା ପାଉଛି—

"ବଳରାମ କହୁଛନ୍ତି ଶୁଣରେ କହ୍ନାଇ
ପ୍ରାଣ ଗଲାବେଳେ ଜାତି କୁଳ ଲୋଡ଼ୁ କାହିଁ ॥"

ଅତଏବ ସମସ୍ତ ଧର୍ମ ଓ ଜାତିର ସମନ୍ୱୟ ନିମନ୍ତେ ଏହା ହୋଇଛି ଆଦ୍ୟ କଥନୀକା । ଲକ୍ଷ୍ମୀଙ୍କ ପରିକଳ୍ପିତ ପନ୍ଥାରେ ଆଗେଇଛନ୍ତି ଦୁହେଁ—ପ୍ରାଣ ରକ୍ଷାର ନିବେଦନ ଆର୍ତ୍ତନାଦ ତାଙ୍କ ହୃଦୟକୁ ଆଘାତ କରିଅଛି । ଜଗନ୍ନାଥ ବଳଭଦ୍ରଙ୍କ ଆଗମନରେ ଲକ୍ଷ୍ମୀଙ୍କର ପରିବର୍ତ୍ତନ ଓ ଏହା କିପରି ସାମାଜିକ ପରମ୍ପରା ବିଧିରୁ ମୁକ୍ତାଏ ଏପାଖ ସେପାଖ

ହୋଇ ନାହିଁ, ତାହା ଲକ୍ଷ୍ୟ କରିବାର କଥା । ଯଦିଓ ସେ ଦୁର୍ଦ୍ଦମ ବିନ୍ଦୁରେ ଆଘାତ କରିବାର ପ୍ରଚେଷ୍ଟା କରୁଛନ୍ତି, ତଥାପି ସେ ସ୍ତ୍ରୀ ଓ ତାଙ୍କର କର୍ତ୍ତବ୍ୟ ଅକ୍ଷୁଣ୍ଣ ଚିତ୍ତରେ କରି ଚାଲିଛନ୍ତି ; ତାହା ତାଙ୍କର ମହତ୍ତ୍ୱକୁ ବହୁଗୁଣ ମଣ୍ଡିତ କରି-ଅଛି—

"ପଲଙ୍କ ଉପରେ ଯେ କମଳା ଶୋଇଥିବେ
ନିଦ୍ରଚିଲି ନିସ୍ତରିଲି ଚୋରିଣ ବୋଇଲେ ।।
କୋଟି କୋଟି ଜନ୍ମର ପାତକ ହେଲା କ୍ଷୟ
ମୋ ଘରେ ବିଜୟ କଲେ ପ୍ରଭୁ ଦେବରାୟ ।।"

ତାଙ୍କ ପ୍ରେରଣେ, ଉଦାର ପ୍ରୀତି ଓ ମନସ୍ତାପାଦ୍ୱାରେ ତଥାପି ଲକ୍ଷ୍ମୀ ନାରୀର ଅଭିମାନାତ୍ମକ ପ୍ରକୃତି ହ୍ରାସ ପରିଖିଳିତା ।

"ବ୍ରାହ୍ମଣ ହୋଇ ମୋ ଘରେ କି ରୂପେ ଭୁଞ୍ଜିବେ
ଚଣ୍ଡାଳୁଣୀ ଅନ୍ନ ଖାଇ ଅପବାଦ ନେବେ ।।
ଏ ମୋହର ଦ୍ରବ୍ୟମାନ ଛୁଇଁ ନ ଯୋଗାଇ
ତାଙ୍କୁ ଛାଡ଼ି ମୁଁ କେମନ୍ତ ପ୍ରକାରେ ଦେବଇଁ ।।"

ତଥାପି ଅଭିମାନ ! ତେଣୁ ପାରିଲେନି ଜଗନ୍ନାଥ ଓ ବଳରାମ ।

"ରନ୍ଧନ ଭୁଞ୍ଜିବେ ଯେବେ ଏହି ଦୁଇ ଭାଇ
ନାରୀକି ପୁରୁଷ ଅଭ ନେଇଁବେ ଭିଆଇ ।।"

ବଡ଼ ଠାକୁରଙ୍କର ତେତେଶିଆ ଭାଙ୍ଗିଲା । ତେଣୁ ଲକ୍ଷ୍ମୀ ପୁରନ୍ଦରଙ୍କ ଡକ୍ଟୁ ଧରି ସେବକେଣାଳକୁ ଚଲେ । ତେବେ ଲକ୍ଷ୍ୟ କରିବାର କଥା । ଯେ ଲକ୍ଷ୍ମୀଙ୍କର ପ୍ରକୃତି ବଡ଼ ଦେଓଙ୍କର ଖଣ୍ଡାକୁ ସହଜ ସେପରି ନୁହଁ । ଆଉ ମନର ମହିମଙ୍କର ଜଗତ ତଥା ଦେବଶ୍ୱଶୁରଙ୍କର ଅଗ୍ରହ ପାଇଁ ମଧ୍ୟ ସେ ସବୁ ସହି ନେଉଛନ୍ତି—ଏପରିକି ଯୋଡ଼ପିଠା ମଧ୍ୟ ସେ ଭୁଲି ନାହାନ୍ତି । ସମସ୍ତ ଘଟଣାର ଉଦ୍‌ଘାଟନ ଦୃଷ୍ଟିରୁ ବଳଦେବଙ୍କର ଭୟ ହାସ୍ୟରସ ଉଦ୍ରେକ କରେ । ପୁନଃ ସମାଜର ଦଣ୍ଡି ନିକଟରେ ଲକ୍ଷ୍ମୀ ମୁଣ୍ଡ ନୁଆଇଁ ମଧ୍ୟ ସ୍ୱୀକୃତି ଦେଇଛନ୍ତି ।

"କମଳିନୀ କହୁଛନ୍ତି ତୁଳସୀ ବ୍ରାହ୍ମଣୀ
ଦେବଶ୍ୱଶୁର ମୋର ଯେ ଅଟନ୍ତି ଜନ୍ମପାପି ।।
ତାହାଙ୍କୁ କେମନ୍ତେ ଅନ୍ନ ମୁହିଁ ଦେବି ନେଇ
ଭିତରେ ଥାଇଣ ମୁଁ ଯେ ଦେବଇଁ ବଢ଼ାଇ ।।
ବଡ଼ ସାନ ବୋଲି ଆଗ ପଚାରିବୁ ଯାଇ
ବଡ଼ଠାରେ ଅଟ ଅନ୍ନ ପଠାଇବୁ ନେଇ ।।

ଶାପ ମୋଚନାନ୍ତେ ନାରୀର ଜୟ ଜୟକାର ଅନ୍ତେ ହୁଏ—ଅତ ଲକ୍ଷ୍ମୀ ଅଧିକ ଲୀଳାପ୍ରବଣା ହୁଅନ୍ତି—

"ଜଗନ୍ନାଥ କହୁଛନ୍ତି ବଳରାମ ଶୁଣି
ଲକ୍ଷ୍ମୀପଣ ଭାର୍ଯ୍ୟାକୁ ପାରିବି ଅଉ କାହିଁ ।।

X X X X X

କପାଳ ମନ୍ଦ ଆମ୍ଭର ଦୁଇ ଭାଇ ତୁଲ୍ଲ
ଲକ୍ଷ୍ମୀ ଘଉଡ଼ାଇ ଅନ୍ତେ ଏ ଦୁଃଖ ପାଇଲୁ ।।

X X X X X

ଗୋବିନ୍ଦ ବୋଲନ୍ତି ଆମ୍ଭେ କହୁଅଛୁ ଶୁଣ
କେଉଁ ନାରୀ ଥିଲେ ହୁଏ ଐଶ୍ୱର୍ଯ୍ୟ ବର୍ଦ୍ଧନ ॥
କେଉଁ ନାରୀ ଥିଲେ ବଂଶ ନିପାତ ହୁଅଇ
କେଉଁ ନାରୀ ଥିଲେ ବାସି ପେଜ ନ ମିଳଇ ॥
କେଉଁ ନାରୀ ଥିଲେ ଶାଢ଼ୀ ସୁନାବଣା ପାଇ
କେଉଁ ନାରୀ ଅଲକ୍ଷଣୀ ଗୃହକୁ ଘଟଇ ॥

ତେବେ ଅନୁଗୃହୀତ ସ୍ୱାମୀ ଓ ଦେଢ଼ଶୁର ପଣିଆର ଔଦ୍ଧତ୍ୟ ହାସ୍ୟରସ ଉଦ୍ରେକ କରେ ମଧ୍ୟ ।

"ଜଗନ୍ନାଥ କହୁଛନ୍ତି ଜ୍ୟେଷ୍ଠ ଭାଇ ଶୁଣ
ଏ ଘରର କର୍ତ୍ତା ଆଜ ହୋଇବେ ଆପଣ ॥"

X X X X X

ଜଗନ୍ନାଥ କହୁଛନ୍ତି ଭୟ କାହିଁପାଇଁ
କିଛି ନ ବିଚାର ଆହେ ବଳରାମ ଭାଇ ॥
ଲକ୍ଷ୍ମୀଙ୍କର ଗୃହ ସିନା ଅଟଇ ଯେ ଏହି
ଏଠାରେ ଆପଣ ଭୟ କର କିସ ପାଇଁ ॥

ତେବେ ମିଳନାନ୍ତକ ପରିସମାପ୍ତି । ପରିଚୟ ପ୍ରଦାନାନ୍ତେ ପ୍ରଭୁଙ୍କ ପାଦ ସେବା ଠିକ୍ ଓଡ଼ିଆ ଘରର ଚଳଣି ପରି ତଥାପି ଆକ୍ଷେପ ତିକ୍ତ ମଧୁର ।

"ଚଣ୍ଡାଳୁଣୀ ଘରେ ଏତେ ଭୁଞ୍ଜିଲ ଗୋସାଇଁ
ଚଣ୍ଡାଳ ବିଟାଳ ହେଲ ଦୁଇଗୋଟି ଭାଇ ॥
ଧିକ୍ ତୁମ୍ଭ ବଡ଼ପଣ, ଧିକ୍ ତୁମ୍ଭ କଥା
ଯୋଡ଼ୁ ତୁମ୍ଭର ପ୍ରତିଜ୍ଞା, ଧିକ ତୁମ୍ଭ ଭ୍ରାତା ॥"

ନାରୀ ଶକ୍ତିର ଜୟ ଜୟକାରବେଳେ ଅସଲ କଥାଟି ଆଦାୟ କରିନେଲେ ଲକ୍ଷ୍ମୀ—

"ଏତେ କହି ଗୋବିନ୍ଦ ଧରିଲେ ଲକ୍ଷ୍ମୀ ହସ୍ତ
ଜଗତ ମାତା ବୋଇଲେ ତୁମ୍ଭେ କର ସତ୍ୟ ॥
ଚଣ୍ଡାଳୁ ବ୍ରାହ୍ମଣ ଯାଏଁ ଖିଆଖାଇ ହେବେ
ସମସ୍ତେ ଖାଇଣ ହସ୍ତ ଜଳେ ନ ଧୋଇବେ ॥
ହାଡ଼ିର ହସ୍ତୁ ବ୍ରାହ୍ମଣ ଛଡ଼ାଇ ଖାଇବେ
ବ୍ରାହ୍ମଣେ ଖାଇ ହସ୍ତକୁ ମୁଣ୍ଡରେ ପୋଛିବେ ॥
ଅନ୍ନ ଖାଇ ସର୍ବେ ମୁଣ୍ଡେ ପୋଛୁଥିବେ ହସ୍ତ
ତେବେ ବଡ଼ ଦେଉଳକୁ ଯିବି ଜଗନ୍ନାଥ ॥"

ଏହାପରେ ହୋଇଛି ମୁକ୍ତ କଣ୍ଠରେ ଲକ୍ଷ୍ମୀଙ୍କର ଆବାହନ । ତାଙ୍କରି କୃପାରେ କିପରି ସ୍ଥାବର ଜଙ୍ଗମ ପ୍ରତିପାଳିତ ହୋଇଛି ତାହାର ବ୍ୟାଖ୍ୟା କରାଯାଇଛି । ଆଉ ତାଙ୍କ ପ୍ରସାଦରୁ ଚଣ୍ଡାଳୁଣୀର ଐଶ୍ୱର୍ଯ୍ୟ ଭୋଗ କଥା ମଧ୍ୟ ପ୍ରକାଶିତ ହୋଇଛି। ଏହା ଏକ ପୁରାଣ ଓ ଏହାର ଯଥାବିଧି ପାଠ, ଧନ ଜନ ଗୋପଲକ୍ଷ୍ମୀ ପ୍ରାପ୍ତି ସହ ମୋକ୍ଷ ମଧ୍ୟ ଜଡ଼ିତ ।

ସର୍ବତୋ ଭାବରେ ଏହାର ଭାଷା ସରଳ ଆଉ ସାବଲୀଳ । ଉକ୍ତ ପୁରାଣର ଆଖ୍ୟାୟିକା ତଥା ବକ୍ତବ୍ୟ କୌତୁକ ଚାତୁର୍ଯ୍ୟପୂର୍ଣ୍ଣ । ଏହାର ପଠନ କୌଶଳ ମନୋରମ ଓ ବଳିଷ୍ଠ ସଂହତିର ଦ୍ୟୋତକ ।

ଅଙ୍ଗଶ୍ରୀ ବର୍ଦ୍ଧନ, ସବୁ ନାରୀଙ୍କ ପରି ଓଡ଼ିଆଣୀଙ୍କର ମଧ୍ୟ ସହଜାତ ପ୍ରବୃତ୍ତି । ତେବେ ବିଧିବଦ୍ଧ ସାମାଜିକ ତତ୍ତ୍ୱ ଦୃଷ୍ଟିରୁ ଅଳଙ୍କାରଗୁଡ଼ିକର ସ୍ୱକୀୟତା ମଧ୍ୟ ଉଲ୍ଲେଖଯୋଗ୍ୟ ।

"ନାସିକାରେ ନବରତ୍ନ ବସଣି ଝଡ଼ିଲେ
ଚଉସରି ରତ୍ନମାଳା କଣ୍ଠେ ଲମ୍ବାଇଲେ ॥
କରରେ ବାହୁଟି ରମ୍ୟ ବଳୟ କଙ୍କଣ
ସୁନା ସୁତା ମାଣିକ୍ୟ ପଦକ ଆଭରଣ ॥
ବାଜେଣି ନୂପୁର ମାଡ଼ା ପୟରେ ଖଞ୍ଜିଲେ

X X X

ଶିରରୁ କାଢ଼ିଲେ ଲକ୍ଷ୍ମୀ ମୁକୁଟାର ଜାଲି
ହୃଦରୁ କାଢ଼ିଲେ ରତ୍ନ ଖୋଚିତ କାଞ୍ଚୋଲି ॥
ଅଣ୍ଟାରୁ କାଢ଼ିଲେ ମାଏ ରତ୍ନ ଓଡ଼ିଆଣୀ
ନାସିକାରୁ କାଢ଼ିଲେ ସେ ମୁକୁତା ବସଣୀ ॥
ଦୁଇ କର୍ଣ୍ଣରୁ କାଢ଼ିଲେ ହୀରାର କୁଣ୍ଡଳ
ଗଳାରୁ କାଢ଼ିଲେ ସେ ଦୋସରୀ ତିନାମାଳ ॥
ପାଦରୁ କାଢ଼ିଲେ ଦେବୀ ବାଜେଣୀ ନୂପୁର
ଅଙ୍ଗୁଷ୍ଠିରୁ କାଢ଼ିଲେ ସେ ମୁଣ୍ଡିଆ ସତ୍ତର ॥"

ଉକ୍ତ ପୁରାଣର ଆରମ୍ଭ ହୁଏ ନାରଦ ଆଉ ପରାଶରଙ୍କ କଥୋପକଥନ ଛଳରୁ । ଏହା ଲକ୍ଷ୍ମୀଙ୍କର ମାହାତ୍ମ୍ୟ କଥନ । ଏହାର ବିଧିବିଧାନ ସମ୍ପର୍କରେ ବିଶଦ ବିବରଣୀ ପ୍ରଦାନସହ ଜାତିପ୍ରଥାର ଅସ୍ୱୀକାର ଏହାର ଏକ ମୁଖ୍ୟ ଉଦ୍ଦେଶ୍ୟ ଓ ଏହା ମାନବ ଧର୍ମ ସ୍ଥାପନାରେ ବିଶ୍ୱାସ ରଖେ । ପୁନଃ ଏଥିରେ ନାରୀର ପ୍ରାଧାନ୍ୟ ମଧ୍ୟ ସ୍ୱୀକାର କରାଯାଇଛି । ଅବଶ୍ୟ ନାରୀ ସର୍ବୋଚ୍ଚ ସ୍ତରରେ ସମାଜରେ ନାରୀ ଆଚରଣ ବିଧିର ନିର୍ଯ୍ୟାସ ।

ଅନେକ ବୈଷମ୍ୟ ମଧ୍ୟରେ ସମତାର ପ୍ରତିପାଦନ "ଲକ୍ଷ୍ମୀ ପୁରାଣ" ମଧ୍ୟରେ ସମ୍ଭବ ହୋଇ ହୃଦୟକୁ ଆକର୍ଷଣ କରିଥାଏ । ମାନବୀୟ ସ୍ତରରେ ନାରୀର ସୂକ୍ଷ୍ମ ଶକ୍ତି ଓ ପୁରୁଷର ସ୍ଥୂଳ ପୌରୁଷ, ଅତି ମାନବୀୟ ସ୍ତରରେ ଦେବତା ଓ ଭକ୍ତ ତଥା ଭକ୍ତି, ସାମାଜିକତା ସ୍ଥଳରେ କର୍ତ୍ତବ୍ୟ ଓ ତ୍ୟାଗ, ଜୀବନ ପରିପ୍ରେକ୍ଷୀରେ ତିକ୍ତ—ମଧୁର ସମନ୍ୱୟ, ବ୍ୟକ୍ତି ବିଶେଷ ସ୍ତରରେ ଭୁଲଭଲ ବୁଝାମଣା ଓ ବିରହ ଆଉ ମିଳନ ପରିବେଶରେ ନିୟତିର ବିଧାନ ସମାଜ ଆଉ ବ୍ୟକ୍ତି ବିଶେଷଙ୍କର ପାରସ୍ପରିକ ଆକର୍ଷଣ, ଜାତିଗତ ସ୍ତରରେ ବ୍ରାହ୍ମଣ ଆଉ ଚଣ୍ଡାଳର ମିଳନ ଏବଂ ସମନ୍ୱୟ ଲକ୍ଷ୍ମୀ ପୁରାଣକୁ ଏକ ଧାର୍ମିକ କାବ୍ୟ ଅପେକ୍ଷା ସାମାଜିକ କାବ୍ୟ ଭାବରେ ଅଧିକ ପ୍ରତିଷ୍ଠା ଦେଇଛି ।

ଅଧ୍ୟାପକ, ଆଞ୍ଚଳିକ
ମହାବିଦ୍ୟାଳୟ,
ଭୁବନେଶ୍ୱର





୧୯୭୭ ଅଗଷ୍ଟ ୨୭ ତାରିଖଦିନ ପଶୁପାଳନ ବିଭାଗର ନିର୍ଦ୍ଦେଶକ ଡକ୍ଟର ଯୋଗେନ୍ଦ୍ରନାଥ ପଣ୍ଡା ଯୋଜନା କମିଶନ ସଭ୍ୟ ଶ୍ରୀ ବି. ଶିବରମଣଙ୍କୁ ଚିପିଲିମା ସଘନ ଗୋ-ଉନ୍ନୟନ କେନ୍ଦ୍ର ବୁଲାଇ ଦେଖାଉଛନ୍ତି ।



ଯୋଜନା କମିଶନ ସଭ୍ୟ ଶ୍ରୀ ବି. ଶିବରମଣ ୧୯୭୭ ଅଗଷ୍ଟ ୨୭ ତାରିଖଦିନ ରାଜ୍ୟର ଉଚ୍ଚସ୍ତରୀୟ ଅଫିସରମାନଙ୍କସହ ଚିପିଲିମା ଏସ୍. ଏଲ୍. ବି. ଏଫ୍ ବିହନ ଫାର୍ମରେ ବିଭିନ୍ନ କିସମର ବିହନ ବୁଲି ଦେଖୁଛନ୍ତି ।

# ଫରାସୀ ପର୍ଯ୍ୟଟକଙ୍କ ସମ୍ବନ୍ଧରେ ପଦେ



ଶ୍ରୀ ଦିଲ୍ଲୀପ ପଟ୍ଟନାୟକ

[ ଆଜିକାଲି ଭାରତକୁ ତଥା ଆମ ଓଡ଼ିଶାକୁ ବହୁ ବିଦେଶୀ ପର୍ଯ୍ୟଟକ ଭ୍ରମଣ ଉଦ୍ଦେଶ୍ୟରେ ଆସୁଥିବାର ଦେଖାଯାଉଛି । ବିଦେଶୀ ମୁଦ୍ରା ଅର୍ଜନ ଲାଗି ଭାରତ ସରକାର ଏହି ପର୍ଯ୍ୟଟନ ଶିଳ୍ପକୁ ମଧ୍ୟ ପ୍ରୋତ୍ସାହିତ କରୁଛନ୍ତି । ଆମ ଓଡ଼ିଶାରେ ଏବେ ଏହି ପର୍ଯ୍ୟଟନ ଶିଳ୍ପର ଖୁବ୍ ପ୍ରସାର ଘଟିଛି । ସମସ୍ତ ରାଜ୍ୟରେ ବହୁ ଦର୍ଶନୀୟ ସ୍ଥାନମାନଙ୍କରେ ପର୍ଯ୍ୟଟନ କେନ୍ଦ୍ରମାନ ସ୍ଥାପିତ ହେବା ଫଳରେ ବହୁ ବିଦେଶୀ ଯାତ୍ରୀ ବର୍ତ୍ତମାନ ଓଡ଼ିଶାକୁ ଆସୁଛନ୍ତି । ଏତଦ୍ୱାରା ଦେଶର ଆୟ ବୃଦ୍ଧି ହେଉଛି । କିନ୍ତୁ ସମ୍ପ୍ରତି ଦିଲ୍ଲୀଠାରେ ଅନୁଷ୍ଠିତ ହୋଇଥିବା ରାଜ୍ୟ ପର୍ଯ୍ୟଟନ ମନ୍ତ୍ରୀମାନଙ୍କ ସମ୍ମିଳନୀରେ ଆମର ପ୍ରଧାନ ମନ୍ତ୍ରୀ ଶ୍ରୀ ମୋରାରଜୀ ଦେଶାଇ ଯାହା କହିଛନ୍ତି, ସେଥିରୁ ଜଣା ଯାଏ ଯେ କେବଳ ବିଦେଶୀ ମୁଦ୍ରା ଅର୍ଜନ ପାଇଁ ନୁହେଁ, ବରଂ ଦେଶ ଦେଶ ମଧ୍ୟରେ ବନ୍ଧୁତା ଓ ଉତ୍ତମ ବୁଝାମଣା ବୃଦ୍ଧି ଉଦ୍ଦେଶ୍ୟରେ ପର୍ଯ୍ୟଟନ ଶିଳ୍ପର ବିକାଶ ହେବା ଆବଶ୍ୟକ । ପ୍ରଧାନ ମନ୍ତ୍ରୀ ଯଥାର୍ଥ କହିଛନ୍ତି । ଦେଶ ଦେଶ ଭିତରେ ସାଂସ୍କୃତିକ ବିନିମୟ ସମ୍ଭବ ନହେଲେ ଏବଂ ସ୍ନେହ ସୌହାର୍ଦ୍ଦ୍ୟ ପ୍ରତିଷ୍ଠିତ ନହେଲେ, ପର୍ଯ୍ୟଟନର କୌଣସି ଗଭୀର ଅର୍ଥ ସାଧିତ ହୋଇ ପାରେନା । ଏ ଦୃଷ୍ଟିରୁ ବିଦେଶୀ ପର୍ଯ୍ୟଟକମାନଙ୍କୁ ଆମେ ଆମର ବିଶିଷ୍ଟ ଅତିଥି ବୋଲି ବିବେଚନା କରିବା ଉଚିତ । ଆମ ରାଜ୍ୟକୁ ଆସି ସେମାନେ କଣ କଣ ଦେଖିବାକୁ ବା ଜାଣିବାକୁ ଆଗ୍ରହ ପ୍ରକାଶ କରୁଛନ୍ତି ସେ ସମ୍ପର୍କରେ ସମ୍ପୃକ୍ତ ବ୍ୟକ୍ତିମାନେ ସଚେତନ ରହିଲେ ସମସ୍ତଙ୍କର ମଙ୍ଗଳ ହେବ—ଏଥିରେ ସନ୍ଦେହ ନାହିଁ । ଏହି ପରିପ୍ରେକ୍ଷୀରେ ଆମେ ବେସରକାରୀ ଗାଇଡ୍ ଶ୍ରୀ ଦିଲ୍ଲୀପ ପଟ୍ଟନାୟକଙ୍କୁ ତାଙ୍କର ଅଭିଜ୍ଞତା ପ୍ରକାଶ କରିବାକୁ ଅନୁରୋଧ କରିଥିଲୁ । ଶ୍ରୀ ଦିଲ୍ଲୀପ ଜଣେ ଆଧୁନିକ ଶିକ୍ଷାପ୍ରାପ୍ତ ମାର୍ଜିତ ବୁଦ୍ଧି ଓ ରୁଚି ସମ୍ପନ୍ନ ଯୁବକ । ସେ ପଣ୍ଡିଚେରୀ ଶ୍ରୀ ଅରବିନ୍ଦ ଆନ୍ତର୍ଜାତିକ ଶିକ୍ଷା କେନ୍ଦ୍ରରେ ଇଞ୍ଜିନିୟରିଂ ସହିତ ଫରାସୀ, ଇଂରାଜୀ ଓ ଜର୍ମାନ୍ ଭାଷା ଶିକ୍ଷା କରୁଥିଲେ । ତାଙ୍କର ନିଜର ମଧ୍ୟ ପର୍ଯ୍ୟଟନ ଉପରେ ଖୁବ୍ ସଉକ ରହିଛି । ସେ ବର୍ତ୍ତମାନ ଆମ ରାଜ୍ୟକୁ ଆସୁଥିବା ପର୍ଯ୍ୟଟକମାନଙ୍କ ମଧ୍ୟରୁ ଅନେକଙ୍କ ସହ ମିଶି ବହୁ ସ୍ଥାନକୁ ଯାଆନ୍ତି ଏବଂ ସେମାନଙ୍କର ଗାଇଡ୍ ଭଳି ମଧ୍ୟ କାର୍ଯ୍ୟ କରନ୍ତି । ଏହି କାର୍ଯ୍ୟ ପ୍ରତି ତାଙ୍କର ଆଗ୍ରହ ମଧ୍ୟ ରହିଛି । ଗୋଟିଏ ଦୃଷ୍ଟିରୁ କହିବେ—ସେ ଜଣେ ସୌଖୀନ୍ ଗାଇଡ୍ । ତାଙ୍କର ଅଭିଜ୍ଞତାରୁ କିଛି ସେ ଏଠାରେ କହିଛନ୍ତି । ]

ସମ୍ପାଦକ

ସେ ଗୋଟିଏ ଦିନର କଥା—ଦଳେ ଫରାସୀ ପର୍ଯ୍ୟଟକ ଭୁବନେଶ୍ୱରରେ ଆସି ପହଞ୍ଚିବାର ଥାଏ । ଏହି ଖବର ପାଉ ଯିଏଁକୁ ପଢ଼ିଲା ଏଯାବତ୍ ପଢ଼ିଆଛୁ । ବହୁ ଆଗ୍ରହର ସହିତ ଅପେକ୍ଷା କରିଥାଏ ଓଡ଼ିଶାର ନୂତନ ଅତିଥିମାନଙ୍କୁ ଭେଟିବା ପାଇଁ । ସେହି ଉଡ଼ାଜାହାଜରେ ଅସୁଥିବା ଅନ୍ୟ ବ୍ୟକ୍ତିମାନଙ୍କୁ ଭେଟିବା ପାଇଁ ତାଙ୍କର ବନ୍ଧୁମାନେ ମଧ୍ୟ ସେହିଠାରେ ଅପେକ୍ଷା କରି ବସିଥାନ୍ତି । ଏହି ସମୟରେ ଉଡ଼ାଜାହାଜଟି ହଠାତ୍ ଆସି ଅବତରଣ କଲା । ସେଥିରୁ ଓହ୍ଲାଇ ଆସିଲେ ଆମର ସୁଳିଶ ଜଣ ଫରାସୀ ପର୍ଯ୍ୟଟକ । ଜଣାଗଲା ଯେପରି ସେ ଉଡ଼ାଜାହାଜଟି କେବଳ ତାଙ୍କରି ପାଇଁ ଆସିଛି । ସେମାନଙ୍କ ମଧ୍ୟରେ ମାତ୍ର ଜଣେ ଲୋକ—ତାଙ୍କ ଟ୍ରୁପ୍‌ଲିଡର, କିଛି କିଛି ଇଂରାଜୀ କହୁଥିଲେ ଏବଂ ବୁଝି ପାରୁଥିଲେ । ତାଙ୍କରି ଜରିଆରେ ଅନ୍ୟମାନେ ଏଠାରେ ଭାବବିନିମୟ କରିବା ଆଶାରେ ଥାଇ ଥାଆନ୍ତି । ସେଇ ଟ୍ରୁପ୍‌ଲିଡର ମତେ ଦେଖି କହି ଉଠିଲେ 'ଗୁଡ୍‌ମର୍ଣ୍ଣିଙ୍ଗ' । ତାର ଉତ୍ତରରେ ମୋ ପାଟିରୁ ବାହାରି ପଡ଼ିଲା 'ବୋଁଜୁର Bonjour' । ସେମାନେ ଅବାକ୍ ହୋଇଗଲେ । ତାଙ୍କରି ଭାଷାରେ ତାଙ୍କୁ ଯେ ଜଣେ ସୁଦୂର ଓଡ଼ିଶାରେ ଅଭିନନ୍ଦନ ଜଣାଇ ପାରେ, ଏହା ତାଙ୍କର କଳ୍ପନାର ବାହାରେ ଥିଲା । ସେମାନେ ଉତ୍ସାହିତ ହୋଇ ଫରାସୀ ଭାଷାରେ ମତେ ଆଉ କେତେ ପଦ କଥା ପଚାରି ପ୍ରକୃତରେ ମୁଁ ଫରାସୀ ଭାଷା ଜାଣେ କି ନାହିଁ ବୁଝିଥିଲେ । ସେମାନେ ଭାରତରେ ପହଞ୍ଚିବା ଦିନଠାରୁ ଯେତେଗୁଡ଼ିଏ ଦର୍ଶନୀୟ ସ୍ଥାନକୁ ଯାଇଥିଲେ କେଉଁଠାରେ ହେଲେ ସେମାନଙ୍କ ସହିତ ତାଙ୍କ ମାତୃଭାଷାରେ କଥାବାର୍ତ୍ତା ହୋଇ ନ ଥିଲେ । ସେମାନଙ୍କୁ ବସ୍ ଆଡ଼କୁ ପାଛୋଟି ନେଲାବେଳେ ପଛରୁ ହଠାତ୍ ଫରାସୀ ଭାଷାରେ ଚିତ୍କାର କଲାଭଳି ଶୁଣାଗଲା—ପଛକୁ ଅନାଇ ଦେଖିବାକୁ ପାଇଲି ଯେ ଜଣେ ଫରାସୀ ଅତିଥି ଲିଙ୍ଗରାଜ ମନ୍ଦିର ଆଡ଼କୁ ଅଙ୍ଗୁଳି ନିର୍ଦ୍ଦେଶ କରି କହୁଛନ୍ତି—ଆମର ଏହି ମନ୍ଦିର ଦେଖିବାର କାର୍ଯ୍ୟକ୍ରମ ରହିଛି ତ ? ତାର ଅନତି ଦୂରରେ ଅସ୍ପଷ୍ଟଭାବେ ଦେଖା ଯାଉଥିବା ଧଉଳି ସ୍ତୂପକୁ ଦେଖି ପୁଣି ପ୍ରଶ୍ନକଲେ—ଏହା କଣ ମୁସଲିମ ମନୁମେଣ୍ଟ ? ମନ୍ଦିରଗୁଡ଼ିକୁ ଦେଖିବା ପାଇଁ ଯେ ସେମାନେ କେତେ ଉଦ୍‌ବିଗ୍ନ ତାହା ବେଶ ଜଣା ପଡୁଥିଲା ।

ସେହିଦିନ ଗୋଟିଏ ଅତ୍ୟାଧୁନିକ ହୋଟେଲରେ ମଧ୍ୟାହ୍ନ ଭୋଜନ ଶେଷକରି ପୁରୀ ଉଦ୍ଦେଶ୍ୟରେ ଯାତ୍ରା ଆରମ୍ଭ କଲୁ । ବାଟରେ ପିପିଲିଠାରେ ବିଭିନ୍ନ ରଙ୍ଗର ଛତୁଆ ସେମାନେ ଅତି ଆଗ୍ରହର ସହିତ ଦେଖିଥିଲେ । ଜଣେ ଦୁଇଜଣ ଛତି (garden umbrella) ର ଫଟୋ ନେବା ପାଇଁ ଯେଉଁ ଖବରଙ୍ଗୀ ଓ ପଟୁଆଳୀ କଲେ ତାକୁ ଦେଖି କେହି ନ ହସି ରହିପାରିବେନି— ହଠାତ୍ ପିପିଲି ବଜାର ଉପରେ ପୁଲିସ ଜଣ ବିଦେଶୀ ଲୋକଙ୍କ ସମାଗମ ଦେଖି ଅନ୍ୟ ଲୋକେ ସେଠାରେ ବେଶ୍ ଭିଡ଼ ଜମେଇ ଦେଲେ । ପିପିଲି ଛାଡ଼ିବା ପୂର୍ବରୁ ଦେଖିବାକୁ ମିଳିଲା—କାହା ହାତରେ ପିପିଲି ତିଆରି ଛତା ତ କାହା ହାତରେ ବ୍ୟାଗ—ତାଙ୍କ ଦେଶ ଯଦି ଆମ ଦେଶ ପାଖରେ ହୋଇଥାନ୍ତା—କିମ୍ବା ସେମାନେ ଯଦି ଜାହାଜରେ ଯାଉଥାନ୍ତେ, ତାହେଲେ ସେମାନେ ମାଣ୍ଡା ଛତି ତାଙ୍କ ସହିତ ନେଇ ପାରିଥାନ୍ତେ ବୋଲି ମନେ ହେଲା । ପିପିଲି ଠାରୁ ପୁରୀ ଗଲାବେଳେ ସମୟ ଯେ କିପରି କଟିଲା ଜଣା ପଡ଼ିଲାନି । ପ୍ରଥମେ ଯେଉଁ ଜିନିଷଗୁଡ଼ିକ ସେମାନେ କିଣିଥିଲେ ପରସ୍ପରକୁ ଦେଖାଇ ଆନନ୍ଦ ପାଉଥିଲେ । କେହି କେହି ସେଥିରୁ ଅଧିକ କିଛି କିଣି ପାରିଲେ ନାହିଁ ବୋଲି ଦୁଃଖ କରି ମତେ ପଚାରିଲେ—ଆମ୍ଭେମାନେ ଏଇ ରାସ୍ତାରେ ଫେରିବା ତ ? ମୋ ଠାରୁ ଉତ୍ତର ପାଇ ସେମାନେ ଆଶ୍ୱସ୍ତ ହୋଇଥିଲେ । ତାପରେ ଚାଲିଲା ପ୍ରଶ୍ନ ଉପରେ ପ୍ରଶ୍ନ । ରାସ୍ତା ସାରା କେବଳ ପ୍ରଶ୍ନ । ପ୍ରଶ୍ନଗୁଡ଼ିକର ପରସ୍ପର ସହିତ କୌଣସି ସମ୍ବନ୍ଧ ନଥାଏ—କିଏ ଜମି ମଝିରେ ଥିବା କୌଣସି କବରକୁ ଦେଖି ପଚାରନ୍ତି, କିଏ ରାସ୍ତାକରରେ ମୂର୍ତ୍ତିଆ-ମାନେ ମାଟି ଖୋଳିଥିବାବେଳେ ମାପପାଇଁ ଛାଡ଼ିଯାଇ-ଥିବା ସାକ୍ଷୀ କଥା ପଚାରୁଥାନ୍ତି । ଏପରି ନାନାଦି ପ୍ରଶ୍ନର ଉତ୍ତର ଦେଉଦେଉ ପୁରୀରେ ଗୋଟିଏ ହୋଟେଲ୍‌ରେ ପହଞ୍ଚିଲୁ । ହୋଟେଲ୍ ଆଗରେ ଥିବା ସମୁଦ୍ର ଦେଖି ସେମାନେ ଆନନ୍ଦରେ ନାଚିଗଲେ । ପରଦିନ ସକାଳେ କିପରି ସମୁଦ୍ର ସ୍ନାନ ହେବ, ତାପାଇଁ କାର୍ଯ୍ୟକ୍ରମ ସ୍ଥିର ହେଲା । କିଏ କିଏ ମଧ୍ୟ ନିଜ ବିଛଣା ଓ ତଉଲିଆ ହୋଟେଲରେ ରଖି ସିଧା ସମୁଦ୍ର ଆଡ଼କୁ ବାହାରି ପଡ଼ିଲେ । ନୋଳିଆମାନଙ୍କର ସେ ବିଚିତ୍ର ଟୋପି ଦେଖି ତାଙ୍କ ମନରେ ବହୁ ପ୍ରଶ୍ନ ଉଠିଲା । କେହି କେହି ସେମାନଙ୍କଠାରୁ ଟୋପି ମାଗିନେଇ ପିନ୍ଧି ଅନ୍ୟକୁ ପଚାରୁ-ଥିଲେ କିପରି ଦିଶୁଛି ? ପୁରୀ ସମୁଦ୍ର ତାଙ୍କୁ ଏତେ ଆନନ୍ଦ ଦେଉଥିଲା ଯେ ତାପର ଦିନର ପ୍ରଥମ କାର୍ଯ୍ୟକ୍ରମ ମନ୍ଦିର ଦେଖିବା ଥିଲା ମଧ୍ୟ, ଅଧିକାଂଶ ସକାଳେ ସମୁଦ୍ରକୂଳ ବାଲିଉପରୁ ଆଉ ଉଠୁ ନ ଥାନ୍ତି । ସାମନାରେ ପାଣିରେ ଭାସି-ଥିବା ଅସଂଖ୍ୟ ଡଙ୍ଗା ଗୁଡ଼ିକର ଦୃଶ୍ୟ ସେମାନଙ୍କୁ ସେଠି ବାନ୍ଧି ରଖିଥିଲା । କିଛି ସମୟରେ ମନ୍ଦିର ସାମନାରେ ପହଞ୍ଚି ଦେଖିପକାଇଲେ ରଜାଘର ହାତୀ ଏତେଗୁଡ଼ିଏ ସେଠି ପ୍ରଶ୍ନ-ମାନେ ହାତୀ ପୋଷିପାରୁଛନ୍ତି ସେ ରଜା କିପରି ହୋଇ-ଥିବେ ତାହା ଜାଣିବାକୁ ଯୁଝିଥିଲେ । ସଙ୍ଗେ ସଙ୍ଗେ

କ୍ୟାମେରା କାଢ଼ି କ୍ଲିକ୍ କ୍ଲିକ୍ କରି ଗୁଡ଼ାଏ ଫଟୋ ନେଇଗଲେ । ହାତୀ ତା' ଶୁଣ୍ଢରେ ପଇସାନେଇ ମାହୁନ୍ତକୁ ଦେଇ ଦେଉଥିବାର ଦେଖି ତାଙ୍କର ଆଶ୍ଚର୍ଯ୍ୟର ସୀମା ରହିଲାନି । କଦଳୀ ଦେଲେ ସେ କିପରି ଶୁଣ୍ଢରେ ଯାଚିକୁ ନେଉଛି, ପଇସା ଦେଲେ କିପରି ଶୁଣ୍ଢଟେକି ମାହୁନ୍ତକୁ ଦେଉଛି ଏହା ସେମାନେ ଆଗ୍ରହର ସହିତ ଲକ୍ଷ୍ୟ କରୁଥାନ୍ତି । ସେ ଦିନଟି ମାହୁନ୍ତର ବେଶ୍ କିଛି ରୋଜଗାର ମଧ୍ୟ ହୋଇଗଲା । ଶ୍ରୀମନ୍ଦିରର ରୋଷଘରେ କିପରି କୁଡ଼ୁଅ ଉପରେ କୁଡ଼ୁଆ ଥୋଇ ସ୍ୱାସ୍ଥ୍ୟ ବିଜ୍ଞାନ ସମ୍ମତ ପ୍ରଣାଳୀରେ ରନ୍ଧନ ହେଉଛି । ସେ କଥା ଶୁଣି ସେମାନେ ରୋଷଘର ଦେଖିବା ପାଇଁ ଆଗ୍ରହ ପ୍ରକାଶ କରିଥିଲେ । କିନ୍ତୁ ତାହା ସମ୍ଭବ ନୁହେଁ ଶୁଣି ହତାଶ ହୋଇଥିଲେ । ପୁରୀ ଜଗନ୍ନାଥଙ୍କର ବିଚିତ୍ର ମୂର୍ତ୍ତିର ବର୍ଣ୍ଣନା ଶୁଣି ଓ ଦୋକାନ ମାନଙ୍କରେ ତାହାର ଛବି ଦେଖି ଏହାର ବିଶେଷତ୍ୱ ଜାଣିବା ପାଇଁ ଇଚ୍ଛା ପ୍ରକାଶ କରିଥିଲେ ।

ବଜାରରେ ଯାତ୍ରୀମାନଙ୍କ ପାଇଁ ବିକ୍ରୀ ହେଉଥିବା ନିର୍ମାଲ୍ୟ ପୁଡ଼ିଆ ଓ ନାଲି ବେତବାଡ଼ି ତାଙ୍କ ମନରେ କୌତୁହଳ ସୃଷ୍ଟି କରିଥିଲା । ତାଳପତ୍ରରେ ଅଙ୍କାଯାଇଥିବା କାଳୀୟ ଦଳନ, ବସ୍ତ୍ରହରଣ ଇତ୍ୟାଦି ଛବି ସେମାନଙ୍କର ବେଶ୍ ଉପଭୋଗ୍ୟ ହୋଇଥିଲା—ଚିତ୍ରିତ କଂସା ଓ ପିତ୍ତଳ ଢାଳ, ଖଡ଼ି ପଥରର କୋଣାର୍କ ଚକ୍ର ଓ ପଟ୍ଟଚିତ୍ର ଇତ୍ୟାଦି ସେମାନେ ପୁରୀର ସ୍ମୃତି ସ୍ୱରୂପ କିଣି ନେଇଥିଲେ ।

ପୁରୀଠାରୁ କୋଣାର୍କ ଯିବା ରାସ୍ତାରେ ଓଡ଼ିଶାର ଗ୍ରାମ୍ୟଜୀବନ ସମ୍ବନ୍ଧରେ କିଛି ଧାରଣା କରିବାକୁ କୌଣସି କୌଣସି ଗ୍ରାମ ନିକଟରେ ଗାଡ଼ିରୁ ଓହ୍ଲାଇବାକୁ ପଡ଼ିଥିଲା । ଗୋଟିଏ ଗାଁ, ଚାରିପଟେ ନଡ଼ିଆଗଛ । କିଛି ସମୟ ପୂର୍ବରୁ ଖୁବ୍ ଜୋର୍‌ରେ ଅସରାଏ ବର୍ଷା ହୋଇଯାଇଥାଏ । ଗାଁ ରାସ୍ତା ପଙ୍କ କାଦୁଅରେ ପୂର୍ଣ୍ଣଥାଏ । ସାଧାରଣ ଓଡ଼ିଆଙ୍କ ପରି ସେମାନେ ପ୍ୟାଣ୍ଟକୁ ଟେକି ସେ ରାସ୍ତାରେ ଅନାୟାସରେ ଯାଉଥାନ୍ତି ଓ ଖୁବୀ ଖୁସି ହେଉଥାନ୍ତି । କେହି କେହି ଶରୀରସାମ୍ୟ ରକ୍ଷା କରିନପାରି କଚଡ଼ାଏ ଲେଖାଏଁ ଖାଇବା ଅନ୍ୟମାନଙ୍କର ଖୁବ୍ ଉପଭୋଗ୍ୟ ହେଉଥାଏ । ହଠାତ୍ ଗୋଟିଏ ମାଟିଘରର ଚିତ୍ର ଉପରେ ତାଙ୍କର ନଜର ପଡ଼ିଲା—ସାଙ୍ଗେ ସାଙ୍ଗେ କେତେ ଗୁଡ଼ିଏ ଫଟୋ ଉଠାହେଲା । ଘର ଆଗରେ ବସିଥିଲେ ଜଣେ ବୁଢ଼ା ବୟସ ପଚାରିବାରେ କହିଲେ ଅଶୀକୋଡ଼ି ପାଞ୍ଚ । ତାଙ୍କର ଅନୁମତି ନେଇ ପଶିଲୁ ଘର ଭିତରକୁ । ଛୋଟ ଛୋଟ ଘରଟିଏ । ଗୋଟିଏ କଣରେ ପାଣିଗଳି ସନ୍ତଳିଆ ହୋଇଛି । ତାରି ଭିତରେ ଗୋଟିଏ ଢିବି ଜଳେଇ ଗୋଟିଏ କାରିଗର କିପରି ମନଧ୍ୟାନ ଦେଇ ତୁପାର ପାହାଡ଼ି ତିଆରି କରୁଛି ଏହା ଦେଖି ସେମାନେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ । ଓଡ଼ିଆ ଶିଳ୍ପୀ ବୋଲି କହିଲି । ଏ କଥା ଶୁଣି ମୁଁ ନିଜେ ବି ଗର୍ବ ଅନୁଭବ କରୁଥିଲି । ଘରର ଠିକ୍ ପଛପଟ ବାଡ଼ି ଅଗଣା । ବାଡ଼ି ଅଗଣାରେ କିଛି ଶିମ୍ବ ଲଟ ଓ ଅଦାଶାଗ ଓ ଛାତ ଉପରେ କଖାରୁ ଲଟାଟି ମାଡ଼ି କଖାରୁ ଫଳିଥାଏ । ବହୁତ୍ ମଜା ହେଲା ସେତେବେଳେ ଘର ଦୁଆର ମୁହଁରେ ପଡ଼ିଥିବା ଢିଙ୍କି, ଢିଙ୍କିରେ କିପରି କୁଟାଯାଏ ତାକୁ ଦେଖାଇବା ପାଇଁ ମତେ ଲଜ୍ଜାଶୀଳା ଗ୍ରାମ୍ୟମହିଳାମାନଙ୍କୁ ଅନୁରୋଧ କରିବାକୁ ପଡ଼ିଥିଲା । ସଙ୍ଗେ ସଙ୍ଗେ ମୁଭି କ୍ୟାମେରାରେ ଫଟୋ ନିଆ ହୋଇଥିଲା । ଏକଥା ଦେଖି ସ୍ତ୍ରୀ ଲୋକମାନେ ଅଧୁରି ହାତେ ହାତେ ଓଢ଼ଣା ଟାଣି ଦେଇଥିଲେ । ଫଟୋ ନେଇ ସେମାନେ ଯେ କି ଦୋଷ କରିଛନ୍ତି ବୁଝି ପାରିନଥିଲେ । ସେମାନେ ସେଠୁ ମୋତେ ଆସିବାକୁ ଇଚ୍ଛା କରୁନଥିଲେ । ପୃଥିବୀର ଅଷ୍ଟମ ଆଶ୍ଚର୍ଯ୍ୟ ଜିନିଷଟିଏ ଦେଖିଲାଭଳି ସେମାନେ ଢିଙ୍କିଟିକୁ ଚାହିଁ ରହିଥିଲେ । ସେତେବେଳେ ମୁଁ ଶୁଣିଥିବା ଇଂରେଜମାନଙ୍କର ଢିଙ୍କି ଉପରେ ମନ୍ତବ୍ୟ ମନେ ପଡ଼ିଥିଲା—Two women dhakad dhakad one woman sunkhi, that is called Dhinki.

ସମୟ ଅଭାବରୁ ଆଉ ବେଶି ସମୟ ସେଠାରେ ନରହି ଆମେ କୋଣାର୍କ ଅଭିମୁଖେ ଚାଲିଲୁ, ହଠାତ୍ ଜମି ଉପରେ କି ପକ୍ଷୀ ବସିଛନ୍ତି ବୋଲି ସେମାନେ ପଚାରିଥିଲେ । କିନ୍ତୁ ମୋ ଯୁଗ୍ମ ଅକ୍ଷିରେ ମୁଁ କୌଣସି ପକ୍ଷୀ ଦେଖି ପାରୁନଥିଲି । କିଛି ସମୟପରେ ବହୁ କଷ୍ଟରେ ମୁଁ ଦେଖିପାରିଲି ବିଲରେ କେତେକ ଚାଷୀ ପାଛିଆ ମୁଣ୍ଡରେ ଦେଇ କାମ କରୁଥାନ୍ତି । ଝିପି ଝିପି ବର୍ଷା ହେଉଥାଏ, ସେମାନେ ଆମ ଆଡ଼କୁ ପଛକରି ବସି ବିଲ ବାଛୁଥାନ୍ତି । ମତେ ଭାରୀ ହସ ଲାଗିଲା । ମୁଁ ବସ୍ ଅଟକାଇ ସେମାନଙ୍କୁ ଇଶାରା ଦେବା ପାଇଁ ପାଟି କରିବାରୁ କେତେଜଣ ଫଟୋଗ୍ରାଫର କାଳେ ପକ୍ଷୀଗୁଡ଼ିକ ଉଡ଼ିଯିବେ ବୋଲି ଭାବି ମତେ ଚିନ୍ତିତ ହେଲେ । କିନ୍ତୁ ପର ମୁହୂର୍ତ୍ତରେ ପାଛିଆ ଭିତରୁ ନାଲି, ଶାଗୁଆ ଶାଢ଼ୀ ପିନ୍ଧିଥିବା ସ୍ତ୍ରୀ ଲୋକମାନଙ୍କୁ ଦେଖି ସେମାନେ ଲଜ୍ଜିତ ହୋଇଥିଲେ । ତାପରେ ପାଛିଆର ସୁବିଧା ବିଷୟରେ ସେମାନଙ୍କୁ ବୁଝେଇବାକୁ ପଡ଼ିଥିଲା । ହାତରେ ସାହାଯ୍ୟ ନ ନେଇ ଏହା କିପରି ବର୍ଷାରୁ ରକ୍ଷା କରୁଛି ତା ମଧ୍ୟ ମତେ ବୁଝେଇବାକୁ ପଡ଼ିଥିଲା । ହଠାତ୍ ଗୋଟିଏ ଯାତ୍ରୀବାହୀ ବସ୍ ଆମକୁ ଟପି ଆଗକୁ ଚାଲିଗଲା । ବସ୍‌ର ପଛ ପଟେ ଝୁଲୁଥିଲା ନୂଆ ନାଲି ଗାମୁଛାରେ ବନ୍ଧାହୋଇଥିବା

୩୦।୪୦ଟି ପୁତୁଳି । ତାହା କଣ ବୋଲି ସେମାନେ ଜାଣି-ବାକୁ ଚାହିଁଥିଲେ । ଯେତେବେଳେ ସେମାନେ ଜାଣିଲେ ସେ ଗୁଡ଼ିକ ଛେନା ପୁତୁଳି ସେମାନଙ୍କର କୌତୂହଳର ସୀମା ରହିଲା ନାହିଁ । ଆମ ବସକୁ ଖୁବ୍‌ଜୋର୍‌ରେ ଚଳେଇ ସାମନା ବସ୍ ନିକଟକୁ ନେବାକୁ ଡ୍ରାଇଭରକୁ ନିର୍ଦ୍ଦେଶ ଦିଆହେଲା । ଆମ ବସ୍‌ଟି ୮୦ ମାଇଲ୍ ବେଗରେ ଚାଲିଲା । ହଠାତ୍ ଗୋଟିଏ ବସ୍ ଷ୍ଟପ୍‌ରେ ଆଗବସ୍‌ଟି ରହିଲା । ସାଙ୍ଗେ ସାଙ୍ଗେ ଆମ ବସ୍‌ଟି ଅଟକାଇ ପ୍ରାୟ ସମସ୍ତେ ଓହ୍ଲାଇ ଆସି ମନ ଇଚ୍ଛା ଫଟୋ ଉଠାଇଲେ । ବସ୍ ପଛକୁ ଯାଇ ଗାମୁଛାରେ ବନ୍ଧା ହୋଇଥିବା ଛେନାକୁ ଟିପି ପରୀକ୍ଷା କଲେ । ଅନ୍ୟ ବସ୍‌ରେ ବସିଥିବା ଓଡ଼ିଆ ଯାତ୍ରୀମାନେ ଘଟଣା କଣ ଜାଣିବାପାଇଁ ତଳକୁ ଓହ୍ଲାଇ ଆସିଲେ । ମତେ ଟିକିଏ ଟିକିଏ ସଙ୍କୋଚ ଲାଗୁଥାଏ । କିନ୍ତୁ ଘଟଣାଟି ସେମାନଙ୍କୁ ପରେ ବୁଝେଇଦେଲି ।

କୋଣାର୍କରେ ପହଞ୍ଚିଲା ବେଳକୁ ସମସ୍ତଙ୍କୁ ଟିକିଏ ଟିକିଏ ଭୋକ କରୁଥାଏ । ବାଟରେ ଗୋଟିଏ ଛୋଟ ଚଟି ଜଳଖିଆ ଦୋକାନରେ ସେମାନେ କୌତୁହଳ ବଶତଃ ପଶିଗଲେ । ଯାହାହେଉ, ମୋର ସୌଭାଗ୍ୟକୁ କି କଣ ତା' ଦୋକାନରେ କିଛି ମିଠାଥିଲା । ସେ ଗୋଟିଏ ଗୋଟିଏ ଛୋଟ ଖୁରିରେ କିଛି ରବିଡ଼ି ଦେଲା । କେତେଜଣ ଅତି ସନ୍ତର୍ପଣରେ ଖାଇଲେ ଅନ୍ୟ କେତେଜଣ ତାକୁ ଟିକିଏ ଟିକିଏ ଖାଇ ସେ ବିଷୟରେ ନିଜ ନିଜ ଭିତରେ କଥା-ବାର୍ତ୍ତା ହେଉଥାନ୍ତି ଏବଂ ଖାଇସାରି ସେ ଖୁରିଟିକୁ ଲେଉଟା ଲେଉଟି କରି ଦେଖୁଥାନ୍ତି—କିଛି ସମୟ ପରେ କୋଣାର୍କ ମନ୍ଦିର ନିକଟରେ ପହଞ୍ଚିଲୁ, କୋଣାର୍କ ମନ୍ଦିରକୁ ଦେଖୁ ଦେଖୁ ଜଣେ କହିଲେ ନିର୍ମାଣ ହୋଇଥିବା ଘୋଡା-ଗୁଡିକ ବର୍ତ୍ତମାନ ଯେପରି ରଥଟାଣି ନେବାକୁ ପ୍ରସ୍ତୁତ ହୋଇଅଛନ୍ତି ସେପରି ଲାଗୁଛି । ସୂର୍ଯ୍ୟ ମନ୍ଦିରର ଆଶ୍ଚର୍ଯ୍ୟ ଶିଳ୍ପକୁ ଦେଖି ସେମାନେ ସ୍ତମ୍ଭୀଭୂତ ହୋଇଥିଲେ । ବିଶେଷକରି କିପରି ଗୋଟିଏ ମା ତାର ପିଲାକୁ ଗେଲ କରୁଛି—କେଉଁଠି ବା ଗୋଟିଏ ପରିବା ବିକାଳୀ ମାଙ୍କଡ-ମାନଙ୍କ ଦ୍ୱାରା ହଇରାଣ ହଉଛି । ଆଉ କେଉଁଠି ସଦ୍ୟ ସ୍ନାନ ସାରି ଫେରୁଥିବା କୌଣସି ସ୍ତ୍ରୀ ଲୋକକୁ ଦେଖି ସେମାନେ ଆତ୍ମବିଭୋର ହୋଇଯାଉଥିଲେ । ଭାରତୀୟ ନାରୀ ଯେଉଁ ସିନ୍ଦୁର ମୁଣ୍ଡରେ ପିନ୍ଧି ନିଜକୁ ସଧବା ବୋଲି ଗୌରବାନ୍ୱିତ ମନେକରେ ତାର ମୂର୍ତ୍ତି ସବୁ ଦେଖି ସେମାନଙ୍କର ଓଡ଼ିଶାର ଚାଲିଚଳଣ, ଆଗ୍ରହ ବ୍ୟବ-ହାର ଓ ପରିବାରରେ ମାର ପିଲାମାନଙ୍କୁ ସ୍ନେହ ଓ ଶ୍ରଦ୍ଧା ବିଷୟରେ ଗୋଟିଏ ଭଲ ଧାରଣା ହୋଇପାରିଲା—ଓଡ଼ିଶାର ଚାରୁକାର୍ଯ୍ୟ, କଳା, ସ୍ଥାପତ୍ୟରୁ ଓଡ଼ିଶାର ସଂସ୍କୃତିର ମଧ୍ୟ ସ୍ପଷ୍ଟ ଧାରଣା କରିପାରିଲେ । ଏହା ଏକ ଉଚ୍ଚକୋଟୀର କଳା ବୋଲି ବହୁ ପ୍ରଶଂସା କରିଥିଲେ । ବିଶେଷକରି ଏଠାର ଆଧ୍ୟାତ୍ମିକ ବାତାବରଣ ତାଙ୍କୁ ଖୁ ଭଲ ଲାଗିଥିଲା—କ୍ୟାମେରାଗୁଡିକରେ ଫଟୋଗ୍ରା କାମ ଅବିରତ ଚାଲିଥାଏ । ଜଣେ ଜଣେ ଫଟୋଗ୍ରାଫ ଥାନ୍ତି—ସେମାନେ କିଛି କଥାବାର୍ତ୍ତା ନକରି ଫଟୋ ଉଠେଇ ଚାଲିଥାନ୍ତି ଏବଂ ସ୍ୱାଧୀନ ବୁଲୁଥାନ୍ତି—ସେଠି ଯେପରି ସେମାନେ ମନ୍ତ୍ରମୁଗ୍ଧ ରହିଥାନ୍ତି ପ୍ରକୃତରେ ସମସ୍ତ ବିଷୟରେ ସେମାନଙ୍କୁ ତନ କରାଇଦେବାକୁ ମୁଁ ନିଜେ ନିଜେ କଳ୍ପିତ କିନ୍ତୁ ଯେତେବେଳେ ଦେଖିଲି ମୋର ଆଉ ଧୈର୍ଯ୍ୟ ଲାଗି ବାଧ୍ୟ ହୋଇ ଡାକିଲି—

ବାଟରେ ପୁଣି ଆଉ ଗୋଟିଏ ଦୃଶ୍ୟ ସମସ୍ତଙ୍କ ଦୃ ଆକର୍ଷଣ କରିଥିଲା । ପ୍ରାୟ ୭।୮ଟି ଶଗଡଗାଡି ତା' ପଛ ତା' ପଛ ଚାଲିଥାଏ । ପ୍ରଥମ ଶଗଡଟିରେ କେବ ଗୋଟିଏ ଶଗଡ଼ିଆ ବସି ବଳଦକୁ ଅଡଉଥାଏ । ଅନ ଶଗଡଗୁଡ଼ିକରେ ଶଗଡ଼ିଆଗୁଡ଼ିକ ନିଶ୍ଚିନ୍ତରେ ଶୋଇ ଯାଇଥାନ୍ତି । ଜଣାଯାଉଥାଏ ଯେପରି ସେମାନେ ବେ ଆରାମରେ ଶୋଇଛନ୍ତି । ଆମେ ଆମ ବସ୍‌ର ହର୍ଣ୍ଣ ଦେ ମାତ୍ରକେ ସବୁ ଶଗଡ଼ଗୁଡ଼ିକ ଅନାୟାସରେ ଆଡ଼େଇ ହୋଇଯାଉଥାନ୍ତି, ଯଦିଓ ତାଙ୍କ ଚାଳକଗୁଡ଼ିକ ଶୁ ଥାନ୍ତି । ସେ ଦୃଶ୍ୟଟି ବେଶ୍ ଉପଭୋଗ୍ୟ ହୋଇଥିଲା ଆଧୁନିକ ଯୁଗରେ କାର୍, ବସ୍, ପ୍ଲେନ୍ ଛାଡ଼ି ଶଗ ଉପରେ ଆଜିପର୍ଯ୍ୟନ୍ତ ମଧ୍ୟ ଆମେ ଯେ ନିର୍ଭର କରୁଛୁ ଏ ବିଷୟରେ ଅନେକ ଆଲୋଚନା ହେଲା ।

ଆଉ କିଛି ଦୂର ଗଲା ପରେ ଜଣେ ପସାରୀ ଉଦ୍‌ଗ୍ରୀବ ପାଟିକରି ଉଠିଲେ । ବାଁ ପଟେ ଥିବା ଗୋଟିଏ କିଆ ଆଡ଼ିକୁ ଆଙ୍ଗୁଠି ଦେଖାଇଲେ । ମୁଁ ଡ୍ରାଇଭରକୁ ବସ୍ ରଖିବାପାଇଁ ନିର୍ଦ୍ଦେଶ ଦେଲି । ସମସ୍ତେ ତଳକୁ ଓହ୍ଲା-ଇଲେ । ପ୍ରକୃତ ଘଟଣା ଜାଣିଲା ବେଳକୁ ଗୋଟିଏ ଲୋକ ଡେଙ୍ଗାରେ ପାଣି କୁହାଉଥାଏ । ଏମାନେ ଚିନ୍ତାରୁ ନଯା ନରେ ଚାହିଁ ରହିଥାନ୍ତି । ସେ ଲୋକଟି ମୁହୂର୍ତ୍ତେ ନ ଅଟକି ତା' କାର୍ଯ୍ୟରେ ଲାଗି ପଡ଼ିଥାଏ । ଅତ୍ତିକାଲି ଯନ୍ତ୍ର ଯୁଗରେ ଏତେ ଜମିରେ ପାଣି ମଡେଇବାପାଇଁ ପମ୍ପ ନ ବସାଇ ଏତେ କଠିନ ପରିଶ୍ରମ କାହିଁକି ଓ କିପରି କରିପାରୁଛି ଦେଖି ସେମାନେ ବିସ୍ମିତ ହୋଇଥିଲେ ।

ଅଳ୍ପ ସମୟ ପରେ ଗୋଟିଏ ଜାଗାରେ ଜାଗରେଣି ଫୁଲର ସମ୍ଭାର ଦେଖି ବସ୍ ଅଟକାଇଥିଲୁ । ସେ ସ୍ଥାନଟି ଲତାପୂର୍ଣ୍ଣ ହୋଇଥିଲା ପରି ଲାଗୁଥାଏ । ପାଣି କେଉଁଠି ଟିକିଏ ହେଲେ ଦେଖାଯାଉନଥାଏ । ତାଙ୍କ ଭିତରୁ ଜଣେ ଫୁଲଟିଏ ଆଣିବାକୁ ଯାଇ ପାଣି ଭିତରେ ଗଳିପଡ଼ିଲେ ।

ବୌଦ୍ଧଶିଳ୍ପମାନଙ୍କ ତାଙ୍କୁ ଉପରକୁ ଆଣି ବସ୍ଥରେ । ଲାଗିଥିଲୁ । ବିସ୍ମୟ ଫୁଲଟିଏ ଅଛିବା ପାଇଁ କି ଲେ—ହଠାତ୍ ବସ୍‌ ଭିତରେ ଦେଖିଲି ଉଭୟଙ୍କୁ ଖେଣ୍ଡେ ଲଗେ ଭଙ୍ଗୀ ଧରିଛନ୍ତି, ତାଙ୍କୁ ଦେଖି ମନେ ହେଲା ଆମ ଏଠାର ପ୍ରତି ଗୋଡ଼ି, ମାଟି, ପଥର, ପାଣି ତାଙ୍କୁ କଥା କହୁଥିଲା ଭଳି ଲାଗୁଛି । ବସ୍‌ଟି ଭୁବନେଶ୍ୱର ପାଖାପାଖି ହୋଇ ଆସିଲା-ଶେଷରେ ଲିଙ୍ଗରାଜ ମନ୍ଦିର, ମୁକ୍ତେଶ୍ୱର, ରାଜରାଣୀ ମନ୍ଦିର ଦେଖିବାକୁ ଯାଇଥିଲୁ । ମୁକ୍ତେଶ୍ୱର ମନ୍ଦିରର କାରୁକାର୍ଯ୍ୟ, ସ୍ଥାପତ୍ୟଚିତ୍ର ଦେଖି ସେମାନେ ଆତ୍ମହରା ହୋଇଯାଉଥିଲେ । ଏହି କାରୁକାର୍ଯ୍ୟ ଯେ ଓଡ଼ିଶାର ପୂର୍ବପୁରୁଷମାନେ ନିଜର ମନରେ ଫୁଟାଇ ପାରିଛନ୍ତି, ଏକଥା ସେମାନେ ବିଶ୍ୱାସ କରିପାରୁନଥିଲେ । ସେମାନଙ୍କୁ ଦେଖି ଲାଗୁଥାଏ ଯେପରି ହୃଦୟରେ ସେ ମୂର୍ତ୍ତିଗୁଡ଼ିକ ଆଙ୍କିନେବେ ବୋଲି ସେମାନେ ଆସିଛନ୍ତି । ପ୍ରତ୍ୟେକ ମୂର୍ତ୍ତି ପାଖରେ ପ୍ରାୟ ୫।୧୦ ମିନିଟ୍ ଅଟକି ରହି ଠିଆ ହୋଇଥାନ୍ତି । ହାତମାରି ପ୍ରଶଂସା ଯେଉଁପରି କରୁଥାନ୍ତି । ଯେ କାରୁକାର୍ଯ୍ୟ ନବମ ଶତାବ୍ଦୀରୁ ନିର୍ମାଣ କରାଯାଇଥିଲା ମଧ୍ୟ ଆଜି ପର୍ଯ୍ୟନ୍ତ ଯେ ଅକ୍ଷୁର୍ଣ୍ଣ ରହିଛି ଏହା ତାଙ୍କୁ ଆଶ୍ଚର୍ଯ୍ୟାନ୍ୱିତ କରିଥିଲା । ସେମାନଙ୍କ ମନରେ ଯେପରି ଗୋଟିଏ ପ୍ରଶ୍ନ—କିଏ ସେହି ଶିଳ୍ପୀ ? କାହା ପରିଚୟ ପଚାରିଲେ କଥା ବାହାରୁ ନଥାଏ । ବିନା ସିମେଣ୍ଟରେ କିପରି ପଥର ଯୋଡ଼ା ଯାଇଛି ସେମାନଙ୍କ ଭିତରେ ଥିବା କେତେକ ଇଞ୍ଜିନିୟର ଅନୁଧ୍ୟାନ କରି ଦେଖିଥିଲେ । ଏହା ପରେ ଭୀମତାଙ୍ଗୀ ନିକଟକୁ ସେମାନଙ୍କୁ ନେଇଥିଲୁ । ସେଠି ପଥର କାରିଗରମାନେ ପଥର କାଟିବାରେ ବ୍ୟସ୍ତଥାନ୍ତି । ପଥର କାଟିବା ତାଙ୍କର କୌଳିକ ପେଶା । ଖରାରେ ପଥର କାଟି କାଟି ସେମାନଙ୍କ ରଂଗ କଳା ଦେଖାଯାଉଥାଏ । ତାଙ୍କୁ ଦେଖି ସେମାନେ ପଚାରି ବସିଲେ "ଏମାନେ କଣ ଓଡ଼ିଶାର ଆଦିମ ଅଧିବାସୀ" ? ସେଠୁ ପଥର ଖଣ୍ଡେ ଖଣ୍ଡେ ଧରି ସେମାନେ ଫେରିଲେ । ବାଟସାରା ନାନାଦି ପ୍ରଶ୍ନବାଣ ମୋ ଉପରେ ହେଲା—ମୁଁ ମଧ୍ୟ ସେମାନଙ୍କର ପ୍ରଶ୍ନର ଉତ୍ତର ଦେଉଥିବାବେଳେ ଖୁବ୍ ଆନନ୍ଦ ପାଉଥିଲି । ମୁଁ ନିଜେ ଆଗରୁ ଆମ ନିଜ ଦେଶ ବିଷୟରେ ଏତେ ସଚେତନ ହୋଇନଥିଲି । ଏମାନେ ଆମ ଦେଶ ବିଷୟରେ କେତେ ଜିନିଷ ଜାଣିବାକୁ ଇଚ୍ଛା କରନ୍ତି ଦେଖି ମୁଁ ମଧ୍ୟ ସଚେତନ ହୋଇଥିଲି । ନିଜେ ବିସ୍ମିତ ହୋଇଥିଲି ।

ଦଳ ଦଳ ହୋଇ ଫରାସୀ, ଜର୍ମାନୀ ଓ ମାର୍କିନ୍ ଲୋକେ ଆସୁଛନ୍ତି ପ୍ରତିବର୍ଷ ଆମ ରାଜ୍ୟକୁ । ସେମାନେ ଆମ ରାଜ୍ୟକୁ ଦେଖି, ଏଠାର ଅଧିବାସୀଙ୍କୁ ଦେଖି, ଏଠାର ପ୍ରକୃତି, ମନ୍ଦିର, ହାଟ, ବଜାର ଦେଖି ଖୁବ୍ ବିମୋହିତ ହୁଅନ୍ତି । ସେମାନଙ୍କ ଧାରଣା ମୁଁ ଅଳ୍ପ କିଛିଟା ବୁଝିପାରେ । ସେମାନେ ଓଡ଼ିଶାର ଅକପଟ ସାରଲ୍ୟ, ସହଜ ଜୀବନ ଯାପନ ପ୍ରଣାଳୀ ଓ କଳା-ପ୍ରିୟତାକୁ ଖୁବ୍ ସମ୍ମାନଜନକ ଦୃଷ୍ଟିରେ ଦେଖିଥାନ୍ତି । ବହୁକଥା ହୁଏତ ସେମାନେ ବୁଝିପାରନ୍ତି ନାହିଁ । ଆମର ଇତିହାସ ବା ବର୍ତ୍ତମାନ ପରିସ୍ଥିତି ସଂପର୍କରେ ହୁଏତ ସେମାନେ ବିଶେଷ କିଛି ତଥ୍ୟ ଜାଣନ୍ତି ନାହିଁ । କିନ୍ତୁ ମୁଁ ସେମାନଙ୍କୁ ଯେତେଦୂର ପର୍ଯ୍ୟନ୍ତ ସାହାଯ୍ୟ କରେ—ଏ ରାଜ୍ୟ ଓ ତାର ଅଧିବାସୀଙ୍କ ସଙ୍ଗେ ଅନ୍ତରଙ୍ଗ ଭାବେ ମିଶିବାକୁ । ମୁଁ ସେମାନଙ୍କ ଭାଷାରେ ମୋର ଜ୍ଞାନ ଓ ସାଧ୍ୟାନୁସାରେ ମୋ ଦେଶର ଐତିହାସିକ ଓ ସାମାଜିକ ତଥ୍ୟାବଳୀ ପରିବେଷଣ କରେ । ମାତ୍ର ମୋର ବିଶ୍ୱାସ ସେମାନଙ୍କର ଅନୁସନ୍ଧାନ୍ୱିତ ହୃଦୟ ତା' ଠାରୁ ଅଧିକ ବୁଝିପାରେ ଏ ରାଜ୍ୟକୁ, ଏ ରାଜ୍ୟର ପ୍ରକୃତିକୁ ଓ ରାଜ୍ୟର ସଂସ୍କୃତିକୁ । ତାଙ୍କି ଦ୍ୱାରା ହିଁ ସଂସ୍କୃତି ସଂସ୍କୃତିଗୁଡ଼ିକରେ ମିଳନ ହୁଏ ଓ କ୍ରମଶଃ ସମନ୍ୱୟ ସାଧିତ ହୁଏ ।

କ୍ୱାଟର ନମ୍ବର ୪, ଆର ୨୦/୨
ୟୁନିଟ-୨, ଭୁବନେଶ୍ୱର





ହଁ—ମରୁଡ଼ି ପଡ଼ିଛି । ମାତ୍ର ଆମ ହାତରେ ରହିଛି ଜଳସେଚନ ପାଇଁ ପାଣି ପମ୍ପ । ମରୁଡ଼ିକୁ ଠିକଣା ଜବାବ୍ ନ ଦେଇକି ଆମେ ପ୍ରଜା ନୋହୁଁ ।



ଓଡ଼ିଶାର ଆଇନ, ଗୃହ ନିର୍ମାଣ ଶ୍ରମ ବିଭାଗର ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଇଗ୍ନେସ ମାଝି ଫୁଲବାଣୀଠାରେ ଝଡ଼ ବର୍ଷାରେ ଭାଙ୍ଗି ଯାଇଥିବା ଘରସବୁ ବୁଲି ଦେଖୁଛନ୍ତି ।

ଶ୍ରଦ୍ଧାଞ୍ଜଳି

# ବାରିଷ୍ଟର ୰ବିଶ୍ୱନାଥ ମିଶ୍ର

ଶ୍ରୀ ବ୍ରହ୍ମାନନ୍ଦ ପଣ୍ଡା

ଯେତେବେଳେ ବିଲାତ ଶାସନର ଦୃଢ଼ଭିତ୍ତି ଦେଖି ସାରିଥାଏ, ଓଡ଼ିଶାର ପାଇକ ବିଦ୍ରୋହ, ସୁରେନ୍ଦ୍ର ସାଏଙ୍କର ସଂଗ୍ରାମ, ଚକ୍ର ବିଶୋଇଙ୍କର ଆନ୍ଦୋଳନ ଇତ୍ୟାଦି ମଧ୍ୟ ଅତୀତର ସ୍ମୃତିରେ ବିଲୀନ ହୋଇଯାଏ । ଅବିସ୍ମରଣୀୟ ଚନ୍ଦନ ହଜୁରୀ ଓ ତାଙ୍କରି ମାଧ୍ୟମରେ ଭାରତର ପ୍ରଥମ ସ୍ୱାଧୀନତା ସମରରେ ହିନ୍ଦୁ-ମୁସଲମାନ ମିଳନ ପ୍ରଚେଷ୍ଟା (୧୮୫୭) ବ୍ୟର୍ଥ ହୋଇଯାଇଥାଏ । ଭାରତରେ ବ୍ରିଟିଶ ଶାସନ ଯେଉଁ କେତୋଟି ମେଟ୍ରୋ-ପଲିଟାନ୍ ନଗର ଗଢ଼ି ତାହାରି ଭିତରେ ନବସୃଷ୍ଟ ଅଧା-ସାହେବୀ ଗୋଷ୍ଠୀଙ୍କୁ ଢାଳନ୍ୟାସ ଦେଇଥିଲା, ସେମାନେ ଏକ ପ୍ରକାର ମହାଫିସ୍ ରାଜତ୍ୱରେ ବିଲାତି ଶାସନ, ସଂସ୍କୃତି ଓ ପ୍ରଲିତଳଣରେ ଏ ଦେଶକୁ ବିଲାତପାଇଁ ଶାସନ କରୁଥାଆନ୍ତି ଓ ବିଲାତି ଶୋଷଣର ଅଙ୍ଗ ବନେଇ ରଖିଥାଆନ୍ତି । ସେହି ସମୟର ସଂସ୍କୃତିର ଘୋର ସଂକଟ କାଳରେ ୧୮୭୮ ମସିହା କାର୍ତ୍ତିକ କୃଷ୍ଣ ଦଶମୀଦିନ ଓଡ଼ିଶାର ପୁରୀଜିଲ୍ଲା ସତ୍ୟବାଦୀ ନିକଟବର୍ତ୍ତୀ ନୂଆ ସୋମେଶ୍ୱରପୁର ବ୍ରାହ୍ମଣ ଶାସନର ଏକ ରକ୍ଷଣଶୀଳ ପରିବାରରେ ବିଶ୍ୱନାଥ ମିଶ୍ର ଜନ୍ମ ଗ୍ରହଣ କରିଥିଲେ ।

ତେଣୁ ଏହି ପିଢ଼ିରେ ଯେ ପୁରୀ, କଟକ ଓ ସମ୍ବଲପୁର ଜିଲ୍ଲାରୁ ବିଶେଷତଃ ପୁରୀ ବ୍ରାହ୍ମଣଶାସନ ଓ କଟକର କରଣଙ୍କ ଭିତରୁ ଜୀବିକାର ଅନ୍ୟ କୌଣସି ଉପାୟ ନଦେଖି, ବୁଦ୍ଧିଜୀବୀର ପରମ୍ପରାରେ ବଢ଼ିଥିବା ପରିବାର ଭିତରେ ନୂତନ ଇଂରାଜୀ ଶିକ୍ଷାର ଆଲୋକ ପାଇଁ ଅଭିମୁଖୀ ଜାଗ୍ରତ ହୋଇଥିଲା ଓ ଓଡ଼ିଆ ଭାଷା ଓ ସଂସ୍କୃତିର ସୁରକ୍ଷା ଓ ପରିବର୍ଦ୍ଧନ ପାଇଁ ବ୍ୟାକୁଳ ଉଦ୍ୟମ ଆରମ୍ଭ ହୋଇଥିଲା । ଏହା ଆଦୌ ଆକସ୍ମିକ ନୁହେଁ । ଏହା ଭିତରୁ ଗୋପବନ୍ଧୁ ଓ ସତ୍ୟବାଦୀ ଗୋଷ୍ଠୀର ଉନ୍ମେଷ, ଏହି ଭିତରୁ ମଧୁବାବୁ ଓ ତାଙ୍କର ଚତୁର୍ଦ୍ଦିଗରେ ଗଢ଼ି ଉଠିଥିବା କରଣ ସାମନ୍ତ ଗୋଷ୍ଠୀ, ଏହିଭିତରୁ ହିଁ ଗଡ଼ଜାତର ରାଜା ଓ ଜମିଦାରମାନଙ୍କର କୁଳ ପୁରୋହିତ ଅମାତ୍ୟ ଗୋଷ୍ଠୀ ଭିତରେ ଇଂରାଜୀ ଶିକ୍ଷା ପ୍ରତି ଆଗ୍ରହ, ଏହିଭିତରୁ ହିଁ ଅଳକାଶ୍ରମ, ଭଗୁବାବୁ ଓ ଗୋପବନ୍ଧୁ ଚୌଧୁରୀ ପ୍ରମୁଖଙ୍କର ଆବିର୍ଭାବ ।

ଏହାରି ଉକ୍ତେସହିଁ ବ୍ୟାସକବି ଫକୀର ମୋହନ ଓ ତାଙ୍କ ସହିତ ସ୍ମରଣୀୟ ଉତ୍କଳଭ୍ରମଣରେ ଚିହ୍ନିତ "ଏଚି. ଏନ୍ ମିଶ୍ର ଗୁଡ଼ବାଏ ଗୁଡ଼ବାଏ" । ଜଗନ୍ନାଥ ମିଶ୍ର ସେଇ ପିଢ଼ିର ଅଗ୍ରଣୀଙ୍କ ଭିତରେ ଅନ୍ୟତମ । ଯେପରି ମୂଳରୁ ହିଁ ସୌଧର ମୂଳ କିନ୍ତୁ ତଥାପି ସେଇ ମୂଳ ଲୋକଲୋଚନରୁ ଉହ୍ୟ ରହେ, ଯେପରି ମନୁଷ୍ୟର ନାଡି ଜୀବନ ସ୍ଫୂର୍ତ୍ତିର ଏକମାତ୍ର ସଙ୍କେତ



ବାରିଷ୍ଟର ବିଶ୍ୱନାଥ ମିଶ୍ର

ହୋଇଲ ମଣିଷ ତାହା ବିଷୟରେ ବିଶେଷ ଚେତନ ରହେନାହିଁ, ଠିକ୍ ଯେପରି ସ୍ୱର୍ଗତ୍ ବାରିଷ୍ଟର ବିଶ୍ୱନାଥ ମିଶ୍ର ଯେ ଏହି ସାଂସ୍କୃତିକ ଓ ପ୍ରଶାସନିକ ଆକ୍ରମଣକୁ ତାଙ୍କର ସାରା ଜୀ. ନକାଳ ଭିତରେ ଆପଣାର ଅସୀମ ଧୈର୍ଯ୍ୟ ଓ ପ୍ରତିଭାବଳରେ ସାମନା କରିଥିଲେ, ପ୍ରତିରୋଧ କରିଥିଲେ ଓ ପ୍ରତିଯୋଗୀଭାବରେ ସଫଳ ହୋଇଥିଲେ ଓ ପୁଣିରେ ଭଗୀରଥଙ୍କ ଭଳି ଏକ ନୂତନ ଆଲୋକର ସିଂହଦ୍ୱାରର ତୋରଣକୁ ଉଦ୍‌ଘାଟନ କରିଥିଲେ । ତାହାର ଇତିହାସ କେବଳ ତତ୍‌କାଳିକ ଅଳ୍ପ ପ୍ରଚାରିତ ପତ୍ର ପତ୍ରିକାରେ ସଙ୍କୋଳି ହୋଇ ରହିଗଲା, ତାହା ଆଜିର ଜନମାନସରୁ ଲୁଚିଗଲା ।

ବାସ୍ତବିକ ବାରିଷ୍ଟର ବିଶ୍ୱନାଥ ବହୁ ପ୍ରତିଭାର ଅଧିକାରୀ ଥିଲେ । ଆଇନ ବ୍ୟବସାୟ ସହିତ ପତ୍ରିକାର ସଂପାଦକ, ସଂସ୍କାରକ, ସଂଗଠକ ସର୍ବୋପରି ଦକ୍ଷ ବ୍ୟବସ୍ଥାପକ ଏବଂ ବନ୍ଧୁବତ୍ସଳଭାବରେ ତାଙ୍କର ଖ୍ୟାତି ବିଦିତଥିଲା । ସାଧନାରେ ଏକନିଷ୍ଠ ଚିନ୍ତା ଏବଂ ଚେତନାରେ ‹ଦୃଢ଼ତା, ଦକ୍ଷତା ଓ କର୍ମରେ ଅର୍ପଣ ସମନ୍ୱୟତା ଏବଂ ଏକାଗ୍ର ଚିନ୍ତାହିଁ ତାହାକୁ ପଥ ଦେଇଥିଲା ବିଶ୍ୱନାଥର ଗୌରବ । ପୁରାତନ ଅଭିମୁଖ୍ୟ ଛାଡ଼ି ନୂତନ ଆଭିମୁଖ୍ୟ ସୃଷ୍ଟ କରିବାରେ ସେ ଥିଲେ ଅଗ୍ରଣୀ । ଜାତୀୟ ପ୍ରୀତି ତାଙ୍କ ଜୀବନରେ ଥିଲା ବିଶ୍ୱମୁଖୀ । ଏତେ ସମ୍ମାନର ଅଧିକାରୀ ହୋଇ ସୁଦ୍ଧା ତାଙ୍କମନରେ ଗର୍ବ, ଅଭିମାନ ଭିତରେ କେବେ ସ୍ପର୍ଶ କରି ନଥିଲା ।

ଭାଷା ଓ ସଂସ୍କୃତିରେ ଭରପୂର ଗଞ୍ଜାମ ଥିଲା ତତ୍‌କାଳୀନ କଳିଙ୍ଗର କେନ୍ଦ୍ରସ୍ଥଳ । ଏହିଠାରୁହିଁ ଆରମ୍ଭ ହୋଇଥିଲା ଭାଷା ଆନ୍ଦୋଳନ । ସମୁଦ୍ର ଉପକୂଳବର୍ତ୍ତୀ ପୂର୍ବଘାଟର ପୂର୍ବ ଅଞ୍ଚଳର ପ୍ରଧାନ ଭୂଭାଗ ଥିଲା ଗଞ୍ଜାମ; କିନ୍ତୁ ଓଡ଼ିଶା ଇତିହାସରୁ ଯାହା ନିରେ- ସମଗ୍ର ଗଞ୍ଜାମର ଦାନ ଓଡ଼ିଶା ଇତିହାସକୁ ଅତୁଳନୀୟ; କିନ୍ତୁ ଦୁଃଖର କଥା ଏବେ ସୁଦ୍ଧା ଯାହା ଯଥାର୍ଥ ଭାବେ ମୂଲ୍ୟାଙ୍କନ ହୋଇ ପାରିନାହିଁ ।

ବାରିଷ୍ଟର ବିଶ୍ୱନାଥ ଓଡ଼ିଶାର ପୁରୀ ଜିଲ୍ଲାରେ ଜନ୍ମ ଗ୍ରହଣ କରିଥିଲେ ସତ୍ୟ କିନ୍ତୁ ପ୍ରାଥମିକ ଅବସ୍ଥାରେ ଗଞ୍ଜାମର ଆସ୍କାକୁ ହିଁ ସେ ଆପଣାର କର୍ମଭୂମି ରୂପେ ବାଛିଥିଲେ । ଏହାଦ୍ୱାରା ତାଙ୍କର ମୂଳଲକ୍ଷ୍ୟ ଥିଲା ଏ ମାଧ୍ୟମରେ—ଜାତୀୟ ଆନ୍ଦୋଳନ (ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ) ଏବଂ ଇଂରେଜ ଶାସନ ବିରୁଦ୍ଧରେ ଜନଚେତନା ଜାଗ୍ରତ କରାଇବା ।

ନିଜର ଅଧ୍ୟବସାୟ ବଳରେ ବିଲାତରୁ ଉଚ୍ଚଶିକ୍ଷା ଲାଭକରି ଓଡ଼ିଶାର ପ୍ରଥମ ବାରିଷ୍ଟର ହୋଇ ସେ ଯେ ଖୁସି ଥିଲେ ତାହା ନୁହେଁ—ଓଡ଼ିଶାର ତତ୍କାଳୀନ ଅବସ୍ଥା ତାଙ୍କୁ ଅତି ମାତ୍ରାରେ ବିବ୍ରତ କରିପକାଇଥିଲା । ତେଣୁ ଠିକ୍ ସମୟରେ "ଉତ୍କଳ ସମ୍ମିଳନୀ" ଭଳି ସାଂସ୍କୃତିକ ଅନୁଷ୍ଠାନର ଆନ୍ଦୋଳନ ଛଡ଼ା ତାଙ୍କର ଅନ୍ୟ କୌଣସି ପ୍ରକାର ଆନ୍ଦୋଳନମୁଖୀ କାର୍ଯ୍ୟ ପ୍ରତି ସ୍ପୃହା ନ ଥିଲା । ସେଇଠୁ ହିଁ ତାଙ୍କର ଜୀବନ ପୁରାପୁରି ଦେଶ ପ୍ରେମିକ କାର୍ଯ୍ୟ ଲାଗି ନିବେଦିତ ହୋଇଥିଲା ।

୧୯୨୨ ମସିହା ଠାରୁ ୧୯୩୩ ମସିହା ପର୍ଯ୍ୟନ୍ତ ବିହାର-ଓଡ଼ିଶା ବିଧାନସଭା ସଭ୍ୟ ଓ କେନ୍ଦ୍ର ବ୍ୟବସ୍ଥାପକ ସଭାର ସଭ୍ୟ ଭାବରେ ସେ ଓଡ଼ିଶାରୁ ଦୁଇଥର ନିର୍ବାଚିତ ହୋଇ ଯାଇଥିଲେ । ଏ ମାଧ୍ୟମରେ ଇଂରେଜ ଶାସନକୁ ଅତି ଦୃଢ଼ ଓ ନିର୍ଭୀକ ଭାବରେ ସମାଲୋଚନା କରିବା ତାଙ୍କ ରାଜନୀତି ଜୀବନର ଅନ୍ୟ ଏକ ବୈଶିଷ୍ଟ୍ୟ ।

ଦେଶ ଓ ଜାତି ପାଇଁ ଯାର ଜୀବନ ଗତି ଅତି ତୋଟି ସେ କ୍ଲାନ୍ତ ନ ଥିଲେ; କିନ୍ତୁ ନିୟତିର ଗତି ଭିନ୍ନ । ସିମଳାରେ ଖୋଲିଥିବା ଭାରତୀୟ ବ୍ୟବସ୍ଥା ପରିଷଦ ଅଧିବେଶନ ସମୟରେ ୧୯୩୩ ମସିହା ସେପ୍‌ଟେମ୍ବର ୯ ତାରିଖ ଦିନ ଏହି ମହାପୁରୁଷଙ୍କର ତିରୋଧାନ ଘଟିଥିଲା । ମାତ୍ର ୫୨ ବର୍ଷ ବୟସରେ ଏହି ଯୋଗଜନ୍ମା କେଉଁ ପାହାଡ଼ ଘେରା ଅଞ୍ଚଳରେ ଲୁଚିଗଲେ, କେହି ଜାଣି ପାରିଲେ ନାହିଁ ।

ତାଙ୍କର ତିରୋଧାନ ଆଜକୁ ୪୪ ବର୍ଷ ହୋଇ ଯାଉଛି ଏବଂ ଇତିମଧ୍ୟରେ ଓଡ଼ିଶାର ସମାଜ, ସଂସ୍କୃତି, ସାହିତ୍ୟ ଓ ରାଜନୀତି କ୍ଷେତ୍ରରେ ଅନେକ ପରିବର୍ତ୍ତନ ଦେଖା ଦେଇଛି; କିନ୍ତୁ ବାଚିଶ୍ୱର ବିଶ୍ୱନାଥ ଓଡ଼ିଆ ଜାତିର ଅନ୍ତରରୁ ଯେଉଁଭଳି ସ୍ଥାନ ଦର୍ଶ କରିଥିଲେ ତାହା ଆମେ ସ୍ୱଭାବତଃ ଗୌରବ ମନେ କରୁଛୁ ।

ବାସ୍ତବିକ ସେ ଥିଲେ ଏ ଜାତିର ଚିର ନମସ୍ୟ ଏବଂ ଓଡ଼ିଆ ଜାତିର ଏକ ଜୀବନ୍ତ ଅନୁଷ୍ଠାନ ଏବଂ ନିତ୍ୟ ପ୍ରବାହମାନ ଜଳଧାର ।

ଆଜି ସେଇ ମହାପୁରୁଷଙ୍କର ପବିତ୍ର ଶ୍ରାଦ୍ଧ ବାର୍ଷିକୀ ଓ ଜନ୍ମ ଶତବାର୍ଷିକୀରେ ତାଙ୍କର ସେହି ପବିତ୍ର ଜଳଧାରକୁ ସ୍ପର୍ଶ କରି ସମସ୍ତ ଓଡ଼ିଆ ଜାତି ଧନ୍ୟ ମନେ କରୁଛି ।

"ଜୟ ଜଗନ୍ନାଥ"

"ଜୟ ଉତ୍କଳ"

ସଭାପତି
ବାଚିଶ୍ୱର ବିଶ୍ୱନାଥ ମିଶ୍ର ସ୍ମୃତି ସଂସଦ
କଟକ-୯



ବାରିପଦା ରୋଟାରୀ କ୍ଲବ ଆନୁକୂଲ୍ୟରେ ଗୋପବନ୍ଧୁ ଶତବାର୍ଷିକୀ ଉଦ୍‌ଯାପନ ଉତ୍ସବ ଉପଲକ୍ଷେ ବାରିପଦା ଗୋପବନ୍ଧୁ ବାଳାଶ୍ରମର ଅନାଥ ବାଳିକାମାନଙ୍କ ପାଇଁ ରୋଟାରୀ ଗଭର୍ଣ୍ଣର ଶ୍ରୀଯୁକ୍ତ ବଡ଼ା ବାରିପଦାର ସମାଜ ସେବିକା ଶ୍ରୀମତୀ ଇନ୍ଦୁମତି ପତିଙ୍କ ହାତରେ ଲୁଗାପଟା, ଛାତା, କଲମ ଇତ୍ୟାଦି ପ୍ରଦାନ କରୁଛନ୍ତି ।

# ORISSA STATE ELECTRICITY BOARD

## MARCHES AHEAD

### *TOWARDS MORE PROSPEROUS FUTURE OF ORISSA*

* It offers more power at attractive rates for Large, Medium and Small-sca Industries for exploiting Orissa's rich mineral and natural resources and f intensive agricultural pumping and extensive rural development throug Rural Electrification.
* Orissa is one of the few States in India which is surplus in power.
* It has been extending power support to the neighbouring States of Bih and Andhra Pradesh to meet their emergent power requirement.
* It has extended many attractive concession for growth and developme of Small and Medium Scale Industries, particularly in rural areas.
* It has taken up massive programme for Rural Electrification and energisatio of Lift Irrigation Pumps.
* It has implemented the Scheme on "Workers Participation in Management

**A Few Salient Features—**

* Present installed capacity — 861·5 MW.
* **New Power Projects under execution—**
  - Talcher Thermal Power Station Expansion — 220 MW.
  - Balimela Hydro Project (6th Unit) — 60 MW.
  - Rengali Hydro Project — 100 MW.
  - Upper Kolab Hydro Project — 240 MW.
* **New E. H. T. and Transmission Schemes under execution—**
  - 220 K.V. and 132 K.V. Lines — 1,011·4 Kms.
* New E. H. T. Sub-station under execution — 395 MVA. capacity
* Villages electrified by the end of 1976-77 — 14,758
* **Rural lines planned during 5th plan—**
  - 33 K.V. Line — 886 Kms.
  - 11 K. V. Line — 11,081 Kms.
  - L. T. Lines — 9,070 Kms.
* Power sold during 1976-77 — 2,500 Million Units (Approx.)
* Number of consumers by the end of 1976-77 — 3,00,000 (Approx.)
* Strength of employees — 28,000 (Approx.)

**ELECTRICITY IS KEY TO PROSPERITY**
**HELP US TO SERVE YOU AT ALL TIMES**

*Issued by*—ORISSA STATE ELECTRICITY BOARD
BHUBANESWAR-751007

ଆଜିର ଓଡ଼ିଶା

## ହରିଜନ ସମସ୍ୟା ସମାଧାନ ଦିଗରେ



# ମୁଖ୍ୟମନ୍ତ୍ରୀ ଶ୍ରୀ ରାଉତରାୟଙ୍କ

## ଖଣ୍ଡିଏ ଅନୁନୟ ପତ୍ର

ପ୍ରିୟ ବନ୍ଧୁ,

ଆପଣ ଅବଗତ ଥିବେ ଯେ, ଶୋଷଣ ତଥା ଶ୍ରେଣୀ ସଂଘର୍ଷମୁକ୍ତ ଏକ ଯଥୋଚିତ ଓ ନ୍ୟାୟସଙ୍ଗତ ସାମାଜିକ ବ୍ୟବସ୍ଥା ପ୍ରତିଷ୍ଠା କରିବା ବର୍ତ୍ତମାନର ସରକାର ତଥା ଆମ୍ଭ ଜାତୀୟନୀତିର ଅନ୍ୟତମ ପ୍ରଧାନ ଲକ୍ଷ୍ୟ । ଏହି ପରିପ୍ରେକ୍ଷୀରେ, ହରିଜନ, ଆଦିବାସୀ ତଥା ଅନ୍ୟାନ୍ୟ ଦୁର୍ବଳ ଶ୍ରେଣୀର ଲୋକଙ୍କ ପ୍ରତି ହେଉଥିବା ଅତ୍ୟାଚାର ଯେଉଁଭଳି ବାରମ୍ବାର ଘଟୁଛି, ତାହା ଘୋର ଉଦ୍‌ବେଗର କାରଣ ହୋଇଅଛି । ମାତ୍ର ଏଭଳି ଘଟଣାମାନ ତେଜକୁତେଜ ବୃଦ୍ଧି ପାଉଛି ଏବଂ ଗତ କେତେମାସ ମଧ୍ୟରେ ଏସବୁ ଘଟଣାଜନିତ ସମସ୍ୟାର ମୁକାବିଲା କରିବା ହେତୁରେ ଗୁଣାତ୍ମକ ପରିବର୍ତ୍ତନ ଘଟିଛି ବୋଲି ରାଜନୈତିକ ଉଦ୍ଦେଶ୍ୟରେ ଦୋଷାରୋପ କରିବାପାଇଁ ଯେ, ସମୟେ ସମୟେ ଉଦ୍ୟମ ହେଉଛି, ଏଥିରେ ତିଳେମାତ୍ର ସନ୍ଦେହ ନାହିଁ । ପରିସଂଖ୍ୟାନରେ ତଥ୍ୟରୁ ଜଣାପଡ଼େ ଯେ ଏଭଳି ଘଟଣାଗୁଡ଼ିକର ସଂଖ୍ୟା ବୃଦ୍ଧି ପାଉଥିବା ଧାରଣା ଯଥାର୍ଥ ନୁହେଁ । ସେ ଯାହାହେଉନା କାହିଁକି, ଏଭଳି ଘଟଣା ଏକୁଥର ଘଟିବା ଘୋର ଦୁଃଖ ତଥା ଲଜ୍ଜାର ବିଷୟ । ହରିଜନ, ଆଦିବାସୀ ଓ ଅନ୍ୟାନ୍ୟ ଦୁର୍ବଳ ଶ୍ରେଣୀର ଲୋକମାନଙ୍କ ମନରେ ଏକ ନିରାପତ୍ତା ଭାବ ଆଣିବା ଦିଗରେ ଆମେ ବ୍ୟାପକ ପ୍ରଶାସନିକ ବ୍ୟବସ୍ଥା ତଥା ଦୋଷୀମାନଙ୍କ ବିରୁଦ୍ଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିବା ବେଳେ ଆପଣମାନେ ମୋ ସହିତ ଏକମତ ହେବେ ବୋଲି ଆଶାକରେ ଯେ, ଦୁର୍ବଳ ଶ୍ରେଣୀର ଲୋକମାନଙ୍କ ପ୍ରତି ଏଭଳି ଦୁର୍ବ୍ୟବହାର ଘଟଣା ଯୁଗଯୁଗ ଧରି ଆମ ସମାଜରେ ରହିଆସିଥିବା କୁସଂସ୍କାରର ଲକ୍ଷଣ ଏବଂ ତତ୍ ସମସ୍ୟାଜନିତ ଆଇନ ଶୃଙ୍ଖଳା ପରିସ୍ଥିତିର ମୁକାବିଲା କରିବା ନିମନ୍ତେ ଆବଶ୍ୟକୀୟ ତୁରନ୍ତ ପଦକ୍ଷେପ ଗ୍ରହଣ କରିବା ଦିଗରୁ ଉପରି ନୟାଜ, ସମାଜରୁ ଏହି ବ୍ୟାଧିର ନିରାକରଣ ଦିଗରେ ଦୀର୍ଘ ମିଆଦୀ ବ୍ୟବସ୍ଥା ଗ୍ରହଣ କରିବା ପାଇଁ ଆମକୁ ଚିନ୍ତା କରିବାକୁ ହେବ । କେବଳ ଜନ୍ମକୁ ଭିତ୍ତିକରି ସମାଜରେ ଶ୍ରେଣୀ ବିଭେଦ ସମ୍ପର୍କରେ ଯେଉଁ ଅବଧାରଣା ରହିଆସିଛି ତାହା ଆମ ସମ୍ବିଧାନରେ ସୂଚିତ ସମସ୍ତ ମାନବିକ ମୂଲ୍ୟବୋଧ ଓ ସାମ୍ୟନୀତିର ବିରୁଦ୍ଧାଚରଣ କରୁଅଛି । ଜାତିପ୍ରଥା ଉଚ୍ଛେଦ, ଅସ୍ପୃଶ୍ୟତା ଦୂରୀକରଣ ଓ ଏକ ଜାତିବିହୀନ ସମାଜ ଗଠନ ଆଦି ସାମାଜିକ ସଂସ୍କାର କୈପ୍ରଥିକ—ପରିସରଭୁକ୍ତ

ବିଷୟ ଏବଂ ଜନସାଧାରଣଙ୍କ ଅକୁଣ୍ଠ ସମର୍ଥନ ଥାଇ ସାମାଜିକ ଆନ୍ଦୋଳନ ବ୍ୟତୀତ ଏହି ଲକ୍ଷ୍ୟ ହାସଲ କରାଯାଇ ପାରିବ ନାହିଁ । ଏଭଳି ଏକ ଆନ୍ଦୋଳନ ଅନିବାର୍ଯ୍ୟ କାରଣବଶତଃ କେବଳ ସରକାରୀ କାର୍ଯ୍ୟ ପ୍ରଣାଳୀରେ ସୀମିତ ସମ୍ଭବପର ନୁହେଁ । ତେଣୁ ଜିଲ୍ଲା ପରିଷଦ, ପଞ୍ଚାୟତ ସମିତି, ଗ୍ରାମପଞ୍ଚାୟତ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ ସମାଜସେବୀ ବ୍ୟକ୍ତିଙ୍କ ସମେତ ବିଭିନ୍ନ ସ୍ତରରେ ଥିବା ନିର୍ବାଚିତ ପ୍ରତିନିଧିମାନଙ୍କର ଏହି କାର୍ଯ୍ୟପ୍ରତି ସମର୍ଥନ ରହିବା ଆବଶ୍ୟକ। ମୋର ବିଶ୍ୱାସ, ବର୍ତ୍ତମାନ ସମୟ ଆସିଛି, ଯେତେବେଳେ କି ସମାଜ ସଂସ୍କାର ଉଦ୍ଦେଶ୍ୟରେ ଆମେ ସମସ୍ତେ ଏକ ଆନ୍ଦୋଳନ କରିଥରେ ଆମ ସମାଜରୁ ଏହି ବ୍ୟାଧିର ନିରାକରଣ ନିମନ୍ତେ ଏକ ଦୃଢ଼ ପଦକ୍ଷେପ ଗ୍ରହଣ କରିବା। ସରକାରୀ କଳ ଏହି ଆନ୍ଦୋଳନ ପ୍ରତି ସକ୍ରିୟ ସମର୍ଥକ ଭୂମିକାରେ ଅବତୀର୍ଣ୍ଣ ହେବେ ଓ ମାର୍ଗ ପ୍ରଦର୍ଶନ କରିବେ କିନ୍ତୁ ବେସରକାରୀ ସଂସ୍ଥା ତଥା ଜନସାଧାରଣଙ୍କ ତରଫରୁ ଏଥିପ୍ରତି ମୁଖ୍ୟତଃ ଜୋର ଦିଆଯିବ ।

ଅସ୍ପୃଶ୍ୟତା ନିବାରଣର ପ୍ରାଧାନ୍ୟ ତଥା ହରିଜନ ଓ ଆଦିବାସୀଙ୍କ ଅବସ୍ଥାର ଉନ୍ନତି ବିଧାନ ପ୍ରତି ଗୁରୁତ୍ୱ ଦେବା ହେଉଛି ଆପଣଙ୍କ ନିକଟକୁ ଏହି ବ୍ୟକ୍ତିଗତ ପତ୍ର ଲେଖିବାର ଉଦ୍ଦେଶ୍ୟ । ଆପଣ ଜାଣନ୍ତି ଜାତିର ଜନକଙ୍କ ନିକଟରେ ଏହାଠାରୁ ବଳି ଅଧିକ ପ୍ରିୟ ବିଷୟ ହୁଏତ ଆଉ କିଛି ନଥିଲା । ଦୁର୍ବଳ ଶ୍ରେଣୀଙ୍କ ପ୍ରତି ଯେକୌଣସି ଦୁର୍ବ୍ୟବହାର ବିରୁଦ୍ଧରେ ଜନମତ ସୃଷ୍ଟି କରିପାରିଲେ ଆମେ ଜାତିର ଜନକଙ୍କ ସ୍ମୃତି ଉଦ୍ଦେଶ୍ୟରେ ସର୍ବୋତ୍କୃଷ୍ଟ ଉପାୟରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିପାରିବା ସଙ୍ଗେ ସଙ୍ଗେ ସାମାଜିକ ବୈଷମ୍ୟମୁକ୍ତ ଏକ ଶ୍ରେଣୀବିହୀନ ସମାଜ ଗଠନ କରିପାରିବା । ଏ ସଂକ୍ରାନ୍ତରେ ଆପଣ ପଞ୍ଚାୟତ ସମିତି, ମ୍ୟୁନିସିପାଲଟି ତଥା ବିଜ୍ଞାପିତ ଅଞ୍ଚଳ ପରିଷଦଗୁଡ଼ିକରେ କରିଥରେ ହରିଜନ ଓ ଆଦିବାସୀମାନଙ୍କ ପ୍ରତି ଯେକୌଣସି ଦୁର୍ବ୍ୟବହାର ବିରୁଦ୍ଧରେ ଜନମତ ସୃଷ୍ଟି କରିବା ଦିଗରେ ବିହିତ ପଦକ୍ଷେପ ଗ୍ରହଣ କଲେ ମୁଁ କୃତଜ୍ଞ ରହିବି ।



୧୯୭୭ ନଭେମ୍ବର ୨ ତାରିଖ ଦିନ ମାନ୍ୟବର ବାଚସ୍ପତି ଶ୍ରୀ ସତ୍ୟପ୍ରିୟ ମହାନ୍ତି ରାଜଗାଙ୍ଗପୁର ଓଡ଼ିଶା ସିମେଣ୍ଟ କାରଖାନାର ରୋଟାରୀ କିଲ୍ନ ପରିଦର୍ଶନ କରୁଛନ୍ତି । ବାମରୁ ଡାହାଣକୁ: ବାଚସ୍ପତି ଶ୍ରୀ ମହାନ୍ତି, ଜେନେରାଲ ମେନେଜର ଶ୍ରୀ ଏମ୍. ଏଲ୍. ଗୁପ୍ତ, ଡାଇରେକ୍ଟର ଶ୍ରୀ ଏମ୍. ଏଚ୍. ଡାଲ୍ମିଆ, ଶ୍ରମ, ନିର୍ମାଣ ଓ ଗୃହ ନିର୍ମାଣ ମନ୍ତ୍ରୀ ଶ୍ରୀ ଭଗ୍ନେଶ ମାଝି, ରାଉରକେଲା ଚେମ୍ବର ଅଫ୍ କମର୍ସର ସଭାପତି ଶ୍ରୀ ଆର୍. ଏନ୍. ଡାଲ୍ମିଆ ।

# ଓଡ଼ିଶା ଗ୍ରାମାଞ୍ଚଳର ଏକ ବିଶ୍ଳେଷଣ

ଶ୍ରୀ ବିନୋଦ ଝା

ଓଡ଼ିଶାର ପାହାଡ଼ ପର୍ବତ ଓ ସମତଳ ଅଞ୍ଚଳରେ ରହିଥିବା ୫୨ ହଜାର ଗ୍ରାମରେ ପ୍ରାୟ ୨୬ ଲକ୍ଷ ଲୋକ ବସବାସ କରନ୍ତି । ଏହି ରାଜ୍ୟକୁ ପ୍ରକୃତିର ଦାନ ଅତୁଳନୀୟ କହିଲେ ଅତ୍ୟୁକ୍ତି ହେବନାହିଁ । ଆମ ରାଜ୍ୟର ଏହି ପୁରାତନ ଭୂମିରେ ଅନେକ ପ୍ରାକୃତିକ ସଂପଦ ଭରପୂର ହୋଇ ରହିଛି । ରାଜ୍ୟର ଉତ୍ତର-ପଶ୍ଚିମ ଓ ଦକ୍ଷିଣାଞ୍ଚଳରେ ଅବସ୍ଥିତ ପାହାଡ଼ ପର୍ବତ ଓ ସବୁଜ ବନାନୀର ଶୋଭା ଅତୀବ ଚିତ୍ତାକର୍ଷକ ଏବଂ ଉପକୂଳବର୍ତ୍ତୀ ସମତଳ ଅଞ୍ଚଳରେ ଅନେକ ତ୍ରିକୋଣଭୂମି ରହିଛି । ରାଜ୍ୟର ଉତ୍ତର, ଦକ୍ଷିଣ ଓ ଦକ୍ଷିଣ ପଶ୍ଚିମାଞ୍ଚଳକୁ ଉତ୍ତୁଙ୍ଗ ପର୍ବତମାଳା ଘେରି ରହିଛି ସଙ୍ଗେ ସଙ୍ଗେ ଏହି ପାହାଡ଼ ପର୍ବତରେ ଅମୂଲ୍ୟ ଖଣିଜ ସଂପଦ ଭରପୂର ହୋଇ ରହିଛି । ଇନ୍ଦ୍ରାବତୀ, ବଂଶଧାରା, ନାଗାବଳୀ ଓ ଋଷିକୁଲ୍ୟା ପ୍ରଭୃତି ନଦୀଗୁଡ଼ିକ ଦକ୍ଷିଣ ଓଡ଼ିଶାରେ ପ୍ରବାହିତ ହେଉଥିବା ଯୋଗୁଁ ଏହି ଅଞ୍ଚଳଟି ବିଶେଷ ଉର୍ବର । ମହାନଦୀ, ବ୍ରାହ୍ମଣୀ ଓ ବୈତରଣୀ ପ୍ରଭୃତି ନଦୀଗୁଡ଼ିକ ରାଜ୍ୟର ଉପକୂଳବର୍ତ୍ତୀ ଅଞ୍ଚଳରେ ପ୍ରବାହିତ । ଆମ ରାଜ୍ୟର ଉପକୂଳବର୍ତ୍ତୀ ଅଞ୍ଚଳକୁ ପୂର୍ବ ଭାରତର ଶସ୍ୟାଗାର ବୋଲି କୁହାଯାଇଥାଏ । ଏହି ସମସ୍ତ ବୈଚିତ୍ର୍ୟପୂର୍ଣ୍ଣ ଭୌଗୋଳିକ ଅବସ୍ଥିତିର ସମନ୍ୱୟ ଫଳରେ ଆମ ରାଜ୍ୟରେ ବିଭିନ୍ନ ପ୍ରକାରର ଜଳବାୟୁ ପରିଦୃଷ୍ଟ ହୋଇଥାଏ । ରାଜ୍ୟର ଉତ୍ତରାଞ୍ଚଳରେ ଶୁଷ୍କ, ଲୁଣି ଓ ଥଣ୍ଡା ଜଳବାୟୁ ଏବଂ ଦକ୍ଷିଣାଞ୍ଚଳର ଅଭ୍ୟନ୍ତରୀଣ ଅଞ୍ଚଳରେ ବିଶେଷ ଆମୋଦଦାୟକ ଜଳବାୟୁ ପରିଲକ୍ଷିତ ହୋଇଥାଏ । ରାଜ୍ୟରେ ବିସ୍ତୃତ ଅରଣ୍ୟାଞ୍ଚଳ ରହିଥିବା ଯୋଗୁଁ କେବଳ ଯେ ବୃଷ୍ଟିପାତ ହୋଇଥାଏ ତାହା ନୁହେଁ ପ୍ରଚୁର ଅରଣ୍ୟ ସମ୍ପଦ ମଧ୍ୟ ମିଳିଥାଏ । ଆମ ରାଜ୍ୟର ସମଗ୍ର ପୂର୍ବ ଭାଗରେ ବିସ୍ତୃତ ବଙ୍ଗୋପସାଗର ଏକ ପ୍ରାଚୀର ଭଳି ଘେରିରହି ଉତ୍କଳର ଅତୀତ ଗୌରବକୁ ସଦର୍ପରେ ସ୍ମରଣ କରାଇ ଦେଉଛି ଏବଂ ସାମୁଦ୍ରିକ ସମ୍ପଦର ସଦୁପଯୋଗ ନିମନ୍ତେ ନିଜଗର୍ଭରେ ବିପୁଳ ସାମୁଦ୍ରିକ ସମ୍ପଦ ଧରି ରଖିଛି ।

ଆମ ରାଜ୍ୟଟି ଏହି ସମସ୍ତ ସବୁଜ ବନାନୀ ପରିବେଷ୍ଟିତ ହୋଇ ଅବସ୍ଥିତ । ପଞ୍ଚବାର୍ଷିକ ଯୋଜନାଗୁଡ଼ିକ ମାଧ୍ୟମରେ ରାଜ୍ୟରେ ଥିବା ୫୨ ହଜାର ଗ୍ରାମର ସମୃଦ୍ଧ କଲ୍ୟାଣ ସାଧନ ନିମନ୍ତେ ଉନ୍ନୟନମୂଳକ ଯୋଜନା କାର୍ଯ୍ୟକାରୀ କରାଯାଉଛି । ଅତୀତ କଥାକୁ ସ୍ମରଣ କରି କୋରାପୁଟ ଜିଲ୍ଲାର ଜନୈକ ବୃଦ୍ଧ ଜଣେ ଉଲ୍ଲେଖ

କହିଥିଲେ ଯେ, ମୋ ଜୀବନର ଅର୍ଦ୍ଧେକ ସମୟ ମୁଁ କେବଳ କର ଦେଇଥିଲି କିନ୍ତୁ ତାହା ପରିବର୍ତ୍ତେ କିଛି ପାଇ ନ ଥିଲି । ବର୍ତ୍ତମାନ ସେଥିରେ କେତେକ ପରିବର୍ତ୍ତନ ମୁଁ ଦେଖୁଛି । ଗ୍ରାମମାନଙ୍କରେ ସ୍କୁଲମାନ ହୋଇଉଠୁଛି ଓ ବର୍ତ୍ତମାନ ପିଲାମାନେ ସ୍କୁଲରେ ପାଠ ପଢ଼ୁଛନ୍ତି । ମୋ ଗ୍ରାମରେ ଗୋଟିଏ ପଞ୍ଚାୟତ ରହିଛି, ସେଠାରୁ ୫ କିଲୋମିଟର ଦୂରରେ ଗୋଟିଏ ହାସପାତାଳ ରହିଛି । ମୋ ପିଲାବେଳେ ମୁଁ ଦେଖିଛି ଅନ୍ୟ ଗ୍ରାମକୁ କୌଣସି ରାସ୍ତା ନ ଥିଲା । କିନ୍ତୁ ବର୍ତ୍ତମାନ ଗ୍ରାମକୁ ଜିପ୍ ଗାଡ଼ି ଯିବା ଆସିବା କରିପାରୁଛି । ଗ୍ରାମାଞ୍ଚଳ ଉନ୍ନୟନ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରିବା ଦିଗରେ ବର୍ତ୍ତମାନ ଜିଭଳି ପଦକ୍ଷେପ ଗ୍ରହଣ କରାଯାଇଛି, ଏଗୁଡ଼ିକ ହେଉଛି ତହିଁର ଏକ ଜ୍ୱଳନ୍ତ ନିଦର୍ଶନ ।

ବିଗତ ତିନି ଦଶନ୍ଧି ଧରି ବୃହତ୍ ଶିଳ୍ପଗୁଡ଼ିକ ଉପରେ ଅଧିକ ଗୁରୁତ୍ୱ ଦେବା ଫଳରେ ଶିଳ୍ପ ଉନ୍ନୟନ କ୍ଷେତ୍ରରେ ଯଥେଷ୍ଟ ଅଭିବୃଦ୍ଧି ଘଟିଛି । ସୁନ୍ଦରଗଡ଼ ଜିଲ୍ଲାର ରାଉରକେଲାଠାରେ ଥିବା ଇସ୍ପାତ କାରଖାନା, କୋରାପୁଟ ଜିଲ୍ଲାର ସୁନାବେଡ଼ାଠାରେ ଥିବା ମିଗ୍ କାରଖାନା ଓ କଟକ ଜିଲ୍ଲାର ପାରାଦୀପଠାରେ ଥିବା ବନ୍ଦର; ଏହି ସମସ୍ତ ବୃହତ୍ ଶିଳ୍ପ କାରଖାନାଗୁଡ଼ିକ ମଧ୍ୟରେ ବିଶିଷ୍ଟ ସ୍ଥାନ ହାସଲ କରିବା ସଙ୍ଗେ ସଙ୍ଗେ ବିଭିନ୍ନ ଶିଳ୍ପ କ୍ଷେତ୍ରରେ ଉଲ୍ଲେଖନୀୟ ଅଗ୍ରଗତି ହାସଲ କରିପାରିଛି । ରାଜ୍ୟରେ ଥିବା ଶିଳ୍ପ କାରଖାନାଗୁଡ଼ିକୁ ଅଧିକ ସୁଦୃଢ଼ କରିବାକୁ ହେଲେ ଶିଳ୍ପୋଦ୍ୟୋଗୀମାନେ ଗ୍ରାମାଞ୍ଚଳର ଉପ୍‌ସିତ ଅର୍ଥନୈତିକ ବିନିମୟ ଦିଗରେ ବିଶେଷ ଧ୍ୟାନ ଦେବା ଆବଶ୍ୟକ । ଅଚଳ ଅବସ୍ଥାରେ ପଡ଼ି ରହିଥିବା ଶିଳ୍ପ କାରଖାନାଗୁଡ଼ିକର ବିକାଶ ସାଧନ ନିମନ୍ତେ ଶିଳ୍ପୋଦ୍ୟୋଗୀମାନେ ବର୍ଷ ବର୍ଷ ଧରି ଉଦ୍ୟମ କରିଆସୁଛନ୍ତି । ହୀରାକୁଦ ଓ ବାଲିମେଳା ଭଳି ବିରାଟ-ଧରଣର ବହୁମୁଖୀ ଯୋଜନାଗୁଡ଼ିକ ଫଳରେ ଗ୍ରାମାଞ୍ଚଳରେ ବସବାସ କରୁଥିବା ଲୋକମାନେ କୃଷିବାସ କ୍ଷେତ୍ରରେ ବିଶେଷ ଉପକୃତ ହେଉଛନ୍ତି । ହୀରାକୁଦ ବନ୍ଧ ଯୋଜନା ଫଳରେ ମହାନଦୀର ବନ୍ୟାନିୟନ୍ତ୍ରଣ କରାଯିବା ସଙ୍ଗେ ସଙ୍ଗେ ଏହି ନଦୀର ଉଭୟ ପାର୍ଶ୍ୱବର୍ତ୍ତୀ ଅଞ୍ଚଳ ଓ ତ୍ରିକୋଣ ଭୂମି ଅଞ୍ଚଳରେ ଥିବା ଜମିରେ ଦୁଇଟି ଫସଲ କରିବା ପାଇଁ ଆବଶ୍ୟକ ଜଳସେଚନର ସୁବିଧା ହୋଇପାରୁଛି । ଉକ୍ତ ଯୋଜନାଗୁଡ଼ିକ ମାଧ୍ୟମରେ କିଭଳି ଭାବରେ ଅଧିକ ଜମିରେ ଜଳସେଚନ କରାଯାଇ-ପାରିବ ସେ ସଂକ୍ରାନ୍ତରେ 'ଅଟୁଣ୍ଡ' ଅଞ୍ଚଳ ଉନ୍ନୟନ କର୍ତ୍ତୃ-ପକ୍ଷଙ୍କ ପକ୍ଷରୁ ଫାର୍ମ ଉନ୍ନୟନ, କେନାଲମାନ ନିର୍ମାଣ କରି ଉତ୍ତମ ଜଳନିୟନ୍ତ୍ରଣ ବ୍ୟବସ୍ଥା ଭଳି କେତେକ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରାଯିବାର ପ୍ରସ୍ତାବ ରହିଛି । ଓଡ଼ି...
ଜଳସମ୍ପଦକୁ କାର୍ଯ୍ୟରେ ଲଗାଇ ଶକ୍ତି ଉତ୍ପାଦନ କରି ଶ...
ଶକ୍ତିକୁ ଗ୍ରାମାଞ୍ଚଳର ଉନ୍ନତି ସାଧନ ଦିଗରେ ଲଗା...
ଆବଶ୍ୟକ । ବ୍ରାହ୍ମଣୀ ନଦୀ ଉପରିସ୍ଥ ରେଙ୍ଗ...
ଯୋଜନାର ଦ୍ରୁତ ପରିସମାପ୍ତି ଯେ କେବଳ ଏହି ...
ଦ୍ୱାରା ହେଉଥିବା ଭୟଙ୍କରୀ ବନ୍ୟା ପ୍ରତିରୋ...
କରିବ ତାହା ନୁହେଁ, ଏହା ଦ୍ୱାରା ...
ଜଳସେଚନର ଦ୍ରୁତ ଅଭିବୃଦ୍ଧି ଘଟିବ । ଠିକ୍ ସେହି...
ଭୀମକୁଣ୍ଡ ଯୋଜନାର ସମ୍ପୂର୍ଣ୍ଣୀକରଣ ଓ ବୈତର...
ନଦୀର ଧ୍ୱଂସକାରୀ ବନ୍ୟା ନିୟନ୍ତ୍ରଣ କରିବା ...
ସଙ୍ଗେ ବନ୍ୟାପାଣିକୁ ଜଳସେଚନରେ ଲଗାଇ ଜନହିତ...
କାର୍ଯ୍ୟ କରାଯାଇପାରିବ । କେବଳ ରେଙ୍ଗାଲି ବା ଭୀ...
କୁଣ୍ଡ ଯୋଜନା ନୁହେଁ, କୋଲାବ ଏବଂ ଇନ୍ଦ୍ରାବ...
ନଦୀର ଅଦ୍ୟାବଧି ବିନିଯୋଗ ହୋଇ ନ ଥିବା ଜ...
ସମ୍ପଦକୁ କାର୍ଯ୍ୟରେ ଲଗାଇବା ନିମନ୍ତେ ଦୃଢ଼ ପଦକ୍ଷେ...
ନିଆଯାଉଛି । ଏହିଭଳି ବହୁମୁଖୀ ଯୋଜନାର ସମ୍ପୂ...
କରଣ ଫଳରେ ଆହୁରି ଅଧିକ ପରିମାଣରେ କୃଷିକ୍ଷେ...
ଜଳସେଚନର ସୁବିଧା ମିଳିବ ଏବଂ କୃଷିଭିତ୍ତି...
ଗ୍ରାମାଞ୍ଚଳର ଅର୍ଥନୈତିକ ଅଭିବୃଦ୍ଧି ଘଟାଇବା ଦିଗରେ...
ସାହାଯ୍ୟ କରିବ ।

ଜଳସମ୍ପଦର ବ୍ୟାପକ ବିନିଯୋଗ ନିମନ୍ତେ ଯେତେ...
ବେଳେ ନିଷ୍ଠାପର ଉଦ୍ୟମମାନ କରାଯାଉ...
ସେତେବେଳେ ଭୂସଂସ୍କାର ଓ ଚକବନ୍ଦୀ ଚରିଅ...
ରାଯତିସ୍ୱତ୍ୱ ଆଇନଗୁଡ଼ିକୁ [illegible] କରିବା ନିମ...
ବ୍ୟାପକ ବ୍ୟବସ୍ଥାମାନ କରାଯାଉଛି । ଗ୍ରାମହୁ...
ଓଡ଼ିଶାରେ କୃଷି ମୁଖ୍ୟ ଅବଲମ୍ବନ ହୋଇଥିବ...
ଏହିପରି ଭାବରେ ଏହି ରାଜ୍ୟ ଯେ କେବଳ ଏଠା...
ଜନଗଣଙ୍କୁ ଖାଦ୍ୟ ଯୋଗାଇବ ତାହା ନୁହେଁ, ଏହା ମଧ...
କୃଷିଭିତ୍ତିକ ଶିଳ୍ପ ପାଇଁ ପ୍ରଚୁର କଞ୍ଚାମାଲ ଯୋଗାଇବ...
ଏହି ପରିପ୍ରେକ୍ଷୀରେ ଭୂସଂସ୍କାର, ଚକବନ୍ଦୀ, ଜଳ ସମ୍ପଦ...
ସଦୁପଯୋଗ ଯଥାର୍ଥ ଏବଂ ଏଗୁଡ଼ିକ ଗ୍ରାମ୍ୟ ଅର୍ଥନୀତି...
ଉନ୍ନତିପାଇଁ ବିଶେଷ ଭାବେ ଆବଶ୍ୟକ ।

ଓଡ଼ିଶାରେ ରହିଥିବା ବିରାଟ ଆଦିବାସୀ ଅଞ୍ଚଳ ପ୍ରତି...
ଦୃଷ୍ଟି ନ ଦେଇ କେବଳ ଯୋଜନା କରିଲେ ତାହା ଯଥେ...
ନୁହେଁ । ଏହି ମୁଖ୍ୟ ସମସ୍ୟା ପ୍ରତି ଦୃଷ୍ଟି ଦେଇ ସରକା...
ଅନେକଗୁଡ଼ିଏ ସମ୍ପୂର୍ଣ୍ଣ ଆଦିବାସୀ ଉନ୍ନୟନମୂଳ...
ଯୋଜନାକୁ ଅଗ୍ରାଧିକାର ଦେଇଛନ୍ତି ଏବଂ ଭୂମି ନିମ୍ନ...
ଜଳକୁ କାର୍ଯ୍ୟକାରୀ କରିବା ପାଇଁ ସେଚକୂପ ଯୋଜନ...
ଉପରେ ଗୁରୁତ୍ୱ ଆରୋପ କରିଛନ୍ତି ଏବଂ ଉଠା ଜଳ...
ସେଚନ, ବିଦ୍ୟୁତ୍‌ଚାଳିତ ସେଚକୂପ ଯୋଜନାର ଉନ୍ନ...

କରିଛନ୍ତି । ମଧ୍ୟମ ତଥା କ୍ଷୁଦ୍ର ଜଳସେଚନର ଶକ୍ତି ବୃଦ୍ଧି କରିବା ସଂକ୍ରାନ୍ତୀୟ ଏକ ଗତିଶୀଳ ପରିକଳ୍ପନା ଦ୍ବାରା ଏହା କାର୍ଯ୍ୟକାରୀ କରଯାଉଛି । ଧୀରେ ଧୀରେ ଗ୍ରାମାଞ୍ଚଳରେ ବିଭିନ୍ନ ବହୁମୁଖୀ ଉନ୍ନୟନ ଯୋଜନାର ପ୍ରସ୍ତୁତରେ ବଢ଼ୁଛି ।

ରାଜ୍ୟର ପାର୍ବତ୍ୟଅଞ୍ଚଳରେ ଥିବା ଅପର୍ଯ୍ୟାପ୍ତ ଖଣିଜ ସମ୍ପଦର ବିନିଯୋଗ ଫଳରେ ସେଠାକାର ଗ୍ରାମ୍ୟ ଅର୍ଥନୀତିର ଦ୍ରୁତ ଉନ୍ନତି ଘଟିଛି । ଏହିଦ୍ବାରା ସମ୍ପଦର ବିନିଯୋଗ ଗ୍ରାମବାସୀମାନଙ୍କୁ କୃଷିକ୍ଷେତ୍ର ବାହାରେ ଯଥେଷ୍ଟ କାମ ଯୋଗାଇଛି । ବର୍ତ୍ତମାନ ରାଜ୍ୟରେ ଉତ୍ପାଦିତ ଭିନ୍ନ ଭିନ୍ନ ଉତ୍ପାଦନ ଉପରେ ଅଧିକ ଗୁରୁତ୍ବ ଦିଆଯାଉଥିବା ଫଳରେ ରାଜ୍ୟର ଗ୍ରାମ୍ୟ ଅର୍ଥନୀତିର ଅଧିକ ଉନ୍ନତି ସମ୍ଭବ ହୋଇପାରିଛି । କ୍ଷୁଦ୍ର ତଥା ମଧ୍ୟମ ଶିଳ୍ପଗୁଡ଼ିକ କୃଷିଭିତ୍ତିକ ଶିଳ୍ପ ଏବଂ କାର୍ପାସ ଶିଳ୍ପ ଭଳି ଶିଳ୍ପ ସହିତ ଉପଯୁକ୍ତ ଭାବରେ ଖାପ ଖାଇବା ଆବଶ୍ୟକ । ନିକଟରେ କରଯାଇଥିବା ନୀତି ଅର୍ଥାତ୍ କୃଷି ତଥା କୃଷିଭିତ୍ତିକ ଶିଳ୍ପ ଉପରେ ଅଧିକ ଗୁରୁତ୍ବ ଆରୋପ କରଯିବା ଫଳରେ ଗ୍ରାମର ଅର୍ଥନୈତିକ ପରିବର୍ତ୍ତନ ଦ୍ରୁତ ହୋଇପାରିବ ।

ଆଦିବାସୀ ଅଞ୍ଚଳମାନଙ୍କରେ ମିଳୁଥିବା କାଠ ଜଙ୍ଗଲଜାତ ପଦାର୍ଥ ଏବଂ ତୈଳବୀଜକୁ ନେଇ କ୍ଷୁଦ୍ର ଶିଳ୍ପ ସଂସ୍ଥାମାନ ପ୍ରତିଷ୍ଠା ହୋଇପାରିବା ପାଇଁ ଯଥେଷ୍ଟ ସୁବିଧା ରହିଛି । କେବଳ କୋରାପୁଟ ଅଞ୍ଚଳରେ ପ୍ରାୟ ୨୦,୦୦୦ ଏକର ପରିମିତ ଅଞ୍ଚଳରେ କାଜୁବାଦାମ ବଗିଚା ରହିଅଛି, ଯାହାଦ୍ବାରା କି ସେହି ଅଞ୍ଚଳରେ ଗୋଟିଏ କାଜୁବାଦାମ ଫ୍ୟାକ୍ଟ୍ରି ପ୍ରତିଷ୍ଠା କରିବା ପାଇଁ ଯଥେଷ୍ଟ କଞ୍ଚାମାଲ ଯୋଗାଯାଇପାରିବ । ବ୍ୟାପକ ଚାଷ ଦ୍ବାରା କଞ୍ଚାମାଲର ନିରବଚ୍ଛିନ୍ନ ଯୋଗାଣ ପାଇଁ ପାର୍ବତ୍ୟ ଅଞ୍ଚଳରେ ଯଥେଷ୍ଟ ସୁଯୋଗ ରହିଛି । ଯୋଗାଯୋଗର ସୁବିଧା ଥିବା ସମତଳ ଅଞ୍ଚଳରେ ଗ୍ରାମାଞ୍ଚଳରେ କୃଷିଭିତ୍ତିକ ଖାଉଟି ଶିଳ୍ପ ଏବଂ ଆନୁଷଙ୍ଗିକ ଶିଳ୍ପାନୁଷ୍ଠାନ ପ୍ରତିଷ୍ଠା ହୋଇପାରିବା ଫଳରେ ଗ୍ରାମରେ ଥିବା ବେକାରମାନଙ୍କୁ ସାମୟିକ ଭାବରେ ନିଯୁକ୍ତ କରଯାଇପାରୁଛି । ଗ୍ରାମାଞ୍ଚଳରେ ଗ୍ରାମ୍ୟ ବ୍ୟାଙ୍କମାନଙ୍କର ପ୍ରସାର କାର୍ଯ୍ୟ ଯଥାର୍ଥ ଭାବେ ହେଉଛି । ଗ୍ରାମାଞ୍ଚଳରେ ବିଦ୍ୟୁତ୍‌କରଣ ଯୋଜନା ମଧ୍ୟ ଦ୍ରୁତଗତିରେ ଆଗେଇ ଚାଲିଛି, ଯାହାଫଳରେ କି ସହଜ ଓ ସୁବିଧାରେ ବିଦ୍ୟୁତ୍ ଶକ୍ତି ମିଳିପାରୁଛି । ପୁନଃଶ୍ଚ ଚତୁର୍ଥ ଯୋଜନାରେ ଗ୍ରାମର ଉଦ୍ଦେଶ୍ୟମୂଳକ ତଥା ଉନ୍ନତିମୂଳକ କାର୍ଯ୍ୟକଳାପରେ ନିୟୋଜିତ ହେବା ଆବଶ୍ୟକ । ପଞ୍ଚାୟତ ଶିଳ୍ପର ପୁନଃଅଭ୍ୟୁଦୟ ଏବଂ କୃଷିଭିତ୍ତିକ ଶିଳ୍ପ ଓ କୃଷି ଉତ୍ପାଦନ ଭଳି ଆନୁଷଙ୍ଗିକ ସଂସ୍ଥାମାନଙ୍କ ପ୍ରତିଷ୍ଠା ଦ୍ବାରା କ୍ରମେ କ୍ରମେ ପୌରାଞ୍ଚଳରେ ପ୍ରାଚୁର୍ଯ୍ୟ ଓ ଗ୍ରାମ୍ୟ ଦାରିଦ୍ର୍ୟ ମଧ୍ୟରେ ଥିବା ବ୍ୟବଧାନକୁ କମାଇ ଦେଉଛି । ଏହି ନୂତନ ଅଭିମୁଖୀ କୃଷିଅଞ୍ଚଳକୁ ଯଥେଷ୍ଟ ସମ୍ମାନିତ କରିବା ସଙ୍ଗେ ସଙ୍ଗେ ଗ୍ରାମାଞ୍ଚଳ ଲୋକମାନଙ୍କର ଯଥେଷ୍ଟ ଉପକାର କରିଛି । କିନ୍ତୁ ଏହା ସତ୍ୟ ଯେ ସମୃଦ୍ଧ ଓ ସୁସ୍ଥ ଅର୍ଥନୀତି ସଂଗଠିତ କୃଷିଅଞ୍ଚଳରେ ଉତ୍ପାଦନ ସମୟ ସମୟରେ କୁଟୀରଶିଳ୍ପୀୟ ଉତ୍ପାଦନ ସହିତ ସମାନ ହୋଇଯାଏ । ଏଣୁକରି ଗ୍ରାମାଞ୍ଚଳର ଉନ୍ନତି ପାଇଁ ଯଥେଷ୍ଟ ଯୋର ଦେବା ଆବଶ୍ୟକ । ଅତଏବ ପ୍ରତ୍ୟେକ ଗୃହସ୍ଥ କୁଟୀରଶିଳ୍ପ ନିମନ୍ତେ ଆଗ୍ରହୀ ହେବାପାଇଁ ଏହି ସଂସ୍ଥା ନିବେଦନ କରୁଛି ।

ପ୍ରକୃତି କେତେବେଳେ ହେଲେ ସୁଦ୍ଧା ଓଡ଼ିଶାର ଗାଁଗୁଡ଼ିକ ପ୍ରତି ସହାୟତା ପ୍ରକାଶ କରିନାହିଁ । ଯାହା ଫଳରେ କି ଲୋକମାନେ ବନ୍ୟା, ମରୁଡ଼ି, ବାତ୍ୟା ତଥା ବହୁ ପ୍ରାକୃତିକ ଦୁର୍ଘଟଣାର ଅକଥନୀୟ ଦୁର୍ଦ୍ଦଶା ଭୋଗିଆସୁଛନ୍ତି । ବଡ଼ ବଡ଼ ନଦୀ ବନ୍ଧଗୁଡ଼ିକର ନିୟନ୍ତ୍ରଣ ଫଳରେ, ବନ୍ୟା ଓ ମରୁଡ଼ି ଅତୀତର କଥାହୋଇ ରହିବ । ଉଚ୍ଚକୋଟୀର ଯାନ୍ତ୍ରିକ ଭିତ୍ତିଭୂମି ଓ ସହଯୋଗମୂଳକ କାର୍ଯ୍ୟ ଦ୍ବାରା ଗ୍ରାମଉନ୍ନତି ଶୀଘ୍ର ହାସଲ କରଯାଇପାରିବ ।

ଗାଁ ଗହଳିରେ ଲୋକମାନଙ୍କ ମଧ୍ୟରେ ନୂତନ ଚେତନା ଜାଗ୍ରତ ହେବା ଫଳରେ, ସେମାନେ ବହୁମାତ୍ରାରେ ବ୍ୟକ୍ତିଗତ ସ୍ତରେ ଉନ୍ନୟନମୂଳକ କାର୍ଯ୍ୟଗୁଡ଼ିକରେ ସମ୍ପୃକ୍ତ ହୋଇଅଛନ୍ତି ! ଲୋକ ଶକ୍ତିକୁ ଉପଯୁକ୍ତ ଭାବରେ ନିୟନ୍ତ୍ରଣ କରଯାଇ ଯଦି କୁଟୀର ଶିଳ୍ପ, ହସ୍ତଶିଳ୍ପ, ଖଣିଜ ସମ୍ପଦ ଓ ସାମୁଦ୍ରିକ ପଦାର୍ଥ ଉତ୍ପାଦନମୂଳକ କାର୍ଯ୍ୟକ୍ରମରେ ଲଗାଯାଇ ପାରିବ ତାହା ହେଲେ ନୂତନ ଚେତନମୂଳକ କାର୍ଯ୍ୟଗୁଡ଼ିକ ଅତି ସହଜ ହୋଇଯିବ । ପୁରୁଣାକୁ ଭାଙ୍ଗି ନୂତନ ଆଶା ଓ ଆକାଂକ୍ଷା ମାନ ହାସଲ କରଯାଇପାରିଛି । ଲୋକମାନଙ୍କ ଦୃଢ଼ ଓ ଏକନିଷ୍ଠ ସହଯୋଗ ଦ୍ବାରା ଯାହାଫଳରେ କି ପ୍ରାଚୀନ ଉତ୍କଳ ଆଶିଦ୍ଧିଶିଆ ଅର୍ଥନୈତିକ ଗତି ତଥା ନୂତନ ରୂପରେଖ ନେଇ ଆଜି ଦଣ୍ଡାୟମାନ ।

ଜିଲ୍ଲାପାଳ, କଟକ
ଓଡ଼ିଶା



## ଶିଳ୍ପ ସଂସ୍ଥାମାନଙ୍କ ଉତ୍ପନ୍ନ ଦ୍ରବ୍ୟରୁ କ୍ରୟ ଉଦ୍ଦେଶ୍ୟରେ ମୂଲ୍ୟ ଚୁକ୍ତିମାନ ଧାର୍ଯ୍ୟ କରାଗଲା ।

ରାଜ୍ୟ ସରକାର ରପ୍ତାନି ଉନ୍ନୟନ ଓ ବାଣିଜ୍ୟ ନିର୍ଦ୍ଦେଶାଳୟ (ଭୁବନେଶ୍ୱର) ମାଧ୍ୟମରେ ରାଜ୍ୟର ଉନ୍ନତି ପାଇଁ କ୍ଷୁଦ୍ର ସଂସ୍ଥାମାନଙ୍କୁ ରେଜେଷ୍ଟ୍ରିଭୁକ୍ତ କରି ସରକାରୀ, ଅର୍ଦ୍ଧ ସରକାରୀ ଓ ନିଗମ ପ୍ରତିଷ୍ଠାନମାନ ପ୍ରୟୋଜନୀୟ ଦ୍ରବ୍ୟ ବିନା ଟେଣ୍ଡରରେ ଉକ୍ତ ଶିଳ୍ପ ସଂସ୍ଥାମାନଙ୍କ ଉତ୍ପନ୍ନ ଦ୍ରବ୍ୟରୁ କ୍ରୟ ଉଦ୍ଦେଶ୍ୟରେ ମୂ ଚୁକ୍ତିମାନ (Rate Contract) କରୁଅଛନ୍ତି । ଅବଧି ନିମ୍ନୋକ୍ତ ୩୧ ଗୋଟି ଦ୍ରବ୍ୟର (Rate Contra ସ୍ୱାକ୍ଷରିତ ହୋଇଅଛି ।

୧ । ଉଲ୍‌ର କର୍ଯ୍ୟ, ମୋଢ଼ା ଏବଂ ହୋଯଟପସ୍, ୨ । କାଷ୍ଟ୍ ଆଇରନ୍ ପ୍ଲଂସିଂଗ୍ ସିମ୍‌ଟର୍ଣ୍ଣ, ୩ । ଆଇରନ୍ ପାଇପ୍ ଏବଂ ଫିଟିଂଗସ୍, ୪ । ଚମଡ଼ା ଓ ଚମଡ଼ାଜାତ ଦ୍ରବ୍ୟ, ୫ । ପେଣ୍ଟସ୍ ଓ ଏନାମେଲସ୍, ୬ । ଡି ଫିଟିଂଗସ, ୭ । (କ) ଅଲୁମିନିୟମ ଫିଟିଂଗସ୍, (ଖ) ଷ୍ଟିଲ୍ ଫିଟିଂଗସ୍, (ଗ) ଷ୍ଟିଲ୍ ବଟ୍ ଫିଟିଂଗସ୍, (ଘ) ଷ୍ଟିଲ୍ ଟ୍ର ୮ । ଷ୍ଟିଲ୍ ଝରକା, ୯ । ଝରକା ଗ୍ରିଲ୍‌ସ, ୧୦ । କାଠ, ଚୌକାଠ ଓ କବାଟ, ୧୧ । ଫିନାଇଲ, ୧୨ । ସିଲ୍ଡିଂ ପ ୧୩ । ଲେଡ୍ ଏସିଡ୍ ବ୍ୟାଟେରୀ, ୧୪ । ଟାର୍ପୋଲିନ୍, ୧୫ । ସର୍ଜିକାଲ ଡ୍ରେସିଂ (ଗଜ, ବ୍ୟାଣ୍ଡେଜ, ପ୍ଲାଷ୍ଟର ବ୍ୟାଣ୍ଡେ ଇତ୍ୟାଦି), ୧୬ । କାଷ୍ଟ ଆଇରନ୍ ସିଙ୍ଗଲ ସକେଟ ପାଇପସ୍, ୧୭ । ପଲିଥିନ୍ ଥଳି, ୧୮ । ରଡ୍ ସ୍କ୍ରୁ, ୧୯ । ଟାୟ ରିଟ୍ରେଡିଂ, ୨୦ । ଅଣ୍ଟି ଟାରମାଇଟ୍ ଟ୍ରିଟ୍‌ମେଣ୍ଟ ଇନ୍ ବିଲ୍‌ଡିଂ, ୨୧ । ଜି. ଆଇ. ବାରବେଡ୍ ୱାୟାର, ୨୨ । ଜି. ଅ ଟ୍ୟାଙ୍କ୍, ୨୩ । ଏଲ୍. ଟି. ଇନସୁଲେଟର ଓ କିଟକଟ୍ ଫିଉଜ୍, ୨୪ । ଲିକର ଆମୋନିୟା, ୨୫ । କଟନ୍ ୱେଷ୍ଟ ୨୬ । ଇଲେକ୍‌ଟ୍ରିକ୍ ବଲ୍‌ବ, ୨୭ । ଲିଫ୍ ସ୍ପ୍ରିଙ୍ଗ୍, ୨୮ । ଟାଇପ୍ 1ମେସିନ୍ ରିବନ, ୨୯ । କଣ୍ଡକ୍‌ଟରସ୍, ୩୦ ପଲି ପାଇପସ୍, ୩୧ । ଷ୍ଟିଟ୍‌ଲାଇଟ ଫିଟିଙ୍ଗ୍‌ସ ।

ଏତଦ୍‌ବ୍ୟତୀତ ନିମ୍ନୋକ୍ତ ୪୪ଟି ଦ୍ରବ୍ୟର ମୂଲ୍ୟ ଚୁକ୍ତି କରାଯିବା ପାଇଁ ସ୍ଥିର ହୋଇଛି । ୧ । ପେଣ୍ଟିଙ୍ଗ୍ ବ୍ରୁ ୨ । ପର୍ଟିସିନ୍, ୩ । କ୍ରୁ ଅର୍ମ, ୪ । ଷ୍ଟେଷ୍ଟ, ୫ । ଇଣ୍ଡଷ୍ଟ୍ରିଆଲ ପେଷ୍ଟିନାରସ୍, ୬ । ହିଉମ୍ ପାଇପ୍‌ସ ଓ କଲ୍ଭର ୭ । ଏଲଟି ଓ ଏଚଟି କଂକ୍ରିଟ ପୋଲ୍‌ସ, ୮ । ଷ୍ଟିଲ୍ ଫର୍‌ନିଚର, ୯ । ବିଭିନ୍ନ ପ୍ରକାରର ଇଲେକ୍‌ଟ୍ରିକ୍ ସୁଇ ୧୦ । ଟ୍ରାନସ୍‌ଫର୍ମର, ୧୧ । ପେଷ୍ଟିସାଇଡ୍‌ସ ଓ ଇନ୍‌ସେକ୍‌ଟିସାଇଡସ୍, ୧୨ । ଜାଲି, ୧୩ । କୋଲାପ୍‌ସିବୁଲ ଗେଟ ୧୪ । ରଟ୍ ଅଇରନ୍ ଗେଟ୍, ୧୫ । ଜି. ସି. ଆଇ. ଷ୍ଟିଲ୍ ଗେଟସ୍, ୧୬ । ରୋଲିଂ ସଟରସ୍, ୧୭ । ଟ୍ରାକ୍ଟ ଟ୍ରେଲରସ୍, ୧୮ । ଡିଷ୍ଟ୍ରିବ୍ୟୁସନ ପେନାଲ, ୧୯ । କାଷ୍ଟ ଆଇରନ୍ ବେସ୍ ପ୍ଲେଟସ୍, ୨୦ । କାଷ୍ଟ ଆଇରନ୍ ବ୍ରକେ ୨୧ । ଜଙ୍କ୍‌ସନ ବାକ୍ସ, ୨୨ । କେବଲ ବାକ୍ସ, ୨୩ । କଣ୍ଡୁଲଟ ପାଇପସ୍, ୨୪ । ସୋଲଡାରିଂ ଷ୍ଟିକ୍ ୨୫ । ଉଭିଜେସନ୍ ପ୍ୟାନେଲ, ୨୬ । ସିମେଣ୍ଟ ଓ୍ୱାଟର ପ୍ରୁଫିଙ୍ଗ୍ କମ୍ପାଉଣ୍ଡ, ୨୭ । ଆର. ସି. ସି. ଫେନ୍‌ସିଙ୍ଗ୍ ପୋଷ୍ଟ ୨୮ । ଲାଇସିଂ ପାଇପନ୍, ୨୯ । ଭି. ବେଲଟ, କନୁଭେୟର ବେଲଟ, ହୋସେସ୍, ୩୦ । ଇଷ୍ଟେକ୍‌ସନ ଓ୍ୱାଟ ୩୧ । ହୁଇଲ ବାରୋସ, ୩୨ । ହସ୍‌ପିଟାଲ ବେଡସ୍, କପ୍ ବୋର୍ଡସ ଇତ୍ୟାଦି, ୩୩ । ଓ୍ୱାସିଙ୍ଗ ପାଉଡ ୩୪ । ଇଉବୋଲଟ୍, ୩୪ । ବୁଟ୍ ପଲିସ୍, ୩୫ । କିଟ୍ ବ୍ୟାଗସ୍, ୩୭ । ବ୍ରାସ ଷ୍ଟେନାରସ୍, ୩୮ । ଫୁଟ୍‌ବଲସ୍ ୩୯ । ଜି. ଆଇ. ବାଲଟି, ୪୦ । କାଠ ଫରନିଚର (ଅଫିସ ପାଇଁ) ୪୧ । ରିଜିଡ୍ ପି. ଭି. ସି. ପାଇପ୍ ୪୨ । ଟ୍ରାନସ୍‌ଫର୍ମର ଅଏଲ୍, ୪୩ । ଇଉନିଫର୍ମ ଡେଜେନ୍ ଓ ଆଲୁମିନିୟମ୍ ଫିଟିଙ୍ଗ୍‌ସ, ୪୪ । ପି. ଏଚ. ଡି ଫିଟିଙ୍ଗ୍‌ସ ।

ଯେଉଁ ଉତ୍ପାଦକ କ୍ଷୁଦ୍ର ଶିଳ୍ପସଂସ୍ଥାମାନ ଉପରୋକ୍ତ ୭୫ଟି ଦ୍ରବ୍ୟରୁ କୌଣସିଟି ପାଇଁ ମୂଲ୍ୟ ଚୁକ୍ତି (Rate Contract) କରିବାକୁ ଇଚ୍ଛୁକ ଥାଆନ୍ତି ସେମାନେ ଏହି ସଂସ୍ଥାରେ ରେଜେଷ୍ଟ୍ରିଭୁକ୍ତ ହେବା ପାଇଁ ଆବେଦନ କରନ୍ତୁ ।

ରେଜେଷ୍ଟ୍ରିଭୁକ୍ତ ସଂସ୍ଥାମାନଙ୍କୁ ମୂଲ୍ୟ ଚୁକ୍ତି (Rate Contract) ସୁବିଧା ବ୍ୟତୀତ ଟେଣ୍ଡର ଦେବା ସମୟରେ ଅର୍ନେଷ୍ଟ ମନି (Earnest Money) ଦେଠ କରିବାରୁ ପୂରାପୂରି, ଏବଂ ସିକ୍ୟୁରିଟି ଡିପୋଜିଟ୍ (Security Deposit) ଦେଠରୁ ଅଧା ଛାଡ଼ ମିଳେ ।

ରେଜେଷ୍ଟ୍ରିକରଣ ଓ ମୂଲ୍ୟଚୁକ୍ତି ନିର୍ଦ୍ଧାରଣ ଏବଂ ନିୟମାବଳୀ ଇତ୍ୟାଦି ପାଇଁ ସଂସ୍ଥାର ସହକାରୀ ନିର୍ଦ୍ଦେଶକଙ୍କ (ମାର୍କେଟିଂଗ) ସଙ୍ଗେ ଯୋଗାଯୋଗ କରନ୍ତୁ ।

# ପ୍ରଗତି ପଥେ ସମୂହ ଶିଶୁ କଲ୍ୟାଣ ଯୋଜନା ସବ୍‌ଡେଗା

ସୁନ୍ଦରଗଡ଼ ଜିଲ୍ଲାର ସବ୍‌ଡେଗା ବ୍ଲକରେ ତା ୮ । ୧୨ । ୧୯୭୫ ଠାରୁ ଏକ ସମୂହ ଶିଶୁ କଲ୍ୟାଣ ଯୋଜନା କାର୍ଯ୍ୟ ଆରମ୍ଭ ହୋଇଛି । ଏହି ଯୋଜନା ଭାରତ ସରକାରଙ୍କ ଆନୁକୂଲ୍ୟରେ ଓଡ଼ିଶା ସରକାରଙ୍କ ଗ୍ରାମଗୋଷ୍ଠୀ ଉନ୍ନୟନ ଓ ସମାଜ କଲ୍ୟାଣ ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେଉଛି । ଜାତିସଂଘର ଶିଶୁକଲ୍ୟାଣ ସଂସ୍ଥା ମଧ୍ୟ କେତେକ ଜିନିଷିକ ସାହାଯ୍ୟ ଦେଉଛନ୍ତି ।

ସଂକ୍ଷେପରେ ଏହି ଯୋଜନାର ଲକ୍ଷ୍ୟ ହେଉଛି, ଶିଶୁ ଓ ମା'ମାନଙ୍କର ସର୍ବାଙ୍ଗୀନ ଉନ୍ନତିରେ ସାହାଯ୍ୟ କରିବା, ଯେପରିକି ଭବିଷ୍ୟତରେ ଶିଶୁମାନେ ସୁନାଗରିକ ହେବେ ଓ ମା'ମାନେ ସୁସ୍ଥ, ସବଳ, ସୁନାଗରିକ ଗଠନ କରିପାରିବେ ।

ଏହି ବ୍ଲକରେ ମୋଟ ଲୋକ ସଂଖ୍ୟା ୩୮,୬୧୩ ମଧ୍ୟରୁ ଆଦିବାସୀ ଓ ହରିଜନଙ୍କ ସଂଖ୍ୟା ହେଉଛି ୨୯,୬୮୯; ମୋଟ ମହିଳା ସଂଖ୍ୟା ହେଉଛି ୧୯,୬୪୯, ତହିଁରୁ ୧୭,୮୦୯ ଜଣ ମହିଳା ନିରକ୍ଷର । ବ୍ଲକର ଗ୍ରାମ ସଂଖ୍ୟା ୫୬ । ପ୍ରତ୍ୟେକ ଗ୍ରାମକୁ ସର୍ଭେ କରାଯାଇ ଦେଖାଯାଇଛି ଯେ ୦—୬ ବର୍ଷ ବୟସ ପର୍ଯ୍ୟନ୍ତ ଶିଶୁଙ୍କ ସଂଖ୍ୟା ୭,୬୦୮, ଗର୍ଭବତୀ ମହିଳା ସଂଖ୍ୟା ୪୬୧ ଓ ପ୍ରସୂତୀ ମହିଳାମାନଙ୍କ ସଂଖ୍ୟା ୧,୧୩୫—ଏଭଳିକି ମୋଟ ୯,୨୦୪ ଜଣ ଶିଶୁ ଓ ମା'ଙ୍କୁ ଏହି ଯୋଜନା ଦ୍ୱାରା ପୂରା ସୁବିଧା ଦିଆଯିବାର କାର୍ଯ୍ୟକ୍ରମ ରହିଛି ।

୬ ବର୍ଷ ବୟସ ପର୍ଯ୍ୟନ୍ତ ଶିଶୁ ଓ ମା'ମାନଙ୍କର ସର୍ବାଙ୍ଗୀନ ଉନ୍ନତି ଏହି ଯୋଜନାର ମୁଖ୍ୟ ଲକ୍ଷ୍ୟ । ଏହି ଲକ୍ଷ୍ୟ ପୂରଣ ପାଇଁ ୫୬ଟି ଅଙ୍ଗନ ୱାଡ଼ି କେନ୍ଦ୍ର ଖୋଲାଯାଇ ତହିଁରେ ଜଣେ ଲେଖାଏଁ ସ୍ଥାନୀୟ ମହିଳାଙ୍କୁ କର୍ମୀ ଭାବରେ ନିଯୁକ୍ତି ଦିଆଯାଇଛି । ଏମାନଙ୍କୁ ଆବଶ୍ୟକୀୟ ତାଲିମ ମଧ୍ୟ ଦିଆଯାଉଛି ।

ଏହି କେନ୍ଦ୍ରଗୁଡ଼ିକରେ ୩ ବର୍ଷରୁ ୬ବର୍ଷ ବୟସର ୨,୧୫୦ଜଣ ଶିଶୁଙ୍କୁ ପ୍ରାକ୍ ବିଦ୍ୟାଳୟ ଶିକ୍ଷା ଦିଆଯାଉଛି । ଗୀତ ଓ ସଂଖ୍ୟା ଗଣନା, ଖେଳ, ଲୁଚା ମାଧ୍ୟମରେ ସଂଖ୍ୟା ଶିଶୁମାନଙ୍କୁ ବିଭିନ୍ନ ପ୍ରକାର ଚିତ୍ର, ମଡେଲ, ଖେଳ, ଶାରୀରିକ ଓ ମାନସିକ ଅଭିବୃଦ୍ଧି ପାଇଁ ଶିକ୍ଷା ଦେବା, ସ୍ୱାସ୍ଥ୍ୟରକ୍ଷା, ପାରିପାର୍ଶ୍ୱିକ ପରିଚ୍ଛନ୍ନତା ଓ ଶିଶୁମାନଙ୍କୁ ଦିଆଯାଉଛି ।

ଶିଶୁ କଲ୍ୟାଣ ଯୋଜନାର ବିଶେଷଜ୍ଞ ଡାକ୍ତର ଓ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର କର୍ମୀ ମାନଙ୍କ ଦ୍ୱାରା ୦—୬ ବର୍ଷ ପର୍ଯ୍ୟନ୍ତ ଶିଶୁ ଓ ମା' ମାନଙ୍କୁ ଟିଟାନସ୍ ପ୍ରତିଷେଧକ ଇଂଜେକ୍ସନ୍, ବସନ୍ତ ପ୍ରତିଷେଧକ ଟୀକା ଓ ବି.ସି.ଜି. ଇଞ୍ଜେକ୍ସନ୍ ପ୍ରଭୃତି ଦିଆଯାଉଛି । ରୋଗାକ୍ରାନ୍ତ ମା ଓ ଶିଶୁମାନଙ୍କର ଚିକିତ୍ସା ଓ ଶାରୀରିକ ଅଭିବୃଦ୍ଧି ପାଇଁ ସେମାନଙ୍କୁ ଭିଟାମିନ୍ ବଟିକା ଦିଆଯାଉଛି । ଏହି ଯୋଜନା ଅନୁଯାୟୀ ଏପର୍ଯ୍ୟନ୍ତ ୭,୦୦୦ରୁ ଅଧିକ ଶିଶୁଙ୍କୁ ଡି. ପି. ଟି., ୬୦୦ରୁ ଅଧିକ ଶିଶୁଙ୍କୁ ଡି. ଟି. ଏବଂ ୫୦୦ରୁ ଅଧିକ ଶିଶୁଙ୍କୁ ଟି. ଟି. ପ୍ରତିଷେଧକ ଇଞ୍ଜେକ୍ସନ୍ ଗାଁ ଗହଳିରେ ଦିଆଯାଉଛି ।

ପ୍ରସୂତି ଓ ଗର୍ଭବତୀ ମା ଓ ୬ ବର୍ଷ ବୟସ ପର୍ଯ୍ୟନ୍ତ ଶିଶୁମାନଙ୍କୁ ପୁଷ୍ଟିକର ଖାଦ୍ୟ ପରିବେଷଣ ଏହି ଯୋଜନାର ଅନ୍ୟ ଏକ ଅଂଶ । ଏହି କାର୍ଯ୍ୟକ୍ରମରେ ବର୍ତ୍ତମାନ ୪୧୧ ଜଣ ଗର୍ଭବତୀ ମହିଳା, ୫୪୯ ଜଣ ପ୍ରସୂତି ଓ ୬ବର୍ଷ ପର୍ଯ୍ୟନ୍ତ ୫,୯୦୬ ଜଣ ଶିଶୁ ଉପକୃତ ହେଉଛନ୍ତି । ଶିଶୁମାନଙ୍କର ବିଶେଷ ଦୃଷ୍ଟିହୀନତା ଦୂର କରିବା ପାଇଁ ବାଲ ଅମୂଲ ଦେବାର ବ୍ୟବସ୍ଥା ଶୀଘ୍ର କରାଯାଉଛି ।

ଗ୍ରାମାଞ୍ଚଳର ସାବାଳକ ମହିଳାମାନଙ୍କର ନିରକ୍ଷରତା ଦୂରୀକରଣ ପାଇଁ ଯତ୍ନ ଦେବା ସକାଶେ ନୈଶ୍ୟ ବିଦ୍ୟାଳୟମାନ ଖୋଲାଯାଉଛି । ଏମାନଙ୍କୁ ଶିକ୍ଷା ଦିଆଯାଉଛି । ଏହି ପାଠ୍ୟକ୍ରମ କ୍ରମାଗତ ୯ ମାସ ଚାଲେ ଓ ମହିଳାମାନଙ୍କୁ ଅକ୍ଷରଶିକ୍ଷା ଓ ସାଧାରଣ ପଠନ ବ୍ୟତୀତ ଶିଶୁମାନଙ୍କ ଯତ୍ନ ନେବା, ପୁଷ୍ଟିକର ଖାଦ୍ୟ ପ୍ରସ୍ତୁତି, ପାରିପାର୍ଶ୍ୱିକ ପରିଚ୍ଛନ୍ନତା, ରନ୍ଧନଶାଳା, ବାଡ଼ି ବଗିଚା କରିବା ପ୍ରଭୃତି ବିଷୟରେ ଶିକ୍ଷା ଦିଆଯାଏ ।

କୁଟୀର ଶିଳ୍ପ ଓ କ୍ଲବ୍ ସାହାଯ୍ୟରେ
ତିଆରି କରିବା ମଧ୍ୟ ଶିକ୍ଷା ଦିଆଯାଏ । ଏପର୍ଯ୍ୟନ୍ତ
ଶିକ୍ଷା କେନ୍ଦ୍ରରେ ୯ ମାସିଆ କାର୍ଯ୍ୟକ୍ରମ ଶେଷ
୧,୬୮୦ ଜଣ ମହିଳା ତାଲିମ ପାଇ ସାରିଛନ୍ତି ।
୨୧ଟି ପ୍ରୌଢ଼ ଶିକ୍ଷା କେନ୍ଦ୍ରରେ ୩,୪୨୫ ଜଣ
ଶିକ୍ଷାଦାନ କରାଯାଉଛି । ମହିଳାମାନଙ୍କୁ ଦେଶର
ସମ୍ବାଦ ଜଣାଇ ଦେବା ପାଇଁ ଏବଂ ସେମାନଙ୍କର
ବିନୋଦନ ପାଇଁ ୫୬ଟି ଅଙ୍ଗନୱାଡ଼ି କେନ୍ଦ୍ରକୁ
ଲେଖାଏଁ ରେଡିଓ କାଡିସଂଘର ଶିଶୁ କଲ୍ୟାଣ
ଯୋଗାଇ ଦେଇଛନ୍ତି । ଗ୍ରାମର ମହିଳାମାନଙ୍କୁ
ତାଲିମ ଦେବାପାଇଁ ୧୯ଟି ସିଲେଇ ମେସିନ ମଧ୍ୟ
ଗ୍ରାମାଞ୍ଚଳରେ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ପାଇଁ
ନଳକୂପ ଓ ୩୫ଟି ପାନୀୟ ଜଳକୂପ ଖନନ ପାଇଁ
କ୍ରମ ସ୍ଥିର ହୋଇଛି ।

ଅଙ୍ଗନୱାଡ଼ି କେନ୍ଦ୍ରର ସୁପରିଚାଳନା ପାଇଁ ପ୍ର
ଗ୍ରାମରେ ମହିଳା ମଣ୍ଡଳମାନ ଗଠନ କରାଯା
ଅଙ୍ଗନୱାଡ଼ି କର୍ମୀ ଓ ମହିଳା ମଣ୍ଡଳମାନଙ୍କ କା
ସାହାଯ୍ୟ କରିବାପାଇଁ ୮ ଜଣ ସୁପରଭାଇଜର
ହୋଇଛନ୍ତି ।

ସୁନ୍ଦରଗଡ଼ ଜିଲ୍ଲାର ସବ୍‌ଦେଗା ବ୍ଲକ ଅଧି
ଅଞ୍ଚଳରେ ଏହି ସମସ୍ତ ଶିଶୁ କଲ୍ୟାଣ ଯୋଜନା
ଆଦୃତ ହୋଇପାରିଛି ଏବଂ ଏହାର ସଫଳତା
ଆଦିବାସୀ ମହିଳାମାନେ ଆଗ୍ରହର ସହିତ ସହଯୋ
କରୁଥିବା ଲକ୍ଷ୍ୟ କରାଯାଉଛି ।

## ଓଡ଼ଗାଁଠାରେ ନୂତନ ସବ୍‌ରେଜିଷ୍ଟ୍ରେସନ ଅଫିସ

ଓଡ଼ିଶା ଟିକସ ଅନୁସନ୍ଧାନ କମିଟିଙ୍କ ସୁପାରିଶ ଅନୁଯାୟୀ ସରକାର ପୁରୀ ଜିଲ୍ଲାର ନୟାଗଡ଼ ସ
ରେଜିଷ୍ଟ୍ରେସନ ଅଫିସକୁ ବିଭାଜନ କରି ସମଗ୍ର ଓଡ଼ଗାଁ ଥାନାକୁ ନେଇ ଓଡ଼ଗାଁଠାରେ ଏକ ନୂତନ ସବ୍‌ରେଜିଷ୍ଟ୍ରେ
ଅଫିସ ୧୯୬୭ ନଭେମ୍ବର ପହିଲାଠାରୁ ଖୋଲିବା ନିମନ୍ତେ ସ୍ଥିର କରିଛନ୍ତି । ଏହା ଫଳରେ ଉପରୋକ୍ତ ସବ୍‌ରେଜିଷ୍ଟ୍ରେ
ଅଫିସର କାର୍ଯ୍ୟଭାର ହ୍ରାସ ପାଇବ। ସଙ୍ଗେ ସଙ୍ଗେ ସଂପୃକ୍ତ ଅଂଚଳର ଜନସାଧାରଣଙ୍କର ରେଜିଷ୍ଟ୍ରେସନ କାର୍ଯ୍ୟ ସ
ସମୟରେ ସଂପାଦିତ ହୋଇ ପାରିବ ।

ଏଣୁ, ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ଉପରୋକ୍ତ ଅଞ୍ଚଳର ସମସ୍ତ ପ୍ରଜା
ଦଲିଲ ୧୯୦୮ ମସିହା ଭାରତୀୟ ରେଜିଷ୍ଟ୍ରେସନ ଆଇନ୍ ଅନୁଯାୟୀ ୧୯୬୭ ନଭେମ୍ବର ପହିଲାଠାରୁ ଏହି ନୂତ
ରେଜିଷ୍ଟ୍ରେସନ ଅଫିସରେ ରେଜିଷ୍ଟ୍ରେସନ ପାଇଁ ଦାଖଲ କରିବାକୁ ପଡ଼ିବ ।



# ଅଷ୍ଟାଦଶ

# ଆରକ୍ଷୀ ସହିଦ ଦିବସ

## ଉପଲକ୍ଷେ

## ପୁଲିସ ଆଇ. ଜି. ଶ୍ରୀ ବଜନ କୃଷ୍ଣ ରାୟଙ୍କ

# ବାର୍ତ୍ତା

ଭାରତର ପ୍ରତ୍ୟେକ ପୁଲିସ କର୍ମଚାରୀଙ୍କ ପକ୍ଷରେ ଆଜି ଦିବସଟି ଅତ୍ୟନ୍ତ ତାତ୍ପର୍ଯ୍ୟପୂର୍ଣ୍ଣ ଓ ମହାନ୍ । ୧୯୬୦ ମସିହା ଅକ୍ଟୋବର ମାସ ୨୧ ତାରିଖଠାରୁ ପ୍ରତିବର୍ଷ ପୁଲିସ ସହିଦ ଦିବସ ସବୁ ପୁଲିସ ସଦର ମହକୁମା, ତଥା ସଦର ମହକୁମା ଏବଂ ଅନ୍ୟାନ୍ୟ ପୁଲିସ ସଦର ମହକୁମାମାନଙ୍କରେ ପାଳିତ ହୋଇ ଆସୁଅଛି । ସେଥିପାଇଁ ଆମେ ଏହି ଦିବସଟିକୁ ଏପରି ଗାମ୍ଭୀର୍ଯ୍ୟପୂର୍ଣ୍ଣ ଭାବରେ ପାଳନ କରି ଆସୁଛୁ ତାହା ପୁଲିସ ଅନୁଷ୍ଠାନର ପ୍ରତ୍ୟେକଙ୍କୁ ଭଲ ଭାବରେ ଜଣା ।

୧୯୫୯ ମସିହା ଅକ୍ଟୋବର ମାସ ୨୧ ତାରିଖ ଦିନ ଲଦାଖ ଅଞ୍ଚଳରେ ସତର୍କ ପ୍ରହରରତ ଦଶ ଜଣିଆ ଏକ ଆରକ୍ଷୀ ଦଳ ସୀମାନ୍ତ ଅତିକ୍ରମ କରିବାକୁ ଉଦ୍ୟମ କରୁଥିବା ଏକ ପଡୋଶୀ ରାଷ୍ଟ୍ରର ସୈନ୍ୟ ଗୋଷ୍ଠୀର ମୁକାବିଲା କରିବାକୁ ଯାଇ ପ୍ରାଣବଳି ଦେଇଥିଲେ । ସେମାନେ ମାତୃଭୂମିକୁ ରକ୍ଷା କରିବାକୁ ଯାଇ ମୃତ୍ୟୁ ବରଣ କରିଛନ୍ତି ସତ, ମାତ୍ର ଚିରଦିନ ପାଇଁ ସେମାନଙ୍କ ନାମ ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ । ସେମାନଙ୍କ ସାହସ ଓ ପ୍ରେରଣା ପ୍ରତ୍ୟେକ ଆରକ୍ଷୀଙ୍କୁ ଉଦ୍ବୁଦ୍ଧ କରିବ । ସେମାନଙ୍କର ଏହି ତ୍ୟାଗକୁ ସ୍ମରଣ କରିବାପାଇଁ ଏବଂ ସେହି ଦିନଠାରୁ ଆଜି ପର୍ଯ୍ୟନ୍ତ ପ୍ରତିବର୍ଷ ଯେଉଁ ଆରକ୍ଷୀଗଣ କର୍ତ୍ତବ୍ୟ ସମ୍ପାଦନ କରିବାକୁ ଯାଇ କର୍ତ୍ତବ୍ୟ ରତ ଅବସ୍ଥାରେ ଅକାଳ ମୃତ୍ୟୁ ବରଣ କରିଛନ୍ତି ସେମାନଙ୍କୁ ମଧ୍ୟ ଆମେ ଆଜିର ଏହି ପବିତ୍ର ଦିବସରେ ସ୍ମରଣ କରିଥାଉ । ଭାରତବର୍ଷର ବିଭିନ୍ନ ଆରକ୍ଷୀ ଅନୁଷ୍ଠାନର ପ୍ରତିନିଧିମାନେ ପ୍ରତିବର୍ଷ ଲଦାଖର ଐତିହାସିକ ଉଷ୍ଣପ୍ରସ୍ରବଣ ନିକଟକୁ ତୀର୍ଥଯାତ୍ରା କରି ପବିତ୍ର ସହିଦ ସ୍ମୃତି ସ୍ତମ୍ଭ ନିକଟରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରି ଆସୁଛନ୍ତି । ଏହି ତୀର୍ଥ ଯାତ୍ରା ଚିରଦିନ ଅବ୍ୟାହତ ରହିବ ।

୧୯୭୬ ମସିହା ସେପ୍ଟେମ୍ବର ପହିଲା ତାରିଖଠାରୁ ୧୯୭୭ ଅଗଷ୍ଟ ୩୧ ତାରିଖ ପର୍ଯ୍ୟନ୍ତ କର୍ତ୍ତବ୍ୟ ସମ୍ପାଦନ କରିବାକୁ ଯାଇ ଆମର ଯେଉଁ ପୁଲିସ ଭାଇମାନେ ଅକାଳ ମୃତ୍ୟୁ ବରଣ କରିଛନ୍ତି ସେମାନଙ୍କ ମୃତ୍ୟୁପାଇଁ ଆମେ ଦୁଃଖିତ ହେଲେ ମଧ୍ୟ ଗର୍ବ ଅନୁଭବ କରୁଛୁ । କାରଣ ସେମାନେ ମାନବ ଜାତିର ସେବାରେ ଚରମ ପରାକାଷ୍ଠା ପ୍ରଦର୍ଶନ କରି ଯାଇଛନ୍ତି ଏବଂ ସେମାନଙ୍କ ଆତ୍ମବଳି ଯେପରି ବିଫଳ ନହୁଏ ସେ ଦିଗରେ ଆମର ଏକାନ୍ତ ପ୍ରଚେଷ୍ଟା ସର୍ବଦା ଅବ୍ୟାହତ ରହିବ ।

ଏବର୍ଷ ଆମ ଦେଶର ଯେଉଁ ଆରକ୍ଷୀଗଣ ସହିଦ ହୋଇଛନ୍ତି ସେମାନଙ୍କ ସଂଖ୍ୟା ପାଖାପାଖି ତିନିଶହ ହେବ ଏବଂ ତାଙ୍କ ମଧ୍ୟରୁ ଓଡ଼ିଶାର ତିନିଜଣ ଆରକ୍ଷୀ ଅନ୍ତର୍ଭୁକ୍ତ । ମୁଁ ଏହି ସହିଦମାନଙ୍କର ନାମ ପାଠକରି ଆପଣମାନଙ୍କୁ ଶୁଣାଇ ଦେଉଛି । ସେମାନଙ୍କ ଉଦ୍ଦେଶ୍ୟରେ ଆମ୍ଭେମାନେ ଆଜି ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ।

ଜୟହିନ୍ଦ୍



୧୯୭୭ ଅକ୍ଟୋବର ୨ ତାରିଖ ଦିନ ଗାନ୍ଧୀ ଜୟନ୍ତୀ ଓ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜନ୍ମ
ଶତବାର୍ଷିକୀ ପାଳନ ଅବସରରେ ବଲାଙ୍ଗୀରଠାରେ ସଫେଇ କାର୍ଯ୍ୟ ଚାଲିଛି ।





ଜଣେ ଭଦ୍ରମହିଳା ସବୁବେଳେ ବିଷଣ୍ଣ ନିରୀହ ସ୍ୱାମୀଟି ଉପରେ ଖିଟି ଖିଟି ହୁଅନ୍ତି ଏବଂ ଅନ୍ୟ ମହିଳାମାନଙ୍କ ଆଗରେ ତାଙ୍କର ଏ ସ୍ୱଭାବଟି ଆହୁରି ତୀବ୍ରଭାବେ ପ୍ରକାଶପାଏ । ସେଦିନ ଡ୍ରଇଂରୁମ୍‌ରେ ଅନ୍ୟାନ୍ୟ ମହିଳାମାନଙ୍କ ଆଗରେ ସେ ନିଜର ସ୍ୱାମୀଙ୍କ ବିରୁଦ୍ଧରେ ଉତ୍ୟକ୍ତ ହୋଇ କହିଥିଲେ ।

ଆପଣମାନେ ଗୋଟିଏ ମୁହୂର୍ତ୍ତ ବି ଏଭଳି ପୁରୁଷ ସଙ୍ଗେ ଚଳି ପାରିବେ ନାହିଁ । ଏଭଳି ଭୁଲାମନ । ମୁଁ ତାଙ୍କୁ ସାବୁନ୍ ପାଇଁ ବଜାରକୁ ପଠାଇବି, ସେ ନେଇ ଆସିବେ ପିଆଜ । ମୁଁ ଯଦି ପିଆଜପାଇଁ କହିଥିବି ତ ନେଇ ଆସିଥିବେ ସଜନାଛୁଇଁ । ଦେଖନ୍ତୁ—ଘଣ୍ଟାଏ ହେଲା ବଜାର ଗଲେଣି—ମୁଁ ତାଙ୍କୁ ଦୁଇଟା କାଗେଜି ଲେମ୍ବୁ ପାଇଁ ପଠାଇଥିଲି, ସେ ନେଇକରି ଆସିବେ କେଉଁଠି ବିଡ଼ାଏ କୋଶଳାଶାଗ—ଦେଖିବେ ଆପଣମାନେ ଲୋଣାଶାଗ ।

ଠିକ୍ ସେ ସ୍ୱାମୀ ସେତିକିବେଳେ ପହଞ୍ଚିଗଲେ । ତାଙ୍କର ମୁହଁଟିଏ ବେଶ୍ ହସ ହସ ଓ ସରଳ, କୌତୁକ-ପୂର୍ଣ୍ଣ ଖୁସିଆଣି ।

କଅଣ ଆଣିଚ ଦେଖିବା ? କୋଶଳା ଶାଗ ତ ?

ସ୍ୱାମୀ ଗୋଟିଏ ଶହେଟଙ୍କିଆ ନୋଟ ସମସ୍ତଙ୍କ ଆଗରେ ସ୍ତ୍ରୀଙ୍କ ହାତକୁ ବଢ଼ାଇ ଦେଲେ ।

ଏ କଣ ? ଖିଟିଖିଟିଆ ସ୍ତ୍ରୀଙ୍କ ଆଖି ଜଳି ଉଠିଲା ।

ବାଟରୁ ପାଇଲି । ବିଚରା ନନ୍ଦଙ୍କ ଖାତିରକୁ ଲାଗି ପଡ଼ିଥିଲା ।

ଅନ୍ୟ ଭଦ୍ରମହିଳାଙ୍କୁ ଉଦ୍ଦେଶ୍ୟ କରି ଖିଟିଖିଟିଆ ପତ୍ନୀ କହିଲେ—ଦେଖିଲେ, ଦେଖିଲେ ତ ? କାଗେଜି ଲେମ୍ବୁ ଆଣିବାକୁ ଯାଇ ପାଇଥିଲେ ବଜାରେ । ଆପଣମାନେ ଭଲା ଘଡ଼ିଏ ଚଳି ପାରିବେ ଯାଙ୍କ ଭଳି ମରଦ ସଙ୍ଗରେ ?

ସମବେତ ଭଦ୍ରମହିଳାଙ୍କ ଭିତରୁ ଜଣେ ରସବତୀ ବିଦଗ୍ଧଲକ୍ଷଣା ମହିଳା ହସି ହସି କହିଲେ—

ହଁ—ଆଜି ଦିନଟା ଅନ୍ତତଃ ମୁଁ ତାଙ୍କ ସାଙ୍ଗେ ବେଶ୍ ଆନନ୍ଦରେ ଚଳିପାରିବି ।

ପଡ଼ୋଶୀ ଘରର ସ୍ତ୍ରୀଟି ଆସି କହିଲା—

ଆରେ ବାବୁ ! ଆମ ଘରେ ଆଜି କେହି ନାହାନ୍ତି । ରାତିଟା ମୋତେ ଏକୁଟିଆ ଲାଗୁଛି, ତୁ ଆଜି ରାତିଟା ଆମଘରେ ଶୋଇ ପାରିବୁ ?

୮-୯ ବରଷର ପିଲାଟି କହିଲା—ନାହିଁ ମାଉସୀ ! ମୁଁ ଆଜି ସନ୍ଧ୍ୟା ବେଳକୁ ମାମୁଁଘରକୁ ଯିବି । ମୋ ବୋଉ ସକାଳୁ ମାମୁଁ ଘରକୁ ଚାଲିଗଲାଣି ଚାଲି । ରଞ୍ଜୁ ସଞ୍ଜୁ ବି ତାଙ୍କ ସାଙ୍ଗରେ ଚାଲିଗଲେଣି ।

ତା'ହେଲେ ତୋ ବାପା କଣ ଆଜି ରାତିଟା ଏକୁଟିଆ ଘରେ ରହିବେ ?

ହଁ ମାଉସୀ । ତୁମେ ବାପାଙ୍କୁ କୁହ ।

✽ଆପଣ ଯଦି କୌଣସି ମହିଳାଙ୍କୁ ବକ୍ ବକ୍ ହେବାରୁ ନିବୃତ୍ତ କରିବାକୁ ଚାହାନ୍ତି ତେବେ ଅବଲମ୍ବନ କରିପାରନ୍ତି ।

ବିବାହିତା ମହିଳାଙ୍କୁ ପଚାରିବେ—ଆପଣଙ୍କର ପିଲାପିଲି କେତୋଟି ? ସେ ଯଦି କହିବେ ତେବେ ପଚାରନ୍ତୁ—କିପରି ସେ ଏହି ଜଞ୍ଜାଳରୁ ମୁକ୍ତି ପାଇଛନ୍ତି ?

ପିଲାପିଲି ହୋଇଥିବା ଅନ୍ୟଜଣେ ମହିଳାଙ୍କୁ ଆପଣ ପଚାରନ୍ତୁ—ସେ ବିବାହ କରିଛନ୍ତି

ଅବିବାହିତା ଜଣେ କୁମାରୀଙ୍କୁ ପଚାରନ୍ତୁ—ତାଙ୍କ ପିଲାପିଲି ହୋଇଛନ୍ତି କି ନାହିଁ ।

✽ଆସନ୍ନପ୍ରସବା ମାଆଟି ଅତି ସେନ୍ହେଇ ପଣରେ ତାର ଏକମାତ୍ର ପାଞ୍ଚବରଷର ପୁଅକୁ ବାବୁନି ! କହୁତ ଦେଖି ! ମୁଁ କଅଣଟିଏ ଜନ୍ମ କଲେ ତୋତେ ଭଲ ଲାଗିବ ? ଝିଅଟିଏ ନା ଭାଇ

ପାଞ୍ଚବର୍ଷର ପୁଅଟି ଖୁବ୍ ଗମ୍ଭୀର ହୋଇ କହିଲା—ଦେଖ୍ ମା ! ତୋର ଯଦି ବିଶେଷ ନ ହୁଏ, ତେବେ ମୋ ପାଇଁ ଚମତ୍କାର ଘୋଡାଛୁଆଟିଏ ଜନ୍ମ କରିପାରିଲେ ମୁଁ ଖୁବ୍ ଖୁସି

✽ଭଦ୍ରଲୋକ ଶେଷକୁ ସ୍ଥିର କଲେ ଯେ ସେ ତାଙ୍କର ଅଠର ବର୍ଷର ଝିଅକୁ ଧରି ବାହିବେ କଥା ଶୁଣି ତାଙ୍କର ସ୍ତ୍ରୀ କହିଲେ—ମୋତେ କାହିଁକି ଏଥର ସାଙ୍ଗରେ ନେଉନ ? ଭଦ୍ରଲୋକ ନା, ନା, ନା' ତୁମର ସେ ପାଟି ! ଯଥେଷ୍ଟ ସହିଛି । ଆଉ ନୁହେଁ ।

ସେମାନେ ଟ୍ରେନ୍‌ରେ ଗଲେ (ବାପ ଆଉ ଝିଅ) କିନ୍ତୁ ବାଟ ଅଧରେ ଗୋଟିଏ ଷ୍ଟେସନରେ ଉପରେ ଡକାଏତମାନେ ଆକ୍ରମଣ କଲେ । ସବୁ ଜିନିଷପତ୍ର ଲୁଟି ନେଇ ପଳାଇଲେ ।

ସେମାନେ ଚାଲିଗଲାପରେ ଭଦ୍ରଲୋକ କାନ୍ଦି କାନ୍ଦି ଝିଅକୁ କହିଲେ—ବୁଝିଲୁ ମା । ଅନର୍ଥ ହୋଇଗଲା !

ଝିଅଟି କହିଲା—ନାଁ ବାପା ! କାନ୍ଦ ନାହିଁ । ମୋର ସମସ୍ତ ଅଳଙ୍କାର ରକ୍ଷା ପାଇ ଯାଇଛି ।

କିପରି ? ହେ ଭଗବାନ !

ଡକାଏତ ଆସିବା ମାତ୍ରେ ମୁଁ ଚଟାପଟ ମୋର ଅଳଙ୍କାରତକ କାଢ଼ି ପକାଇ ପାଟି ପୁରାଇ ଦେଇଥିଲି । ହେଇ ଦେଖନ୍ତୁ ।

ଝିଅଟି ତାର ସୁନାହାର, କାନଫୁଲ, ଚୁଡ଼ି ଓ କଙ୍କଣ ଦୁଇଟି ବାପାଙ୍କୁ ଦେଖାଇଲା । ବାପା ଆନନ୍ଦରେ ମୁହୂର୍ତ୍ତକ ପାଇଁ ଜଳି ଉଠି ପୁଣି ବିଷାଦରେ ଝାଉଁଳି ପଡ଼ିଲା । ସେ କହିଲେ—

ମୁଁ ଭୁଲ କଲି ଝିଅ ! ମୁଁ ଯଦି ତୋ ମାଆକୁ ସାଙ୍ଗରେ ଆଣିଥାଆନ୍ତି—ତେବେ ତାପାଟିରେ ସୁଟ୍‌କେଶଟି ନିରାପଦରେ ରହିଯାଇଥାଆନ୍ତା ।

✽ଦୁଇଜଣ ଯୁବକ ଗୋଟିଏ ଯୁବତୀକୁ ପ୍ରେମ କରୁଥିଲେ ଏବଂ ଉଭୟେ ବିବାହ ଲାଗି ପ୍ରସ୍ତାବ ଯୁବତୀଟି କହିଲା—

ତୁମେ ଦୁଇଜଣେ ଦୁଇ ବିପରୀତ ଦିଗରୁ ଖୁବ୍ ଜୋରରେ ଦୁଇଟି ମଟର ସାଇକେଲରେ ଆସି ଧକ୍କା ଦିଅ । ତୁମ ଭିତରୁ ଯେ ବଞ୍ଚିବ, ମୁଁ ତା' ଗଳାରେ ବରଣମାଳା ଲମ୍ବାଇ ଦେବି ।

ଦୁଇଟିଯାକ ଯୁବକ ଏକ ସ୍ୱରରେ କହିଉଠିଲେ—

ତୁମକୁ କିନ୍ତୁ ସେତେବେଳେ ବରଣମାଳା ଧରି ଆମଦୁହିଁଙ୍କ ମଝିରେ ଠିଆ ହେବାକୁ ପଡ଼ିବ ।

# ଜାଣନ୍ତି କି ?

## ନୂତନ ଡାକଘର ଖୋଲିବା ନିମନ୍ତେ ନିୟମାବଳୀ

- **ସହରାଞ୍ଚଳ**:—ପ୍ରସ୍ତାବିତ ଡ଼ାକଘର ଆତ୍ମନିର୍ଭରଶୀଳ କିମ୍ବା ପାରିଶ୍ରମିକ ମିଳୁଥିବା ଭଳି ହେବା ଆବଶ୍ୟକ ।

- **ଗ୍ରାମାଞ୍ଚଳରେ** ପୂର୍ବରୁ ଥିବା ଡ଼ାକଘରଠାରୁ ପ୍ରସ୍ତାବିତ ଡ଼ାକଘରର ଦୂରତା ସ୍ଥଳ ବିଶେଷରେ ୨ କିମ୍ବା ୩ ମାଇଲରୁ ଅଧିକ ହୋଇନଥିବା ଆବଶ୍ୟକ ।

- ଦୁଇହଜାର ଲୋକ ଉପକୃତ ହେଲେ ଭଳି ୨ ମାଇଲ ବ୍ୟବଧାନରେ ରହିଥିବା ଡ଼ାକଘର ପିଛା ବାର୍ଷିକ କ୍ଷତିର ପରିମାଣ ୫୦୦ ଟଙ୍କାରୁ ଅଧିକ ହେଉନଥିବା ଆବଶ୍ୟକ ।

- ଦୁଇହଜାରରୁ ଅଧିକ ଲୋକ ଉପକୃତ ହେଉଥିଲେ ୨ ମାଇଲ ବ୍ୟବଧାନରେ ରହିଥିବା ଡ଼ାକଘର ପିଛା ବାର୍ଷିକ କ୍ଷତିର ପରିମାଣ ଟ୭୫୦ ରୁ ଅଧିକ ହେଉ ନ ଥିବା ଆବଶ୍ୟକ ।

- ପୂର୍ବରୁ କାର୍ଯ୍ୟକରୁଥିବା ଡ଼ାକଘର ଭଳି ପ୍ରସ୍ତାବିତ ଡ଼ାକଘର କ୍ଷତିର ପରିମାଣ ଅନୁମୋଦିତ ଟ୫୦୦ଙ୍କାରୁ ଅଧିକ ନହେବା ଆବଶ୍ୟକ ।

- ପ୍ରସ୍ତାବିତ ଡ଼ାକଘରର ସର୍ବନିମ୍ନ ନିର୍ଦ୍ଧାରିତ ଆୟ ମୂଳଧନର ୨୫ ଭାଗରୁ କମ ହେଉ ନଥିବା ଆବଶ୍ୟକ ।

- **ଅତ୍ୟନ୍ତ ଅନୁନ୍ନତ ଅଞ୍ଚଳରେ** ଥିବା ଡ଼ାକଘର ପିଛା ବାର୍ଷିକ କ୍ଷତିର ପରିମାଣ ୧୦୦୦ ଟଙ୍କା ଏବଂ ସ୍ଥଳ ବିଶେଷରେ ଏପରିକି ୨,୫୦୦ ଟଙ୍କାକୁ କୋହଳ କରିଦିଆଯାଇ ପାରିବ ।

- ପ୍ରସ୍ତାବିତ ଡ଼ାକଘରର ଆୟ ଆନୁମାନିକ ସର୍ବନିମ୍ନ ନିର୍ଦ୍ଧାରିତ ଆୟର ୧୫ ଭାଗରୁ କମ୍ ହେଉନଥିବ ।

- ବାର୍ଷିକ ୨,୫୦୦ ଟଙ୍କା ଅନୁମୋଦିତ ସୀମିତ କ୍ଷତି ଅନୁଯାୟୀ ନୂତନ କରି ଖୋଲିବା ନିମନ୍ତେ ପ୍ରସ୍ତାବିତ ଡ଼ାକଘର ଏବଂ ପୂର୍ବରୁ କାର୍ଯ୍ୟ କରୁଥିବା ଡ଼ାକଘରର ଆନୁମାନିକ କ୍ଷତି ବାର୍ଷିକ ୫୦୦ଟଙ୍କା ସମେତ ଉଭୟ ଡ଼ାକଘରର କ୍ଷତିର ପରିମାଣ ବାର୍ଷିକ ୩ ହଜାର ଟଙ୍କାରୁ ଅଧିକ ନହେବା ଆବଶ୍ୟକ ।

- **ପାହାଡ଼ିଆ ଅଞ୍ଚଳରେ** ଥିବା ଡ଼ାକଘରର ଆୟ ସର୍ବନିମ୍ନ ନିର୍ଦ୍ଧାରିତ ଆୟର ଆନୁମାନିକ ଦଶଭାଗରୁ କମ୍ ହେବନାହିଁ ।



୧୯୭୭ ଅକ୍ଟୋବର ୧୦ ତାରିଖ ଦିନ ସାଇକେଲ ଯୋଗେ କଲିକତା ଅଭିମୁଖେ ଯାତ୍ରା କରୁଥି
ଏନ୍. ସି. ସି. ଛାତ୍ରମାନଙ୍କୁ ଗ୍ରୁପ୍ କମାଣ୍ଡର କର୍ଣ୍ଣେଲ ଆର. ଏନ୍. ପୁରୀ ଭୁବନେଶ୍ୱର ଭେଟେନରୀ କଲେ
ପ୍ରାଙ୍ଗଣରେ ସମ୍ବର୍ଦ୍ଧନା ଜଣାଉଛନ୍ତି ।



ଶିଶୁ କଲ୍ୟାଣ ଯୋଜନା ଅନୁଯାୟୀ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ
ଶିଶୁମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି ।

OGP—M.PeVI [Home (P.R.) 51—15,000—21-12-1977



୧୯୭୭ ସେପ୍ଟେମ୍ବର ୧୫ ତାରିଖ ଦିନ ଭୁବନେଶ୍ୱରଠାରେ ପୂର୍ବାଞ୍ଚଳ ନୌବାହିନୀ ମୁଖ୍ୟ ଭାଇସ୍ ଆଡ୍‌ମିରାଲ ଏସ୍. ଏଚ୍. ଶର୍ମା, ମୁଖ୍ୟମନ୍ତ୍ରୀ ଶ୍ରୀ ନିଳମଣି ରାଉତରାୟ ଓ ସ୍ୱରାଷ୍ଟ୍ର ବିଭାଗ ଶାସନ ସଚିବ ଶ୍ରୀ ସୀତାକାନ୍ତ ମହାପାତ୍ରଙ୍କ ସହ ଆଲୋଚନା କରୁଛନ୍ତି ।



୧୯୭୭ ସେପ୍ଟେମ୍ବର ୧୦ ତାରିଖ ଦିନ କେନ୍ଦ୍ର ରେଳମନ୍ତ୍ରୀ ଶ୍ରୀ ମଧୁ ଦଣ୍ଡବତେ ଭୁବନେଶ୍ୱରଠାରେ ରାଜ୍ୟ ମୁଖ୍ୟମନ୍ତ୍ରୀ ଶ୍ରୀ ନୀଳମଣି ରାଉତରାୟ ଓ ଉଚ୍ଚପଦସ୍ଥ ଅଫିସର ମାନଙ୍କ ସହିତ ଆଲୋଚନା କରୁଛନ୍ତି । ଆଲୋଚନାରେ ଜଙ୍ଗଲ ଓ ପଶୁପାଳନ ମନ୍ତ୍ରୀ ଶ୍ରୀ ନଟବର ପ୍ରଧାନ ଏବଂ ଶିଳ୍ପ ଓ ଖଣି ମନ୍ତ୍ରୀ ଶ୍ରୀ ହରିଶ୍ଚନ୍ଦ୍ର ବକ୍ସି ପାତ୍ର ଅଂଶଗ୍ରହଣ କରିଥିଲେ ।

Vol. XXXIV No. 4 UTKAL PRASANGA
Licence No. C. R. N. P. 5—Licensed to post without Pre-Payment Regd. No. O-


# ସତେ! ଏକ ଇସ୍ପାତ କାରଖାନାରୁ! ସୋନା ସାର



ଦେଶର ସର୍ବାଧିକ ଲୋକପ୍ରିୟ ସାର

ଅତ୍ୟାଧୁନିକ ଟେକ୍ନୋଲୋଜି ଓ ଗୋଲକାର ଉତ୍ପାଦନକାରୀ ସାମଗ୍ରୀ ପ୍ରସ୍ତୁତ କରିବାରେ ଅଗ୍ରଣୀ ହିନ୍ଦୁସ୍ତାନ ଷ୍ଟିଲ୍‌ର ଇସ୍ପାତ କାରଖାନା ଏହାର ସବୁଠୁ ଆଗୁଆ କାରଖାନାରୁ ଉତ୍ପାଦନ କରିଥାଏ ସେହି କ୍ୟାଲସିୟମ୍ ଆମୋନିୟମ୍ ନାଇଟ୍ରେଟ୍ (୨୫% ନାଇଟ୍ରୋଜେନ୍) ସାର।

ଦାନା ଆକାରରେ ମିଳୁଥିବା ଏହି, ସୋନା ସାର ପ୍ରୟୋଗ କରିବାକୁ ସୁବିଧାଜନକ ଓ ଅଧିକ ଉତ୍ପାଦନ ଓ ଉତ୍ତମ ଫସଲ ନିମନ୍ତେ ଏକାନ୍ତ ଆବଶ୍ୟକ ହେଉଥିବା ଭୂମିର ମୃତ୍ତିକା ପାଇଁ ପ୍ରଚୁର କ୍ୟାଲସିୟମ୍ ଓ ନାଇଟ୍ରୋଜେନ୍ ଯୋଗାଇ ଦିଏ।

ଯେଉଁ ସବୁ ଫସଲ ନିମନ୍ତେ ସୋନା ସାର ବିଶେଷ ଉପଯୋଗୀ ପ୍ରମାଣିତ ହେବ।

ଆଖୁ • ଧାନ • କପା • ଗହମ • ଜୋୱାର • ମକା • ଝୋଟ • ପନିପରିବା • ଚା • କଫି।

ଏହା ବ୍ୟତୀତ, ହିନ୍ଦୁସ୍ତାନ ଷ୍ଟିଲ୍‌ର ଆମୋନିୟମ୍ ସଲଫେଟ୍ ସୁନା ସାର (୨୦.୬% ନାଇଟ୍ରୋଜେନ୍) ଉତ୍ପାଦନ କରିଥାଏ। ଏହାର କୋକ୍-ଚୁଲି କାରଖାନାରେ ଅନ୍ୟ କେତେ ପ୍ରକାର ରାସାୟନିକ ପଦାର୍ଥ ପ୍ରସ୍ତୁତ କରାଯାଏ।

ଦେଶ ସବୁଜ ବିପ୍ଳବରେ ଅଂଶୀଦାର ହେବା ନିମନ୍ତେ ହିନ୍ଦୁସ୍ତାନ ଷ୍ଟିଲ୍‌ର ତାର ମହତ୍ୱ ଅବଦାନ ନିମନ୍ତେ ଗର୍ବିତ।

SONA
ସୋନା
ଆଦର୍ଶ କୃଷକର ସାଥୀ

ରାଉରକେଲା ଇସ୍ପାତ କାରଖାନା
ସବୁଜ ବସୁନ୍ଧରାକୁ ଅଧିକ ସବୁଜ କରିବା ନିମନ୍ତେ ପ୍ରତିଶ୍ରୁତିବଦ୍ଧ


Printed at Orissa Govt. Press, Cuttack-10

